

ପାକ୍ ଓ ଚୀନ୍‌କୁ ରାଜନାଥଙ୍କ ଚେତାବନୀ
ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 38 ଭାଗ ୩୪ | ସଂଖ୍ୟା ୩୮
Wednesday 29 April 2026 | Page 8 Rs. 5.00
ଭୁବନେଶ୍ୱର ବୁଧବାର ୨୯ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


ନାରୀ ଶକ୍ତି ବନ୍ଦନ ଅଧିନିୟମ ପ୍ରସଙ୍ଗରେ ଗର୍ଜିଲେ ମୋଦି

# ପରିବାରମୁଖୀ ଦଳ ଭୟଭୀତ

## ସିକିମ୍‌ବାସୀଙ୍କୁ ୪୦୦୦ କୋଟିର ପ୍ରକଳ୍ପ ଭେଟି



ବାରାଣସୀ, ୨୮।୪: ଦୁଇଦିନିଆ ସିକିମ୍ ଗସ୍ତ ଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ବାରାଣସୀରେ ପହଞ୍ଚିଛନ୍ତି। ବାରାଣସୀରେ ଏକ ମହିଳା ସମ୍ମିଳନୀରେ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ ବିରୋଧୀଙ୍କୁ ଟାର୍ଗେଟ କରି କହିଛନ୍ତି ଯେ, ସମାଜବାଦୀ ପାର୍ଟି, କଂଗ୍ରେସ ଏବଂ ଟିଏମସି ମିଶି ଦେଶର ମହିଳାଙ୍କ ସହିତ ବିଶ୍ୱାସଘାତକତା କରିଛନ୍ତି। ତେବେ ମହିଳା ସଂରକ୍ଷଣ ନିଶ୍ଚିତ କାର୍ଯ୍ୟକାରୀ ହେବ ବୋଲି ପ୍ରଧାନମନ୍ତ୍ରୀ ମହିଳାମାନଙ୍କୁ ଆଶ୍ୱାସନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି ଯେ କାଶୀର ସାଂସଦ ଓ ଦେଶର ପ୍ରଧାନମନ୍ତ୍ରୀ ଭାବେ ଜାତୀୟ ସ୍ୱାର୍ଥରେ ଏକ ପ୍ରମୁଖ ଲକ୍ଷ୍ୟ ହାସଲ କରିବା ପାଇଁ ମୋତେ ଆପଣଙ୍କ ଆଶୀର୍ବାଦ ଆବଶ୍ୟକ। ମୋର ପ୍ରମୁଖ ଲକ୍ଷ୍ୟ ହେଉଛି ଲୋକସଭା ଏବଂ ବିଧାନସଭାରେ ମହିଳାମାନଙ୍କ ପାଇଁ ସଂରକ୍ଷଣ କାର୍ଯ୍ୟକାରୀ କରିବା। ଭାରତକୁ ବିକଶିତ କରିବାର ମିଶନ ଚାଲୁ ରହିଛି ଏବଂ ଯେତେବେଳେ ମୁଁ ଏକ ବିକଶିତ ଭାରତ ବିଷୟରେ କଥା ହୁଏ, ଏହାର ସବୁଠାରୁ ଶକ୍ତିଶାଳୀ ସ୍ତମ୍ଭ ହେଉଛି ଭାରତର ମହିଳା ଶକ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କିଛି ପରିବାରମୁଖୀ ଦଳ ମହିଳା ଶକ୍ତିକୁ ଭୟ କରନ୍ତି। ମହିଳାମାନେ ବିଧାନସଭା ଓ ସଂସଦ ଆସନ୍ତୁ, ସେମାନେ ସେକଥା ଚାହାନ୍ତି ନାହିଁ। ମହିଳାମାନେ ବହୁ ସଂଖ୍ୟାରେ ରାଜନୀତିରେ ପ୍ରବେଶ କଲେ ସେମାନଙ୍କର ପାରମ୍ପରିକ ରାଜନୀତି ଶେଷ ହୋଇଯିବ ବୋଲି ବିରୋଧୀମାନେ ଭୟ କରନ୍ତି ବୋଲି ମୋଦି ଏହି ଅବସରରେ ସ୍ପଷ୍ଟ କରିଦେଇଛନ୍ତି। ପ୍ରକାଶ ଥାଉକି, ଦୁଇଦିନିଆ ସିକିମ୍ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟର ୫୦ ବର୍ଷ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗ ଦେବା ସହ ସେଠାରେ ୪ ହଜାର କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ରାଜଧାନୀ ଗ୍ୟାଙ୍ଗଟକ୍‌ରେ ସକାଳର ସୌନ୍ଦର୍ଯ୍ୟକୁ ଉପଭୋଗ କରିଛନ୍ତି। ସେ ଯୁବକଯୁବତୀଙ୍କ ସହ ମିଶି ଫୁଟବଲ ଖେଳିଥିଲେ। ଗ୍ୟାଙ୍ଗଟକରେ ସକାଳେ ଯୁବକମାନଙ୍କ ସହ ଫୁଟବଲ୍ ଖେଳିବା ତାଙ୍କ ପାଇଁ ଏକ ଅତ୍ୟନ୍ତ ଉତ୍ସାହଜନକ ଅଭିଜ୍ଞତା ଥିଲା ବୋଲି ମୋଦି ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ସୋମବାର ପଶ୍ଚିମବଙ୍ଗ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଲାଗି ଅନ୍ତିମ ପ୍ରଚାର କରି ସିକିମ ଗସ୍ତରେ ଆସିଥିଲେ। ତେବେ ଆସିବା ପୂର୍ବରୁ ସେ ପୁଣିଥରେ ମେ' ୪ ତାରିଖରେ ପଶ୍ଚିମବଙ୍ଗ ଫେରିବେ ଓ ପଶ୍ଚିମବଙ୍ଗରେ ବିଜେପି ସରକାରର ଶପଥ ଗ୍ରହଣ ଉତ୍ସବରେ ଭାଗନେବେ ବୋଲି ଦୃଢ଼ତାର କହିଛନ୍ତି।

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ

## ଆଜି ଚୂଡ଼ାନ୍ତ ପର୍ଯ୍ୟାୟ ମତଦାନ



କୋଲକାତା,୨୮।୪: ଆସନ୍ତାକାଲି ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ବହୁପ୍ରତୀକ୍ଷିତ ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ ଅନୁଷ୍ଠିତ ହେବ। ମତଦାନ ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ଯାଏ ଚାଲିବ। ନଦିଆ, ପୂର୍ବ ବର୍ଦ୍ଧମାନ, ହାୱଡା, ହୁଗ୍‌ଲି, ଉତ୍ତର ୨୪ ପ୍ରଗଣା ଓ ଦକ୍ଷିଣ ୨୪ ପ୍ରଗଣା ସମେତ ୬ଟି ଜିଲ୍ଲା ଓ ରାଜଧାନୀ କୋଲକାତାରେ ମୋଟ ୧୪୨ଟି ବିଧାନସଭା ଆସନରେ ଭୋଟରମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଏଥିସହ ବୁଧବାର ସନ୍ଧ୍ୟା ସୁଦ୍ଧା ୧,୪୪୮ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍ ହେବ। ଉଭୟ ବିଜେପି ଓ ତୃଣମୂଳ କଂଗ୍ରେସ ବଙ୍ଗ ଦଖଲ କରିବା ନେଇ ନିଜ ନିଜ କ୍ଷେତ୍ରରେ ଦୃଢ଼ ଆଶାବାଦୀ ଅଛନ୍ତି। ରାଜ୍ୟରେ ରାଜନୈତିକ ଉଷ୍ମତା ଚରମ ସୀମାରେ ପହଞ୍ଚିଛି। ଶାନ୍ତିପୂର୍ଣ୍ଣ ମତଦାନକୁ ସୁନିଶ୍ଚିତ କରିବା ପାଇଁ ନିର୍ବାଚନ ଆୟୁକ୍ତଙ୍କ ପକ୍ଷରୁ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ଫୋର୍ସ ସହିତ ୨,୪୦୭ କମ୍ପାନୀ କେନ୍ଦ୍ରୀୟ ଫୋର୍ସ ସ୍ୱତନ୍ତ୍ର ଭାବେ ମୁତୟନ କରାଯାଇଛି। ଏଥିସହ କୋଲକାତା ହାଇକୋର୍ଟଙ୍କ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସିପ୍ରକାର ବିଶୃଙ୍ଖଳା ସୃଷ୍ଟି ହେଲେ କେନ୍ଦ୍ରୀୟ ବାହିନୀର ସହାୟତା ନେବାକୁ ସ୍ପଷ୍ଟ କରିଦେଇଛନ୍ତି। ବିଧାନସଭା ସଂଖ୍ୟା ୭୭ରୁ ୨୦୨ ନିର୍ବାଚନମଣ୍ଡଳୀ ଏବଂ ୨୫୯ରୁ ୨୭୪ ନିର୍ବାଚନମଣ୍ଡଳୀରେ ମତଦାନ ହେବ। ସମସ୍ତ ଭୋଟରଙ୍କୁ ସେମାନଙ୍କ ଭୋଟର ଆଇକାର୍ଡ ନ ହେଲେ ➪ପୃଷ୍ଠା-୬

ଅସହ୍ୟ ଗ୍ରୀଷ୍ମ ପ୍ରବାହ

## ପ୍ରତିଷ୍ଠା ହେବ ହିଟ୍‌ୱେଭ ରିଲିଫ ସେଣ୍ଟର



### ୧୧ରୁ ୩ଟା ପର୍ଯ୍ୟନ୍ତ ଘରୁ ନ ବାହାରିବାକୁ ପରାମର୍ଶ

ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): ଉହଉହ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ଛଟପଟ ହେଉଛନ୍ତି ଓଡ଼ିଶାବାସୀ। ଏହାରି ଭିତରେ ଗ୍ରୀଷ୍ମ ପ୍ରବାହକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ଗ୍ରୀଷ୍ମପ୍ରବାହକୁ ନେଇ ୩୦ଟି ଜିଲ୍ଲାର ଜିଲ୍ଲାପାଳଙ୍କ ସହ ସରକାରଙ୍କ ପକ୍ଷରୁ ବାରମ୍ବାର ଆଲୋଚନା ଜାରି ରହିଛି। ଗ୍ରୀଷ୍ମ ପ୍ରବାହରୁ ସୁରକ୍ଷିତ ରହିବା ପାଇଁ ପୂର୍ବାହ୍ନ ➪ପୃଷ୍ଠା-୬

### ଝାରସୁଗୁଡ଼ାରେ ୪୫ ଡିଗ୍ରୀ ଡେଇଁଲା ପାରଦ

ଗତ କିଛିଦିନ ହେଲା ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ପଶ୍ଚିମ ଓଡ଼ିଶାର ପ୍ରମୁଖ ସହର ଝାରସୁଗୁଡ଼ାରେ ଏହି ସ୍ଥିତି କ୍ରମଶଃ ଗୁରୁତର ହେଉଛି। ଗତ କିଛିଦିନ ହେଲା ଏହି ସହରରେ ତାପମାତ୍ରା ପାଖାପାଖି ୪୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଆସିଥିବା ବେଳେ ଆଜି ଏହା ୪୫ ଡିଗ୍ରୀକୁ ଡେଇଁଯାଇଛି। ଆଜି ଏଠାକାର ତାପମାତ୍ରା ୪୫.୩ ଡିଗ୍ରୀ ରହିଥିବା ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଅନ୍ୟତମ ପ୍ରମୁଖ ପଶ୍ଚିମ ଓଡ଼ିଶା ସହର ସମ୍ବଲପୁରରେ ଆଜି ତାପମାତ୍ରା ୪୩.୫ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିବା ବେଳେ ହୀରାକୁଦରେ ତୃତୀୟ ସର୍ବାଧିକ ତାପମାତ୍ରା ୪୩.୪ ଡିଗ୍ରୀ ରେକର୍ଡ କରାଯାଇଛି। ଏହାଛଡ଼ା ୪ଟି ସହରରେ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିଛି। ସେଗୁଡ଼ିକ ହେଲା ବରଗଡ଼ (୪୨.୯), ନୂଆପଡ଼ା (୪୨.୫), ଟିଟିଲାଗଡ଼ (୪୨.୨) ଓ ତାଳଚେର (୪୨)। ତେବେ ଆଗାମୀ ଦିନେ ଦୁଇ ଦିନରେ ରାଜ୍ୟବାସୀଙ୍କୁ ଖରାରୁ ସାମାନ୍ୟ ଆଶ୍ୱସ୍ତି ମିଳିବ। କାରଣ ପାଣିପାଗ ବିଭାଗ ପକ୍ଷରୁ କାଳବୈଶାଖୀ ପାଇଁ କେତେକ ଜିଲ୍ଲାକୁ ଅରେଞ୍ଜ୍ ଓ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ବିଦ୍ୟୁତ୍ ବିଭ୍ରାଟ ରୋକିବାକୁ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

## ଖୁବ୍‌ଶୀଘ୍ର ହଟ୍‌ଲାଇନ ମେଣ୍ଟେନାନ୍ସ



- ଏଣିକି ବିନା ବିଦ୍ୟୁତ କାଟରେ ହେବ ମରାମତି
- ସୁନାର କେନ୍ଦୁଝର ପାଇଁ ରୋଡମ୍ୟାପ୍ ଦେଲେ
- ପୂର୍ବ ଭାରତର ଦ୍ୱିତୀୟ ଜାମସେଦପୁର ହେବ କେନ୍ଦୁଝର
- ଉଛବାଲିରେ ୧୬୪୭ କୋଟିର ଗ୍ରୀଡ୍ ପ୍ରକଳ୍ପର ଭିତ୍ତି
- ୭ ଲକ୍ଷ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା
- ରାଜ୍ୟରେ ୨୦୩୬ ସୁଦ୍ଧା ଆଉ ୩୪ ନୂଆ ଗ୍ରୀଡ୍

ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାକୁ ଏକ ସମୃଦ୍ଧ ଶିଳ୍ପ ହବ୍‌ରେ ପରିଣତ କରିବା ଲକ୍ଷ୍ୟରେ ଆଜି ମୁଖ୍ୟମନ୍ତ୍ରୀ ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ବଡ଼ବିଲ ଅଞ୍ଚଳର ଉଛବାଲିଠାରେ ୧୬୪୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୪୨୦/୨୨୦ କେଭି ଗ୍ରୀଡ ସବଷ୍ଟେସନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ପୂର୍ବ ଭାରତର ଦ୍ୱିତୀୟ ଜାମସେଦପୁର ଭାବେ ଗଢ଼ିତୋଳିବାକୁ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆଜି ଉଛବାଲି, କେନ୍ଦୁଝର ପାଇଁ ସବ୍‌ଷ୍ଟେସନ ସମେତ ୫ଟି ନୂଆ ଟ୍ରାନ୍ସମିଶନ ଲାଇନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା କେନ୍ଦୁଝର ସଦର, ତେଲକୋଇ, ଝୁମ୍ପୁରା, ଯୋଡ଼ା ଓ ବଡ଼ବିଲ ଅଞ୍ଚଳର ପ୍ରାୟ ୭.୧୭ ଲକ୍ଷ ଉପଭୋକ୍ତା ଉପକୃତ ହେବେ। ବିକଶିତ ସମାଜର ପରିଚୟ ହେଉଛି ଗୁଣାତ୍ମକ ଓ ନିରବଚ୍ଛିନ୍ନ ବିଦ୍ୟୁତ ସେବା। ତେଣୁ ଖଣିଜ ସମ୍ପଦଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରିବା ପାଇଁ ଆମେ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରକଳ୍ପର ବିଭିନ୍ନ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମଗ୍ର ଅଞ୍ଚଳକୁ ଏକ ସୁଦୃଢ଼ ନେଟୱର୍କ ସହ ଯୋଡ଼ାଯିବ। ୪୦୦ କେଭି 'ଲିଲୋ' ଲାଇନ ସହ ଟିଟିପିଏସ-ଯୋଡ଼ା ଓ ତୁରୁମୁଙ୍ଗା-ରାଇରଙ୍ଗପୁର ଲାଇନ ମାଧ୍ୟମରେ ସମଗ୍ର ଅଞ୍ଚଳକୁ ବିଦ୍ୟୁତ ସଂଯୋଗୀକରଣ କରାଯିବ। ଏହାଦ୍ୱାରା ଶିଳ୍ପ ଓ ଘରୋଇ ଚାହିଦା ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରାଯାଇପାରିବ। ବିଦ୍ୟୁତ ବିଭ୍ରାଟକୁ ରୋକିବା ପାଇଁ ବଡ଼ବିଲ ଓ ପଲାଶପଙ୍ଗା ଗ୍ରୀଡ୍‌ର ଉନ୍ନତିକରଣ ଆମର ପ୍ରାଥମିକତା। ଆମେ ➪ପୃଷ୍ଠା-୬

## ବ୍ୟକ୍ତିଗତ ଜମିରେ ସରକାରୀ ରାସ୍ତା

### ନିଜେ ବିଧାୟକ କରିଥିଲେ ସୁପାରିସ୍




ମହାକାଳପଡ଼ା,୨୮।୪(ସଂଚାର ବ୍ୟୁରୋ): ବିଧାୟକଙ୍କ ସୁପାରିସ୍ କ୍ରମେ ଜନୈକ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜମିରେ ନିର୍ମାଣ ହୋଇଛି ସରକାରୀ ଢଳେଇ ରାସ୍ତା। ବ୍ୟକ୍ତିଗତ ଜମିରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର କାର୍ଯ୍ୟକୁ ଲୋକେ ବିରୋଧ କରିବା ସତ୍ତ୍ୱେ ଏହି କାମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ସୂଚନାଧିକାର ଆଇନରେ ସାମ୍ନାକୁ ଆସିବା ପରେ ପ୍ରଶାସନର ସ୍ୱଚ୍ଛତା ଉପରେ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ।

ସୂଚନା ମୁତାବକ, ମହାକାଳପଡ଼ା ବ୍ଲକ ଅଧୀନସ୍ଥ ପେଟଛେଲା ପଞ୍ଚାୟତ ପେଟଛେଲା ଗ୍ରାମର ଓସତମା ରାସ୍ତାଠାରୁ ଅଚିନ୍ତ ମାଇତିଙ୍କ ଘର ପର୍ଯ୍ୟନ୍ତ ୫୩୦ ଫୁଟର ଢଳେଇ ରାସ୍ତା ନିର୍ମାଣ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଅଧୀନରେ କରାଯାଇଛି। ଏଥିପାଇଁ ଗ୍ରାମସଭା ହୋଇନି, ବରଂ ବିଧାୟକଙ୍କ ସୁପାରିସ୍ ରହିଛି। ରାସ୍ତାର ଚଉଡ଼ା ୮-୯ ଫୁଟ ଥିବା ବେଳେ ମୋଟେଇ ରହିଛି ୮-୧୦ ମିଟର। ଯାହାର ଅଟକଳ ମୂଲ୍ୟ ହେଉଛି ୫ ଲକ୍ଷ ଟଙ୍କା। ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଏହି ରାସ୍ତାଟି ଏକ ବ୍ୟକ୍ତିଗତ ଜମିରେ ନିର୍ମାଣ ହୋଇଛି। ଉକ୍ତ ଜମିର ଖାତା ନମ୍ବର ୨୭, ପ୍ଲଟ ନମ୍ବର ୭୮୩ ରକବା ୫.୬୮ ଏକର ରହିଛି। ଜମିର ମାଲିକାନା ରହିଛି ଯୋଗେନ୍ଦ୍ର ନାଥ ମାଇତିଙ୍କ ନାମରେ। ହେଲେ ଏହାର ନିର୍ମାଣ କାର୍ଯ୍ୟ ପାଇଁ ସରକାରୀ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀ ପର୍ଯ୍ୟନ୍ତ ବିନା ଦ୍ୱିଧାରେ ଅନୁମୋଦନ କରିଛନ୍ତି। ବ୍ୟକ୍ତିଗତ ଜମିରେ ସରକାରୀ ରାସ୍ତା ନିର୍ମାଣକୁ ଜନସାଧାରଣ ବିରୋଧ କରିବା ସତ୍ତ୍ୱେ ମଧ୍ୟ ଏହି ରାସ୍ତା କାହା ସ୍ୱାର୍ଥରେ ନିର୍ମାଣ କରାଯାଇଛି, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏଠି ପ୍ରଶ୍ନ ବ୍ୟକ୍ତିଗତ ଜମିରେ ରାସ୍ତା ନିର୍ମାଣ ହେବାକୁ ଥିବା ବିଷୟରେ ପଞ୍ଚାୟତର ଯନ୍ତ୍ରୀ ଜ୍ଞାନରଞ୍ଜନ ସ୍ୱାଇଁ ଓ ପଞ୍ଚାୟତ ➪ପୃଷ୍ଠା-୬

ଦାମ ରାଉତଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା

## କୁଆଡ଼େ ଗଲେ ବିଜୁ ଲିଗାସୀ ?



### କାହିଁକି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ସରକାର

ପାରାଦୀପ,୨୮।୪(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲାର ଅଦ୍ୱିତୀୟ ନେତା ଡାକ୍ତର ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତିକୁ ଉଦଘାଟନର ଦୁଇ ଦିନ ପୂର୍ବରୁ ରାଜନଗର ଡିଏଫଓଙ୍କ ନିର୍ଦ୍ଦେଶରେ ଭାଙ୍ଗିଦିଆଗଲା। ବିରୋଧ ପରେ ପ୍ରଶାସନ ୭ ଦିନର ସମୟ ନେଇଛନ୍ତି। ହେଲେ ସବୁଠାରୁ ଉଦ୍‌ବେଗର କଥା ହେଉଛି ଏପର୍ଯ୍ୟନ୍ତ ଓଡ଼ିଶା ନାଗରିକ ମଞ୍ଚ ଯାହା ନିଜକୁ ବିଜୁ ଲିଗାସୀ ବୋଲି ଦାବି କରୁଛି ତାହା ଏଯାଏଁ କାହିଁକି ସ୍ୱର ଉତ୍ତୋଳନ କରୁନି ବୋଲି ଜଗତସିଂହପୁର ଜିଲ୍ଲାର ସଚେତନ ନାଗରିକମାନେ ପ୍ରଶ୍ନ କରିଛନ୍ତି। ଦାମ ରାଉତ ମଧ୍ୟ ଜଣେ କଠୋରବାଦୀ ବିଜୁ ଅନୁଗତ ଥିଲେ। ସେ ବିଜୁବାବୁଙ୍କ ତାଙ୍କ ରାଜନୈତିକ ଗୁରୁ ବୋଲି କହୁଥିଲେ। କଥା କଥାକେ ସେ ବିଜୁବାବୁଙ୍କ ଉଦାହରଣ ଦେଉଥିଲେ। ଏକଥା ନାଗରିକ ମଞ୍ଚ ସହ ଜଡ଼ିତ ପ୍ରତ୍ୟେକ ନେତା ଓ ବ୍ୟକ୍ତି ଜାଣନ୍ତି। ଦାମବାବୁ ଯେତେବେଳେ ବିଜେଡିର ପୂର୍ବତନ କ୍ଷମତା କେନ୍ଦ୍ର ପ୍ୟାରୀମୋହନ ମହାପାତ୍ରଙ୍କୁ ବିରୋଧ କରି ବିଜୁ ବିଚାର ମଞ୍ଚ ଗଠନ କରିଥିଲେ, ➪ପୃଷ୍ଠା-୬



### କାନ ଡେରିଥା

କଙ୍କାଳ ମାଗୁଛି ପରିଚୟ ଏଠି
ଡିଜିଟାଲ ଯୁଗ ଇଏ
ଜିତୁ ମୁଣ୍ଡା କାନ୍ଧେ କଙ୍କାଳ ଭଉଣୀ
ପରିଚୟ ପାଇଁ ଯାଏ
ବ୍ୟାଙ୍କର ସେବା ଇଏ...
ଶିକ୍ଷା ଅଭାବ ନା ବ୍ୟାଙ୍କ ନିୟମରେ
ହାଡ଼ ବଳି ପଡୁଥାଏ।

■ ଦେବାଶିଷ

## ମହାସଚିବ ପଦକୁ ନେଇ ବିଜେଡିରେ ମହାଭାରତ



### ତିନି ସଂଗଠନର ମୁହଁ ତିନି ଆଡ଼େ

### ଏକାଠି ହୋଇପାରୁନାହାନ୍ତି ଯୁବ ନେତା

ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): ବିଜେଡିରେ ଏବେ ମହାସଚିବ ପଦବୀକୁ ନେଇ ମହାଭାରତ। ଏହି ମହାଭାରତ ପାଇଁ ଦଳର ଛାମୁଆ ସଂଗଠନ ଛାତ୍ର, ଯୁବ ସହ ବିଜେଡି ନେତାମାନଙ୍କ ମୁହଁ ଭିନ୍ନ ଭିନ୍ନ ଦିଗକୁ। ଏଭଳି ଟଣାଓଟରା କିଭଳି ସ୍ତରରେ ପହଞ୍ଚିଛି ତାହା ଦେଖିବାକୁ ମିଳିଥିଲା ନିକଟରେ ଦଳୀୟ ନେତାମାନଙ୍କର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦପ୍ତର ଘେରାଉ ସମୟରେ। ବିଜେଡିରେ ଏବେ ପ୍ରାୟତଃ ମହାସଚିବ ପଦବୀରେ କେହି ନାହାନ୍ତି। ଯୁବ ବିଜେଡିର ମହାସଚିବ ନିଯୁକ୍ତ ହୋଇଥିବା ଏଲିନା ଏବେ ଦଳର ବଡ଼ ସମାଲୋଚକ। ସେହିଭଳି ଛାତ୍ର ଜନତା ଦଳର ମହାସଚିବ ପଦରେ ଥିବା ଇପ୍‌ସିତା ଏବେ ଛାତ୍ର ବିଜେଡି ସଭାପତି। ଛାତ୍ର ବିଜେଡିର ମହାସଚିବ ଥିବା ସୁଜିତ ପାଲଟାସିଂହଙ୍କୁ ଦଳ ହଟାଇଦେଇଛି। ସେହିଭଳି ବିଜେଡିରେ ଏକଦା କ୍ଷମତାର ସବୁଠାରୁ ଉପରେ ରହିଥିବା ମହାସଚିବ ପଦବୀକୁ ମଧ୍ୟ ଉଚ୍ଛେଦ କରାଯାଇଛି। ଦଳରେ ଏକଦା ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ମହାସଚିବ ଥିଲେ। ଏହାପରେ ଡାକ୍ତର ଦାମୋଦର ରାଉତଙ୍କୁ ଦଳର ମହାସଚିବ କରାଯାଇଥିଲା। ସେତେବେଳେ ମହାସଚିବ ଥିଲେ ଦଳର ମୁଖପାତ୍ର। ହେଲେ ଦାମଙ୍କ ତୁଣ୍ଡ ବନ୍ଧବାଡ଼ ନ ମାନିବାରୁ ସେତେବେଳେ ପ୍ୟାରୀମୋହନ ମହାପାତ୍ର ଏହି ପଦବୀକୁ ଉଚ୍ଛେଦ କରିଥିଲେ।

କିନ୍ତୁ ମହାସଚିବ ପଦବୀର ଆବଶ୍ୟକତାକୁ ଉପଲବ୍ଧି କରି ୪ ବର୍ଷ ତଳେ ଛାମୁଆ ସଂଗଠନରେ ମହାସଚିବ ନିଯୁକ୍ତ ହୋଇଥିଲେ। ହେଲେ ଜଣେ ମହାସଚିବ ବିଦା ହେବା ଓ ଆଉ ଜଣେ ମହାସଚିବ ଛାଏଁ ଛାଏଁ ଦଳ ଛାଡ଼ି ପଳାଇବା ପରେ ଏବେ ସେହି ପଦବୀରେ କିଏ ବସିବ ତାକୁ ନେଇ ଦଳରେ ଚାଲିଛି ମହାଭାରତ। ଏଥିପାଇଁ ଦଳୀୟ କାର୍ଯ୍ୟାଳୟରେ ହଙ୍ଗାମା ବି ➪ପୃଷ୍ଠା-୬

ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜ

## ଦୁଇ ଗୁଣ ହେଲା ରିଡର୍ ଓ ପ୍ରଫେସର୍‌ଙ୍କ ଦରମା

### ମାସିକ ୭୦ ହଜାର ପାଇବେ ଚୁକ୍ତିଭିତ୍ତିକ ଲେକ୍ଚରର୍

ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ରାଜ୍ୟର ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜଗୁଡ଼ିକରେ କାର୍ଯ୍ୟ କରୁଥିବା ଚୁକ୍ତିଭିତ୍ତିକ ଲେକ୍ଚରର, ରିଡର ଓ ପ୍ରଫେସରମାନଙ୍କ ଦରମା ପୁନଃନିର୍ଦ୍ଧାରଣ ଓ ବୃଦ୍ଧି କରାଯାଇଛି। ସରକାରଙ୍କ ନିଷ୍ପତ୍ତି ଅନୁସାରେ, ଚୁକ୍ତିଭିତ୍ତିକ ଲେକ୍ଚରରମାନେ ଏଣିକି ପ୍ରତି ମାସରେ ଦରମା ବାବଦରେ ୭୦ ହଜାର ଟଙ୍କା ପାଇବେ। ସେହିପରି ରିଡର ଓ ପ୍ରଫେସରମାନଙ୍କ ଦରମା ବୃଦ୍ଧି କରାଯାଇ ଦୁଇ ଗୁଣ କରାଯାଇଛି। ପୂର୍ବରୁ ରିଡରମାନେ ମାସିକ ଦରମା ୪୦ ହଜାର ଟଙ୍କା ପାଉଥିବା ବେଳେ ଏବେ ସେମାନେ ମାସିକ ୮୦ ହଜାର ଟଙ୍କା ପାଇବେ। ସେହିପରି ପ୍ରଫେସରମାନଙ୍କ ଦରମା ୫୦ ହଜାରରୁ ବୃଦ୍ଧି ପାଇଁ ୧ ଲକ୍ଷ ଟଙ୍କାରେ ପହଞ୍ଚିଛି। ଏହି ପ୍ରସ୍ତାବକୁ ଅର୍ଥ ବିଭାଗ ମଧ୍ୟ ମଞ୍ଜୁରୀ ଦେଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇବା ସହ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ରାଜ୍ୟର ଆୟୁଷ ଶିକ୍ଷା ଆହୁରି ସୁଦୃଢ଼ ହେବ ଓ ଅଧ୍ୟାପକମାନେ ଅଧିକ ଉତ୍ସାହର କାର୍ଯ୍ୟ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି।

## ମହେଶ କରଙ୍କ ସ୍ମୃତିରେ ସରବତ ଓ ଗ୍ଲୁକୋଜ ପାଣି ବଣ୍ଟନ




ଡେରାବିଶ,୨୮।୪(ସଂଚାର ବ୍ୟୁରୋ)ଃ ଆଜି ପ୍ରଚଣ୍ଡ ଗିଷ୍ମ ପ୍ରବାହକୁ ଦୃଷ୍ଟି ରେ ରଖି ଆଜି ଛତା ତହସିଲ ଆଗରେ ଦହି ସରବତ ଏବଂ ଗ୍ଲୁକୋଜ ପାଣି ବଣ୍ଟନ କରାଯାଇଛି । ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ହେତୁ ସ୍ୱର୍ଗିତ ମହେଶ କରଙ୍କ ସ୍ମୃତିରେ ରାଜ୍ୟର ପ୍ରମୁଖ ସାମାଜିକ ସଂଗଠନ ମହେଶ କର ଫାଉଣ୍ଡେସନ ପକ୍ଷରୁ ଆଜି ସକାଳ ୯ଟା ଠାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ସରବତ ଓ ଗ୍ଲୁକୋଜ ପାଣି ବଣ୍ଟନ କରାଯାଇଥିଲା। ସ୍ୱର୍ଗତଃ କରଙ୍କ ସୁପୁତ୍ର ସମାଜସେବୀ ହିମାଂଶୁ ଭୂଷଣ କର (ହାପି)ଙ୍କ ନିବେଦନ କ୍ରମେ କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରତିଭା ପୂଜା ସଂସଦର ସଭାପତି ତଥା ସ୍ୱର୍ଗତ କରଙ୍କ ବନ୍ଧୁ ପ୍ରଦୀପ ମହାନ୍ତି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ୩ ହଜାରରୁ ଉର୍ଦ୍ଧ୍ୱ ପଥଚାରୀଙ୍କୁ ସରବତ ଓ ଗ୍ଲୁକୋଜ ପାଣି ବଣ୍ଟନ କରାଯାଇଥିଲା ଛତା ତହସିଲ ମୁଖ୍ୟ ରାସ୍ତା ସମ୍ମୁଖରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସମାଜସେବୀ ପ୍ରଦୀପ ମହାନ୍ତି, ଭାଗିରଥି ଜେନା, ପୁରୁଷୋତ୍ତମ ସାହୁ, ପ୍ରମୋଦ ମହାପାତ୍ର, ମୁକ୍ତେଶ୍ୱର ସ୍ୱାଇଁ, ଜିବେନ୍ଦୁ ମଲ୍ଲିକ,ବସନ୍ତ କୁମାର ଦାଶ ସ୍ୱର୍ଗତ କରଙ୍କ ବନ୍ଧୁ ପ୍ରଦୀପ ମହାନ୍ତି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ୩ ହଜାରରୁ ଉର୍ଦ୍ଧ୍ୱ ପଥଚାରୀଙ୍କୁ ସରବତ ଓ ଗ୍ଲୁକୋଜ ପାଣି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମଧୁବାବୁଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ




ମାର୍ଶାଘାଇ,୨୮।୪(ସଂଚାର ବ୍ୟୁରୋ)ଃ ମାର୍ଶାଘାଇ ତହସିଲଦାର ତଥା ସ୍ଥାନୀୟ ଏକଜୁକୁଟିଭ ମାଜିଷ୍ଟ୍ରେଟଙ୍କ କୋର୍ଟରେ କାର୍ଯ୍ୟରତ ଆଇନଜୀବିମାନଙ୍କ ପକ୍ଷରୁ ମଧୁବାବୁଙ୍କ ୧୭୮ ତମ ଜୟନ୍ତୀ ଓ ଆଇନୀଜୀବୀ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ଆଇନଜୀବି ବିଚିତ୍ରାନନ୍ଦ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାର୍ଶାଘାଇ ସମବାୟ ସମିତି ଏବଂ ବ୍ଲକ ଆତ୍ମା ଅଧ୍ୟକ୍ଷ ତଥା ଆଇନଜୀବି ପ୍ରଦୀପ୍ତ କୁମାର ଗାହଣ ମୁଖ୍ୟଅତିଥି ଭାବେ ଯୋଗଦେଇ ମଧୁବାବୁଙ୍କ ଫଟୋରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଆଇନଜୀବି ଶଙ୍କର୍ଷଣ ରାଉତ, ଯଶୋବନ୍ତ ରାଉତ, ଦିଲ୍ଲୀପ କୁମାର ସ୍ୱାଇଁ,ପ୍ରତାପ ନାୟକ, ପ୍ରବୀର କୁମାର ଦାସ, ବୁଲୁକିଶୋର ବେହେରା, ଅତୁଲ୍ୟ କୁମାର ଦାସ, ସୁଶାନ୍ତ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ଆଇନଜୀବି ବିଚିତ୍ରାନନ୍ଦ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଜାତୀୟ ପଞ୍ଚାୟତିରାଜ ଦିବସରେ ଡିହାପଡା ପଞ୍ଚାୟତ ପୁରସ୍କୃତ



ପଟ୍ଟାମୁଣ୍ଡାଇ, ୨୮।୪ (ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇ ବ୍ଲକରେ ଆୟୋଜିତ ଜାତୀୟ ପଂଚାୟତରାଜ ଦିବସରେ ଡିହାପଡା ପଂଚାୟତ ପୁରସ୍କୃତ ହୋଇଛି । ଏହି ଉପଲକ୍ଷେ ଆୟୋଜିତ ମନୋଜ୍ଞ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି,ବିଡ଼ିଓ ଶୀତଲ ଅଗ୍ରୱାଲ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ,ଅତିରିକ୍ତ ବିଡ଼ିଓ ନନ୍ଦିନୀ ଶତପଥୀ, ବ୍ଲକ ସହନିର୍ବାହୀଯନ୍ତ୍ରୀ ରୋଜାଲିନ ମହାଳିକ ଓ ପ୍ରସନ୍ନ ରାଉତ ସହକାରୀଯନ୍ତ୍ରୀ ବିନାୟକ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିକାଶମୂଳକ ଯୋଜନାର ସଫଳ କାର୍ଯ୍ୟକାରୀତା ପାଇଁ ଡିହାପଡା ପଂଚାୟତ ସରପଞ୍ଚ ଶତ୍ରୁଘ୍ନ ମଳିକ, ସମିତି ସଭ୍ୟା ରେଣୁକା ସେଠୀ କନିଷ୍ଠ ଯନ୍ତ୍ରୀ ଜ୍ଞାନଞ୍ଜୟ ବେହେରା ପି ଇ ଓ ରଂଜିତ କୁମାର ପରିଡା ଏ ଡି ଇ ଓ ମଳୟ କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିଥିଲେ ।

## ଶିବ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ମହାକାଳପଡ଼ା,୨୮।୪ (ସଂଚାର ବ୍ୟୁରୋ)ଃ ମହାକାଳପଡ଼ା ବ୍ଲକ ଅଧୀନ ମହାକାଳପଡା ପଞ୍ଚାୟତର ସଦର ମହକୁମା ଗୋପାଳପୁର ଗ୍ରାମରେ ନବ ନିର୍ମିତ ଓଁ ଶ୍ରୀ ଶ୍ରୀ ଚିନ୍ତାମଣିଶ୍ୱରାୟ ମହାଦେବ ମନ୍ଦିରର ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହା ଆଡମ୍ବର ସହିତ ଅନୁଷ୍ଠିତ ହେଉଛି। ଉତ୍ସବର ପ୍ରଥମ ଦିବସ ସୋମବାର ଅଙ୍କୁରା ରୋପଣା ଧୀବାସ, ମଙ୍ଗଳବାର ପ୍ରାତଃ କଳସ ଯାତ୍ରା,ଘଟସ୍ଥାପନ ଓ ଅନ୍ୟାନ୍ୟ ପୂଜା ଯଥା ବିଧି ଅନୁଷ୍ଠିତ ହେଉଛି । ପୂଜାଅର୍ଚ୍ଚନା କରାଯାଇ ୧୦୮ ପୂର୍ଣ୍ଣ କଳସ ଧରି ମହିଳା ଓ ପୁରୁଷ ମାନେ ମନ୍ଦିରକୁ ଘଟ ସ୍ଥାପନ କରାଇଛନ୍ତି । ୧୯୯୨ ମସିହାରେ ଗ୍ରାମସ୍ଥ ସ୍ୱର୍ଗତ ମୁରଲୀଧର ସ୍ୱାଇଁ ଶିବ ମନ୍ଦିରର ଶୁଭାରମ୍ଭ କରିଥିଲେ। କିନ୍ତୁ ମନ୍ଦିର ନିର୍ମାଣ ଚାଲିଥିବାବେଳେ ତାଙ୍କର ଦେହାନ୍ତ ଘଟିଥିଲା। ପରବର୍ତ୍ତୀ କାଳରେ ତାଙ୍କ ପୁତ୍ର ପ୍ରମୋଦ ସ୍ୱାଇଁ ଙ୍କ ସମ୍ପୂର୍ଣ୍ଣ ସହଯୋଗ ଓ ଗ୍ରାମବାସୀଙ୍କ ଉନ୍ମୁକ୍ତ ପ୍ରୟାସରେ ମନ୍ଦିର ପ୍ରତିଷ୍ଠା ସଫଳ ହୋଇପାରିଛି। ଏହି ପ୍ରତିଷ୍ଠା ଉତ୍ସବରେ ସ୍ୱର୍ଗତ ସ୍ୱାଇଁ ଙ୍କ ଜ୍ୟେଷ୍ଠ ଜାମାତା ମହେନ୍ଦ୍ର ରାଉତ ଓ ଜ୍ୟେଷ୍ଠ କନ୍ୟା ରାଜଲକ୍ଷ୍ମୀ ସ୍ୱାଇଁ କର୍ତ୍ତା-କର୍ତ୍ତୀ ଭାବେ ଯୋଗ ଦେଇଛନ୍ତି ।

# ବାଲି ଚାଲାଣକାରୀ ହାଇୱାଙ୍କ କବ୍‌ଜାରେ ଗ୍ରାମାଞ୍ଚଳ ରାସ୍ତା

ଡେରାବିଶ,୨୮।୪ (ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଅନ୍ତର୍ଗତ ଲୁଣାନଦୀର ଯଅଁରାବାରିମୂଳ ପଞ୍ଚାୟତର ଅର୍ତାମୂଳ ଘାଟ ସମେତ ଏହି ନଦୀର ଅନ୍ୟ ବ୍ଲକ ଅଞ୍ଚଳରୁ ବାଲି ପରିବହନ କରୁଥିବା ହାଇୱାଙ୍କ କବ୍‌ଜାରେ ଏବେ ସମ୍ପୂର୍ଣ୍ଣ ଗ୍ରାମାଞ୍ଚଳ ରାସ୍ତା ରହିଛି। ଅପରାହ୍ନ ୪ ଟାରୁ ପରଦିନ ସକାଳ ୮ଟା ପର୍ଯ୍ୟନ୍ତ ବାଲି ବୋଝେଇ ହାଇୱା ଗୁଡ଼ିକ ସତେଯେପରି ଗ୍ରାମାଞ୍ଚଳ ରାସ୍ତା ଗୁଡ଼ିକୁ ଅବୈଧ ଭାବେ କବ୍‌ଜା କରି ନେଉଛନ୍ତି। ଅପରାହ୍ନ ୪ଟାରୁ ଆରମ୍ଭ ହେଉଛି ହାଇୱା ବାଲାଙ୍କ ଦୌରାତ୍ମ୍ୟ। ଏକା ବେଳେ ୮ ରୁ ୧୦ଟି ହାଇୱା ବାଲି ବୋଝେଇ କରିବା ପାଇଁ ଘାଟକୁ ଯାଉଥିବା ବେଳେ ବିପରିତ ଦିଗରୁ ସମପରିମାଣରେ ହାଇୱା ବାଲି ବୋଝେଇ କରି ଫେରୁଛନ୍ତି।

ଖରିଦାସାହି-ଦାନପୁର ରାସ୍ତା, ଚାନ୍ଦୋଳ-ଅର୍ତାମୂଳ-ଦାନପୁର ରାସ୍ତା, କେନ୍ଦ୍ରାପଡ଼ା କେନାଲ୍ ବନ୍ଧର ଉଭୟ ପଟ ରାସ୍ତା ଏହି ବାଲିଚାଲାଣକାରୀ ହାଇୱାମାନେ ନିଜ କବ୍‌ଜାକୁ ନେଇ ଯାଉଛନ୍ତି। ଅପରାହ୍ନ ଓ ସକାଳ ସମୟରେ ଏହି ରାସ୍ତାଦେଇ ହାଜର ହଜାର ଛାତ୍ରଛାତ୍ରୀ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯାତାୟତ କରୁଥାନ୍ତି। ଏହି ଛାତ୍ରଛାତ୍ରୀମାନେ ପଢ଼ାସାରି ଘରକୁ ନଫେରିବା ପର୍ଯ୍ୟନ୍ତ ସେମାନଙ୍କ ବାପାମା ଅଜଣା ଆତଙ୍କରେ ରହିଥାନ୍ତି। ଏହି ୧୬ ଘଣ୍ଟା ସମୟରେ ସ୍ଥାନୀୟ ଅଞ୍ଚଳରେ ଯଦି ଦୁର୍ଘଟଣା ଘଟେ ତେବେ ଅତ୍ୟାବଶ୍ୟକୀୟ ଅଗ୍ନିଶମ ଓ ଆମ୍ବୁଲାନ୍ସ ଭଳି ଗାଡ଼ି ପହଞ୍ଚିଲା ବେଳକୁ ସବୁ ସରିଯାଇଥିବ।



ଅପରାହ୍ନ ୪ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ଆତଙ୍କରେ ରହୁଛନ୍ତି ଅଞ୍ଚଳବାସୀ

ଦୀର୍ଘମାସ ଧରି ବାଲି ଚାଲାଣ ହେଉଥିବା ସମୟରେ ରାସ୍ତା କଡ଼ରେ ୧ଫୁଟରୁ ଅଧିକ ବହଳର ବାଲି ଜମା ହୋଇଗଲାଣି। ବାଲି ବୋଝେଇ ହାଇୱା ଯାତାୟତ ସମୟରେ ବିପରୀତ ଦିଗରୁ ଆସୁଥିବା ବାଇକ୍ ଭଳି ଛୋଟ ଯାନ ରାସ୍ତା କଡ଼ା ବାଲି ଭିତରେ ପଶିଗଲେ ପୁନର୍ବାର ରାସ୍ତା ଉପରକୁ ଉଠିବା କଷ୍ଟକର ହୋଇପଡୁଛି। ଏପରିକି ରାସ୍ତା ଉପରେ ପଡ଼ିଯିବା ଭଳି ଅବସ୍ଥା ସୃଷ୍ଟି ହେଉଛି। ବାଲି ପରିବହନ ସମୟରେ କ୍ଷମତା ଠାରୁ ଅଧିକ ବାଲି ନେବା ଓ ତା ଉପରେ କୌଣସି ଅବରଣ ନପକାଇବା ଯୋଗୁଁ ବାଲି ଉଡ଼ି ପଥଚାରୀଙ୍କ ଆଖିରେ ପଡ଼ିବା ସହ ଅଞ୍ଚଳର ପରିବେଶକୁ ପ୍ରଦୂଷଣ କରୁଛି। ଏଥିସହିତ ପାଣିମିଶା ହାଇୱା ଦ୍ୱାରା ପରିବହନ ହେବା ଦ୍ୱାରା ରାସ୍ତାରେ ବାଲିମିଶା ପାଣି ପଡ଼ି ରାସ୍ତା ସମ୍ପୂର୍ଣ୍ଣ କାଦୁଅ ହୋଇଯାଉଛି। ପିଚୁ ଉପରେ ଏପରି କାଦୁଅ ହେବା ଦ୍ୱାରା ବହୁ ସମୟରେ ଗାଡ଼ି ଖସି ଦୁର୍ଘଟଣା ମଧ୍ୟ ଘଟୁଛି।

ଏ ସମ୍ପର୍କରେ ବହୁବାର ଖବର ପ୍ରକାଶ ହେଲେବି ଘାଟ ନିଲାମଧାରୀ କିମ୍ବା ଖଣି ବିଭାଗ ଅଥବା ଜିଲ୍ଲା ପ୍ରଶାସନ କର୍ଣ୍ଣପାତ କରୁନାହାଁନ୍ତି। ଶୁଣିବାକୁ ମିଳିଛି କିଛି ଲାଞ୍ଚଖୋର ବିଭାଗୀୟ ଅଧିକାରୀ ଓ ନିଲାମଧାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ସରକାର ରାଜସ୍ୱ ହରାଉଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି। ତୁରନ୍ତ ଉଚ୍ଚକର୍ତ୍ତୃପକ୍ଷ ଏ ସମସ୍ୟାର ଗୁରୁତ୍ୱକୁ ଉପଲବ୍ଧି କରି ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ବର୍ଷା ଜଳରେ ବୁଡ଼ିବ ଗାଁ

# ପାଣିବାଟ ବନ୍ଦ କରି ଧମକ ଦେଉଛନ୍ତି ବ୍ୟକ୍ତି

### ନ୍ୟାୟ ପାଇଁ ଗାଁ ଲୋକଙ୍କ ବିକ୍ଷୋଭ



କେନ୍ଦ୍ରାପଡା,୨୮।୪(ସଂଚାର ବ୍ୟୁରୋ)ଃ ବର୍ଷା ଋତୁ ଆସିବା ପୂର୍ବରୁ ହିଁ ଗ୍ରାମବାସୀଙ୍କ ମଧ୍ୟରେ ଜନ୍ମ ନେଇଛି ଭୟ ଓ ଅନିଶ୍ଚିତତା । କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅଧୀନ ମଧୁସୂଦନପୁର ଅଞ୍ଚଳରେ ଜଣେ ବ୍ୟକ୍ତି ନିଜ ସ୍ୱାର୍ଥ ପାଇଁ ଗ୍ରାମର ପ୍ରମୁଖ ପାଣି ନିଷ୍କାସନ ବାଟକୁ ମାଟି ପକାଇ ବନ୍ଦ କରିଦେଇଥିବା ଅଭିଯୋଗ ହୋଇଛି । ଏହାର ପରିଣାମରେ ଆସନ୍ତା ବର୍ଷାରେ ସମଗ୍ର ଗ୍ରାମ ଭିତରେ ପାଣି ପଶିଯିବାର ହେବାର ଆଶଙ୍କା ଦେଖାଦେଇଛି।

ଗ୍ରାମବାସୀଙ୍କ କହିବା ଅନୁସାରେ, ପାଣି ନିଷ୍କାସନ ବନ୍ଦ ହୋଇଯାଇ ଥିବାରୁ ବର୍ଷା ପଡିଲେ ଘରେ ଘରେ ଆଣ୍ଠୁଏ ପର୍ଯ୍ୟନ୍ତ ପାଣି ପଶିବା ସ୍ଥିତି ସୃଷ୍ଟି ହେବ । ଏହା ଦ୍ୱାରା ଲୋକମାନେ ଘରୁ ବାହାରିବାକୁ ମଧ୍ୟ ଅସମର୍ଥ ହେବେ । ଗ୍ରାମବାସୀମାନେ ଏହାକୁ ନେଇ ବିରୋଧ କରିବାକୁ ଯାଇଥିବାବେଳେ ସେହି ବ୍ୟକ୍ତି ତାଙ୍କୁ ମିଥ୍ୟା ମାମଲାରେ ଫସାଇବା ସହ ଗୁଣ୍ଡାଗର୍ଦ୍ଦିର ଧମକ ଦେଉଥିବା ଓ କେତେକ ଘଟଣାରେ ମାରପିଟ କରିଥିବା ମଧ୍ୟ ଅଭିଯୋଗ ହୋଇଛି ।

ଏନେଇ ଗ୍ରାମବାସୀମାନେ ପୂର୍ବରୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ, ପୁଲିସ ଏବଂ ଜିଲ୍ଲା ପ୍ରଶାସନଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିନଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି ।

ଆଜି ଏହାକୁ ନେଇ ଗ୍ରାମବାସୀମାନେ ଅବରୋଧ ହୋଇଥିବା ଜଳାଶୟ ସ୍ଥଳରେ ଏକତ୍ରିତ ହୋଇ ପ୍ରଶାସନ ବିରୋଧରେ ନାରାବାଜି କରିଥିଲେ । ସେମାନେ ତତ୍କାଳ ପାଣି ନିଷ୍କାସନ ବାଟକୁ ଖୋଲିବା ସହ ଅଭିଯୁକ୍ତଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ କରିଛନ୍ତି । ଯଦି ଠିକ୍ ସମୟରେ ପ୍ରଶାସନ ପଦକ୍ଷେପ ନ ନିଏ, ତେବେ ଆଗାମୀ ଦିନରେ ଅବସ୍ଥା ଗମ୍ଭୀର ଆକାର ନେଇପାରେ । ଏବେ ଦେଖିବାକୁ ଅଛି, ଗ୍ରାମବାସୀଙ୍କ ଏହି ଗୁରୁତର ସମସ୍ୟା ଉପରେ ପ୍ରଶାସନ କେବେ ଏବଂ କେମିତି ପଦକ୍ଷେପ ନେଉଛି ।

## ଗାଁ’ରେ ଲୁଟେରାଙ୍କ ଉତ୍ପାତ

ଡେରାବିଶ,୨୮।୪(ସଂଚାର ବ୍ୟୁରୋ)ଃ ରାଜରାସ୍ତାରେ ଲୁଟେରାମାନେ ଲୁଟ କରିବାର ଖବର ସମସ୍ତେ ଜାଣନ୍ତି। ହେଲେ ଗାଁ ଭିତର ରାସ୍ତାରେ ଛିନତାଇ ଘଟଣା ଏବେ ଆତଙ୍କ ସୃଷ୍ଟି କରିଛି। ଏହିଭଳି ଏକ ଘଟଣା ଘଟିଛି କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ଚାନ୍ଦୋଳ-ଦାନପୁର ଗ୍ରାମ୍ୟ ରାସ୍ତାରେ। ସୂଚନା ଅନୁଯାୟୀ ଆଜି ଭୋରୁ ଏହି ରାସ୍ତା କଡ଼ରେ ଥିବା ମହାବୀର କଲୋନୀର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ପତ୍ନୀ ନିଜ ଘର ସମ୍ମୁଖରେ ଝାଡୁ କରୁଥିବା ବେଳେ ଏକ ବାଇକ୍‌ରେ ଦୁଇଜଣ ବ୍ୟକ୍ତି ତାଙ୍କ ଗେଟ୍ ସମ୍ମୁଖରେ ଅଟକିଥିଲେ। ଏହି ସମୟରେ ମହିଳା ଜଣକ ଉକ୍ତବ୍ୟକ୍ତିମାନେ ତାଙ୍କ ପୁଅଙ୍କ ନିକଟକୁ କୌଣସି କାମରେ ଆସିଥିବା ଭାବି ଗେଟ୍ ପାଖକୁ ଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତ ଦୁଇଜଣ ମହିଳା ଜଣକ ତାଙ୍କ ବେକରେ ପକାଇଥିବା ସୁନାଚେନ୍‌କୁ ହଠାତ୍ ଝାମ୍ପି ନେବାକୁ ଉଦ୍ୟମ କରିଥିଲେ। ତତ୍‌କ୍ଷଣାତ ମହିଳା ଜଣକ ତାଙ୍କ ଚେନ୍‌କୁ ଦୁଇହାତରେ ଜାବୁଡ଼ି ଧରି ଚିତ୍କାର କରି ପରିବାର ସଦସ୍ୟଙ୍କୁ ଡାକପକାଇଥିଲେ। ଫଳରେ ଲୁଟେରାମାନଙ୍କ ହାତ ମୁଠାରେ ରହିଥିବା ଚେନ୍‌ର ଅଂଶକୁ ଛିଣ୍ଡାଇ ନେଇ ଦ୍ରୁତଗତିରେ ଦାନପୁର ଆଡ଼କୁ ପଳାଇ ଯାଇଥିଲେ। ଏହି ଘଟଣା ସକାଳେ ପ୍ରାତଃଭ୍ରମଣରେ ଯାଉଥିବା ଓ ରାସ୍ତା କଡ଼ ଫୁଲଗଛରୁ ଫୁଲ ତୋଳୁଥିବା ମହିଳାମାନଙ୍କ ପ୍ରତି ଏକ ସତର୍କଘଣ୍ଟି ସଦୃଶ ହୋଇପଡ଼ିଛି। ତୁରନ୍ତ ସାବଧାନ ନହେଲେ କେତେବେଳେ ଯେ ଅଘଟଣ ଘଟିବ ତାହା କହିହେବ ନାହିଁ। ତେବେ ମହିଳାଙ୍କ ପରିବାର ବର୍ଗ ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ କରିନଥିବା ଜଣାଯାଇଛି ।

# ନାରୀ ସଶକ୍ତିକରଣରେ ବାଧା ଦେଇଛନ୍ତି ବିରୋଧୀ




କେନ୍ଦ୍ରାପଡ଼ା,୨୮।୪(ସଂଚାର ବ୍ୟୁରୋ)ଃ ନାରୀ ସଶକ୍ତିକରଣରେ ବାଧା ଦେଉଛନ୍ତି ବିରୋଧୀ। ଭାରତୀୟ ସଂସଦରେ ଅପ୍ରେଲ ୧୬ ଓ ୧୭ ତାରିଖରେ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ, ସୀମା ନିର୍ଦ୍ଧାରଣ ବିଲ ଏବଂ କେନ୍ଦ୍ରଶାସିତ ଅଳ ଆଇନ ସଂଶୋଧନ ବିଲ ଉପରେ ହୋଇଥିବା ଆଲୋଚନା ଦେଶର ଗଣତାନ୍ତ୍ରିକ ଭବିଷ୍ୟତ ଏବଂ ମହିଳାମାନଙ୍କ ଭାଗିଦାରୀ ସହ ଜଡ଼ିତ ଏକ ଐତିହାସିକ ପଦକ୍ଷେପ । କିନ୍ତୁ ଏହି ଐତିହାସିକ ବିଲକୁ ଗୃହରେ ବିରୋଧ କରାଗଲା। ଏହି ଦୁଇଦିନ ମଧ୍ୟରେ ଗୃହରେ କେବଳ ଏକ ବିଲର ପତନ ହୋଇନାହିଁ ବରଂ କଂଗ୍ରେସ, ସମାଜବାଦୀ ପାର୍ଟି, ଟିଏମସି ଏବଂ ଡିଏମକେ ଭଳି ଦଳ ଗୁଡିକ ଦେଶର ମହିଳାମାନଙ୍କ ସଶକ୍ତିକରଣରେ ବାଧା ସୃଷ୍ଟି କରିଛନ୍ତି । ଏହି ଦୁଇଦିନ ସଂସଦରେ ବିରୋଧୀ ମେର ଯେଉଁ ଲଜ୍ଜାଜନକ, ଅଗଣତାନ୍ତ୍ରିକ ଏବଂ ମହିଳା ବିରୋଧୀ ଆଚରଣ ସାରା ଦେଶ ଦେଖିଲା ତାହାକୁ ଭାରତୀୟ ଜନତା ପାର୍ଟି ଦୃଢ଼ ନିନ୍ଦା କରୁଛି ବୋଲି କେନ୍ଦ୍ରାପଡାର ଦୁହୁରିଆସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେପି ନେତ୍ରୀ ଗିତାଞ୍ଜଳୀ ସେଠୀ କହିଛନ୍ତି ।

ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ପ୍ରିୟଦର୍ଶିନୀ ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରୀମତୀ ସେଠୀ କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ପଷ୍ଟ କରିଛନ୍ତି ଯେ ନୀତି ନିର୍ଦ୍ଧାରଣରେ ମହିଳାମାନଙ୍କୁ ଭାଗିଦାରୀ ଦେବା କୌଣସି ଅନୁଗ୍ରହ ନୁହେଁ ବରଂ ଏହା ସେମାନଙ୍କର ସ୍ୱାଭାବିକ ଅଧିକାର । ଯେଉଁମାନେ ଏହି ଐତିହାସିକ ସୁଯୋଗକୁ ବାଧାପ୍ରାପ୍ତ କରିଛନ୍ତି ଆଗାମୀ ନିର୍ବାଚନରେ ସେମାନେ ମହିଳାମାନଙ୍କ ପ୍ରବଳ କ୍ରୋଧର ସମ୍ମୁଖୀନ ହେବେ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ବୋଲି ଶ୍ରୀମତୀ ସେଠୀ କହିଥିଲେ । ଏହି କାର୍ଯ୍ୟକ୍ରମରେ ମହାକାଳପଡା ବ୍ଲକ ଅଧ୍ୟକ୍ଷା ମିରାରାଣୀ ମହାନ୍ତି, ଜିଲ୍ଲା ମହିଳା ମୋର୍ଚ୍ଚା ଉପ ସଭାପତି ମନିଷା ପଣ୍ଡା, ଜିଲ୍ଲା ସମ୍ପାଦିକା ନମିତା ବଳ ଓ ତିଳୋମା ବରାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଶିଷ୍ଟ ଗବେଷକ ନିରଞ୍ଜନ ମେକାପଙ୍କ ବିୟୋଗ



କେନ୍ଦ୍ରାପଡ଼ା,୨୮।୪(ସଂଚାର ବ୍ୟୁରୋ)ଃ ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ସଂସ୍କୃତି ଓ ପରମ୍ପରା ଉପରେ ଗବେଷଣା କରୁଥିବା ଗବେଷକ ତଥା ବିଶିଷ୍ଟ ଲେଖକ ନିରଞ୍ଜନ ମେକାପଙ୍କ ହୃଦଘାତରେ ବିୟୋଗ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ଦୁଇ କନ୍ୟା ଓ ଏକ ମାତ୍ର ପୁତ୍ର ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ କେନ୍ଦ୍ରାପଡ଼ାର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଇଚ୍ଛାପୁର ନିକଟ ମଧ୍ୟଖଣ୍ଡିସ୍ଥିତ ବାସଭବନରେ ପହି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ପୌରାଧ୍ୟକ୍ଷା ସରିତା ସାହୁ, ରଞ୍ଜିତ ସାହୁ, ବିଜେପି ନାରୀନେତ୍ରୀ ଡ. ଜ୍ୟୋସ୍ନାରାଣୀ ଜେନା, ପୂର୍ବତନ ଜିଲା ବିଜେପି ସଭାପତି କିଶୋର ପଣ୍ଡା, ବିଜେପି ନେତା ସୁନାକର ବେହେରା ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

ତାଙ୍କ ରଚିତ ପୁସ୍ତକ ଗୁଡ଼ିକ ମଧ୍ୟରେ କେନ୍ଦ୍ରାପଡ଼ା ‘ରସାବଳି’, ‘ଶ୍ରୀ ବଳଦେବଜୀଉ ଓ ତୁଳସୀକ୍ଷେତ୍ର’, ‘ଇତିହାସ ଅର୍ଗଳୀରେ ବଡ଼କୋଠା ଓ ନରେନ୍ଦ୍ର ପରିବାର’, ‘ଇତିହାସ ପୃଷ୍ଠାରେ ଉତ୍କ ସଭ୍ୟତା’, ‘ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦଚନ୍ଦ୍ର’, ‘କୁଜଙ୍ଗ ଇତିହାସ’, ‘ଜଗତଜନନୀ ମା’ ଶାରଳା ଓ ଆର୍ଯ୍ୟପୁତ୍ର’ ପ୍ରମୁଖ ପୁସ୍ତକ ଗୁଡିକ ରହିଛି । ଏହା ବ୍ୟତୀତ ବିଭିନ୍ନ ପତ୍ରପତ୍ରିକା ଓ ସମ୍ବାଦପତ୍ରରେ ତାଙ୍କର ୫ଶହରୁ ଉର୍ଦ୍ଧ୍ୱ ଆଲେଖ୍ୟ ଓ ପ୍ରବନ୍ଧ ପ୍ରକାଶିତ ହୋଇଛି । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଏକମାତ୍ର ପୁତ୍ର ନିଳାଦ୍ରୀ ମୁଖାଗ୍ନି ଦେଇଥିଲେ ।

## ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକ




ଢେଙ୍କାନାଳ,୨୮।୪(ସଂଚାର ବ୍ୟୁରୋ)ଃ ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ମାନ୍ୟବର ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣି, ମାନ୍ୟବର ବିଧାୟକ କାମାକ୍ଷାନଗର ଶ୍ରୀ ଶତୃଘନ ଜେନା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ପୁହାଣ, ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ଜୟନ୍ତୀ ପାତ୍ର , ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ରୋଗୀ କଲ୍ୟାଣ ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ।

ବୈଠକରେ ଡିଏଚ୍‌ଏଚ୍‌ର ସାମ୍ପ୍ରତିକ ସେବା, ଭିତିଭୂମି ଉନ୍ନତି, ରୋଗୀ ସନ୍ତୁଷ୍ଟି, ଏନ୍‌କ୍ୟୁଏଏସ୍ ମାନକ ପାଳନ ଏବଂ ଆର୍‌କେଏସ୍ ପାଣ୍ଠିର ବିନିଯୋଗ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ରୋଗୀମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସମସ୍ତ ସଦସ୍ୟ ମିଳିତ ଭାବେ କାର୍ଯ୍ୟ କରିବାକୁ ମତ ପ୍ରକାଶ କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ ଇଂ. ପ୍ରୀତିରଞ୍ଜନଙ୍କ ଚିଠି

## ଲଘୁ ଖଣିଜ ଚୋରି ରୋକିବାକୁ ଡ୍ରୋନ୍-ଭିତ୍ତିକ ନିରୀକ୍ଷଣ ଜରୁରୀ

ଯାଜପୁର,୨୮।୪(ସଂଚାର ବ୍ୟୁରୋ)ଃଯାଜପୁର ଜିଲ୍ଲା ସମେତ ସାରା ରାଜ୍ୟରେ ଲଘୁ ଖଣିଜ ବ୍ୟାପକ ଚୋରା ଚାଲାଣ ହେଉଛି । କେବଳ ଯାଜପୁର ଜିଲ୍ଲାରେ ବିଭିନ୍ନ ନଦୀର ବାଲି, କଳା ପଥର, କ୍ରୋମ, ଲାଟେରାଇଟ ପଥର, ମାଟି ଓ ନାଲିମାଟି ଭଳି ଲଘୁ ଓ ଖଣିଜ ପଦାର୍ଥର ଅବୈଧ ଉତ୍ତୋଳନ ଓ ଚୋରି ବୃଦ୍ଧି ପାଇଛି। ଏହି ଅନଧିକୃତ କାର୍ଯ୍ୟକଳାପ ଯୋଗୁ ଗୁରୁତ୍ୱପୂର୍ଣ୍ଣ ପରିବେଶ ହ୍ରାସ, ସରକାରୀ ରାଜସ୍ୱ ହାନୀ , ସ୍ଥାନୀୟ ପରିବେଶର ଅସାମଞ୍ଜସ୍ୟ ଓ ସାଧାରଣ ଭୌତିକ ଢାଞ୍ଚା ଉପରେ ବ୍ୟାପକ ପ୍ରଭାବ ପକାଉଛି । ବିଶେଷକରି ପରିବହନ ସମୟରେ ରାସ୍ତା ଘାଟ ବିପର୍ଯ୍ୟାସ୍ତ ହୋଇ ପଡୁଛି । ଏଥି ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ମାନ ଘଟୁଛି। ସ୍ଥାନୀୟ ଲୋକମାନେ ଏହା ଦ୍ୱାରା ଦୁର୍ଘଟଣା ଓ ଯାତାୟାତ ବିଚ୍ଛିନ୍ନତାର ସମ୍ମୁଖୀନ ହେଉଛନ୍ତି। ଲଘୁ ଖଣିଜ ଚୋରୀ ରୋକିବାକୁ ଡ୍ରୋନ୍ ପ୍ରଯୁକ୍ତିର କରାଗଲେ ସୀମାର ସଠିକ୍ ମାପ, ଅନଧିକୃତ ଖନନ ସ୍ଥଳ ଗୁଡିକର ଚିହ୍ନଟ କରାଯାଇ ପାରିବ । ତେବେ ବେଆଇନ ଖନନର ସଠିକ ମୂଲ୍ୟାଙ୍କନ ହୋଇ ପାରିବ । ତେଣୁ ଲଘୁ ଖଣିଜ ଚୋରୀ ରୋକିବାକୁ ପୂର୍ବତନ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଥିବା ଜଣାପଡିଛି ।

# ଯାଜପୁରରେ ଶାସନ ନୁହେଁ, ଚାଲିଛି ‘ସେଟିଂ-ଗେଟିଂ’ ରାଜନୀତି

ଯାଜପୁର ଟାଉନ,୨୮।୪(ସଂଚାର ବ୍ୟୁରୋ)ଃ ଯାଜପୁର ଜିଲ୍ଲାରେ ପ୍ରଶାସନିକ ବ୍ୟବସ୍ଥା ନେଇ ଉଠୁଥିବା ପ୍ରଶ୍ନ ଦିନକୁ ଦିନ ଗଭୀର ହେଉଛି। ସରକାରୀ ନିୟନ୍ତ୍ରଣ କେତେ ଦୃଢ଼ ଏହି ନେଇ ସାଧାରଣ ଲୋକଙ୍କ ମଧ୍ୟରେ ସନ୍ଦେହ ବଢ଼ୁଥିବାବେଳେ, ଅବୈଧ ବାଲି ଖନନ ଠାରୁ ଆରମ୍ଭ କରି ବିଭିନ୍ନ ଠିକା କାମ ପର୍ଯ୍ୟନ୍ତ ସବୁଠି ରାଜନୈତିକ ପ୍ରଭାବ ଓ ଅନୈତିକ ହସ୍ତକ୍ଷେପର ଅଭିଯୋଗ ଚର୍ଚ୍ଚାକୁ ଆଉ ତିବ୍ର କରିଛି।

ସ୍ଥାନୀୟ ସୂତ୍ର ଦାବି କରୁଛନ୍ତି ଯେ, ଜିଲ୍ଲାର କିଛି ବିଜେପି ନେତାଙ୍କ କାର୍ଯ୍ୟପ୍ରଣାଳୀ ନେଇ ଗୁରୁତର ପ୍ରଶ୍ନ ଉଠିଛି। ଅଭିଯୋଗ ହେଉଛି, ଅର୍ଥ ଲେନଦେନ ମାଧ୍ୟମରେ ପ୍ରଶାସନ ଓ ରାଜନୈତିକ ଗଠବନ୍ଧନ ଗଢ଼ିଉଠୁଛି, ଯାହା ଶାସନ ବ୍ୟବସ୍ଥାର ପାରଦର୍ଶିତାକୁ ସନ୍ଦେହର ଘେରାରେ ରଖିଛି। ଆଶ୍ଚର୍ଯ୍ୟର କଥା, ବିପକ୍ଷ ବିଜେଡି କର୍ମୀମାନଙ୍କୁ ମଧ୍ୟ ସୁବିଧା ମିଳୁଥିବା ନେଇ ଚର୍ଚ୍ଚା ଚାଲିଥିବାରୁ, ଏହା ଶାସକ ଦଳ ଭିତରେ ଅସନ୍ତୋଷକୁ ଆହୁରି ତୀବ୍ର କରିଦେଇଛି। ଏପରି ପରିସ୍ଥିତିରେ ବିଜେପିର ପୁରୁଣା ଓ ନିଷ୍ଠାବାନ୍ କାର୍ଯ୍ୟକର୍ତ୍ତାମାନେ ନିଜକୁ ଅବହେଳିତ ମନେ କରୁଥିବା କହିଛନ୍ତି। ସେମାନଙ୍କ ମତାମତ ଅନୁସାରେ, ଗ୍ରାସରୁଟ୍ ସ୍ତରରେ ସଂଗଠନ ଦୁର୍ବଳ ହୋଇପଡ଼ିଛି, ଯାହା ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଳ ପାଇଁ ଚିନ୍ତାର କାରଣ ହେବା ସ୍ୱାଭାବିକ।

ସବୁଠୁ ଚର୍ଚ୍ଚିତ ଅଭିଯୋଗ ହେଉଛି କିଛି ଜିଲ୍ଲା ନେତା ସରକାରୀ କାର୍ଯ୍ୟାଳୟ ସହ ଅନୈତିକ ଆର୍ଥିକ ଲେନଦେନରେ ଲିପ୍ତ ଥିବା ନେଇ ଶୁଣାଯାଉଛି। ଯଦି ଏହାର ସତ୍ୟତା ପ୍ରମାଣିତ ହୁଏ, ତେବେ ଏହା କେବଳ ଦଳୀୟ ଛବିକୁ ନୁହେଁ, ସରକାର ପ୍ରତି ଲୋକମାନଙ୍କର ଆସ୍ଥାକୁ ମଧ୍ୟ ଗଭୀର ଆଘାତ ପହଞ୍ଚାଇପାରେ। ଏହା ସହିତ, ବିପକ୍ଷ ବିଜେଡି ନିଜ ସଂଗଠନକୁ ମଜବୁତ କରିବାରେ ବ୍ୟସ୍ତ ଥିବାବେଳେ, ଶାସକ ଦଳର ଭିତରୁ ଏପରି ଅସନ୍ତୋଷ ଓ ଅଭିଯୋଗ ଆସିବା ଆଗାମୀ ରାଜନୈତିକ ପରିସ୍ଥିତିକୁ ନୂଆ ମୋଡ଼ ଦେଇପାରେ।

ସାଧାରଣରେ ପ୍ରଶ୍ନ ଉଠୁଛି : ଜିଲ୍ଲା ପ୍ରଶାସନ ଉପରେ ସରକାରଙ୍କ ନିୟନ୍ତ୍ରଣ କେଉଁଠି ?

ଏହି ଅଭିଯୋଗ ଉପରେ ଦଳୀୟ ନେତୃତ୍ୱ କେବେ ପଦକ୍ଷେପ ନେବ ? ଗ୍ରାସରୁଟ୍ ସ୍ତରରେ ସଂଗଠନକୁ ପୁଣି ସକ୍ରିୟ କରିବାର ଦାୟିତ୍ୱ କିଏ ନେବ ?ଯାଜପୁରର ବର୍ତ୍ତମାନ ପରିସ୍ଥିତି କେବଳ ଏକ ଜିଲ୍ଲାର ସମସ୍ୟା ନୁହେଁ; ଏହା ଶାସନ ବ୍ୟବସ୍ଥାର ପାରଦର୍ଶିତା, ଦଳୀୟ ଶୃଙ୍ଖଳା ଓ ରାଜନୈତିକ ନୀତିଶାସ୍ତ୍ର ଉପରେ ଗୁରୁତର ପ୍ରଶ୍ନ ଉଠାଇଛି।

## ବଧୂ ହତ୍ୟା ଘଟଣାରେ ଶାଶୂ ସମେତ ୨ କୋର୍ଟ ଚାଲାଣ

ଯାଜପୁର,୨୮।୪ (ସଂଚାର ବ୍ୟୁରୋ)ଃ ଯାଜପୁର ଜିଲା କଳିଙ୍ଗନଗର ଥାନା ଅନ୍ତର୍ଗତ ବଡ଼ପିଙ୍ଗଲ ଗାଁରେ ନବ ବଧୂ ହତ୍ୟା ଘଟଣାରେ ଆଜି ପୋଲିସ ତାଙ୍କ ଶାଶୂ ଏବଂ ଭାଉଜ ( ନବ ବଧୁଙ୍କ ଯା')ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।। ଗିରଫ ଦ୍ୱୟ ହେଲେ ଏହି ଥାନା ଅନ୍ତର୍ଗତ ବଡ ପିଙ୍ଗଲ ଗାଁର ଦୁର୍ଯ୍ୟୋଧନ ବେହେରାଙ୍କ ସ୍ତ୍ରୀ ବେଙ୍ଗୋଲି ଓରଫ ଜେମା ଓରଫ କଳ୍ପନା ବେହେରା ଏବଂ ଭୀମ ସେନ ଦାସଙ୍କ ସ୍ତ୍ରୀ ଟୁନି ଦାସ । ପୂର୍ବରୁଏହିଁ ଘଟଣାରେ ନବବଧୂଙ୍କ ସ୍ୱାମୀ କୁଲୁ ଓରଫ ଧର୍ମରାଜ ଦାସଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା । ଏହାର କେସ ନଂ ୧୦୫/ ତା ୨୦.୦୪.୨୦୨୬ରେ ମାମଲା ରୁଜୁ ହୋଇଛି ।

## କୋପଣ୍ଡ ଗାଁ ପଡ଼ିଆରେ କ୍ରିକେଟ ଖେଳ ନହେଲେ ଧାରଣାରେ ବସିବେ କାଉନସିଲର



ଯାଜପୁର ରୋଡ଼,୨୮।୪ (ସଂଚାର ବ୍ୟୁରୋ)ଃ ବ୍ୟାସନଗର ପୌରାଂଚଳ ସହରର କୋପଣ୍ଡ ଗାଁରେ ଗ୍ରାମର ଯୁବବର୍ଗ ମାନେ ଗାଁ ପଡ଼ିଆରେ ଚଳିତ ମାସ ୨୯ତାରିଖରେ କ୍ରିକେଟ ଖେଳ ଟୁର୍ଣ୍ଣାମେଂଟ ଆରମ୍ଭ କରାଯିବାକୁ ନେଇ ଦେଖା ଦେଇଛି ପ୍ରଶାସନିକ ବିବାଦ। ଏହି ବିବାଦର ସମାଧାନ ଖୁବଶୀଘ୍ର ନହେଲେ ୱାର୍ଡ ନମ୍ବର -୨୩ କାଉନସିଲର ଶ୍ରୀ ପାର୍ଥସାରଥୀ ନାୟକ ଅନସନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଯଦି ଅନସନ ସମୟରେ କିଛି ତାଙ୍କର ହୋଇଯାଏ ତାହେଲେ ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ରହିବ ବୋଲି ଜଣାଇଛନ୍ତି।

ଖବରର ଆଧାରରୁ ପ୍ରକାଶ ଯେ ପ୍ରତ୍ୟେକ ବର୍ଷ ସଟ୍ ବାଉଣ୍ଡେରି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗାଁରେ ଅନୁଷ୍ଠିତ ହୋଇ ଆସୁଛି। କିନ୍ତୁ ଏହି ବର୍ଷ ଗ୍ରାମରେ ଏହି ଖେଳକୁ ଗ୍ରାମବାସୀ ଯୁବକମାନେ ଏଥର ଗାଁ ପଡ଼ିଆରେ କରିବା ପାଇଁ ପଡ଼ିଆ ପ୍ରସ୍ତୁତ କରିବା ସମୟରେ ବ୍ୟାସନଗର ତହସିଲ ପ୍ରଶାସନ କଳ ପକ୍ଷରୁ ରୋକ୍ ଲଗାଯାଇଛି । ଏହା କାରଣ କ'ଣ ରହିଛି ବୋଲି କାଉନସିଲର ଶ୍ରୀ ନାୟକ ପ୍ରଶ୍ନ ଉଠାଇବା ସହ ଗାଁର ଯୁବବର୍ଗଙ୍କ ସହିତ ତହସିଲ ପ୍ରଶାସନ କେଉଁ ଅଭିଯୋଗ ଆଧାରରେ ଗାଁ ପଡ଼ିଆରେ ପହଂଚି ଖେଳ ଆରମ୍ଭ କାର୍ଯ୍ୟରେ ରୋକ୍ ଲଗାଇବା ସତ୍ୟାସତ୍ୟକୁ ଜାଣିବା ପାଇଁ ଆଜି କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିଥିବା ନେଇ ଦେଖିବାକୁ ମିଳିଛି।

ଓଲିଉଡ @୯୦
ସିନେମା ଆମ ସମାଜର ପ୍ରତିଛବି

# ଓଡ଼ିଆ ସିନେମା ପାଇଁ ନୂତନ ସ୍ୱପ୍ନର ଶୁଭାରମ୍ଭ


ଫିଲ୍ମ ଜଗତରେ ପ୍ରଥମ ଓଡ଼ିଆ କଥାଲ୍ପା ଚଳଚ୍ଚିତ୍ର
ମୋହନସୁନ୍ଦର ଦେବ ଗୋସ୍ୱାମୀଙ୍କର
ସୀତା ବିବାହ
ଓଡ଼ିଶାରେ ଏ କର
ଲକ୍ଷ୍ମୀଟକି ସିନେମା
ପର୍ଦ୍ଦାରେ ଆସୁ ପ୍ରକାଶ କରିବ।

ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): ଓଡ଼ିଆ ସିନେମା ଜଗତ ତା'ର ଯାତ୍ରାର ୯୦ ବର୍ଷ ପୂରଣ କରିଛି। ୧୯୩୬ ଏପ୍ରିଲ୍ ୨୮ରେ ପ୍ରଥମ ଓଡ଼ିଆ ସିନେମା 'ସୀତା ବିବାହ'ର ମୁକ୍ତିଲାଭ କରିଥିବା ବେଳେ ଆଜି ସମଗ୍ର ଓଲିଉଡ ଓଡ଼ିଆ ଚଳଚ୍ଚିତ୍ର ଦିବସ ପାଳୁଛି। ଏହି କଳାଧଳା ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ମୋହନ ସୁନ୍ଦର ଦେବ ଗୋସ୍ୱାମୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଲିଉଡକୁ ପ୍ରଶଂସା କରିବା ସହ ଓଲିଉଡ ପାଇଁ ନୂତନ ସ୍ୱପ୍ନର ଶୁଭାରମ୍ଭ ବୋଲି କହିଛନ୍ତି।

ମୁଖ୍ୟମନ୍ତ୍ରୀ 'ଏକ୍ସ'ରେ କହିଛନ୍ତି, ଓଡ଼ିଶାର ସାଂସ୍କୃତିକ ସ୍ୱାଭିମାନ ଓ ଗୌରବମୟ ଅସ୍ମିତାର ଇତିହାସରେ ଆଜି ଏକ ସ୍ୱର୍ଣ୍ଣିମ ମୁହୂର୍ତ୍ତ। ୧୯୩୬ ଆଜିର ଦିନରେ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ'ର ମୁକ୍ତିଲାଭ ସହ ଆମ ସିନେମା ଜଗତରେ ବିଜୟ ଯାତ୍ରାର ଶୁଭାରମ୍ଭ ହୋଇଥିଲା। ସେବେଠୁ ଆଜି ଯାଏଁ ଓଡ଼ିଆ ଚଳଚ୍ଚିତ୍ର ଅସଂଖ୍ୟ ବାଧାବିଘ୍ନ ଓ ସଂଘର୍ଷକୁ ଅତିକ୍ରମ କରି ଓଡ଼ିଆ ଜାତିର କଳା, ଭାଷା ଓ ପରମ୍ପରାକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଆ ଚଳଚ୍ଚିତ୍ର କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଏହା ଆମ ସମାଜର ପ୍ରତିଛବି ଏବଂ ସାଂସ୍କୃତିକ ଜାଗରଣର ଏକ ଶକ୍ତିଶାଳୀ ସ୍ୱର। ଏହି ସମୃଦ୍ଧ ପରମ୍ପରାକୁ ଗଢ଼ିତୋଳିଥିବା ସମସ୍ତ ଅଭିନେତା, ଅଭିନେତ୍ରୀ, ନିର୍ଦ୍ଦେଶକ, ପ୍ରଯୋଜକ ଓ ନେପଥ୍ୟ କୁଶଳୀଙ୍କ ଅତୁଳନୀୟ ଅବଦାନକୁ ଆଜି ମୁଁ ସମ୍ମାନର ସହ ସ୍ମରଣ କରୁଛି। ଓଡ଼ିଆ ସିନେମା ଶିଳ୍ପକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଓ ସୃଜନଶୀଳତାର ଶୀର୍ଷକୁ ନେବା ସହ ଏହାକୁ ବିଶ୍ୱସ୍ତରୀୟ ମାନ୍ୟତା ପ୍ରଦାନ କରିବା ପାଇଁ ଆମେ ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ସମଗ୍ର ଓଡ଼ିଶାବାସୀ, ସିନେପ୍ରେମୀ ଓ କଳାକାରମାନଙ୍କୁ ଏହି ଐତିହାସିକ ଦିବସରେ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି।

# ବିଏମ୍‌ସିରେ ଅଗ୍ନି ନିରାପତ୍ତା ତାଲିମ କାର୍ଯ୍ୟକ୍ରମ

## ବିଏମ୍‌ସି ଅଧିକାରୀଙ୍କ ସହ ସାମିଲ ହେଲେ ହୋଟେଲ, ମାର୍କେଟ ଓ ଭେଣ୍ଡିଂ ଜୋନ୍ କର୍ମକର୍ତ୍ତା



ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅଗ୍ନି ନିରାପତ୍ତା ସମ୍ପର୍କିତ ଏକ ତାଲିମ ତଥା ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜୋନାଲ କମିଶନର ଆସନି ଏଏଲ୍, ଡେପୁଟି କମିଶନର ରଶ୍ମିରେଖା ପ୍ରଧାନ, ଆସିଷ୍ଟାଣ୍ଟ ଫାୟାର ଅଫିସର ମନୋରଞ୍ଜନ ରାଉତ, ଷ୍ଟେସନ ଅଫିସର ଫାୟାର ଚିନ୍ମୟ କୁମାର ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ।

ଅଗ୍ନିକାଣ୍ଡ କେଉଁ କେଉଁ କାରଣରୁ ଘଟେ ସେ ସମ୍ପର୍କରେ ଆଲୋକପାତ କରିବା ସହ କିପରି ଧୂଆଁ ଦେବା, ଜଳନ୍ତା ଦିଆସିଲି କାଠି, ବିଡ଼ି, ସିଗାରେଟ ଆଦି ଏଣେତେଣେ ଫୋପାଡ଼ିବା, ଚୁଲି, ଗ୍ୟାସ୍ ଚୁଲା, ବିଦ୍ୟୁତ୍ ଶର୍ଟସର୍କିଟ ଆଦିରୁ ଅଗ୍ନିକାଣ୍ଡ ଘଟିବା, ପେଟ୍ରୋଲ, ଡିଜେଲ, କିରୋସିନ୍ ଟାଙ୍କି ଫାଟି ବା ଦୁର୍ଘଟଣା ଘଟି ଅଗ୍ନିକାଣ୍ଡ ଘଟିବା ଆଦି ସମ୍ପର୍କରେ ବୁଝାଇବା ସହ ଏହାକୁ କିପରି ନିର୍ବାପିତ କରାଯାଇପାରିବ ସେ ନେଇ ଅଗ୍ନିଶମ ବିଭାଗର ଅଧିକାରୀମାନେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ଆସିଷ୍ଟାଣ୍ଟ ଫାୟାର ଅଫିସର ଅଗ୍ନିକୁ ଏକ ଜୀବନ୍ତ ମାନବ ସହ ତୁଳନା କରି ସୁନ୍ଦର ଭାବେ ବୁଝାଇଥିଲେ ଯେ ମଣିଷ ଯେପରି ଆବଶ୍ୟକ ଖାଦ୍ୟ, ବାୟୁ ଓ ତାପମାତ୍ରା ନ ପାଇଲେ ମୃତ୍ୟୁ ହୋଇଥାଏ, ଠିକ୍ ସେହିପରି ଅଗ୍ନିକୁ ଖାଦ୍ୟ, ପବନ ଓ ତାପମାତ୍ରା ନ ଦେଲେ ସେ ଆପେ ଆପେ ମରିଯିବ। ଅର୍ଥାତ୍ ଅଗ୍ନିକାଣ୍ଡ ଘଟିଲେ ପ୍ରଥମେ ତା' ସମ୍ମୁଖରୁ ସମସ୍ତ ପଦାର୍ଥ ଦୂରେଇ ଦେବା ଦରକାର ଯେପରି ଆଉ ଆଗକୁ ନିଆଁ ଯାଇ ନ ପାରିବ। ସେହିପରି ଅମ୍ଳଜାନ ଯେପରି ତା' ପାଖରେ ପହଞ୍ଚି ନପାରିବ, ସେଥିପାଇଁ ମଧ୍ୟ ପଦକ୍ଷେପ ନେବା ଦରକାର। ଆଉ ପାଣି ଢାଳିବା ଦ୍ୱାରା ସେ ତାପ ପାଇବ ନାହିଁ, ଯାହା ଫଳରେ ସେ ଆଉ ଜଳିପାରିବ ନାହିଁ।

ମୌଖିକ ତାଲିମ ପରେ ପରୀକ୍ଷାମୂଳକ ଭାବେ ବିଏମ୍‌ସି ପାର୍କିଂ ଅଞ୍ଚଳରେ ଲୋକମାନଙ୍କୁ ତାଲିମ ଦିଆଯାଇଥିଲା। କିପରି ବହୁତଳପ୍ରାସାଦରୁ ଲୋକମାନଙ୍କୁ ଉଦ୍ଧାର କରାଯିବ, ତା' ମଧ୍ୟ ଦେଖାଇଥିଲେ। ସାଧାରଣ ଅଗ୍ନିକାଣ୍ଡ ଘଟିଲେ କେଉଁ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର କରାଯିବ, ଗ୍ୟାସ୍ ପାଇଁ କେଉଁ ଅଗ୍ନି ନିର୍ବାପକ ଯନ୍ତ୍ର ଓ ତୈଳରେ ଅଗ୍ନିକାଣ୍ଡ ଘଟିଲେ କେଉଁ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର କରିବା ଦରକାର, ତାହା ମକଡ୍ରିଲ ମାଧ୍ୟମରେ ବୁଝାଇଥିଲେ। ତେବେ ସବୁଠାରୁ ଆକର୍ଷଣୀୟ ଥିଲା, ରୋବର୍ଟ ଅଗ୍ନି ନିର୍ବାପକ ଯନ୍ତ୍ର। ଯଦି କୌଣସି ପଥ ନ ମିଳିବ, ତେବେ ରୋବର୍ଟକୁ ବହୁତଳ କୋଠାର ଶିଡ଼ିରେ ରିମୋଟ୍ ଦ୍ୱାରା ପ୍ରେରଣ କରାଯିବା ସହ ସେ କିପରି ବିଭିନ୍ନ ଢଙ୍ଗରେ ପାଣି ପକାଇ ଅଗ୍ନିକାଣ୍ଡକୁ ନିୟନ୍ତ୍ରଣ କରିପାରୁଛି, ତା'ର କୌଶଳ ମଧ୍ୟ ଦେଖାଇଥିଲେ।

# ଉତ୍କଳ ଗୌରବଙ୍କ ଜୟନ୍ତୀରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଅସାଧାରଣ ଅବଦାନ ରଖିଥିବା ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ତାଙ୍କ ଜୟନ୍ତୀ ଅବସରରେ ସ୍ମରଣ କରାଯାଇଛି। ତାଙ୍କ ଜୀବନ ଦର୍ଶନ ଓ ତ୍ୟାଗମୟ ଅବଦାନ ଆଜିବି ସମାଜ ପାଇଁ ପ୍ରେରଣାର ସ୍ରୋତ ବୋଲି ଉଲ୍ଲେଖ କରାଯାଇଛି। ଏହି ଅବସରରେ ଆଜି ପ୍ରାତଃରେ ରାଜଭବନ ଛକସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେ କହିଥିଲେ ଯେ ମଧୁବାବୁ ଓଡ଼ିଆ ଜାତିର ସ୍ୱାଭିମାନ ଓ ଏକତାର ଶକ୍ତିଶାଳୀ ପ୍ରତୀକ ଥିଲେ ଏବଂ ତାଙ୍କ ଆଦର୍ଶ ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୂଜ କୁମାର ଦାସପଟ୍ଟନାୟକ, ଅତିରିକ୍ତ ନିର୍ଦ୍ଦେଶକ ସୁରଜିତ୍ ମିଶ୍ର, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ସହକାରୀ ନିର୍ଦ୍ଦେଶକ ଦୀପକ କୁମାର ସାହୁ, ଲୋକସମ୍ପର୍କ ଅଧିକାରୀ ସୁଜିତ ରଞ୍ଜନ ସ୍ୱାଇଁ, ପ୍ରମୋଦିନୀ ଟେଟେ ଓ ଏମ୍ ଅଭିଷେକ୍ ସହ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ।

## ବିଧାନସଭା ପରିସରରେ ମଧୁବାବୁଙ୍କ ଜୟନ୍ତୀ

ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶାରେ ନୂତନ ରାଜନୈତିକ ଚେତନା ସୃଷ୍ଟି କରି ଓଡ଼ିଶା ଓ ଓଡ଼ିଆ ଜାତିର ଉନ୍ନତି ଓ ସ୍ୱାର୍ଥରକ୍ଷା ତଥା ସ୍ୱାଭିମାନ ବଜାୟ ରଖିବା ପାଇଁ ମଧୁବାବୁ ସର୍ବସ୍ୱ ତ୍ୟାଗ କରିଥିଲେ। ଛାତ୍ର ଜୀବନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କ ଜୀବନ ଥିଲା ସଂଘର୍ଷମୟ। ସେ ସାରା ଜୀବନ ଦେଶ ଓ ଜାତି ପାଇଁ ସଂଘର୍ଷ କରି ଦେଶରେ ଓଡ଼ିଆ ଜାତି ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଫଳରେ ଓଡ଼ିଆ ଜାତି ଆଜି ଭାରତବର୍ଷରେ ଏକ ମର୍ଯ୍ୟାଦାପୂର୍ଣ୍ଣ ଆସନ ହାସଲ କରିପାରିଛି ବୋଲି ଆଜି ବିଧାନସଭା ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ମତ ପୋଷଣ କରିଛନ୍ତି। କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାଶ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଉତ୍କଳ ସମ୍ମିଳନୀର ବରିଷ୍ଠ କାର୍ଯ୍ୟକର୍ତ୍ତା, ପୂଜ୍ୟପୂଜା ସଂସଦର ପ୍ରତିନିଧି, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଉପସ୍ଥିତ ରହି ମଧୁସୂଦନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶେଷରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷିତ ହୋଇଥିବା ବେଳେ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୁଳବୃଦ୍ଧ ଉତ୍କଳ ଗୌରବଙ୍କ ୧୭୮ତମ ଜନ୍ମ ଜୟନ୍ତୀ

## ମଧୁବାବୁ ଓଡ଼ିଆ ସ୍ୱାଭିମାନର ପ୍ରତୀକ: ମନମୋହନ



ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): ମଧୁବାବୁ ଓଡ଼ିଆ ଜାତୀୟତାର ମନ୍ତ୍ରଦାତା କେବଳ ନଥିଲେ, ସେ ଥିଲେ ଓଡ଼ିଆ ସ୍ୱାଭିମାନର ପ୍ରତୀକ। କେବଳ ରାଜନୈତିକ ସ୍ୱତନ୍ତ୍ରତା ନୁହେଁ, ସାମାଜିକ, ଆର୍ଥିକ, ସାଂସ୍କୃତିକ ଓ ଶୈକ୍ଷିକ ଦୃଷ୍ଟିରୁ ସେ ଏକ ଉନ୍ନତ ଓଡ଼ିଶାର ସ୍ୱପ୍ନ ଦେଖିଥିଲେ। ଓଡ଼ିଶାର ଉପକୂଳ, ମାଳାଞ୍ଚଳ ଓ ଗଡ଼ଜାତ ଭାଗର ଆତ୍ମିକ ଏକୀକରଣ ପାଇଁ ସେ ଉଦ୍ୟମ କରିଥିଲେ। ସେ ନିଜ ତ୍ୟାଗ, ତପସ୍ୟା, ସାଧନା ଓ ନିଷ୍ଠାପର ଉଦ୍ୟମ ବଳରେ ଓଡ଼ିଶାକୁ ଭାଷାଭିତ୍ତିକ ରାଜ୍ୟ ଭାବେ ଗଢ଼ିଥିଲେ। ସେ ସମସ୍ତଙ୍କୁ ସାଙ୍ଗରେ ନେଇ ଏକ ଆନ୍ଦୋଳନ ଗଢ଼ି ତୋଳିଥିଲେ। ୧୯୮୦ରୁ ମୃତ୍ୟୁ ପର୍ଯ୍ୟନ୍ତ ମଧୁବାବୁ ତାଙ୍କର ସମଗ୍ର ଜୀବନକୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଉତ୍ସର୍ଗ କରିଥିଲେ। ତାଙ୍କର ବିଚାରଧାରା ଲୋକଙ୍କୁ ପ୍ରଭାବିତ କରିଛି। ମଧୁବାବୁ ନ ଥିଲେ ଓଡ଼ିଶାର ଇତିହାସ ଆଜି ଭିନ୍ନ ହୋଇଥାନ୍ତା ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି। ଓଡ଼ିଆ ଜାତିର ମହାନ ସନ୍ତାନ, ଓଡ଼ିଆ ଜାତିର କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜନ୍ମ ଜୟନ୍ତୀ ଅବସରରେ ସ୍ଥାନୀୟ ଲୋକଭବନ ସମ୍ମୁଖସ୍ଥ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରୀ ସାମଲ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ କାର୍ଯ୍ୟକାରିଣୀ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଜଗନ୍ନାଥ ପ୍ରଧାନ, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରାଜ୍ୟ କାର୍ଯ୍ୟାଳୟରେ ମଧୁବାବୁଙ୍କ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ସାଂସଦ ବଳଭଦ୍ର ମାଝୀ, ପୂର୍ବ ଭାରତ ପ୍ରଶିକ୍ଷଣ ସଂଯୋଜକ ପ୍ରଫେସର ଦୀନେଶାନନ୍ଦ ଗୋସ୍ୱାମୀ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ ମହାନ୍ତି ଉପସ୍ଥିତ ଥିଲେ।

ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ

# ୧ରୁ ସାଙ୍ଗଠନିକ ଜିଲ୍ଲାରେ ପ୍ରଶିକ୍ଷଣ ବର୍ଗ କାର୍ଯ୍ୟକ୍ରମ




ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): ପ୍ରଥମେ ରାଷ୍ଟ୍ର, ଦ୍ୱିତୀୟରେ ସଂଗଠନ ଓ ତୃତୀୟ ତଥା ଶେଷରେ ବ୍ୟକ୍ତି, ଏହା ବିଜେପିର ମୂଳମନ୍ତ୍ର। ବିଜେପି ତା'ର କାର୍ଯ୍ୟକର୍ତ୍ତାମାନଙ୍କର ଶାରୀରିକ, ମାନସିକ, ବୌଦ୍ଧିକ ଓ ରାଜନୈତିକ ବିକାଶ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିଆସିଛି। ଏହି କ୍ରମରେ ଆଜି ରାଜ୍ୟ କାର୍ଯ୍ୟାଳୟରେ 'ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬'କୁ ସଫଳ କରିବା ପାଇଁ ପ୍ରଦେଶସ୍ତରୀୟ ଆଇଟି ଓ ପ୍ରଦର୍ଶନୀ ଟୋଲୀ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆୟୋଜିତ ଯୋଜନା ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବ ଭାରତ ପ୍ରଶିକ୍ଷଣ ସଂଯୋଜକ ପ୍ରଫେସର ଦୀନେଶାନନ୍ଦ ଗୋସ୍ୱାମୀ, ରାଜ୍ୟ ସଂଯୋଜକ ତଥା ସାଂସଦ ବଳଭଦ୍ର ମାଝୀ, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ରାଜ୍ୟ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ ଆଲୋଚନା କରିଥିବା ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ପ୍ରଶିକ୍ଷଣ ବିଜେପି କାର୍ଯ୍ୟକର୍ତ୍ତାମାନଙ୍କର ଏକ ପ୍ରମୁଖ ଅଙ୍ଗ। ବିଜେପିର ସାଙ୍ଗଠନିକ କ୍ଷେତ୍ରରେ ସୋସିଆଲ ମିଡିଆ, ଆଇଟି ଓ ପ୍ରଦର୍ଶନୀ ସମ୍ବନ୍ଧିତ ପ୍ରଶିକ୍ଷଣ ବର୍ଗରେ କିପରି ଉପଯୋଗ କରାଯିବ, ସେସବୁ ବିଷୟରେ ବୈଠକରେ ବିସ୍ତୃତ ଆଲୋଚନା ଓ ଯୋଜନା କରାଯାଇଛି। ପୂର୍ବରୁ ରାଜ୍ୟର ୧୦୫୨ ମଣ୍ଡଳରେ ପ୍ରଶିକ୍ଷଣ ବର୍ଗ ସରିଛି। ଆସନ୍ତା ୧ରୁ ଦଳର ୩୭ଟିଯାକ ସାଙ୍ଗଠନିକ ଜିଲ୍ଲାରେ ପ୍ରଶିକ୍ଷଣ ବର୍ଗ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ସମସ୍ତ ୭ ମୋର୍ଚ୍ଚାର ଜିଲ୍ଲା ସ୍ତରରୁ ଆରମ୍ଭ କରି ପ୍ରଦେଶ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟକର୍ତ୍ତା, ବିଧାୟକ ଓ ସାଂସଦଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

# ବିକଶିତ ଓଡ଼ିଶା ୨୦୩୬ ପାଇଁ ସଂକଳ୍ପ ସୁଦୃଢ଼

## ସମନ୍ୱିତ ଯୋଜନା ଓ ପ୍ରଶାସନିକ ସଂସ୍କାର ଉପରେ ଗୁରୁତ୍ୱ



ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): ଓଡ଼ିଶାର ଦୀର୍ଘକାଳୀନ ବିକାଶର ରୂପରେଖ ପ୍ରସ୍ତୁତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଆଜି ପ୍ରଶାସନିକ ଓ ଶାସନ ସଂସ୍କାର କମିଟି ସଦସ୍ୟ ଓପି ଅଗ୍ରୱାଲଙ୍କ ସହ ଏକ ଉଚ୍ଚସ୍ତରୀୟ ପରାମର୍ଶଦାତା ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ। ବିକଶିତ ଓଡ଼ିଶା ୨୦୩୬ର ଲକ୍ଷ୍ୟକୁ ସାକାର କରିବା ପାଇଁ ସମନ୍ୱିତ ଯୋଜନା ପ୍ରଣାଳୀକୁ ସୁଦୃଢ଼ କରିବା ଓ ପ୍ରଶାସନିକ ସଂସ୍କାରକୁ ଆଗେଇ ନେବା ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ପାରମ୍ପରିକ ଯୋଜନା ପ୍ରଣାଳୀ ପରିବର୍ତ୍ତେ ଏକ ଗତିଶୀଳ ତଥା ଭବିଷ୍ୟତମୁଖୀ ମଡେଲ ଆପଣାଇବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଏହି ନୂତନ ମଡେଲ ମୁଖ୍ୟତଃ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ତଥ୍ୟଭିତ୍ତିକ ନିଷ୍ପତ୍ତି ଗ୍ରହଣ ଉପରେ ପର୍ଯ୍ୟବେସିତ।

# ଜୟନ୍ତୀରେ ମଧୁବାବୁଙ୍କୁ ବିଜେଡିର ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜନ୍ମ ଜୟନ୍ତୀ ଅବସରରେ ଆଜି ବିଜେଡି ପକ୍ଷରୁ ଲୋକ ଭବନ ଛକସ୍ଥିତ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ଦଳର ବରିଷ୍ଠ ନେତା ଓ କର୍ମୀମାନେ ଏଥିରେ ଯୋଗଦେଇ ଏହି ମହାନ ବରପୁତ୍ର ଓ ଆଧୁନିକ ଓଡ଼ିଶାର ସ୍ଥପତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। କାର୍ଯ୍ୟକ୍ରମଟି ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ହୋଇଛି। ପରେ ଶଙ୍ଖ ଭବନରେ ଆଧୁନିକ ଓଡ଼ିଶା ନିର୍ମାଣ ଗଠନରେ ମଧୁବାବୁଙ୍କ ଅବଦାନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମଧୁବାବୁ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ମଧୁବାବୁଙ୍କ ଜୀବନ, ଆଦର୍ଶ, ସାମାଜିକ ନ୍ୟାୟ ଓ ଜାତି ଗଠନରେ ତାଙ୍କ ଅସାମାନ୍ୟ ଅବଦାନ ବିଷୟରେ ଆଲୋଚନା କରାଯାଇଛି। ତାଙ୍କ ଦୃଷ୍ଟିକୋଣ ଓ ସମାଜ ଗଠନର ଭାବନା ଉପରେ ମଧ୍ୟ ଏକ ସଭା ମଧ୍ୟ ଆୟୋଜିତ ହୋଇଛି। ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ମଧୁବାବୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ଏକତ୍ର କରିବା ପାଇଁ ହୋଇଥିବା ଆନ୍ଦୋଳନନର ପ୍ରମୁଖ ନେତା ଥିଲେ। ତାଙ୍କର ଅବିରତ ପ୍ରୟାସ ଓ ସଂଘର୍ଷ ଫଳରେ ୧୯୩୬ରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବା ସକାଶେ ପଥ ପ୍ରସ୍ତୁତ ହୋଇଥିଲା। ଉତ୍କଳ ସମ୍ମିଳନୀରେ ତାଙ୍କର ନେତୃତ୍ୱ ଜନମତକୁ ସଂଗଠିତ କରିବା ଓ ଓଡ଼ିଆ ଜାତୀୟତାକୁ ଦେଶ ମାନଚିତ୍ରରେ ପ୍ରତିଷ୍ଠିତ କରିବାରେ ତାଙ୍କର ଭୂମିକା ଅନନ୍ୟ ଥିଲା ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେହିପରି ଶ୍ରୀ ପଣ୍ଡା କହିଛନ୍ତି ଯେ ଯେତେବେଳେ ଓଡ଼ିଆ ଭାଷା ଅବହେଳିତ ହେବାର ସମ୍ଭାବନାରେ ଥିଲା, ସେତେବେଳେ ମଧୁସୂଦନ ଏହାକୁ ସୁରକ୍ଷିତ ରଖିବା ସହ ଏହାର ପ୍ରଚାର ପାଇଁ ବଳିଷ୍ଠ ପ୍ରୟାସ କରିଥିଲେ। ସେ ଭାଷା ଆଧାରିତ ପ୍ରଶାସନିକ ଏକତାକୁ ସମର୍ଥନ କରି, ନୂତନ ଗଠିତ ପ୍ରାନ୍ତର ମୂଳ ଚିହ୍ନଟ ଭାବେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ସ୍ଥାପିତ କରିଥିଲେ ବୋଲି ଶ୍ରୀ ପଣ୍ଡା କହିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଈପ୍ସିତା ସାହୁ, ବିଧାୟକ ଅନନ୍ତ ନାରାୟଣ ଜେନା, ପ୍ରଦୀପ ଅମାତ ମଧ୍ୟ ଉଦ୍‌ବୋଧନ ଦେଇଥିଲେ। ପ୍ରବକ୍ତା ମିହିର ରାୟ ଧନ୍ୟବାଦ ଦେଇଥିଲେ।

ପିସିସି ପାଳିଲା ଉତ୍କଳ ଗୌରବଙ୍କ ଜନ୍ମ ଜୟନ୍ତୀ

# ମଧୁବାବୁ ଆଧୁନିକ ଓଡ଼ିଶାର ନବନିର୍ମାତା



ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନ ଦାସଙ୍କର ଜୟନ୍ତୀ ଉତ୍ସବ ସ୍ଥାନୀୟ କଂଗ୍ରେସ ଭବନଠାରେ ପାଳିତ ହୋଇଛି। ଏହି ଉପଲକ୍ଷେ ସକାଳେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତାମାନେ ରାଜଭବନ ଛକସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି ଉପଲକ୍ଷେ କଂଗ୍ରେସ ଭବନଠାରେ ଶ୍ରୀ ଦାସଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ଏଥିରେ ଉଦ୍‌ବୋଧନ ଦେଇ ଶ୍ରୀ ଦାସ କହିଥିଲେ ଯେ ମଧୁବାବୁ ଭାଷାଭିତ୍ତିକ ଓଡ଼ିଶା ଗଠନରେ ମୁଖ୍ୟ ପୁରୋଧା ସାଜିଥିଲେ। ଅତ୍ୟନ୍ତ ସ୍ୱାଭିମାନୀ ଓ ଓଡ଼ିଆ ଅସ୍ମିତା ତାଙ୍କୁ ଯୁଗ ଯୁଗ ଧରି ଅମର କରି ରଖିବ। ସେ ନାରୀ ପ୍ରତିଭାର ବିକାଶ ଦିଗରେ ସର୍ବଦା ନିଜକୁ ଉତ୍ସର୍ଗ କରିଥିଲେ। ତାଙ୍କର ଜାତି ପ୍ରେମ ବିଷୟରେ ପ୍ରତିଟି ଓଡ଼ିଆ ଜାଣିବା ଉଚିତ ବୋଲି ଶ୍ରୀ ଦାସ କହିଥିଲେ। ଶ୍ରଦ୍ଧାଞ୍ଜଳି ଜଣାଇ ମୁଖ୍ୟ ଅତିଥି ନଳିନୀ ମହାନ୍ତି ଓ ପ୍ରଫେସର ବିଜୟ କୁମାର ବହିଦାର କହିଥିଲେ ଯେ ମଧୁବାବୁ ଓଡ଼ିଆମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଓଡ଼ିଶାର ଦ୍ରବ୍ୟରେ ବିଭିନ୍ନ ସାମଗ୍ରୀ ଉତ୍ପାଦନ ପାଇଁ ଚେଷ୍ଟା କରୁଥିଲେ। ବିଭିନ୍ନ କ୍ଷେତ୍ରରେ ଅସଫଳ ହେଉଥିଲେ ମଧ୍ୟ କେବେ ପଛଘୁଞ୍ଚା ଦେଉନଥିଲେ। ତାଙ୍କୁ ଓଡ଼ିଶାର ପ୍ରାଣ କହିଲେ ଅତ୍ୟୁକ୍ତି ହେବନାହିଁ। ଜନସାଧାରଣଙ୍କ ନିମନ୍ତେ ଉଦାବାଦୀ ଗଣତାନ୍ତ୍ରିକ ବ୍ୟବସ୍ଥା କରିବାରେ ସେ ଚେଷ୍ଟିତ ଥିଲେ।

# ଆଦିବାସୀଙ୍କ ସମସ୍ୟା ନେଇ ସିପିଆଇ(ଏମ)ର ଆନ୍ଦୋଳନ

କଟକ,୨୮।୪(ସଂଚାର ବ୍ୟୁରୋ): କଟକ ଜିଲ୍ଲା ଟାଙ୍ଗୀ ଚୌଦ୍ୱାର ବ୍ଲକର ଆଦିବାସୀଙ୍କ ମୌଳିକ ଦାବୀ ନେଇ ବ୍ଲକ ସମ୍ମୁଖରେ ସିପିଆଇ(ଏମ ) ତରଫରୁ ପ୍ରତିବାଦ ଶୋଭାଯାତ୍ରା କରାଯାଇଛି। ସିପିଆଇ(ଏମ)ର ବରିଷ୍ଠ ନେତା ବଦ୍ରି ନାରାୟଣ ଦାସଙ୍କ ନେତୃତ୍ୱରେ ହଜାରେରୁ ଉର୍ଦ୍ଧ୍ୱ ଆଦିବାସୀ ପୁରୁଷ ଓ ମହିଳା ଦଳୀୟ ସ୍ଲୋଗାନ ଦେବା ସହିତ କରଞ୍ଜି, ସଫା, ଗରୁଡ଼ ଗାଁ ଦେଇ ଟାଙ୍ଗୀ ଚୌଦ୍ୱାର ବ୍ଲକ ସମ୍ମୁଖୀରେ ପହଞ୍ଚିଥିଲେ। ଆଦିବାସୀଙ୍କଠାରୁ ଜମି ଛଡେଇ ନେବା, ଭୂମିହୀନଙ୍କୁ ଘର ବାଡ଼ି ପଟ୍ଟା ପ୍ରଦାନ ଆଦି ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ଏ.ବି.ଡି.ଓ, ୱେଲଫେୟାର ଅଫିସରଙ୍କ ଉପସ୍ଥିତିରେ ଏକ ୮ଜଣିଆ ପ୍ରତିନିଧି ଦଳ ଆଲୋଚନା କରି ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହାର କରାଯଇଥିଲା।

# ଘରୋଇ ବିଦ୍ୟାଳୟମୁହାଁ ସିବିଏସଇ ଛାତ୍ରଛାତ୍ରୀ



ଭୁବନେଶ୍ୱର,୨୮।୪: ସିବିଏସ୍‌ଇର ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ଏବେ ଘରୋଇ ଶିକ୍ଷାନୁଷ୍ଠାନ ମୁହାଁ ହୋଇଛନ୍ତି। ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ବିଳମ୍ବ ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି।

ସିବିଏସ୍‌ଇ ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ଏପ୍ରିଲ୍ ୧୬ ତାରିଖରେ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ଏବେ ଯୁକ୍ତ ଦୁଇ ଶ୍ରେଣୀରେ ନାମ ଲେଖାଇବାକୁ ବ୍ୟସ୍ତ। ତେବେ ଯେଉଁମାନେ ନିଜ ନିଜ ଶିକ୍ଷାନୁଷ୍ଠାନରେ ଯୁକ୍ତ ଦୁଇ ପଢ଼ିବାରୁ ବଞ୍ଚିତ ହୋଇଛନ୍ତି ସେମାନେ ଏବେ ଘରୋଇ ଶିକ୍ଷାନୁଷ୍ଠାନମୁହାଁ ହୋଇଛନ୍ତି।

ସିବିଏସ୍‌ଇ ବୋର୍ଡର ଯେଉଁସବୁ ଶିକ୍ଷାନୁଷ୍ଠାରେ ଯୁକ୍ତ ଦୁଇ ବା ଏକାଦଶ ଶ୍ରେଣୀ ପାଠ୍ୟକ୍ରମ ରହିଛି ସେଠାରେ ନିର୍ଦ୍ଦିଷ୍ଟ ସଂଖ୍ୟାର ଆସନ ରହିଛି। ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ସମସ୍ତ ଛାତ୍ରଛାତ୍ରୀ ଏଠାରେ ନାମ ଲେଖାଇବା ସମ୍ଭବପର ହେଉନାହିଁ। ଏହାଛଡ଼ା ଏହିସବୁ ଶିକ୍ଷାନୁଷ୍ଠାନରେ ଏକାଦଶ ଶ୍ରେଣୀରେ କିଛି ଛାତ୍ରଛାତ୍ରୀ ଫେଲ୍ ହୋଇଥିବାରୁ ସେମାନେ ମଧ୍ୟ ପୁଣିଥରେ ଏକାଦଶରେ ପଢ଼ିବାକୁ ଥିବାରୁ ଅଧିକ ସଂଖ୍ୟାରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନାମଲେଖା ହୋଇପାରୁନାହିଁ।

ଅନ୍ୟ ପକ୍ଷରେ ମାଧ୍ୟମିକ ଶିକ୍ଷା ବୋର୍ଡର ମାଟ୍ରିକ ଫଳାଫଳ ମେ' ଦ୍ୱିତୀୟ ସପ୍ତାହରେ ପ୍ରକାଶ ହେବା ନେଇ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଦୁଇ ବୋର୍ଡ ମଧ୍ୟରେ ଫଳ ପ୍ରକାଶ ପାଇବା ନେଇ ପ୍ରାୟ ଏକ ମାସ ବ୍ୟବଧାନ ରହୁଛି। ତେଣୁ ଯେଉଁ ଛାତ୍ରଛାତ୍ରୀମାନେ ସିବିଏସଇ ବୋର୍ଡରୁ ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଓ ନମ୍ବର ଆଧାରରେ ହେଉ କିମ୍ବା ଅନ୍ୟ କୌଣସି କାରଣ ଯୋଗୁଁ ନିଜ ନିଜ ଶିକ୍ଷାନୁଷ୍ଠାନରେ ନାମ ଲେଖାଇପାରୁନାହାନ୍ତି, ସେମାନେ ଏବେ ରାଜଧାନୀର ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନମୁହାଁ ହୋଇଛନ୍ତି।

ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟ ନିଜ ନିଜ ଛାତ୍ରଛାତ୍ରୀଙ୍କ ନାମଲେଖା ସିବିଏସ୍‌ଇର ଦଶମ ଫଳ ପ୍ରକାଶନ ପୂର୍ବରୁ ସାରିଥିବା ବେଳେ ଆଉ କେତେକ ସିଟ୍ ଖାଲି ରଖିଛନ୍ତି। ଏହିସବୁ ଆସନରେ ଏବେ ଅନ୍ୟ ବିଦ୍ୟାଳୟ ବିଶେଷକରି ସିବିଏସଇର ଛାତ୍ରଛାତ୍ରୀମାନଙ୍କ ନାମ ଲେଖାଯାଉଛି। ଅବଶ୍ୟ ଏଥିପାଇଁ ବିଦ୍ୟାଳୟଗୁଡ଼ିକ ଭିନ୍ନ ଭିନ୍ନ ପରିମାଣର ଅର୍ଥ ଦାବି କରୁଛନ୍ତି। ଅଭିଭାବକମାନେ ନିଜ ନିଜ ପିଲାଙ୍କ ନାମଲେଖା ପାଇଁ ଉତ୍ତଳବିକଳ ହେଉଥିବାରୁ ଯେଉଁ ବିଦ୍ୟାଳୟ ଯେତିକି ଅର୍ଥ ଦାବି କରୁଛନ୍ତି ତାହା ଦେବାକୁ ବାଧ୍ୟ ହେଉଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ବୋର୍ଡର ଫଳ ପ୍ରକାଶନରେ ବିଳମ୍ବ ହେଉଥିବାରୁ ଓ ଘରୋଇ ବିଦ୍ୟାଳୟରେ ନାମ ଲେଖା ଜାରି ରହିଥିବାରୁ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ଘରୋଇ ବିଦ୍ୟାଳୟରେ ପଢ଼ିବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କ ଲାଗି ବାଟ ଏକପ୍ରକାର ବନ୍ଦ ହୋଇଯାଇଛି। ସେମାନେ ଅଧିକ ନମ୍ବର ରଖିଥିଲେ ମଧ୍ୟ ସେମାନଙ୍କୁ ଏହି ସୁଯୋଗ ମିଳିବନାହିଁ। ଯେଉଁମାନଙ୍କୁ ସୁଯୋଗ ମିଳିବ ସେମାନେ ବିଦ୍ୟାଳୟର ଦାବି ଅନୁଯାୟୀ ଅର୍ଥ ପଇଠ କରିବାକୁ ବାଧ୍ୟ ହେବା ଏକପ୍ରକାର ନିଶ୍ଚିତ। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଏଆଇ: ପ୍ରତ୍ୟେକ କ୍ଷେତ୍ରକୁ ଚ୍ୟାଲେଞ୍ଜ

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଆଜି ବିଶ୍ୱର ସବୁଠାରୁ ଶକ୍ତିଶାଳୀ ପ୍ରଯୁକ୍ତି ଭାବେ ଉଭା ହୋଇଛି। ଏହା ମାନବ ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ପରିବର୍ତ୍ତନ କରୁଛି, କେତେକ ସ୍ଥାନରେ ଉନ୍ନତି ଆଣୁଛି, ଆଉ କେତେକ ସ୍ଥାନରେ ଗଭୀର ଭୟ ସୃଷ୍ଟି କରୁଛି। ଗୋଲ୍ଡମ୍ୟାନ୍ ସାକ୍ସର ରିପୋର୍ଟ ଅନୁଯାୟୀ, ଏଆଇ ବିଶ୍ୱରେ ପ୍ରାୟ ୩୦୦ ନିୟୁତ ପୂର୍ଣ୍ଣକାଳୀନ ଚାକିରିକୁ ପ୍ରଭାବିତ କରିପାରେ। ଏହା କେବଳ ଚାକିରି ନୁହେଁ, ଅର୍ଥନୀତି, ସ୍ୱାସ୍ଥ୍ୟ, ଶିକ୍ଷା, ଅର୍ଥନୈତିକ କ୍ଷେତ୍ର, ପ୍ରତିରକ୍ଷା ଏବଂ ସାମାଜିକ ଜୀବନକୁ ମଧ୍ୟ ଚ୍ୟାଲେଞ୍ଜ କରୁଛି। ଏଆଇର ଏହି ଭୟ କେବଳ ବୈଜ୍ଞାନିକ ନୁହେଁ, ବରଂ ମାନବୀୟ ଅସ୍ତିତ୍ୱ ସହ ଜଡ଼ିତ।

ସର୍ବପ୍ରଥମେ ଚାକିରି କ୍ଷେତ୍ରର କଥା ଧ୍ୟାନ ଦେବା। ଏଆଇ ରିପିଟିଟିଭ୍ ଏବଂ ରୁଟିନ କାର୍ଯ୍ୟକୁ ସହଜରେ ସମ୍ପାଦନ କରୁଛି। ମ୍ୟାନୁଫ୍ୟାକ୍ଚରିଂ, ରିଟେଲ, ଟ୍ରାନ୍ସପୋର୍ଟ ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ଏହାର ପ୍ରଭାବ ସବୁଠାରୁ ଅଧିକ। ମିଟ୍ ଏବଂ ବୋଷ୍ଟନ୍ ୟୁନିଭର୍ସିଟିର ରିପୋର୍ଟ ଅନୁଯାୟୀ, ୨୦୨୬ ଶେଷ ସୁଦ୍ଧା ମ୍ୟାନୁଫ୍ୟାକ୍ଚରିଂରେ ପ୍ରାୟ ଦୁଇ ନିୟୁତ ଚାକିରି ଏଆଇ ଦ୍ୱାରା ପ୍ରଭାବିତ ହୋଇପାରେ। କଷ୍ଟମର୍ ସର୍ଭିସ୍, ଅଫିସ୍ ସପୋର୍ଟ ଏବଂ ମିଡିଆ କ୍ଷେତ୍ରରେ ମଧ୍ୟ ଏଆଇ ଟୁଲ୍ସ ଯେପରି ଚାଟ୍‌ଜିପିଟି ଏବଂ ଜେନେରେଟିଭ୍ ଏଆଇ ମାନବ କର୍ମଚାରୀଙ୍କ ସ୍ଥାନ ନେଉଛି। ଉନ୍ନତ ଦେଶଗୁଡ଼ିକରେ ପ୍ରାୟ ୬୦% ଚାକିରି ଏଆଇ ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହା ଫଳରେ ମଧ୍ୟବର୍ଗୀୟ ଚାକିରି ହ୍ରାସ ପାଇ ଅର୍ଥନୈତିକ ଅସମାନତା ବଢ଼ୁଛି, ଯାହାକୁ ଅର୍ଥନୀତିଜ୍ଞମାନେ 'ଏମ୍-ସେପ୍ଡ଼ ଇକୋନୋମି' କହୁଛନ୍ତି। ଉପର ଏବଂ ତଳ ସ୍ତର ଧନୀ ହେଉଛି, ମଝି ସ୍ତର ଖାଲି ହେଉଛି।

ସ୍ୱାସ୍ଥ୍ୟ କ୍ଷେତ୍ରରେ ଏଆଇର ଦ୍ୱିମୁଖୀ ପ୍ରଭାବ ଦେଖାଯାଉଛି। ଏକ ପଟେ ଏହା ରୋଗ ନିର୍ଣ୍ଣୟ, ଔଷଧ ଆବିଷ୍କାର ଏବଂ ବ୍ୟକ୍ତିଗତ ଚିକିତ୍ସାରେ ବିପ୍ଳବ ଆଣୁଛି। ଅନ୍ୟପଟେ ଏହାର ଭୟ ମଧ୍ୟ କମ୍ ନୁହେଁ। ଏଆଇ ମଡେଲ୍‌ର ପକ୍ଷପାତ, ହ୍ୟାଲୁସିନେସନ୍ (ମିଥ୍ୟା ତଥ୍ୟ ପ୍ରଦାନ) ଏବଂ ଡାଟା ପ୍ରାଇଭେସି ଉଲ୍ଲଙ୍ଘନ ରୋଗୀଙ୍କ ଜୀବନକୁ ବିପନ୍ନ କରିପାରେ। ସାଇବର୍ ଆକ୍ରମଣକାରୀମାନେ ଏଆଇ ବ୍ୟବହାର କରି ଫିସିଙ୍ଗ୍, ଡିପ୍‌ଫେକ୍ ଏବଂ ରାନ୍ସମ୍‌ୱେର୍ ଆକ୍ରମଣ କରୁଛନ୍ତି, ଯାହା ହସ୍ପିଟାଲ୍ ରେକର୍ଡ ଏବଂ ରୋଗୀ ଡାଟାକୁ ବିପଦରେ ପକାଉଛି। ଯଦି ଏଆଇ କୌଣସି ଭୁଲ୍




ନିଷ୍ପତ୍ତି ନିଏ, ତେବେ ହଜାର ହଜାର ରୋଗୀ ପ୍ରଭାବିତ ହୋଇପାରନ୍ତି। ଏହା ସହିତ ଡାକ୍ତରଙ୍କ ଦାୟିତ୍ୱ ଏବଂ ମାଲପ୍ରାକ୍ଟିସର ଲିଗାଲ୍ ରିସ୍କ୍ ମଧ୍ୟ ବଢ଼ୁଛି।

ଶିକ୍ଷା କ୍ଷେତ୍ରରେ ଏଆଇ ବ୍ୟକ୍ତିଗତ ଶିକ୍ଷଣ ପ୍ରଣାଳୀ ଆଣୁଛି, କିନ୍ତୁ ଏହା ଛାତ୍ରଙ୍କ ସର୍ଜନାତ୍ମକତା ଏବଂ ଚିନ୍ତନ କ୍ଷମତାକୁ ହ୍ରାସ କରୁଛି। ଲେଖା, ଗଣନା ଏବଂ ଗବେଷଣାରେ ଏଆଇର ଅତ୍ୟଧିକ ନିର୍ଭରତା ଶିକ୍ଷାର ମୂଳ ଉଦ୍ଦେଶ୍ୟକୁ ପ୍ରଶ୍ନ କରୁଛି। ଅର୍ଥନୈତିକ କ୍ଷେତ୍ରରେ ଏଆଇ ଫାଇନାନ୍ସ, ଷ୍ଟକ୍ ମାର୍କେଟ୍ ଏବଂ ରିସ୍କ୍ ମ୍ୟାନେଜମେଣ୍ଟରେ ବ୍ୟବହୃତ ହେଉଛି, କିନ୍ତୁ ଏହାର ଭୁଲ୍ ଆଲ୍‌ଗୋରିଦମ୍ ବଜାରରେ ବିପର୍ଯ୍ୟୟ ଘଟାଇପାରେ। ପ୍ରତିରକ୍ଷା କ୍ଷେତ୍ରରେ ଅଟୋନୋମସ୍ ୱେପନ ଏବଂ ସାଇବର୍ ୱାରଫେୟାର ଏଆଇ ଦ୍ୱାରା ନିୟନ୍ତ୍ରିତ ହେବା ସହ ନୂତନ ଭୟ ସୃଷ୍ଟି କରୁଛି, ଯେଉଁଥିରେ ମାନବ ନିୟନ୍ତ୍ରଣ ହ୍ରାସ ପାଉଛି।

ଏଆଇର ଅନ୍ୟ ଏକ ବଡ଼ ଭୟ ହେଉଛି ଡିସ୍‌ଇନ୍‌ଫର୍ମେସନ୍ ଏବଂ ଡିପ୍‌ଫେକ୍। ଏହା ନିର୍ବାଚନ, ସାମାଜିକ ସ୍ଥିରତା ଏବଂ ଗଣତନ୍ତ୍ରକୁ ବିପନ୍ନ କରୁଛି। ପ୍ରାଇଭେସି ହ୍ରାସ, ବାୟାସ୍ ଏବଂ ସିଷ୍ଟେମିକ୍ ରିସ୍କ ମଧ୍ୟ ଏଆଇର ଅନ୍ଧକାର ଏକ ପାର୍ଶ୍ୱ। ଆନ୍ତର୍ଜାତିକ ଏଆଇ ସେଫ୍ଟି ରିପୋର୍ଟ ଏହି ରିସ୍କଗୁଡ଼ିକୁ ମାଲିସିଅସ୍ ୟୁଜ୍, ମାଲଫଙ୍କ୍ସନ୍ ଏବଂ ସିଷ୍ଟେମିକ୍ ରିସ୍କ୍ ଭାବେ ବର୍ଗୀକରଣ କରିଛି। ତଥାପି, ଏଆଇକୁ ପୂର୍ଣ୍ଣରୂପେ ବିରୋଧ କରିବା ସମ୍ଭବ ନୁହେଁ। ଏହା ଉତ୍ପାଦକତା ବଢ଼ାଇ, ନୂତନ ଚାକିରି ସୃଷ୍ଟି କରି ଏବଂ ଜଟିଳ ସମସ୍ୟାର ସମାଧାନ କରି ମାନବଜାତିକୁ ଆଗକୁ ବଢ଼ାଇପାରେ। କିନ୍ତୁ ଏହାର ଭୟକୁ ନିୟନ୍ତ୍ରଣ କରିବା ଆବଶ୍ୟକ। ସରକାର, କମ୍ପାନୀ ଏବଂ ଆନ୍ତର୍ଜାତିକ ସଂସ୍ଥାଗୁଡ଼ିକୁ ଏଆଇ ଗଭର୍ନାନ୍ସ, ନୈତିକ ନିୟମ, ଡାଟା ସୁରକ୍ଷା ଏବଂ ରିସ୍କ ମ୍ୟାନେଜମେଣ୍ଟ ପାଇଁ ଶକ୍ତିଶାଳୀ ନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ଶିକ୍ଷା ଏବଂ ରିସ୍କ ଲିଙ୍ଗଡ଼ ପ୍ରୋଗ୍ରାମ ମାଧ୍ୟମରେ କର୍ମଚାରୀଙ୍କୁ ଏଆଇ-ସହଯୋଗୀ କର୍ମକୁ ପ୍ରସ୍ତୁତ କରିବା ଜରୁରୀ। ଭାରତ ପରି ଦେଶରେ, ଯେଉଁଠାରେ ଯୁବକ ଜନସଂଖ୍ୟା ଅଧିକ, ଏଆଇ ଦକ୍ଷତା ବିକାଶ ଏବଂ ନୈତିକ ବ୍ୟବହାର ଉପରେ ଜୋର ଦେବା ଦରକାର। ଏଆଇ ହେଉଛି ଏକ ଦ୍ୱାର, ଯାହା ଉଭୟ ସ୍ୱର୍ଗ ଓ ନର୍କକୁ ସଂଯୋଗ କରୁଛି। ଏହାକୁ ମାନବ କଲ୍ୟାଣ ପାଇଁ ବ୍ୟବହାର କରିବା ଆମର ଦାୟିତ୍ୱ। ଯଦି ଆମେ ଏହାର ଭୟକୁ ଉପେକ୍ଷା କରିବୁ, ତେବେ ଏହା ଅର୍ଥନୈତିକ ଅସ୍ଥିରତା, ସାମାଜିକ ଅସମାନତା ଏବଂ ନୈତିକ ସଙ୍କଟ ସୃଷ୍ଟି କରିବ।

# ଟ୍ରମ୍ପ୍ କାହିଁକି ବାରମ୍ବାର ଆକ୍ରମଣର ସମ୍ମୁଖୀନ ହେଉଛନ୍ତି?

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା



ଡୋନାଲ୍ଡ ଟ୍ରମ୍ପ ଆମେରିକୀୟ ରାଜନୀତିରେ ଜଣେ ଅତ୍ୟନ୍ତ ବିବାଦୀୟ ଏବଂ ବିବାଦୀୟ ନେତା। ୨୦୧୬ ମସିହାରେ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ, ସେ ବିଶ୍ୱସ୍ତରୀୟ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ତାଙ୍କର ରାଜନୈତିକ ଶୈଳୀ, ନୀତି ଏବଂ ବ୍ୟକ୍ତିଗତ ମତାମତ ତାଙ୍କୁ ଲୋକପ୍ରିୟ କରିଥିଲା, କିନ୍ତୁ ତାଙ୍କ ବିରୁଦ୍ଧରେ ତୀବ୍ର ଆକ୍ରମଣ ଏବଂ ବିରୋଧକୁ ମଧ୍ୟ ପ୍ରୋତ୍ସାହିତ କରିଥିଲା। ଟ୍ରମ୍ପଙ୍କ ରାଜନୈତିକ ଶୈଳୀ ଅନ୍ୟ ନେତାମାନଙ୍କଠାରୁ ବହୁତ ଭିନ୍ନ। ସେ ସିଧାସଳଖ ଅତ୍ୟଧିକ ଅନାବଶ୍ୟକ ଭାଷଣ ଦିଅନ୍ତି ଏବଂ କେତେକ ସମୟରେ କଠୋର ଭାବରେ ସମାଲୋଚନା କରି ଆଗକୁ ପଛକୁ ବିଚାର ନ କରି କଥା ହୁଅନ୍ତି। ସେ ଗଣମାଧ୍ୟମ ଏବଂ ବିରୋଧୀଙ୍କ ସହିତ ଖୋଲାଖୋଲି କଥା ହୁଅନ୍ତି। ଏହା ତାଙ୍କ ସମର୍ଥକମାନଙ୍କୁ ଖୁସି କରେ, କିନ୍ତୁ ତାଙ୍କ ବିରୋଧୀମାନଙ୍କୁ କ୍ରୋଧିତ କରେ। ଏହା ତାଙ୍କ ବିରୁଦ୍ଧରେ ମାନସିକ ଏବଂ ରାଜନୈତିକ ଆକ୍ରମଣ ବୃଦ୍ଧି କରାଏ। ଆମେରିକୀୟ ରାଜନୀତି ଦୁଇ ଭାଗରେ ବିଭକ୍ତ। ପ୍ରଥମ ଶକ୍ତିଶାଳୀ ଟ୍ରମ୍ପଙ୍କ ସମର୍ଥକ ଗୋଷ୍ଠୀ ଏବଂ ଘୃଣା କରୁଥିବା ବିରୋଧୀଙ୍କ ଗୋଷ୍ଠୀ। ଏହି ଦୁଇଟି ସ୍ୱତନ୍ତ୍ର ଶିବିରରେ ବିଭକ୍ତ। ସମର୍ଥକମାନେ ତାଙ୍କୁ ଜଣେ ଦେଶପ୍ରେମୀ ଏବଂ ଦୃଢ଼ ନେତା ଭାବରେ ଦେଖନ୍ତି, ଯେତେବେଳେ ବିରୋଧୀମାନେ ତାଙ୍କୁ ଏକ ବିଭାଜନକାରୀ ବ୍ୟକ୍ତିତ୍ୱ ଭାବରେ ଦେଖନ୍ତି। ଏହି ଭିନ୍ନ ମତାମତ ଦୃଢ଼ ଭାବନା ସୃଷ୍ଟି କରେ ଏବଂ ଉଭୟ ପକ୍ଷରେ ଶତ୍ରୁତାକୁ ପ୍ରୋତ୍ସାହିତ କରେ। ଟ୍ରମ୍ପଙ୍କ କିଛି ନୀତି ଏବଂ ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ ବିବାଦ ସୃଷ୍ଟି କରିଛି। ଯେପରିକି ପ୍ରବାସ ନୀତି, ମେକ୍ସିକୋ ସୀମାରେ ପ୍ରାଚୀର ନିର୍ମାଣ ଏବଂ କିଛି ନିର୍ଦ୍ଦିଷ୍ଟ ଦେଶର ଲୋକଙ୍କୁ ଆମେରିକା ଆଗମନ କୁ ନିଷିଦ୍ଧ କରିବା। ଏହି ସମସ୍ତ ନୀତି କିଛି ଲୋକଙ୍କଠାରୁ ସମର୍ଥନ ପାଇଥିଲା ବେଳେ ଅନେକଙ୍କୁ ମଧ୍ୟ କ୍ରୋଧିତ କରିଛି। ଏଥିରେ ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଟ୍ରମ୍ପ ନିଜେ ସାମାଜିକ ଗଣମାଧ୍ୟମରେ ବହୁତ ସକ୍ରିୟ ଏବଂ ସିଧାସଳଖ ତାଙ୍କର ମତାମତ ଜନସାଧାରଣଙ୍କ ନିକଟରେ ପହଞ୍ଚାଉଛନ୍ତି। ଏହି କାରଣରୁ, ସେ ଯାହା କୁହନ୍ତି ତାହା ଦ୍ରୁତ ଗତିରେ ବ୍ୟାପିଥାଏ। କେତେକ ସମୟରେ ଭୁଲ ସୂଚନା ଏବଂ ଅତିରଞ୍ଜିତ ଖବର ମଧ୍ୟ ପ୍ରସାରିତ ହୁଏ, ଯାହା କ୍ରୋଧ ଏବଂ ଦ୍ୱନ୍ଦ୍ୱକୁ ପ୍ରଶ୍ରୟ ଦିଏ। ଟ୍ରମ୍ପଙ୍କ ବିରୁଦ୍ଧରେ ଆଇନଗତ ତଦନ୍ତ ଏବଂ ମାମଲା ମଧ୍ୟ ତାଙ୍କୁ ଚର୍ଚ୍ଚାକୁ ଆଣିଥାଏ। ଏହି ସମସ୍ତ ଘଟଣା ତାଙ୍କ ବିରୋଧୀମାନଙ୍କୁ ଶକ୍ତିଶାଳୀ କରିଥାଏ ଏବଂ ତାଙ୍କ ଉପରେ ଆକ୍ରମଣ ବୃଦ୍ଧି ହେବାର ମାର୍ଗ ଖୋଲିଥାଏ। ଟ୍ରମ୍ପଙ୍କ ବ୍ୟକ୍ତିଗତ ପ୍ରତିଛବି ମଧ୍ୟ ଏକ କାରଣ ହୋଇପାରେ। କାରଣ ସେ ଜଣେ ଧନୀ ବ୍ୟବସାୟୀ ଏବଂ ଟିଭି ବ୍ୟକ୍ତିତ୍ୱ, କିଛି ଲୋକ ତାଙ୍କୁ ଅହଂକାରୀ ଭାବରେ ମଧ୍ୟ ଦେଖନ୍ତି। ଏହି ଧାରଣା ତାଙ୍କ ଶତ୍ରୁମାନଙ୍କଠାରୁ ମଧ୍ୟ ବିରୋଧ ବୃଦ୍ଧି କରେ ଓ ଆକ୍ରମଣର ଆଶଙ୍କାକୁ ପ୍ରୋତ୍ସାହନ ଦେଇଥାଏ। ଡୋନାଲ୍ଡ ଟ୍ରମ୍ପ ଆମେରିକାର ୪୫ତମ ରାଷ୍ଟ୍ରପତି ହେବା ପରଠାରୁ, ସେ ନିରନ୍ତର ଆଲୋଚନା, ବିବାଦ, ପ୍ରତିବାଦ ଏବଂ କେତେକ ସମୟରେ ଆକ୍ରମଣର କେନ୍ଦ୍ରବିନ୍ଦୁ ହୋଇଛନ୍ତି। ବାରମ୍ବାର ଆକ୍ରମଣର ଯାହାକୁ କେବଳ ଶାରୀରିକ ଆକ୍ରମଣ ନୁହେଁ, ବରଂ ରାଜନୈତିକ ଆକ୍ରମଣ, ମାନସିକ ଆକ୍ରମଣ, ଆଲୋଚନା, ପ୍ରତିବାଦ ଏବଂ ସାମାଜିକ ପ୍ରତିକ୍ରିୟା ଗୁଡିକ ମଧ୍ୟ ଅନ୍ତର୍ଭୁକ୍ତ। ଏହି ବିଷୟକୁ ଗଭୀର ଭାବରେ ବୁଝିବା ପାଇଁ ଟ୍ରମ୍ପଙ୍କ ବ୍ୟକ୍ତିତ୍ୱ, ତାଙ୍କ ରାଜନୈତିକ ଶୈଳୀ, ଆମେରିକାର ସାମାଜିକ ପରିସ୍ଥିତି, ଗଣମାଧ୍ୟମର ଭୂମିକା ଏବଂ ଜନସାଧାରଣଙ୍କ ମାନସିକତାକୁ ବିସ୍ତୃତ ଭାବରେ ବିଶ୍ଳେଷଣ କରିବାକୁ ପଡିବ। ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ ଜଣେ ସଫଳ ବ୍ୟବସାୟୀ ଏବଂ ଟେଲିଭିଜନ ବ୍ୟକ୍ତିତ୍ୱ ଥିଲେ। ସେ ରିଅଲ୍ ଇଷ୍ଟେଟ୍ ବ୍ୟବସାୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କର ଟେଲିଭିଜନ କାର୍ଯ୍ୟକ୍ରମ "ଦି ଆପ୍ରେଣ୍ଟିସ୍" ତାଙ୍କୁ ଆମେରିକାରେ ଘରେ ଘରେ ପରିଚିତ କରାଇଥିଲା। ଏହି ଖ୍ୟାତି ଏବଂ ବ୍ୟବସାୟିକ ପ୍ରତିଛବି ତାଙ୍କୁ ରାଜନୀତିରେ ପ୍ରବେଶ କରିବାରେ ସାହାଯ୍ୟ ମଧ୍ୟ କରିଥିଲା। ତଥାପି, ସେ ଜଣେ ପାରମ୍ପରିକ ରାଜନେତା ନୁହଁନ୍ତି। ଏହି ଶୈଳୀ ଅନ୍ୟମାନଙ୍କଠାରୁ ଭିନ୍ନ ଥିଲା, ଯାହା ଲୋକଙ୍କ ମନରେ ଦୁଇ ପ୍ରକାରର ଭାବନା ଜାଗ୍ରତ କରିଥିଲା। ପ୍ରଥମ ହେଉଛି ସମର୍ଥନ ଏବଂ ଦିତୀୟ ହେଉଛି ତୀବ୍ର ବିରୋଧ। ଟ୍ରମ୍ପଙ୍କ ସବୁଠାରୁ ସ୍ୱତନ୍ତ୍ର ଗୁଣ ହେଉଛି ତାଙ୍କର ରୋକଠୋକ ନିର୍ଭୀକ ସିଧାସଳଖ କଥା ଅନ୍ୟକୁ କଟୁ କଠୋର ଭାଷା ପ୍ରୟୋଗ। ସେ ପ୍ରାୟତଃ ସାମାଜିକ ଏବଂ ରାଜନୈତିକ ସମ୍ବେଦନଶୀଳ ପ୍ରସଙ୍ଗରେ ଖୋଲାଖୋଲି ଭାବରେ କଥା ହୁଅନ୍ତି। ଏହାର ଦୁଇଟି ପ୍ରଭାବ ପଡ଼ିଥାଏ। ଗୋଟିଏ ପଟେ, ସମର୍ଥକମାନେ ତାଙ୍କୁ ଜଣେ ସତ୍ୟ ଏବଂ ନିର୍ଭୀକ ନେତା ବୋଲି ମାନିଥାନ୍ତି, ଅନ୍ୟପଟେ ବିରୋଧୀମାନେ ତାଙ୍କୁ ଅସମ୍ବେଦନଶୀଳ ଏବଂ ବିଭାଜନକାରୀ ବୋଲି ମଧ୍ୟ ମାନିଥାନ୍ତି। ତାଙ୍କ ରାଷ୍ଟ୍ରପତିତ୍ୱ ସମୟରେ ଟ୍ରମ୍ପଙ୍କ ଅନେକ ନୀତି ବିବାଦୀୟ ହୋଇଛି। ଉଦାହରଣ ସ୍ୱରୂପ, ମେକ୍ସିକୋ ସୀମାରେ ପ୍ରାଚୀର ନିର୍ମାଣ ଏବଂ କଠୋର ପ୍ରବାସ ନୀତି ଅନେକଙ୍କୁ କ୍ରୋଧିତ କରିଛି। କିଛି ମୁସଲିମ ଦେଶରୁ ପ୍ରବେଶ ନିଷେଧ ବିଶ୍ୱବ୍ୟାପୀ ବିତର୍କ ସୃଷ୍ଟି କରିଛି। ଆମେରିକା ଫାଷ୍ଟ ନୀତି ଘରୋଇ ଅର୍ଥନୀତିକୁ ଲାଭ ଦେଇଛି, କିନ୍ତୁ ଅନ୍ତର୍ଜାତୀୟ ସମ୍ପର୍କକୁ ପ୍ରଭାବିତ କରିଛି। ଏହି ସମସ୍ତ ନୀତି ଟ୍ରମ୍ପ ବିରୋଧୀ ଭାବନାକୁ ପ୍ରୋତ୍ସାହିତ କରିଛି। ଟ୍ରମ୍ପ ଜଣେ ଗର୍ବି ଅହଙ୍କାରୀ ବ୍ୟକ୍ତିତ୍ୱ କହିଲେ ଅତ୍ୟୁକ୍ତି ହେବନାହିଁ। ସେ ସଦା ନିଜେ ନ କରିଥିବା କାର୍ଯ୍ୟର ପ୍ରସଂଶା ନେବାକୁ ଚାହାନ୍ତି, ଯାହା ଅନ୍ୟମାନଙ୍କ ଦ୍ୱାରା ସମାଲୋଚନାର ପାତ୍ର ହୋଇଥାଏ। ଡୋନାଲ୍ଡ ଟ୍ରମ୍ପ ଏବଂ ଗଣମାଧ୍ୟମ ମଧ୍ୟରେ ସମ୍ପର୍କ ସର୍ବଦା ବିବାଦୀୟ ରହିଛି।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ୍:୮୨୪୯୫୦୨୭୭୬

# ପ୍ରକୃତି ସୁରକ୍ଷାରେ ଆଦିବାସୀ



ଦଶରଥ ହେମ୍ବ୍ରମ୍



ପ୍ରକୃତି କୋଳରେ ଜନ୍ମଲାଭ କରି ଘରଦ୍ୱାର କରି ରହିବା ଏବଂ ଗାଁ ଗଢ଼ି ସଭ୍ୟତା ଆରମ୍ଭ କରିଥିବା ପ୍ରଥମ ଅଧିବାସୀ ହେଉଛନ୍ତି ଆଦିବାସୀ। ହୋ ରୁ ଆରମ୍ଭ କରି ମୁଣ୍ଡା, ସାନ୍ତାଳ, ଶବର, କନ୍ଧ, ମାହାଲୀ, ବିରହଲ, ଓରାମ, କୋଲ୍ହ ପ୍ରଭୃତି ଆଦିବାସୀ ଶ୍ରେଣୀର ଲୋକମାନେ ଏଠାରେ ବସବାସ କରନ୍ତି। ମୁଖ୍ୟ ଚାଷ ଧାନ ସହିତ ଆଶୁ, ବାଜରା (ଝାଞ୍ଜଳା), ଗୁନ୍ଦୁଲି, ମାଣ୍ଡିଆ, ମକା, ରାଶି, କୋଳଥ, ହରଡ଼, ବିରି, ମୁଗ, ହଳଦି, ସୋରିଷ, ଅଦା ଆଦି ଚାଷ କରନ୍ତି। ତା' ସହିତ ଗାଈ-ବଳଦ, ମଇଁଷି, ମେଣ୍ଢା, ଛେଳି, ଘୁଷୁରି, କୁକୁଡ଼ା, ବତକ ଓ ପାରା ମଧ୍ୟ ଘରେ ଚାଷ କରନ୍ତି। ଚାଷବାସ କାର୍ଯ୍ୟରେ ଗାଈ-ବଳଦ ଓ ମଇଁଷିମାନଙ୍କୁ ବ୍ୟବହାର କରାଯାଏ। ପ୍ରଥା ଓ ପରମ୍ପରା ଅନୁସାରେ ଆଦିବାସୀମାନେ ଜଙ୍ଗଲରୁ ଶିକାର କରନ୍ତି। ବାରହା (ବଣ ଘୁଷୁରି), କୁଟୁରା, ଠେକୁଆ, କଟାଶ, ନେଉଳ, ମୂଷା, ପକ୍ଷୀ ଶିକାର କରି ଘରକୁ ଫେରନ୍ତି। ସେମାନଙ୍କ ବିଶ୍ୱାସ ରହିଛି ଯେ, ଶିକାରୀଙ୍କ ଧନୁତୀରରେ ପଶୁପକ୍ଷୀ ଶିକାର ହୋଇ ରକ୍ତ ମାଟିରେ ପଡ଼ିଲେ ସେହି ବର୍ଷ ଶୁଭଦାୟକ ଏବଂ ଭଲ ବୃଷ୍ଟିପାତ ହୁଏ। କିନ୍ତୁ ଜଙ୍ଗଲକୁ ଶିକାର କରିବା ପୂର୍ବରୁ ଜଙ୍ଗଲ ଦେବତାଙ୍କୁ ଆରାଧନା କରିଥାନ୍ତି, ହିଂସ୍ର ବନ୍ୟଜନ୍ତୁ କବଳରୁ ରକ୍ଷା ପାଇବା ପାଇଁ ବିରବଙ୍ଗା (ଜଙ୍ଗଲ ଦେବତା)ଙ୍କ ପାଖରେ ପ୍ରାଥନା କରି ସମର୍ପଣ ହୁଅନ୍ତି। ନଈ, ନାଳ, ଝରଣା ଓ ପୋଖରୀରେ ମାଛ ଧରିବା ସେମାନଙ୍କ ଏକ ପ୍ରକାର ନିଆରା ପରମ୍ପରା ରହିଛି। ତେଣୁ ପ୍ରକୃତି ଓ ଆଦିବାସୀ ମଧ୍ୟରେ ଥିବା ସମ୍ପର୍କ ସଭ୍ୟତା ଆରମ୍ଭରୁ ରହିଛି, ଏଥିରେ କୌଣସି ଦ୍ୱିମତ ହେବାର ପ୍ରଶ୍ନ ହିଁ ନାହିଁ।

ଆଦିବାସୀମାନେ ହେଉଛନ୍ତି ପ୍ରକୃତିର ସନ୍ତାନ। ପ୍ରକୃତିକୁ ପିତା ଓ ମାତା ଭଳି ମାନନ୍ତି। ସୁରକ୍ଷା ଦିଅନ୍ତି ଏବଂ ପୂଜାପାର୍ବଣରେ ପ୍ରକୃତିକୁ ପୂଜା କରନ୍ତି। ଜନଜୀବନରେ ସେମାନଙ୍କର ଯେତିକି ଆବଶ୍ୟକତା ରହିଥାଏ, ତାହା ପ୍ରକୃତି ଉପରେ ହିଁ ନିର୍ଭର କରି ଗୁଜୁରାଣ ମେଣ୍ଟାଇଥାନ୍ତି। ଖାଲି ସେତିକି ନୁହଁ, ପ୍ରକୃତି ସହିତ ରହିଛି ସେମାନଙ୍କର କଳା, ଭାସ୍କର୍ଯ୍ୟ, ସଂସ୍କୃତି, ଐତିହ୍ୟ, ପ୍ରଥା-ପରମ୍ପରା, ରୀତିନୀତି, ପ୍ରଚଳିତ ସାମାଜିକ ବ୍ୟବସ୍ଥା ଓ ଇତିହାସ, ଯାହା ଆଦିବାସୀଙ୍କ ଜୀବନ ବା କଲିଜା କୁହାଯାଏ। ଏସବୁ ଛାଡ଼ି ଆଦିବାସୀମାନେ କେବେ ଏକା ବଞ୍ଚି ପାରନ୍ତି ନାହିଁ, ଯଦିବି ଏସବୁ ଛାଡ଼ି ଯେଉଁମାନେ ବଞ୍ଚୁଛନ୍ତି ସେମାନଙ୍କ କିଛି ନା କିଛି ନିଜ ନିଜର ସ୍ୱାର୍ଥରେ ବୁଡ଼ି ରହନ୍ତି ଅର୍ଥାତ ଲୋଭ-ଲାଳସାରେ ବଶବର୍ତ୍ତୀ ହୋଇ ନିଜ ସଂସ୍କୃତି, ପରମ୍ପରା ଓ ସାମାଜିକ ବ୍ୟବସ୍ଥାଠାରୁ ଦୂରେଇ ଯାଆନ୍ତି ଏବଂ ଆଦିବାସୀର ପରିଚୟ ଓ ଅସ୍ମିତା ଧ୍ୱଂସ ଆଡ଼କୁ ଠେଲି ଦିଅନ୍ତି।

ଆଦିବାସୀମାନେ କୁହନ୍ତି 'ପ୍ରକୃତି ହେଉଛି ଆମର ଦେବତା'। ଆମେ ଏହାର ସୁରକ୍ଷା କରୁଛୁ, ଏଠି ଟଙ୍କା ପାଇଁ ନୁହେଁ, ବରଂ ଆମର ସାମାଜିକ, ସଂସ୍କୃତି, ପରମ୍ପରା ଓ ସହାବସ୍ଥାନ ପାଇଁ। ପୁଣି ସେମାନଙ୍କ ଉକ୍ତିରୁ ଜଣାଯାଏ 'ଯଦି ପ୍ରକୃତି ସଂରକ୍ଷଣ ହୋଇ ରହିବ, ତେବେ ଆମେ ମଧ୍ୟ ସୁରକ୍ଷିତ ହୋଇ ବଞ୍ଚିବୁ। ଯଦି ଆମେ ବଞ୍ଚିବୁ, ତେବେ ପ୍ରକୃତି ମଧ୍ୟ ହସିବ, ବଢ଼ିବ ଏବଂ ସୁନ୍ଦର ସୁସ୍ଥ ପରିବେଶ ସୃଷ୍ଟି କରିବ'। ଏସବୁ ଅର୍ଥରୁ ସ୍ପଷ୍ଟ କରେ ଯେ, ପ୍ରକୃତରେ ପ୍ରକୃତିକୁ ସୁରକ୍ଷା ଦେବାରେ ଆଦିବାସୀ ହିଁ ସର୍ବାଗ୍ରେ। ଆହୁରି ଆମକୁ ମନେ ପକାଇ ଦିଏ ଯେ, ବୈଦେଶିକ କବଳରୁ ପ୍ରକୃତିକୁ ରକ୍ଷା କରବା ପାଇଁ ଆଦିବାସୀମାନେ ପ୍ରଥମ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ଉଠାଇଥିଲେ ଏବଂ ବାହ୍ୟଶତ୍ରୁ ସହିତ ଲଢ଼େଇ କରି ପ୍ରକୃତିକୁ ସୁରକ୍ଷା ଦେଇଥିଲେ। ଦୁଃଖର ବିଷୟ ଏୟା ଯେ, ଅନେକ ଆଦିବାସୀ ଯୋଦ୍ଧା ଏ ମାଟି-ପାଣି-ଜଙ୍ଗଲ ପାଇଁ ସହିଦ ହୋଇଛନ୍ତି କିନ୍ତୁ ବିଦେଶୀମାନଙ୍କ ଆଗରେ କେବେ ମୁଣ୍ଡ ନୁଆଇ ନଥିଲେ କିମ୍ବା ଗୁଲାମଗିରି କରିନଥିଲେ। ଏଥିପାଇଁ ତ କୁହାଯାଏ 'ପ୍ରକୃତିର ପ୍ରକୃତ ବନ୍ଧୁ ହିଁ ଆଦିବାସୀ'। ସେମାନେ ପ୍ରକୃତି ସହିତ ଏତେ ନିବିଡ଼ ଯେ ଏସବୁ ଛାଡ଼ି ପାରିବେ ବା କେମିତି? ଦେଶ ସ୍ୱାଧୀନ ହେବାର ଅନେକ ବର୍ଷ ବିତିଗଲାଣି, ତଥାପି ଆଦିବାସୀମାନେ ପ୍ରକୃତି କୋଳରେ ରହି ହସଖୁସିରେ ଜୀବନ ବିତାଉଛନ୍ତି। ବିଜ୍ଞାନର ଜୟଯାତ୍ରା ଯୋଗୁଁ ମଣିଷ ଚନ୍ଦ୍ରପୃଷ୍ଠରେ ପହଞ୍ଚି ମଙ୍ଗଳ ଗ୍ରହରେ ଘର କରିବାକୁ ସ୍ୱପ୍ନ ଦେଖିଲାଣି। ରାଜନୈତିକ, ଅର୍ଥନୈତିକ କ୍ଷେତ୍ରରେ ବର୍ତ୍ତମାନ ରାଷ୍ଟ୍ର ଅଗ୍ରଗତି କରିଚାଲିଛି। ଶିକ୍ଷା-ଦୀକ୍ଷାରେ ଅନ୍ୟ ବର୍ଗର ଲୋକମାନେ ଆଗକୁ ଯାଇ ବିଶ୍ୱକୁ ନିଜ ହାତର ନିୟନ୍ତ୍ରଣ ରଖିଛନ୍ତି। ସମୟ ସହ ପରିବେଶ ବଦଳିଛି ଏବଂ ମଣିଷ ମଧ୍ୟ ବଦଳି ଯାଇଛି ବୋଲି ଭାବିବା ଉଚିତ। ହେଲେ ବଦଳି ନାହାନ୍ତି ସେଇ ଆଦିବାସୀମାନେ। ସେମାନେ ଭୁଲି ନାହାନ୍ତି ଜୀବନ ଜୀବିକା ଆଉ ସଂସ୍କୃତିକୁ, ସଭ୍ୟତା ଆରମ୍ଭରୁ ଯେମିତି ଥିଲେ ଆଜି ମଧ୍ୟ ଠିକ୍ ସେମିତି ଅଛନ୍ତି। ପ୍ରତିଦିନ ସହରୀ ଲୋକଙ୍କ ସହିତ ଦେଖା-ସାକ୍ଷାତ, କଥାବାର୍ତ୍ତା ଓ ଉତ୍ତମ ସମ୍ପର୍କ ମଧ୍ୟ ରହୁଛି। ତଥାପି ସେମାନେ ଶାଗ, ପଖାଳ ଖାଇବାକୁ ଭଲ ପାଇବା ଆଉ ନୃତ୍ୟଗୀତ କରି ଜୀବନକୁ ହସ-ଉଲ୍ଲାସରେ ଅତିବାହିତ କରିବା ଏକ ପ୍ରକାର ଅନନ୍ୟ ପରମ୍ପରା କିନ୍ତୁ ଭବିଷ୍ୟତକୁ ପ୍ରାଧାନ୍ୟ କାହିଁକି ଦିଅନ୍ତି ନାହିଁ, ସେଇ କଥା ସେମାନେ ହିଁ ଜାଣିଛନ୍ତି। ଯାହାବି ହେଉ ଆଜି ଦେଶରେ ଆଦିବାସୀ ଅଛନ୍ତି ବୋଲି ଶୋଭାମୟ ପ୍ରକୃତି ସୁସଜ୍ଜିତ ହୋଇ ରହିଛି।

ସାମ୍ପ୍ରତିକ ପରିସ୍ଥିତିରେ ଲୋକମାନେ ଅଧିକ ରୋଜଗାର ପାଇଁ ଗାଁ ଛାଡ଼ି ସହରକୁ ଯାଉଛନ୍ତି। ସେଠାରେ ରହି ମୋଟା ଅଙ୍କର ଟଙ୍କା ରୋଜଗାର କରୁଛନ୍ତି। ସେମାନଙ୍କର ପିଲାଛୁଆଙ୍କୁ ବଡ଼ ବଡ଼ ଚାକିରି ନିଶାରେ ଅଜସ୍ର ପଇସା ଖର୍ଚ୍ଚ କରି ପାଠ ପଢ଼ାଉଛନ୍ତି। ଆଉ ଯୁବପିଢ଼ିମାନେ ଅର୍ଥ ରୋଜଗାର ନିଶାରେ ଅନର୍ଥ ହୋଇ ନିଜକୁ ଭୁଲି ଯାଉଛନ୍ତି, ଦୂରେଇ ଯାଉଛନ୍ତି ନିଜ ସମ୍ପର୍କୀୟଙ୍କଠାରୁ, ଏମିତିକି ନିଜ ଜନ୍ମ ଦେଇଥିବା ପିତା ଓ ମାତାଙ୍କ ଠାରୁ ମଧ୍ୟ। ସେମାନଙ୍କୁ ସମୟ ଦେଇପାରୁ ନାହାନ୍ତି। ପରେ ନିଜ ଭାଗ୍ୟକୁ ଦୋଷ ଦିଆଯାଏ। ହେଲେ ଆଦିବାସୀମାନେ ଏହିପରି ପରିବେଶରୁ ସମ୍ପୂର୍ଣ୍ଣ ଅଲଗା। ସେମାନେ ଗାଁ ବ୍ୟବସ୍ଥା ଅନୁସାରେ ଗାଁ ମୁଖିଆଙ୍କୁ ଏବେବି ସମ୍ମାନ ଦିଅନ୍ତି। ଉଚିତ କଥାରେ ସମର୍ଥନ କରି ତାଙ୍କ କଥାକୁ ମାନି ଚଳନ୍ତି ଆଉ ଆଦର୍ଶ ଗ୍ରାମ ଗଠନ କରିବାର ରାସ୍ତା ଫିଟେ। ସ୍ୱତନ୍ତ୍ର ବ୍ୟବସ୍ଥା ଭିତରେ ଆଦିବାସୀମାନେ ରହିବାକୁ ପସନ୍ଦ କରନ୍ତି କିନ୍ତୁ କାହାରି ଗୋଲାମୀ କାରବାକୁ ନାପସନ୍ଦ କରନ୍ତି। ସ୍ୱାଭିମାନ ସହିତ ବଞ୍ଚିବାକୁ ସେମାନେ ଭଲ ପାଆନ୍ତି। କଷ୍ଟ କରି ରୋଜଗାର କରନ୍ତି, ଯେତିକି ଯାହା ମିଳିଲା ସେଥିରେ ସନ୍ତୁଷ୍ଟ ହୁଅନ୍ତି ଓ ଶାନ୍ତିରେ ରୁହନ୍ତି ନିଜ ପରିବାର ସହିତ, ଯାହା ସାମାଜିକ ବ୍ୟବସ୍ଥା ବିଦିତ। ଧନ-ସମ୍ପତ୍ତିରେ ସେମାନେ ଗରିବ ହୋଇପାରନ୍ତି କିନ୍ତୁ ଆଚରଣ, ଶିଷ୍ଟାଚାର, ସଂସ୍କାର, ନମ୍ର, ସରଳ, ଭଦ୍ର ସ୍ୱଭାବରେ ସେମାନେ ସବୁବେଳେ ଧନୀ। କାହାକୁ କଟାକ୍ଷ କରିବା, ଠକିବା, ମିଛ କହିବା, କଟୁ ସମାଲୋଚନା କରିବା ଭଳି ଆଚରଣ ଓ ଉଚ୍ଚାରଣ ସେମାନଙ୍କ ପାଖରେ ନାହିଁ, ତା'ଠାରୁ ସେମାନେ ଦୂରତା ଅବଲମ୍ବନ କରନ୍ତି। ନିଜର ସ୍ୱତନ୍ତ୍ରତାକୁ ବଜାୟ ରଖି ଆଦିବାସୀମାନେ ସଭ୍ୟତା ଆରମ୍ଭରୁ ମାଟି, ଗଛ, ପଥର, ପାହାଡ଼, ପର୍ବତ, ଝରଣା, ନଦୀ, ସୂର୍ଯ୍ୟ, ଆକାଶ, ଜହ୍ନକୁ ପୂଜା କରନ୍ତି। କାରଣ ମାଟି ମା'ର କୋଳ, ଗଛ, ଜଙ୍ଗଲ, ପାହାଡ଼ ଓ ପର୍ବତରୁ ଖାଦ୍ୟ ସଂଗ୍ରହ, ଝରଣା ଓ ନଦୀରୁ ପାଣି, ସୂର୍ଯ୍ୟ, ଚନ୍ଦ୍ର ଓ ଆକାଶରୁ ଆଲୋକ ପାଇ ବଞ୍ଚିବା ଶିଖନ୍ତି ଓ ପଥରକୁ ସେମାନେ ଦେବତା ମାନନ୍ତି। ଏଥିରୁ ଅନୁମାନ କରିହେବ, ପ୍ରକୃତିକୁ ସୁରକ୍ଷା ଦେବାରେ ଆଦିବାସୀମାନଙ୍କ ଅବଦାନ ଅତୁଳନୀୟ। ଏହା ହିଁ ସେମାନଙ୍କ ସ୍ୱତନ୍ତ୍ର ପରିଚୟ ଆଉ ଆଦିବାସୀ ଅସ୍ମିତା।

ବାଲେଶ୍ୱର, ମୋବାଇଲ୍:୯୩୩୭୪୦୪୨୫୪

# ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ

ଡ. କାଳୀ ପ୍ରସନ୍ନ ଶତପଥି

ଆଧ୍ୟାତ୍ମିକ ଜଗତରେ ବିଶ୍ୱ ଦିବ୍ୟଜୀବନ ସଂଘର ଏକ ଦିବ୍ୟ ତାରକା ଭାବରେ ପରମପୂଜ୍ୟା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ (ଶ୍ରୀମା)ଙ୍କର ଅଲୌକିକ ମହନୀୟ ଚରିତ ଓ ଅନନ୍ୟ ଅବଦାନ ବାସ୍ତବିକ ତାତ୍ପର୍ଯ୍ୟପୂର୍ଣ୍ଣ। ସାହିତ୍ୟ, ସଂସ୍କୃତି, ସ୍ୱାସ୍ଥ୍ୟ ତଥା ସମାଜ ବିକାଶ କ୍ଷେତ୍ରରେ ପ୍ରତ୍ୟେକ୍ଷ ଅଂଶ ଗ୍ରହଣ କରିଥିବା ଶ୍ରୀମା ସାମ୍ପ୍ରତିକ କଳି କଳୁଷିତ ପରିବେଶରେ ସେବା, ତ୍ୟାଗ, ସହୃଦୟ ପ୍ରେମ, ପବିତ୍ରତା, ଧ୍ୟାନ, ଆତ୍ମାନୁଭୂତି ତଥା ଶରଣାଗତି ପ୍ରଭୃତି ଆଧ୍ୟାତ୍ମିକ ଚେତନାଗୁଡ଼ିକୁ ପ୍ରୟୋଗାତ୍ମକ ଶୈଳୀରେ ଓଡ଼ିଶାର ପୁରପଲ୍ଲୀରେ ପ୍ରତ୍ୟେକଙ୍କ ନିକଟରେ ପହଞ୍ଚାଇବାକୁ ମହତ୍ ଲକ୍ଷ୍ୟ ନେଇ ଆଗେଇ ଚାଲିଛନ୍ତି। କିଶୋରୀ ଅବସ୍ଥାରେ ଭୋଗ ବିଳାସର ଆକର୍ଷଣକୁ ପାଦରେ ଏଡ଼ାଇ ଦେଇ ଶାଶ୍ୱତ ସୁଖର ସନ୍ଧାନରେ ଯାଇ ସଫଳତା ଓ ସିଦ୍ଧି ଲାଭ କରିଥିବା ଜଣେ ତେଜସ୍ୱିନୀ ମହୀୟସୀ ମହିଳା ଶ୍ରୀମା ହିମାଳୟରେ କଠୋର ତପ ସାଧନ କରିଥିଲେ। ତାଙ୍କର ଆଦର୍ଶ ଚରିତ୍ର ସମଗ୍ର ମାନବ ସମାଜ ପାଇଁ ପ୍ରେରଣାର ଉତ୍ସ। ଯୁଗପୁରୁଷ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ପରମ ଶିଷ୍ୟା ଭାବରେ ଶ୍ରୀମା ଶାନ୍ତି, ମୈତ୍ରୀ ଓ ସଦଭାବନା ତଥା ଦିବ୍ୟ ଜୀବନ ବାର୍ତ୍ତାବହ ରୂପେ ସର୍ବତ୍ର ପରିଚିତା। ୧୯୬୧ ମସିହା ଅପ୍ରେଲ ୨୪ ତାରିଖ ସୀତା ନବମୀ ତିଥିରେ ପୂତଯଶା ପିତା ଦୁର୍ଯ୍ୟୋଧନ ପରିଡ଼ା ଓ ଭକ୍ତିମତୀ ମାତା ମାଳତୀ ଦେବୀଙ୍କ କୋଳମଣ୍ଡନ କରିଥିଲେ ଏହି କରୁଣାମୟୀ ଜ୍ୟୋତିର୍ମୟୀ କନ୍ୟାରତ୍ନା କେନ୍ଦ୍ରାପଡ଼ା ଜିଲ୍ଲାର କୋର ପଞ୍ଚାୟତ ଅନ୍ତର୍ଗତ ପିଙ୍ଗଳ ଗ୍ରାମ ସେହି ଦିନ ଠାରୁ ଏକ ଦିବ୍ୟ ଭୂମିରେ ପରିଣତ ହେଲା।

ନାରାୟଣଙ୍କ ଉପାସ୍ୟ ଭାବେ ଗ୍ରହଣ କରିଥିବା କୁମାରୀ ଉର୍ମିଳାଙ୍କୁ ପ୍ରତିବେଶୀ ମାନେ ପ୍ରଶଂସା କରୁଥିଲେ। ଦ୍ୱିତୀୟ ମୀରାବାଈ ବୋଲି କହୁଥିଲେ। କ୍ରମଶଃ ଦିବ୍ୟ ଚେତନା ଆଧ୍ୟାତ୍ମିକ ମାର୍ଗ ଉନ୍ମିଳିତ ହେଲା। ୧୯୭୭ ମସିହାରେ କୋର ପଞ୍ଚାୟତ ହାଇସ୍କୁଲର ଏକାଦଶ ଶ୍ରେଣୀ ଛାତ୍ରୀ ସାମାଜିକ ପ୍ରଭାବ ଅନୁସାରେ ବିବାହ ପ୍ରସ୍ତାବକୁ ପ୍ରତ୍ୟାଖାନ କରି ବିଶିଷ୍ଟ ସର୍ବୋଦୟ ନେତ୍ରୀ ମାଆ ରମାଦେବୀଙ୍କ ତତ୍ତ୍ୱାବଧାନରେ ଗାନ୍ଧିଜୀଙ୍କ ଆଦର୍ଶକୁ ପାଥେୟ କରି ସରଳ ନିରଳସ ଜୀବନଯାପନ କରିବା ସଙ୍ଗେ ସଙ୍ଗେ ଦିନ, ଦଳିତ, ପତିତ ଜନତାର ସେବାକୁ ବ୍ରତ ରୂପେ ଗ୍ରହଣ କଲେ। ସ୍ୱାବଲମ୍ବନଶୀଳତା, ପରୋପକାର ଓ ଈଶ୍ୱରାନୁସରଣ ତାଙ୍କ ବ୍ୟକ୍ତିଗତ ଜୀବନକୁ ସମୃଦ୍ଧ କଲା। ସେ ମର୍ମେ ମର୍ମେ ଅନୁଭବ କଲେ ଦୁର୍ଗତ ମାନଙ୍କର ସେବା ହିଁ ମାଧବଙ୍କ ସେବା। ଉତ୍କଳୀୟ ସାଧୁ ସ୍ୱାମୀ ଧ୍ୟାନାନନ୍ଦ ସରସ୍ୱତୀଙ୍କ ପ୍ରେରଣାରେ ଋଷିକଶେ ଶିବାନନ୍ଦ ଧାମରେ ୧୯୭୮ ମସିହାରେ ପଦାର୍ପଣ କରିଥିଲେ। ମହାତ୍ମା ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କର ଆଦର୍ଶବାଦ, ନୈସର୍ଗିକ ପ୍ରେରଣା ଓ ବିଭୂତିର କରୁଣାସିକ୍ତ ମଧୁମୟ ଦିବ୍ୟ ସ୍ପର୍ଶରେ ଉର୍ମିଳାଙ୍କର ଉଦାର ଜୀବନ ଧାରାରେ ଆଲୋଡ଼ନ ସୃଷ୍ଟି ହେଲା। ଦୁଇବର୍ଷ ଋଷିକେଶରେ ସାଧନା କରି ଜନ୍ମଭୂମି ପିଙ୍ଗଳକୁ ଫେରିଆସି 'ଶିବାନନ୍ଦ ଆଶ୍ରମ' ନାମ ମାତ୍ର କୁଟୀରରେ ବ୍ରହ୍ମଚାରିଣୀ ଦିବ୍ୟଜୀବନ ଯାପନ କଲେ। ୧୯୮୧ ଅକ୍ଟୋବର



୨୪ ତାରିଖରେ ଅଖଣ୍ଡ ମହାମନ୍ତ୍ର ଜପଯଜ୍ଞ ଶୁଭାରମ୍ଭ କଲେ ଯାହାକି ଅଦ୍ୟାବଧି ଚାଲୁଛି।

୧୯୮୪ ପବିତ୍ର ଗୁରୁ ପୂର୍ଣ୍ଣିମା ଦିନ ପ୍ରେମମୂର୍ତ୍ତି ସଦଗୁରୁ ଦେବ ସ୍ୱାମୀ ଚିଦାନନ୍ଦ ଋଷିକେଶରେ ଉର୍ମିଳାଙ୍କୁ 'ବ୍ରହ୍ମଚାରିଣୀ ଦିବ୍ୟସ୍ୱରୂପ ଚୈତନ୍ୟ ଶୁଭ ଦିବ୍ୟ ନାମରେ ନୂତନ ମହାମାନବିକ ଲୀଳା ପ୍ରକାଶ ପାଇଁ ମହାଦୀକ୍ଷା ପ୍ରଦାନ କରିଥିଲେ।' ପିଙ୍ଗଳ ଶିବାନନ୍ଦ ସେବାଶ୍ରମ ପରିସରରେ ପ୍ରଥମେ ଗଢ଼ି ଉଠିଲା ଦିବ୍ୟ ତପୋବନ, ଆଧ୍ୟାତ୍ମିକ ଅନୁଷ୍ଠାନ ଶିବାନନ୍ଦ ସାଧନା କେନ୍ଦ୍ର ଶ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିର କ୍ରମଶଃ ସ୍ୱାମୀ ଚିଦାନନ୍ଦଙ୍କ ସମେତ ଅନେକ ସର୍ବଭାରତୀୟ ସାଧୁସନ୍ଥ ଏବଂ ଗଜପତି ମହାରାଜଙ୍କର ପ୍ରିୟ ପର୍ଯ୍ୟଟନସ୍ଥଳର ମର୍ଯ୍ୟାଦା ଲାଭ କରିଥିଲା ଏହି ସାଧନା ପୀଠ। ୧୯୯୫ ମସିହା ଡିସେମ୍ବର ମାସରେ ନିଖିଳ ଉତ୍କଳ ଦିବ୍ୟ ଜୀବନ ସମ୍ମିଳନ ଶ୍ରୀମାଙ୍କ ଅପୂର୍ବ ନେତୃତ୍ୱର ସଫଳତା କାହାଣୀ ୧୯୯୯ ମହାବାତ୍ୟାରେ ଦୁର୍ଗତ ମାନଙ୍କୁ ସେବାମୂଳକ କାର୍ଯ୍ୟରେ ପରୋପକାର ସ୍ୱର୍ଗୀୟ ନୀତିର ସ୍ୱାକ୍ଷର ବହନ କରିଛନ୍ତି। ୨୦୧୫ ପବିତ୍ର ଶିବରାତ୍ରି ଦିନ ଋଷିକେଶରେ ପାରମ୍ପରିକ ଯଜ୍ଞାନୁଷ୍ଠାନ ପରେ ଶ୍ରୀମା ପୂର୍ଣ୍ଣ ସନ୍ନ୍ୟାସ ଦୀକ୍ଷାରେ ଅଭିଦୀକ୍ଷିତ ହୋଇ ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ ନାମରେ ପରିଚିତ ହୋଇ ଆସୁଛନ୍ତି।

ଶ୍ରୀମା ସମଗ୍ର ଭାରତରେ ଓଡ଼ିଆ, ହିନ୍ଦୀ ଓ ସରଳ ଇଂରାଜୀ ଭାଷାରେ ସୁମଧୁର ପ୍ରବଚନ ଦେଇ ଭକ୍ତ ଓ ଜିଜ୍ଞାସୁମାନଙ୍କୁ ଚମତ୍କୃତ କରିଥାନ୍ତି। ପ୍ରତି ବର୍ଷ ଋଷିକେଶ, ଅହମ୍ମଦାବାଦ ଓ ଦକ୍ଷିଣ ଭାରତର ବିଭିନ୍ନ ଆଧ୍ୟାତ୍ମିକ ଅନୁଷ୍ଠାନ ତଥା ଓଡ଼ିଶା ବିଭିନ୍ନ ସାଂସ୍କୃତିକ ଉତ୍ସବରେ ମୁଖ୍ୟ ଅତିଥି କିମ୍ବା ଅଧ୍ୟକ୍ଷ ଭାବରେ ଯୋଗ ଦେଇ ମୂଲ୍ୟବାନ ଉପଦେଶ ପ୍ରଦାନ କରି ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଛନ୍ତି। ଯୋଗବାଶିଷ୍ଟର ଓଡ଼ିଆ ଅନୁବାଦ, ଜ୍ଞାନଯଜ୍ଞ ପ୍ରସାଦ, ଦିବ୍ୟ ସନ୍ଦେଶ, ଦିବ୍ୟ ଚେତନା, ଦିବ୍ୟାମୃତ, ଦିବ୍ୟ ଅନୁଭୂତି ଏବଂ ଶତାଧିକ ପ୍ରକାଶିତ ଅପ୍ରକାଶିତ ଭକ୍ତି ସଙ୍ଗୀତ ସର୍ବୋପରି 'ଦିବ୍ୟକୌସ୍ତୁଭ' କାବ୍ୟଗ୍ରନ୍ଥ ଶ୍ରୀମାଙ୍କର ସାରସ୍ୱତ ପ୍ରତିଭାର ପରିଚୟ ଦିଏ। ସର୍ବଧର୍ମ ସମନ୍ୱୟର ସାଧୁସନ୍ଥଙ୍କ ଉପଦେଶମୃତକୁ ନିଜେ ଜୀବନରେ ଆଚରଣ ସହ ଦିବ୍ୟ ମାତୃତ୍ୱର ବାର୍ତ୍ତା ବହନ କରି ନିଖିଳ ଜନତାର ହୃଦୟରେ ଦିବ୍ୟ ଜୀବନ ଅଙ୍କୁରିତ କରିବା ପାଇଁ ସର୍ବଦା ଯତ୍ନ କରି ଆସୁଛନ୍ତି। କେନ୍ଦ୍ରାପଡ଼ା ପିଙ୍ଗଳ ଶିବାନନ୍ଦ ସେବାଶ୍ରମ, ଗରାପୁରର ଦିବ୍ୟ ସ୍ୱରୂପ ଦିବ୍ୟ ଜୀବନ ଆଧ୍ୟାତ୍ମିକ ବିକାଶ ଆଶ୍ରମ, ନିଆଳିର ଦିବ୍ୟ ଜୀବନ ସେବାଶ୍ରମ ପ୍ରମୁଖ ଭାବରେ ଶ୍ରୀମାଙ୍କର ଆଶ୍ରମର ଦୈନନ୍ଦିନ ନିର୍ଘଣ୍ଟ ପାଳନ ସହିତ ବାର୍ଷିକ ଯଜ୍ଞାନୁଷ୍ଠାନ ଓ ସାଂସ୍କୃତିକ ମହୋତ୍ସବ ପାଳନ କରି ଆସୁଛନ୍ତି। ଧୂମାତ୍, ଆଳି, ଚନ୍ଦନ ନଗର, ବାଲିପାଟଣା, ତରଡ଼ିପାଳ, ବିଜୟନଗର, ଚାରିଗାଁ, ଗଇଦୁଅ, କପାଳେଶ୍ୱର ପ୍ରଭୃତି ଅଞ୍ଚଳରେ ଶ୍ରୀମାଙ୍କ ଆଶ୍ରିତମାନେ ଦିବ୍ୟ ଜୀବନର ବାର୍ତ୍ତା ଓ ସତସଙ୍ଗ ପ୍ରଚାର କରି ଆସୁଛନ୍ତି। ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପା ନନ୍ଦ ସରସ୍ୱତୀଙ୍କର ପବିତ୍ର ଜନ୍ମୋତ୍ସବରେ ଅନନ୍ତ କୋଟି ପ୍ରଣିପାତ ସହିତ ଦିବ୍ୟ ଆଶୀର୍ବାଦ କାମନା।

ଉପାଧ୍ୟକ୍ଷ, ଦିବ୍ୟ ଜୀବନ ସଂଘ, କେନ୍ଦ୍ରାପଡ଼ା,
ମୋବାଇଲ୍:୯୮୬୧୦୫୮୧୩୦ / ୯୩୪୮୧୯୨୭୧୯

# ପର୍ଯ୍ୟବେକ୍ଷକ ନିଯୁକ୍ତିକୁ ନେଇ ପ୍ରତିବାଦ





**ପଶ୍ଚିମବଙ୍ଗରେ ଆଜି ମତଦାନ**

**ଆରମ୍ଭ ହେଲାଣି ମେ' ୪ ଅବଗଣନା**

**ଥାଲାପତି ବିଜୟଙ୍କ ପୂଜାର୍ଚ୍ଚନା**

**କେରଳରେ ଇଭିଏମ ଟ୍ୟାମ୍ପରିଂ ଅଭିଯୋଗ**

ନୂଆଦିଲ୍ଲୀ, ୨୮।୪: ପଶ୍ଚିମବଙ୍ଗ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ବୁଧବାର ଅନୁଷ୍ଠିତ ହେବ। ଉଭୟ ବିଜେପି ଏବଂ ତୃଣମୂଳ କଂଗ୍ରେସ ବଙ୍ଗ ଦଖଲ କରିବା ନେଇ ଆଶାବାଦୀ ଅଛନ୍ତି। କେବଳ ପଶ୍ଚିମବଙ୍ଗ ନୁହେଁ, ପଶ୍ଚିମବଙ୍ଗ ସମେତ ତାମିଲନାଡୁ, ଆସାମ, କେରଳ ଓ ପୁଡୁଚେରୀରେ ନିର୍ବାଚନୀ ଉତ୍ତାପ ଲାଗି ରହିଛି। ଏବେବି ସ୍ଥାନରେ ମତଦାନ ଶେଷ ହୋଇଥିବା ମତଦାତାଙ୍କଠାରୁ ଆରମ୍ଭ କରି ବିଭିନ୍ନ ଦଳର ନେତାମାନେ ମେ' ୪ ତାରିଖକୁ ଅନେଇ ବସିଛନ୍ତି।

ମେ' ୪ ତାରିଖରେ ପଶ୍ଚିମବଙ୍ଗ ସମେତ ତାମିଲନାଡୁ, ଆସାମ, କେରଳ, ପୁଡୁଚେରୀ ଆଦି ସ୍ଥାନରେ ଭୋଟ ଗଣନା ହେବା ସହିତ ଫଳାଫଳ ଘୋଷଣା କରାଯିବ। ଏହିଦିନ ସେହି ସବୁ ରାଜ୍ୟରେ ନିର୍ବାଚନ ଲଢ଼ିଥିବା ପ୍ରାର୍ଥୀମାନଙ୍କର ଭାଗ୍ୟ ନିର୍ଣ୍ଣୟ ହେବ। ପଶ୍ଚିମବଙ୍ଗରେ ତୃଣମୂଳ, ବିଜେପି ଏବଂ ବାମଦଳ ସହିତ ଅନ୍ୟ କେତେକ ଦଳ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବେଳେ ବଙ୍ଗଦଖଲ ଲାଗି ମୁଖ୍ୟତଃ ଶାସକ ତୃଣମୂଳ ଏବଂ ବିଜେପି ବାଜିବାର ଅଛନ୍ତି।

ଶାସକ ତୃଣମୂଳ ପାଇଁ କ୍ଷମତା ବଜାୟ ରଖିବା ଏକ ବଡ଼ ଆହ୍ୱାନ ହୋଇଥିବା ବେଳେ ବିଜେପି ପାଇଁ ଏହା ସମ୍ମାନର ପ୍ରଶ୍ନ ପାଲଟିଛି। ୨୦୨୧ ମସିହାରେ ହୋଇଥିବା ସାଧାରଣ ନିର୍ବାଚନରେ ପଶ୍ଚିମବଙ୍ଗରେ ବିଜେପି ୧୦୦ଟି ଆସନ ଦଖଲ କରିପାରି ନଥିଲା। ତେବେ ଏଥର ପ୍ରଥମ ପର୍ଯ୍ୟାୟ ରେକର୍ଡ଼ ମତଦାନକୁ ଦେଖିବା ପରେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ବିଜେପି ଶିବିରରେ ବଙ୍ଗଦଖଲର ଆଶା ଜାଗିଛି। ମେ' ୪ ତାରିଖରେ ବିଜେପି ବଙ୍ଗରେ ଶାସନ ଗଢ଼ିବ ଆଉ ସେ ଶପଥ ଗ୍ରହଣ ଉତ୍ସବକୁ ଆସିବେ ବୋଲି ଦୁର୍ଗାପୁରରେ ସିକିମ ଗସ୍ତରେ ଯିବା ଆଗରୁ ପ୍ରଧାନମନ୍ତ୍ରୀ ଆତ୍ମବିଶ୍ୱାସର ସହିତ ଦୃଢ଼ଭାବେ ପ୍ରକାଶ କରିଛନ୍ତି।

ଅପରପକ୍ଷରେ, ପଶ୍ଚିମବଙ୍ଗ ବିଧାନସଭାରେ ସବୁବେଳେ ଦଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରି ନିଜର ଅଖଣ୍ଡ ଆଧିପତ୍ୟ ବିସ୍ତାର କରି ଚାଲିଥିବା ଶାସକ ତୃଣମୂଳ ନିଜର ଆସନକୁ ବଳବତ୍ତର ରଖିବା ପାଇଁ ମମତାଙ୍କ ନେତୃତ୍ୱରେ ସବୁପ୍ରକାଶ ପ୍ରୟାସ ଜାରି ରଖିଛି। ପଶ୍ଚିମବଙ୍ଗ ନିର୍ବାଚନର ହାଇ-ଭୋଲଟେଜ ରାଜନୈତିକ ମାହୋଲକୁ ଆହୁରି ଅଧିକ ଉଷ୍ମ କରିଛି ଟଲିଉଡ୍‌ର ଟିଭି ଓ ସିନେ ଅଭିନେତ୍ରୀ ସାୟନୀ ଘୋଷ। ୨୦୨୪ ଲୋକସଭା ନିର୍ବାଚନରେ ତୃଣମୂଳ କଂଗ୍ରେସ ଟିକେଟରେ ଯାଦବପୁର ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିବା ଏହି ସୁନ୍ଦରୀ ଅଭିନେତ୍ରୀ ନିଜର ଲୋକପ୍ରିୟତାରେ ଏଥର ଭୋଟରମାନଙ୍କୁ ଆକର୍ଷିତ କରିବାର ସମ୍ଭାବନା ସୃଷ୍ଟି କରିଛନ୍ତି। କଂଗ୍ରେସ ପଶ୍ଚିମବଙ୍ଗରେ ନିଜକୁ ତୃତୀୟ ବିକଳ୍ପ (ଥାର୍ଡ ଅପ୍ସନ) ଭାବରେ ରଖିଛି। ସେହିପରି ଏଆଇଏମଆଇମ କେବଳ ଭୋଟରଙ୍କ ଉପରେ ଆସ୍ଥା ରଖିଛି।

ତାମିଲନାଡୁରେ ଡିଏମକେ, ଏଆଇଡିଏମକେ ଭଳି ପ୍ରମୁଖ ଦ୍ରାବିଡ଼ ଦଳଗୁଡ଼ିକ ସରକାର ଗଠନ କରିବା ପାଇଁ ମେ' ୪ ତାରିଖକୁ ଗୋଡ଼ଟେକି ବେଳେ ଅଭିନେତା ଥାଲାପତି ବିଜୟଙ୍କ ନିର୍ବାଚନକୁ ପ୍ରବେଶ ଫଳାଫଳକୁ ଅନିଶ୍ଚିତ ଘେରକୁ ଟାଣିନେଇଛି। ଜଣେ ଲୋକପ୍ରିୟ ଅଭିନେତା ଭାବରେ ତାମିଲନାଡୁର ଘରେ ଘରେ ପରିଚିତ ବିଜୟଙ୍କ ତାମିଲଗା ବେଟ୍ରି କାଝାଗାମ୍ (ଟିଭିକେ) ଫଳାଫଳ ସମୀକରଣକୁ ବଦଳାଇଦେବାର ସମ୍ଭାବନା ରହିଛି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ପ୍ରକାଶ କରିଛନ୍ତି। ଇଭିଏମରେ ବିଜୟ ଓ ତାଙ୍କ ଦଳର ଭାଗ୍ୟ ସିଲ୍ ହୋଇ ସାରିଥିବା ବେଳେ ବିଜୟ ମଙ୍ଗଳବାର ସୁବ୍ରମନିଆ ସ୍ୱାମୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିବା ଜଣାପଡ଼ିଛି।

ଅପରପକ୍ଷରେ, କଂଗ୍ରେସର କୋଝିକୋଡ଼ ୟୁନିଟର ନେତା କେ. ପ୍ରବୀଣ କେରଳରେ ଇଭିଏମ ଟେମ୍ପରିଂ ହେବାର ସମ୍ଭାବନା ରହିଛି ବୋଲି ଦାବି କରିଛନ୍ତି। ପେରମ୍ବ୍ରା ନିର୍ବାଚନମଣ୍ଡଳୀରେ ଇଭିଏମ ଥିବା ଷ୍ଟ୍ରଙ୍ଗରୁମ୍ ଖୋଲାଯାଇଛି ବୋଲି ପ୍ରବୀଣ କୁମାର ଦାବି କରିଥିବା ପ୍ରେସ୍‌ଟ୍ରଷ୍ଟ ପ୍ରକାଶ କରିଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପୂର୍ବରୁ ଆଇପିଏସ ଅଧିକାରୀ ଅଜୟ ପାଲ ଶର୍ମାଙ୍କୁ ପର୍ଯ୍ୟବେକ୍ଷକ ଭାବରେ ନିର୍ବାଚନ କମିଶନ ଏବଂ ବିଜେପି ପକ୍ଷରୁ ପଶ୍ଚିମବଙ୍ଗର ୨୪ ପ୍ରଗଣାରେ ନିୟୋଜିତ କରାଯାଇଛି। ତେବେ ଏହାକୁ ନେଇ ତୃଣମୂଳ କଂଗ୍ରେସ ଏବଂ ସମାଜବାଦୀ ପାର୍ଟି ପକ୍ଷରୁ ବିରୋଧ କରାଯାଇଛି। ଅଜୟ ପାଲ ଯୋଗୀ ଆଦିତ୍ୟନାଥଙ୍କ ଏନକାଉଣ୍ଟର ସ୍ପେଶାଲିଷ୍ଟ ବୋଲି ଦର୍ଶାଇ ତୃଣମୂଳ କହିଛି ଯେ, ମତଦାନକୁ ପ୍ରଭାବିତ କରିବା ପାଇଁ ବିଜେପି ତା'ର ଏଜେଣ୍ଟ ନିୟୋଜିତ କରିଛି।

# ଦିଲ୍ଲୀରେ ବଡ଼ ଧରଣର ଆତଙ୍କୀ ହମ୍‌ଲା ପଣ୍ଡ, ୯ ସନ୍ଦିଗ୍ଧ ଗିରଫ

ନୂଆଦିଲ୍ଲୀ,୨୮।୪: ଦିଲ୍ଲୀରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ଷଡ଼ଯନ୍ତ୍ରକୁ ସୁରକ୍ଷା ଏଜେନ୍ସି ପଣ୍ଡ କରିଦେଇଛି। ଏଥିସହିତ ୯ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କ ପାଖରୁ ୧୮ ଆଧୁନିକ ହତିଆର ଜବତ କରାଯାଇଛି। ଏହି ଗ୍ୟାଙ୍ଗ ପାକିସ୍ତାନ, ବାଂଲାଦେଶ ଓ ନେପାଳ ଜରିଆରେ ମୁଙ୍ଗେର ବାଟ ଦେଇ ହତିଆର ସ୍ଥାନାନ୍ତର କରୁଥିବା ଜଣା ପଡ଼ିବା ପରେ ପାକିସ୍ତାନ, ବାଂଲାଦେଶ ଓ ନେପାଳ ସହ ଜଡ଼ିତ ସୀମାପାର ଗୋଷ୍ଠୀକୁ ଯାଞ୍ଚ କରାଯାଉଛି। ଏହି ମାମଲାରେ ଏନ୍‌ଆଇଏ ଅଭିଯୁକ୍ତ ଶେହଜାଦ ଅନ୍‌ସାରୀର ଭୂମିକା ଆଧାରରେ ବୋଲି ଅନୁମାନ କରାଯାଉଛି। ସୂତ୍ର ଅନୁସାରେ, ଏହି ମାମଲାରେ ଶେହଜାଦ ଅନ୍‌ସାରୀଙ୍କ ଭୂମିକାର ମଧ୍ୟ ଯାଞ୍ଚ କରାଯାଉଛି। ଶେହଜାଦ ଅନ୍‌ସାରୀ ସିଦ୍ଧୁ ମୁସେୱାଲା ହତିଆର ସପ୍ଲାଇ ମାମଲାରେ ଏନ୍‌ଆଇଏର ଓ୍ୱାଣ୍ଟେଡ୍ ଅଭିଯୁକ୍ତ ରହିଛି। ସେ ୟୁପିର ଖୁର୍ଜାରେ ରୁହନ୍ତି।



**ଆଇଏସଆଇ ଇସାରାରେ ସୃଷ୍ଟି ହେଉଥିଲା ସ୍ଲିପର ସେଲ୍**

ଏହି ଘଟଣାକ୍ରମ ପହଲଗାମ୍ ଆତଙ୍କୀ ହମଲାର ପ୍ରଥମ ବାର୍ଷିକୀ ପରେ ସାମନାକୁ ଆସିଛି। ୨୨ ଏପ୍ରିଲ ୨୦୨୫ ରେ ହୋଇଥିବା ପହଲଗାମ୍ ଆତଙ୍କୀ ଆକ୍ରମଣରେ ୨୫ ଭାରତୀୟ ଓ ଜଣେ ନେପାଳି ନାଗରିକଙ୍କ ଜୀବନ ଚାଲି ଯାଇଥିଲା। ଗତ ୨୪ ଅପ୍ରେଲରେ ୟୁପି ଏଟିଏସ୍ ନୋଏଡାରୁ ୨ ଏଭଳି ଗ୍ୟାଙ୍ଗଷ୍ଟରଙ୍କୁ ଆରେଷ୍ଟ କରିଛି ଯେଉଁମାନେ ପାକିସ୍ତାନ ଥିବା ଆତଙ୍କୀ ମୁଖ୍ୟଙ୍କୁ ଓ ଆଇଏସ୍‌ଆଇର ଇଶାରାରେ କାମ କରୁଥିଲେ। ସନ୍ଦିଗ୍ଧଙ୍କ ଚିହ୍ନଟ ତୁଷାର ଚୌହାନ (ଓରଫ୍ ହିଜବୁଲ୍ଲାହ ଅଲ୍ଲୀ ଖାନ୍, ୨୦ବର୍ଷ) ଓ ସମୀର ଖାନ୍ ରୂପରେ ହୋଇଛି। ଏହି ସନ୍ଦିଗ୍ଧଙ୍କୁ ଏକ ପିସ୍ତଲ, ଅଫୁଟା ଗୁଳି ଓ ଏକ ଛୁରୀ ସହିତ ଧରା ଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ଗୁଇନ୍ଦା ସୂଚନା ମିଳିବା ପରେ କରାଯାଇଛି। ଜଣେ ଅଧିକାରୀ କହିଛନ୍ତି ଯେ, ଏହି ଗ୍ୟାଙ୍ଗ୍ ପାକ୍ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇର ନିର୍ଦ୍ଦେଶରେ ଭାରତର ଆଭ୍ୟନ୍ତରୀଣ ସୁରକ୍ଷାକୁ କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରୁଥିଲେ। ଏଟିଏସ୍ ମତରେ ଏହି ଆତଙ୍କୀ ସଂଗଠନ ଓ ଗ୍ୟାଙ୍ଗଷ୍ଟରଙ୍କ ସହ ମିଶି ଇନଷ୍ଟାଗ୍ରାମ୍ ଓ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ ଜରିଆରେ ଯୁବପିଢ଼ିଙ୍କୁ ପ୍ରଲୋଭିତ କରୁଥିଲେ। ଏହି ଦୁଇ ଆତଙ୍କୀ ଗ୍ୟାଙ୍ଗଷ୍ଟର ଶେହଜାଦ ଭଟ୍ଟି ଓ ଆବିଦ୍ ଜଟ୍ଟ ସହିତ ମିଶିକି କାମ କରୁଥିଲା। ଏହା 'ସ୍ଲିପର ସେଲ୍' ତିଆରି କରି ଟାର୍ଗେଟ କିଲିଂ କରିବା ଓ ସମ୍ବେଦନଶୀଳ ସ୍ଥାନରେ ରେକି କରିବାର ଯୋଜନାରେ ଥିଲେ।

# ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେଇପାରନ୍ତି ଜିନପିଙ୍ଗ

ନୂଆଦିଲ୍ଲୀ, ୨୮।୪: ୨୦୨୦ ଗାଲୱାନ ସଂଘର୍ଷ ପରଠାରୁ ଭାରତ ଓ ଚୀନ୍ ମଧ୍ୟରେ ଜାରି ରହିଥିବା ରାଜନୈତିକ ଅସ୍ଥିରତା ଏବେ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। କୂଟନୈତିକ ଗତିଶୀଳତା ଏବଂ ଉଚ୍ଚସ୍ତରୀୟ ଆଲୋଚନା ଏକ ସକାରାତ୍ମକ ସଙ୍କେତ ଦେଉଛି ଯେ, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଚଳିତ ବର୍ଷ ଭାରତରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାକୁ ନୂଆଦିଲ୍ଲୀ



ଗସ୍ତ କରିପାରନ୍ତି। ଯଦି ଏହି ଗସ୍ତ ସଫଳ ହୁଏ, ତେବେ ଏହା ଗାଲୱାନ ବିବାଦ ପରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ର ମଧ୍ୟରେ ବିଶ୍ୱାସ ଗଠନ ଦିଗରେ ଏକ ଐତିହାସିକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ବିଶ୍ୱ ରାଜନୀତିର ବହୁପାକ୍ଷିକ ମଞ୍ଚରେ ଭାରତର ବ୍ରିକ୍ସ ସଭାପତିତ୍ୱକୁ ଚୀନ୍ ପୂର୍ଣ୍ଣ ସମର୍ଥନ ଜଣାଇବା ସହ ନୂଆଦିଲ୍ଲୀର କୂଟନୈତିକ ନେତୃତ୍ୱକୁ ପ୍ରଶଂସା କରିଛି। ନିକଟରେ ଚୀନର ସ୍ୱତନ୍ତ୍ର ଦୂତ ଝାଇ ଜୁନଙ୍କ ଭାରତ ଗସ୍ତ ଏବଂ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ସହ ସଫଳ ଆଲୋଚନା ଦୁଇ ଦେଶ ମଧ୍ୟରେ ଥିବା କୂଟନୈତିକ ଅସ୍ଥିରତାକୁ ଦୂର କରିବାରେ ସହାୟକ ହୋଇଛି। ଏସିଆର ଏହି ଦୁଇ ଆର୍ଥିକ ମହାଶକ୍ତି ପାଟ୍ରୋଲିଂ ଚୁକ୍ତି ଓ ବିଭିନ୍ନ ଆନ୍ତର୍ଜାତୀୟ ମଞ୍ଚରେ ସହଯୋଗ ବୃଦ୍ଧି କରି ସୀମା ବିବାଦର ସ୍ଥାୟୀ ସମାଧାନ ଦିଗରେ ଅଗ୍ରସର ହେଉଥିବା ପରି ମନେହେଉଛି। ୨୦୨୪ କାଜାନ ବ୍ରିକ୍ସ ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ଓ ଜିନପିଙ୍ଗଙ୍କ ସାକ୍ଷାତକାର ପରଠାରୁ ଉଭୟ ଦେଶ ମଧ୍ୟରେ ରଣନୈତିକ ସହଭାଗିତା ପାଇଁ ନୂତନ ପଥ ପ୍ରଶସ୍ତ ହୋଇଛି।

**ରାଜା ରଘୁବଂଶୀଙ୍କ ହତ୍ୟା ମାମଲା**

# ୧୧ ମାସ ପରେ ସୋନମଙ୍କୁ ଜାମିନ



ନୂଆଦିଲ୍ଲୀ,୨୮।୪: ଇନ୍ଦୋରରେ ବହୁ ଚର୍ଚ୍ଚିତ ରାଜା ରଘୁବଂଶୀ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ସୋନମ ରଘୁବଂଶୀଙ୍କୁ ମଙ୍ଗଳବାର ଶିଲଂ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ୧୧ ମାସ ପରେ ସେ ଶିଲଂ ଜେଲରୁ ମୁକ୍ତ ହୋଇଛନ୍ତି। ଏହି ମାମଲାରେ ଅନ୍ୟ ତିନି ଅଭିଯୁକ୍ତଙ୍କୁ ପୂର୍ବରୁ ଜାମିନ ମିଳିସାରିଛି। ସୂଚନାଯୋଗ୍ୟ, ରାଜା ରଘୁବଂଶୀ ଏବଂ ସୋନମ ରଘୁବଂଶୀଙ୍କର ୨୦୨୫ ମେ' ମାସରେ ବିବାହ ହୋଇଥିଲା। ସେମାନେ ଇନ୍ଦୋରରୁ ମେଘାଳୟର ଶିଲଂକୁ ହନିମୁନ୍ ପାଇଁ ଯାଇ ନିଖୋଜ ହୋଇଥିଲେ। ଦୀର୍ଘ ସମୟ ଖୋଜାଖୋଜି ପରେ, ଜୁନ୍ ୨ ତାରିଖରେ ଶିଲଂର ଏକ ଘାଟିରୁ ରାଜା ରଘୁବଂଶୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତଦନ୍ତ ବେଳେ ସୋନମ ରଘୁବଂଶୀଙ୍କୁ ମୁଖ୍ୟ ସନ୍ଦିଗ୍ଧ ଭାବରେ ଚିହ୍ନଟ କରାଯିବା ସହିତ ତାଙ୍କୁ ଉତ୍ତରପ୍ରଦେଶର ଗାଜିପୁରରୁ ପୋଲିସ ଗିରଫ କରିଥିଲା। ପରେ ଆକାଶ, ଆନନ୍ଦ ଏବଂ ବିଶାଲ ନାମକ ଅନ୍ୟ ତିନି ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସୋନମଙ୍କର ରାଜ କୁଶୱାହା ନାମକ ଜଣେ ଯୁବକଙ୍କ ଥିବା ପ୍ରେମ ସମ୍ପର୍କ ଏହି ହତ୍ୟାକାଣ୍ଡର ବୋଲି ତଦନ୍ତକାରୀ ସଂସ୍ଥା ସୂଚନା ଦେଇଥିଲା।

# ମେ'ରେ ବ୍ୟାଙ୍କ୍ ଛୁଟି ୧୨ ଦିନ

ନୂଆଦିଲ୍ଲୀ, ୨୮।୪: ମେ' ମାସରେ ବ୍ୟାଙ୍କ କର୍ମଚାରୀଙ୍କୁ ମିଳିବ ୧୨ ଦିନ ଛୁଟି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା ପ୍ରକାଶିତ ଛୁଟିଦିନ କ୍ୟାଲେଣ୍ଡରରୁ ଏହା ଜାଣିବାକୁ ମିଳିଛି। କ୍ୟାଲେଣ୍ଡର ଅନୁସାରେ ମେ' ମାସର ମୋଟ ୩୧ ଦିନ ମଧ୍ୟରୁ ପ୍ରାୟ ୧୨ ଦିନ ପାଇଁ ବ୍ୟାଙ୍କ ସେବା ସ୍ଥଗିତ ରହିବ। ରବିବାର, ଦ୍ୱିତୀୟ ଏବଂ ଚତୁର୍ଥ ଶନିବାର, ଏବଂ ବିଭିନ୍ନ ଜାତୀୟ ଏବଂ ଆଞ୍ଚଳିକ ପର୍ବ ତଥା ଜନ୍ମବାର୍ଷିକୀକୁ ଏହି ଛୁଟି ତାଲିକା କରାଯାଇଛି। ଏହି କାର୍ଯ୍ୟସୂଚୀ ଅନୁଯାୟୀ ଗ୍ରାହକମାନେ ସେମାନଙ୍କର ଜରୁରୀ ବ୍ୟାଙ୍କ କାରବାର ଶେଷ କରିବା ପାଇଁ ପରାମର୍ଶ ଦିଆଯାଇଛି। ମେ' ମାସର ୧ ତାରିଖ ଶ୍ରମିକ ଦିବସ ହୋଇଥିବାରୁ ଏହି ଛୁଟି ସହିତ ମେ' ମାସ ଆରମ୍ଭ ଆରମ୍ଭ ହେବ। ଏଥିସହିତ ବିଭିନ୍ନ ରାଜ୍ୟର ଭିନ୍ନଭିନ୍ନ ଦିବସ, ବୁଦ୍ଧ ପୂର୍ଣ୍ଣିମା ଭଳି ତିଥିକୁ ମଧ୍ୟ ଛୁଟିରେ ସାମିଲ କରାଯାଇଛି। ତେବେ ଏହି ଛୁଟି ସମଗ୍ର ଦେଶରେ ସମାନ ହେବ ନାହିଁ। ରାଜ୍ୟ ଅନୁସାରେ ବ୍ୟାଙ୍କ ଛୁଟି ଭିନ୍ନ ଭିନ୍ନ ହେବ।

# ବିଜେପି ନେତା କାର୍ ଛାଡ଼ନ୍ତୁ, ପିଆଜ ଧରନ୍ତୁ

ନୂଆଦିଲ୍ଲୀ, ୨୮।୪: ପାଖରେ ପିଆଜ ରଖିଲେ ଗରମରୁ ମୁକ୍ତି ମିଳିବ ବୋଲି ସୋମବାର କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିବା ଘଟଣାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟସଭା ସାଂସଦ ଦିଗବିଜୟ ସିଂହ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଛନ୍ତି, ସମସ୍ତ ଭାଜପା ନେତା ସିନ୍ଧିଆଙ୍କଠାରୁ ଶିକ୍ଷା ନେବା ଉଚିତ। ସେମାନେ ସେମାନଙ୍କର ଏୟାରକଣ୍ଡିସନର କାର ଛାଡ଼ି ନିଜ ପକେଟରେ ପିଆଜ ରଖିବା ଉଚିତ। ସିନ୍ଧିଆ ଏକ ପ୍ରସିଦ୍ଧ ରାଜପରିବାରରେ ଜନ୍ମହେବା ସତ୍ତ୍ୱେ ଯେଉଁ ସରଳତା ପ୍ରଦର୍ଶନ କରିଛନ୍ତି ତାହା ପ୍ରଶଂସାର ଯୋଗ୍ୟ ବୋଲି ଦିଗବିଜୟ କହିଛନ୍ତି। ଶିବପୁରୀରେ ଏକ ସାଧାରଣ ସଭାରେ ଜ୍ୟୋତିରାଦିତ୍ୟ କହିଥିଲେ ଯେ, ସେ ତାଙ୍କ କାରରେ ଏୟାରକଣ୍ଡିସନିଂ ବ୍ୟବହାର କରନ୍ତି ନାହିଁ। ସେ କେବଳ ତାଙ୍କ ପକେଟରେ ଏକ ପିଆଜ ରଖିଥାନ୍ତି, ଯାହା ତାଙ୍କ ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ।

# ହିଲଟନ୍ ଗୁଳିକାଣ୍ଡ ଅଭିଯୁକ୍ତ କୋର୍ଟରେ ହାଜର

ୱାଶିଂଟନ, ୨୮।୪: ୱାଶିଂଟନ୍ ଡିନର ଭୋଜି ଗୁଳିକାଣ୍ଡ ଘଟଣାର ଅଭିଯୁକ୍ତ କୋଲେ ଥମାସ ଆଲେନଙ୍କୁ ସୋମବାର ୱାଶିଂଟନ ଡିସିର ଏକ ଅଦାଲତରେ ହାଜର କରାଯାଇଛି। ତାଙ୍କ ବିରୋଧରେ ଗୋଟିଏ ଅର୍ଦ୍ଧ-ସ୍ୱୟଂଚାଳିତ ହ୍ୟାଣ୍ଡଗନ, ଗୋଟିଏ ପମ୍ପ-ଗନ୍ ଏବଂ ତିନୋଟ ଛୁରୀ ରଖିଥିବା ଏବଂ ଜଣେ ସିକ୍ରେଟ ସର୍ଭିସ ଅଧିକାରୀଙ୍କ ଉପରକୁ ଗୁଳି ଚଳାଇବା ସହିତ ସୁରକ୍ଷା କରିଡରକୁ ଭାଙ୍ଗିବାକୁ ଉଦ୍ୟମ କରିଥିବା ଅଭିଯୋଗରେ ଚାର୍ଜ ଫ୍ରେମ୍ କରାଯାଇଛି।



ଯଦି ଆଲେନଙ୍କ ବିରୋଧରେ ଆସିଥିବା ଅଭିଯୋଗଗୁଡ଼ିକ ପ୍ରମାଣିତ ହୁଏ ଓ ସେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତା'ହେଲେ ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇପାରେ ବୋଲି ଜଣେ ପ୍ରସିକ୍ୟୁଟର ଜଣାଇଛନ୍ତି। କୋର୍ଟରେ ହାଜର ହେବାବେଳେ ୩୧ ବର୍ଷୀୟ ଏହି କମ୍ପ୍ୟୁଟର ଡିଗ୍ରୀଧାରୀ ଯୁବକ ନୀଳ ଜମ୍ପସୁଟ୍ ପିନ୍ଧିବା ସହିତ ଖୁବ୍ ଶାନ୍ତ ରହିଥିଲେ। ସେ ବିଚାରପତିଙ୍କର ପ୍ରଶ୍ନରେ କେବଳ 'ୟେସ୍, ୟୋର ଅନର' ନହେଲେ 'ନୋ, ୟୋର ଅନର' ବୋଲି ଧୀର କଣ୍ଠରେ ଉତ୍ତର ଦେଇଥିଲେ। ସେ ତାଙ୍କର ବୟସ ଓ ସେ ହାସଲ କରିଥିବା ସମସ୍ତ ଡିଗ୍ରୀ ଅଦାଲତକୁ ଜଣାଇଥିଲେ। ଉଲ୍ଲେଖନୀୟ ଯେ, ସେ ନିଜ ତରଫରୁ ଅଦାଲତାରେ କୌଣସି ପ୍ରତି-ଆବେଦନ କରିନାହାନ୍ତି। ଅଭିଯୁକ୍ତଙ୍କୁ ପୁଣି ଗୁରବାର ଦିନ କୋର୍ଟରେ ହାଜର କରାଯିବ। ଏହି ଅବସରରେ ଅଦାଲତଙ୍କୁ କୁହାଯାଇଛି ଯେ, ଅଭିଯୁକ୍ତ କେବଳ ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଆସିଥିଲେ। ସେ ୨୧ ତାରିଖରେ ଲସ ଏଞ୍ଜେଲସ ଛାଡ଼ି ସିକାଗୋ ଆସିଥିଲେ। ୨୪ ତାରିଖରେ ସେ ସିକାଗୋ ଛାଡ଼ି ୱାଶିଂଟନରେ ପହଞ୍ଚିଥିଲେ ଏବଂ ହିଲଟନ ହୋଟେଲରେ ଭବ୍ୟ ସମାରୋହ ଆରମ୍ଭ ହେବା ପୂର୍ବରୁ ହୋଟେଲରେ ଚେକ୍ ଇନ୍ ହୋଇ ଯାଇଥିଲେ।

# ଆତଙ୍କବାଦକୁ ନେଇ ପାକ୍ ଓ ଚୀନ୍‌କୁ ରାଜନାଥଙ୍କ ଚେତାବନୀ

ସାଂଘାଇ, ୨୮।୪: ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କିର୍ଗିଜସ୍ତାନ ରାଜଧାନୀ ବିଶକେକରେ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ବୈଠକରେ ଆତଙ୍କବାଦକୁ ନେଇ ଚୀନ୍ ଓ ପାକିସ୍ତାନକୁ ଏକ ମିଳିତ ଚେତାବନୀ ଦେଇଛନ୍ତି। ଆତଙ୍କବାଦକୁ ରାଜନୈତିକ ସ୍ୱୀକୃତି ଦିଆଯାଇପାରିବ ନାହିଁ ବୋଲି କଡ଼ା ଭାଷାରେ କହିଛନ୍ତି। ରାଜନାଥ ସିଂହ



ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ପାକିସ୍ତାନକୁ ସମର୍ଥନ କରୁଥିବା ପାଇଁ ଚୀନ୍‌କୁ କଡ଼ା ସମାଲୋଚନା କରିଛନ୍ତି। ଏଥିରେ ଚୀନ୍, ପାକିସ୍ତାନ, ଭାରତ, ରୁଷିଆ, କାଜାଖସ୍ତାନ, କିର୍ଗିଜସ୍ତାନ, ତାଜିକିସ୍ତାନ, ଉଜବେକିସ୍ତାନ, ଇରାନ ଏବଂ ବେଲାରୁଷ ସାମିଲ ଅଛନ୍ତି। ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଯେହେତୁ ଏସ୍‌ସିଓ ବିଶ୍ୱ ଜନସଂଖ୍ୟାର ଏକ ବଡ଼ ଅଂଶକୁ ପ୍ରତିନିଧିତ୍ୱ କରେ, ତେଣୁ କେବଳ ଆମ ଅଞ୍ଚଳରେ ନୁହେଁ ବରଂ ସାରା ବିଶ୍ୱରେ ଶାନ୍ତି ଏବଂ ସ୍ଥିରତା ସୁନିଶ୍ଚିତ କରିବା ଆମର ଦାୟିତ୍ୱ। ପାକିସ୍ତାନର ଉପସ୍ଥିତିରେ, ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆତଙ୍କବାଦ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ବିଷୟରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ଆତଙ୍କବାଦ ପ୍ରତି ଆମର ନୀତି ହେଉଛି 'ଶୂନ ସହନଶୀଳତା'।

ରାଜନାଥ ସିଂହ କହିଛନ୍ତି, ଆତଙ୍କବାଦ ବିରୋଧରେ ଲଢ଼େଇରେ ଏସ୍‌ସିଓର ନୀତି ସ୍ପଷ୍ଟ ରହିଛି। ଗତ ବର୍ଷ ଏସ୍‌ସିଓ ସଦସ୍ୟ ଦେଶମାନେ ଆତଙ୍କବାଦ ବିରୋଧରେ ଆମର ଦୃଢ଼ ଏବଂ ସ୍ପଷ୍ଟ ଦୃଷ୍ଟିକୋଣ ଦେଖିଥିଲେ। କିଛି ଦିନ ପୂର୍ବରୁ, ଏପ୍ରିଲ ୨୨ ତାରିଖରେ, ଆମେ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣର ପୀଡିତମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲୁ। ସେହି ଘଟଣା କେବଳ ଏହି ଅଞ୍ଚଳକୁ ନୁହେଁ ବରଂ ସମଗ୍ର ମାନବଜାତିକୁ ଦୋହଲାଇ ଦେଇଥିଲା। ଅପରେସନ୍ ସିନ୍ଦୂର ସମୟରେ, ଆମେ ସ୍ପଷ୍ଟ କରିଦେଇଥିଲୁ ଯେ ଆତଙ୍କବାଦର କେନ୍ଦ୍ରଗୁଡ଼ିକ ଆଉ ଦଣ୍ଡରୁ ଖସି ପାରିବେ ନାହିଁ। ଏହା ଆତଙ୍କବାଦ ଏବଂ ଏହାର ସମର୍ଥକମାନଙ୍କ ପ୍ରତି ଆମର ଶୂନ-ସହିଷ୍ଣୁତା ଆଭିମୁଖ୍ୟର ପ୍ରମାଣ ଥିଲା। କିନ୍ତୁ ଏହି ବିଶ୍ୱସନୀୟତା କେବଳ ସେତେବେଳେ ପ୍ରମାଣିତ ହେବ ଯେତେବେଳେ ଆତଙ୍କବାଦ ବିରୋଧରେ ଲଢ଼େଇ ଜାରି ରହିବ। ଆମକୁ ଭୁଲିଯିବା ଉଚିତ୍ ନୁହେଁ ଯେ, ଆତଙ୍କବାଦର କୌଣସି ଦେଶ କିମ୍ବା ଧର୍ମ ନାହିଁ। କୌଣସି ପ୍ରକୃତ କିମ୍ବା କାଳ୍ପନିକ କାରଣ ମାନବ ଜାତିର କ୍ଷତି ଘଟାଇବା ପାଇଁ ଯଥାର୍ଥ ନୁହେଁ ବୋଲି ସେ କହିଛନ୍ତି।

# ଜାମିଆରେ ପୁଣି ଛାତ୍ର ଅଶାନ୍ତି



ନୂଆଦିଲ୍ଲୀ, ୨୮।୪: ରାଜଧାନୀ ଦିଲ୍ଲୀର ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟରେ ପୁଣି ଛାତ୍ର ଅଶାନ୍ତି ସୃଷ୍ଟି ହୋଇଚି। ମଙ୍ଗଳବାର ବିଶ୍ୱବିଦ୍ୟାଳୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଏକ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଛାତ୍ର ସଂଗଠନ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ ଆସୋସିଏସନ୍ (ଏଆଇଏସ୍‌ଏ) ଏବଂ ଅନ୍ୟ ଅନେକ ଛାତ୍ର ଗୋଷ୍ଠୀ ବିରୋଧ ପ୍ରଦର୍ଶନ କରିଥିଲେ। ଏହାକୁ ନେଇ ବିଶ୍ୱବିଦ୍ୟାଳୟ ପରିସର ପୁଣି ଅଶାନ୍ତ ହୋଇଛି। ରିପୋର୍ଟ ଅନୁସାରେ, ଆର୍‌ଏସ୍‌ଏସ୍ 'ଯୁବ କୁମ୍ଭ' ନାମକ ଏକ କାର୍ଯ୍ୟକ୍ରମ ଏଫ୍‌ଇଟି ଅଡିଟୋରିୟମ୍‌ରେ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଥିଲା। ଏଆଇଏସ୍‌ଏ କହିଛି, ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ସଂଘ ବିଶ୍ୱବିଦ୍ୟାଳୟରେ ନିଜର ବିଚାରଧାରା ପ୍ରସାର କରିବାକୁ ଚେଷ୍ଟା କରୁଛି। ଏଆଇଏସ୍‌ଏ ଏକ ବିବୃତି ଜାରି କରି କହିଛି ଯେ, ଜାମିଆ ମିଲିଆ ଇସଲାମିଆ ପ୍ରଶାସନ ଆର୍‌ଏସ୍‌ଏସ୍‌କୁ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଅନୁମତି ଦେଇଛି। ଏଆଇଏସ୍‌ଏ ଅଭିଯୋଗ କରିଛି ଯେ, ଆର୍‌ଏସ୍‌ଏସ୍ ଭଳି ସଂଗଠନକୁ କ୍ୟାମ୍ପସରେ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଅନୁମତି ଦେବା ଏକ ସାମ୍ପ୍ରଦାୟିକ ଏଜେଣ୍ଡାକୁ ପ୍ରୋତ୍ସାହିତ କରୁଛି। ଜାମିଆ ପ୍ରଶାସନ ଶିକ୍ଷା ଏବଂ ଗଣତନ୍ତ୍ର ସହିତ ଜଡ଼ିତ କାର୍ଯ୍ୟକ୍ରମଗୁଡ଼ିକୁ ଅନୁମତି ଦେଉ ନଥିବା ସତ୍ତ୍ୱେ ସଂଘକୁ ଅନୁମତି ଦେବା ତା'ର ଦୋହରା ମାନଦଣ୍ଡକୁ ପ୍ରତିଫଳିତ କରୁଛି।

# ଚାଦ୍‌ରେ ପାଣି ପାଇଁ ସଂଘର୍ଷ: ୪୨ ମୃତ

ଏନଡିଜାମେନା, ୨୮।୪: କେନ୍ଦ୍ର ଆଫ୍ରିକୀୟ ରାଷ୍ଟ୍ର ପୂର୍ବ ଚାଦ୍‌ରେ ଏକ ଜଳ ଉତ୍ସକୁ ନେଇ ୨ ପରିବାର ମଧ୍ୟରେ ସଂଘର୍ଷରୁ ହିଂସାକାଣ୍ଡରେ ୪୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ପରବର୍ତ୍ତୀ ସମୟରେ ଏହି ସଂଘର୍ଷ ପ୍ରତିଶୋଧମୂଳକ ଆକ୍ରମଣର ଏକ ଚକ୍ରରେ ପରିଣତ ହୋଇଥିଲା। ଦେଶର ଉପପ୍ରଧାନମନ୍ତ୍ରୀ ଲିମାନେ ମହମତ ସୁଦାନ ସୀମାବର୍ତ୍ତୀ ଓ୍ୱାଡି ଫିରା ପ୍ରଦେଶର ଇଗାଟେ ଅନ୍ତର୍ଗତ ଉକ୍ତ ଗ୍ରାମକୁ ଯାଇ ଆହତମାନଙ୍କୁ ଭେଟିଛନ୍ତି । ଆହତମାନଙ୍କୁ ପ୍ରଦେଶିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ମହମତ କହିଛନ୍ତି । ଚାଦ୍‌ର ଉପପ୍ରଧାନମନ୍ତ୍ରୀ ଲିମାନେ ମହାମତ ଶନିବାର ସୁଦାନ ସୀମା ନିକଟସ୍ଥ ୱାଡି ଫିରା ପ୍ରଦେଶର ଇଗୋଟେ ଗ୍ରାମ ପରିଦର୍ଶନ କରିବା ସମୟରେ କହିଥିଲେ ଯେ ସଂଘର୍ଷରେ ୪୨ ଜଣ ଲୋକ ପ୍ରାଣ ହରାଇଛନ୍ତି ଏବଂ ୧୦ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରାଦେଶିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି। ମହାମତ ଉଲ୍ଲେଖ କରିଛନ୍ତି ଯେ ପ୍ରତିଶୋଧମୂଳକ ହିଂସାର ଏହି ଚକ୍ର ଏକ ବିସ୍ତୃତ ଅଞ୍ଚଳରେ ବ୍ୟାପିଛି, ଯାହା ଫଳରେ ସାମରିକ ହସ୍ତକ୍ଷେପ ଆବଶ୍ୟକ ହୋଇଥିଲା। ସେ ଆହୁରି ମଧ୍ୟ କହିଛନ୍ତି ଯେ ସେନାର "ତ୍ୱରିତ ପ୍ରତିକ୍ରିୟା" ସଂଘର୍ଷକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଛି ଏବଂ ପରିସ୍ଥିତି ବର୍ତ୍ତମାନ "ନିୟନ୍ତ୍ରଣରେ" ଅଛି ।

# ଥରୁର ମାନିଛନ୍ତି କଂଗ୍ରେସ ମହିଳା ବିରୋଧୀ: ରିଜିଜୁ



ନୂଆଦିଲ୍ଲୀ, ୨୮।୪: ସଂସଦ ଅଧିବେଶନ ପରେ କେନ୍ଦ୍ର ମନ୍ତ୍ରୀ କିରେନ୍ ରିଜିଜୁ ଓ କଂଗ୍ରେସ ସାଂସଦ ଶଶି ଥରୁରଙ୍କ ମଧ୍ୟରେ ହୋଇଥିବା ଏକ ବାର୍ତ୍ତାଳାପ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ମଙ୍ଗଳବାର ରିଜିଜୁ ଦାବି କରିଛନ୍ତି ଯେ, ଥରୁର ତାଙ୍କ ନିକଟରେ କଂଗ୍ରେସ ଦଳ 'ମହିଳା ବିରୋଧୀ' ବୋଲି ପରୋକ୍ଷରେ ସ୍ୱୀକାର କରିଛନ୍ତି। ସେ କହିଛନ୍ତି, କଂଗ୍ରେସର ନିଜସ୍ୱ ହାଇପ୍ରୋଫାଇଲ୍ ନେତା ମଧ୍ୟ ଦଳର ମହିଳା ବିରୋଧୀ ଚରିତ୍ର ସମ୍ପର୍କରେ ଅବଗତ ଅଛନ୍ତି। ସଂସଦ ଭବନର ସେଣ୍ଟ୍ରାଲ ହଲରେ ଥରୁର ଦେଇଥିବା ମନ୍ତବ୍ୟକୁ ଉଠାଇ ରିଜିଜୁ ଦାବି କରିଛନ୍ତି ଯେ, କଂଗ୍ରେସ ଯେ ନାରୀ ସଶକ୍ତିକରଣ ବିରୋଧରେ ଏକ ରାଜନୈତିକ ପ୍ରାଚୀର ସଦୃଶ ଠିଆ ହୋଇଛି, ତାହା ଏବେ ଦଳ ଭିତରୁ ସ୍ୱୀକାରୋକ୍ତି ଆକାରରେ ସାମ୍ନାକୁ ଆସିଛି। ଅନ୍ୟପଟେ ଥରୁର ସଫେଇ ଦେଇଛନ୍ତି ଯେ ସେ କେବଳ ନିଜର ମହିଳା ଅନୁକୂଳ ଭାବମୂର୍ତ୍ତି ସମ୍ପର୍କରେ ସୂଚନା ଦେଇଥିଲେ।

# ୧୮ ରାଜ୍ୟର ଭୂତଳ ଜଳରେ ଜହର

**ଭାରତର ଅଧିକାଂଶ ଲୋକେ ସ୍ଲୋ ପଏଜନ୍ ଖାଉଛନ୍ତି**

**ବଢ଼ିବ ବୃକକ୍ ରୋଗର ଆଶଙ୍କା**

ନୂଆଦିଲ୍ଲୀ, ୨୮।୪ ଦେଶର ବିଭିନ୍ନ ସ୍ଥାନରେ ଭୂତଳ ଜଳ ନମୁନାରେ ଉଚ୍ଚ ସ୍ତରର ୟୁରାନିୟମ୍ ଥିବା ଜଣାପଡ଼ିଛି। ଏହା କେବଳ ସରକାରୀ ଦାବି ଉପରେ ପ୍ରଶ୍ନ ଉଠାଇ ନାହିଁ ବରଂ ଲକ୍ଷ ଲକ୍ଷ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଏକ ବଡ଼ ବିପଦ ସୃଷ୍ଟି କରୁଛି। କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଦ୍ୱାରା ପ୍ରଥମ ଥର ପାଇଁ ଜାତୀୟ ସ୍ତରୀୟ ମନିଟରିଂରୁ ଜଣାପଡିଛି ଯେ, ଦେଶର ୧୮ଟି ରାଜ୍ୟର ୧୫୧ଟି ଜିଲ୍ଲାରେ ୟୁରାନିୟମ୍‌ର ଘନତା ନିରାପଦ ମାନଦଣ୍ଡଠାରୁ ବହୁତ ଅଧିକ। ଏହି ରିପୋର୍ଟ ୨୦୧୯-୨୦ ମଧ୍ୟରେ କରାଯାଇଥିବା ଏକ ବ୍ୟାପକ ସର୍ଭେ ଉପରେ ଆଧାରିତ। ବୋର୍ଡ ସାରା ଦେଶରୁ ମୋଟ ୧୪,୩୭୭ ଭୂତଳ ଜଳ ନମୁନା ପରୀକ୍ଷା କରିଥିଲା। ଏହି ନମୁନାର ଫଳାଫଳ ଆଶ୍ଚର୍ଯ୍ୟଜନକ ଥିଲା। ଭୂତଳ ଜଳରେ ୟୁରାନିୟମର ପରିମାଣ ପ୍ରତି ଲିଟରରେ ୦ ରୁ ୨,୮୭୬ ମାଇକ୍ରୋଗ୍ରାମ ପର୍ଯ୍ୟନ୍ତ ଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍‌ଓ) ପାନୀୟ ଜଳରେ ୟୁରାନିୟମର ସର୍ବାଧିକ ଅନୁମୋଦିତ ସୀମା ପ୍ରତି ଲିଟର ୩୦ ମାଇକ୍ରୋଗ୍ରାମ ଧାର୍ଯ୍ୟ କରିଛି।

ଭାରତରେ କିଛି ନମୁନାରେ ଏହି ସୀମାର ୯୬ ଗୁଣା ଅଧିକ ୟୁରାନିୟମ ସ୍ତର ଥିବା ଜଣାପଡିଛି, ଯାହା ସୂଚାଇ ଦେଉଛି ଯେ, ଭାରତର ବହୁ ସଂଖ୍ୟକ ଲୋକେ ସ୍ଲୋ ପଏଜନ୍ ଖାଉଛନ୍ତି। ରିପୋର୍ଟରେ ପଞ୍ଜାବକୁ ସବୁଠାରୁ ପ୍ରଭାବିତ ରାଜ୍ୟ ଭାବରେ ଚିହ୍ନଟ କରାଯାଇଛି। ପରମାଣୁ ଶକ୍ତି ନିୟାମକ ବୋର୍ଡ (ଏଇଆର୍‌ବି) ୟୁରାନିୟମ ପାଇଁ ପ୍ରତି ଲିଟରରେ ୬୦ ମାଇକ୍ରୋଗ୍ରାମ ସୀମା ଧାର୍ଯ୍ୟ କରିଛି। ରିପୋର୍ଟ ଅନୁଯାୟୀ, ପଞ୍ଜାବର ୬ ପ୍ରତିଶତ କୂପରେ ୟୁରାନିୟମ ସ୍ତର ଏହି ସୀମା



ଅତିକ୍ରମ କରିଛି। ରାଜ୍ୟରେ ଭୂତଳ ଜଳ ଗୁଣବତ୍ତାର ଏହି ସ୍ତର କେବଳ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ନୁହେଁ ବରଂ କୃଷି କ୍ଷେତ୍ର ପାଇଁ ମଧ୍ୟ ଚିନ୍ତାର କାରଣ। ୟୁରାନିୟମ ବିପଦ କେବଳ ପଞ୍ଜାବ ପର୍ଯ୍ୟନ୍ତ ସୀମିତ ନୁହେଁ। ଏଇଆର୍‌ବିର ୬୦ ପିପିବି ମାନକ ଆଧାରରେ, ଅନ୍ୟ ରାଜ୍ୟର ପରିସ୍ଥିତି ମଧ୍ୟ ଖରାପ ରହିଛି। ଏହି ପରିସଂଖ୍ୟାନଗୁଡ଼ିକ ଦର୍ଶାଉଛି ଯେ ଦେଶର ପ୍ରାୟ ପ୍ରତ୍ୟେକ କୋଣରେ ଭୂତଳ ଜଳ ଧୀରେ ଧୀରେ ବିଷାକ୍ତ ହେବାରେ ଲାଗିଛି। ଦୀର୍ଘ ସମୟ ଧରି ୟୁରାନିୟମ୍-ଦୂଷିତ ପାଣି ସେବନ କରିବା ମାନବ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ ହୋଇପାରେ। ବିଶେଷଜ୍ଞଙ୍କ ମତରେ, ୟୁରାନିୟମ୍ ଏକ ରାସାୟନିକ ବିଷାକ୍ତ ଉପାଦାନ। ଏହାର ସେବନ ଅନେକ ରୋଗ ସୃଷ୍ଟି କରିପାରେ ଏବଂ ଆମ ଶରୀରର ଅନେକ ଅଙ୍ଗକୁ ପ୍ରଭାବିତ କରିପାରେ। ଏହା ଧୀରେ ଧୀରେ ବୃକକ୍ କାର୍ଯ୍ୟକୁ ନଷ୍ଟ କରିଦିଏ, ଯାହା ଫଳରେ କ୍ରନିକ୍ ବୃକକ୍ ରୋଗର ଆଶଙ୍କା ବୃଦ୍ଧି ପାଏ।

ରିପୋର୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ନୀତିଗତ ବ୍ୟବଧାନକୁ ମଧ୍ୟ ଇଙ୍ଗିତ କରାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରତି ଲିଟରରେ ୩୦ ମାଇକ୍ରୋଗ୍ରାମର ମାନକ ସୀମା ସ୍ଥିର କରିଛି, କିନ୍ତୁ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ଏପର୍ଯ୍ୟନ୍ତ ୟୁରାନିୟମ ପାଇଁ ଏକ ନିର୍ଦ୍ଦିଷ୍ଟ ମାନକ ସ୍ଥିର କରିନାହିଁ। ୟୁରାନିୟମ୍ ସ୍ତର ବୃଦ୍ଧି ଭାରତ ପାଇଁ ଏକ ଗମ୍ଭୀର 'ନୀରବ ସଙ୍କଟ' ପାଲଟିଛି। ଯଦି ଏହାକୁ ସମୟ ମଧ୍ୟରେ ନିୟନ୍ତ୍ରଣ କରାଯାଏ ଜଳ ଉତ୍ସର ସୁରକ୍ଷା ସୁନିଶ୍ଚିତ କରାନଯାଏ, ତେବେ ଭବିଷ୍ୟତରେ ସ୍ୱାସ୍ଥ୍ୟ ସେବା ଉପରେ ବୋଝ ବହୁଗୁଣିତ ହୋଇପାରେ। ଏହି ରିପୋର୍ଟ ସରକାର, ନୀତି ନିର୍ଦ୍ଧାରକ ଏବଂ ସାଧାରଣ ଜନତାଙ୍କ ପାଇଁ ଏକ ଚେତାବନୀ ଯେ, ଆମକୁ ଆମର ଜଳ ଉତ୍ସର ଗୁଣବତ୍ତା ବିଷୟରେ ଆହୁରି ସତର୍କ ରହିବାକୁ ପଡିବ। ପାଣି ହେଉଛି ଜୀବନ, କିନ୍ତୁ ଯଦି ସେହି ପାଣି ବିଷାକ୍ତ ହୋଇଯାଏ, ତେବେ ଏହା ଜୀବନ ପାଇଁ ସବୁଠାରୁ ବଡ଼ ବିପଦ ପାଲଟିବ। ଅମୃତ ବଦଳରେ ପାଲଟିବ ବିଷ।

# ଜମି ଅଧିଗ୍ରହଣ ବିସ୍ଥାପିତଙ୍କ ପୁନର୍ବାସ ଓ ଥଇଥାନ ସୁନିଶ୍ଚିତ ପାଇଁ ନିର୍ଦ୍ଦେଶ




**ଭୁବନେଶ୍ୱର,୨୮।୪ (ସଂଚାର ବ୍ୟୁରୋ)ଃ** କୋଇଲା ଖଣି ଅଞ୍ଚଳରେ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ବିସ୍ଥାପିତ ହେଉଥିବା ଲୋକମାନଙ୍କର ପୁନର୍ବାସ ଓ ଥଇଥାନ ସୁନିଶ୍ଚିତ କରିବାକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନଠାରେ କୋଇଲା ଖଣି ଥିବା ଜିଲ୍ଲାମାନଙ୍କର ତାପଜ ଶକ୍ତି ତଥା ଅନ୍ୟାନ୍ୟ ପ୍ରକଳ୍ପରେ ଜମି ଅଧିଗ୍ରହଣ, ସାଧାରଣ ଲୋକଙ୍କ ପୁନର୍ବାସ ଓ ଥଇଥାନ ସମ୍ପର୍କରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ମନ୍ତ୍ରୀ ଏହା କହିଛନ୍ତି। ଖଣି ଏବଂ ଶିଳ୍ପାଞ୍ଚଳମାନଙ୍କରେ ବିଭିନ୍ନ ଖଣି କମ୍ପାନୀମାନଙ୍କ ପକ୍ଷରୁ ଟ୍ରକ ଦ୍ୱାରା ଫ୍ଲାଏ ଆଶ୍ ପରିବହନ ହେବା ଦ୍ୱାରା ପ୍ରଦୂଷଣ ସମସ୍ୟା ଉପୁଜୁଛି। ତେଣୁ ନିର୍ଦ୍ଦିଷ୍ଟ ସୀମିତ ସମୟ ମଧ୍ୟରେ ହିଁ ଫ୍ଲାଏ ଆଶ୍ ପରିବହନ ନିମନ୍ତେ ଅନୁମତି ଦେବାକୁ ମନ୍ତ୍ରୀ କହିଛନ୍ତି। ସେହିପରି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କ୍ଷେତ୍ରାଧିକାରୀମାନେ ଏ ସମ୍ପର୍କରେ ନିୟମିତ ପର୍ଯ୍ୟବେକ୍ଷଣ କରି ପ୍ରଦୂଷଣ ସମସ୍ୟାର ସମାଧାନ ସୁନିଶ୍ଚିତ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଅନୁଗୋଳ ଜିଲ୍ଲାମାନଙ୍କରେ ରାସ୍ତାରେ ପରିବହନକୁ ହ୍ରାସ କରି ଭୂତଳ ମାଧ୍ୟମରେ ଫ୍ଲାଏ ଆଶ୍ ନିଷ୍କାସନ ତଥା ଅନ୍ୟାନ୍ୟ ବୈଜ୍ଞାନିକ ପଦ୍ଧତିରେ ପରିଚାଳନା କରିବାର ବ୍ୟବସ୍ଥା କରିବାକୁ ମାନ୍ୟବର ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ମାନ୍ୟବର ମନ୍ତ୍ରୀ କହିଛନ୍ତି ଯେ, ବିକାଶ ନିମନ୍ତେ ଆମେ ଖଣି ଚାହୁଁ। ଆମେ ଶିଳ୍ପ ମଧ୍ୟ ଚାହୁଁ। ମାତ୍ର ସର୍ବପ୍ରଥମେ ଆମେ ସାଧାରଣ ଲୋକଙ୍କ ପକ୍ଷଧାରୀ। ତେଣୁ ସେମାନଙ୍କ ଜୀବନକୁ ଆମେ ବିପଦରେ ପକାଇପାରିବା ନାହିଁ । ଗରିବ ଶ୍ରେଣୀର ଲୋକଙ୍କୁ ବିସ୍ଥାପିତ କରି ଅନ୍ୟ ଉଚ୍ଚପଦସ୍ଥ ଲୋକଙ୍କ ପାଇଁ ଗୃହ ନିର୍ମାଣ କରିବା କଦାପି ସମୀଚିନ ନୁହେଁ। ଏହି ପରିପ୍ରେକ୍ଷୀରେ ସାଧାରଣ ଲୋକଙ୍କ ସ୍ୱାର୍ଥ ଓ ସୁରକ୍ଷାକୁ ପ୍ରାଥମିକତା ଦେଇ ଶିଳ୍ପ ବିକାଶକୁ ଆଗକୁ ନେବାକୁ ମାନ୍ୟବର ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଶିଳ୍ପ ଏବଂ ଖଣି କମ୍ପାନୀଗୁଡ଼ିକୁ ବିସ୍ଥାପିତ ଲୋକମାନଙ୍କ ପୁନର୍ବାସ ଏବଂ ଥଇଥାନ ନିମନ୍ତେ ବିକଶିତ ଅଞ୍ଚଳରେ ନୂଆ କଲୋନୀ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଖୁବ୍ ଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ବିସ୍ଥାପିତ ସାଧାରଣଲୋକଙ୍କ ସୁବିଧା ସୁଯୋଗ ଏବଂ ଅଧିଗ୍ରହଣଜନିତ ମାମଲା ତଥା ସମସ୍ୟାର ସମାଧାନକୁ ଦୃଷ୍ଟିରେ ରଖି ନୂତନ ପୁନର୍ବାସ ଓ ଥଇଥାନ ନିୟମ ଲାଗୁ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ-ସଚିବ ମନୋଜ ଭି ନାୟାର ପ୍ରମୁଖ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ଉତ୍ତରାଞ୍ଚଳ ରାଜସ୍ୱ କମିସନର, ସମ୍ବଲପୁର, ଝାରସୁଗୁଡ଼ା, ଅନୁଗୋଳ ଏବଂ ସୁନ୍ଦରଗଡ଼ର ଜିଲ୍ଲାପାଳ ତଥା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ, ଏମସିଏଲର ଏମଡି ଉଦୟ ଏ କାଓଲେ ଏବଂ ଏନଏଲସି ତଳବୀରାର ସାଧାରଣ ପରିଚାଳକ ତଥା ଅନ୍ୟାନ୍ୟ ଉଚ୍ଚପଦସ୍ଥ ଅଧିକାରୀଗଣ ଉପସ୍ଥିତ ଥିଲେ।

## ଖଡଗପୁର ଆଇଆଇଟିରେ ପୁଣି ଛାତ୍ର ଆତ୍ମହତ୍ୟା

**କୋଲକାତା,୨୮।୪(ସଂଚାର ବ୍ୟୁରୋ)ଃ** ଆଇଆଇଟି ଖଡ଼ଗପୁରରେ ଆଉ ଜଣେ ଛାତ୍ରଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ଉତ୍ତର ୨୪ ପ୍ରଗଣାର ସୋହମ ହାଲଦାର। ମଙ୍ଗଳବାର ପୋଲିସ ତାଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି। ସୋହମ ଇଲେକ୍ଟ୍ରୋନିକ୍ସ ଏବଂ ଇଲେକ୍ଟ୍ରିକାଲ୍ କମ୍ୟୁନିକେସନ୍ ଇଞ୍ଜିନିୟରିଂର ଚତୁର୍ଥ ବର୍ଷର ଛାତ୍ର ଥିଲେ। ସକାଳେ ସେ ତାଙ୍କ ଦ୍ୱାର ନ ଖୋଲିବାରୁ ସୁରକ୍ଷା କର୍ମୀଙ୍କୁ ଡକାଯାଇଥିଲା। ସୁରକ୍ଷାକର୍ମୀମାନେ କୋଠରୀର ଦ୍ୱାର ଖୋଲି ସୋହମଙ୍କ ମୃତଦେହ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରିଥିଲେ। ମୃତଦେହକୁ ପୋଷ୍ଟମର୍ଟମ ପାଇଁ ମେଦିନୀପୁର ମେଡିକାଲ କଲେଜ ପଠାଯାଇଛି। ଘଟଣାର ତଦନ୍ତ ଆରମ୍ଭ ହୋଇଥିବାବେଳେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ସୂଚନାଯୋଗ୍ୟ ଯେ, ଏପ୍ରିଲ୍ ୧୮ ତାରିଖରେ ଜୟବୀର ସିଂହ ଡୋଡିଆ ନାମକ ଜଣେ ଛାତ୍ର ଆଇଆଇଟି ଖଡ଼ଗପୁର କ୍ୟାମ୍ପସରେ ୮ ମହଲାରୁ ଡେଇଁ ଆତ୍ମହତ୍ୟା କରିଥିଲେ।

## ସୁରକ୍ଷା ସୁନିଶ୍ଚିତ କରିବାକୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ

**କୋଲକାତା,୨୮।୪(ସଂଚାର ବ୍ୟୁରୋ)ଃ** ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବାକୁ ଯାଉଥିବା ବେଳେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ନିର୍ବାଚନ କମିଶନ ପୁଲିସକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସିଇଓଙ୍କ କାର୍ଯ୍ୟାଳୟ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ମତଦାନ ସମୟରେ କୋଲକାତା ହାଇକୋର୍ଟ ଏବଂ ନିର୍ବାଚନ କମିଶନ ଉଭୟଙ୍କ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ପରିସ୍ଥିତିରେ ଅନଧିକୃତ ସମାବେଶକୁ ଅନୁମତି ଦିଆଯିବ ନାହିଁ। ଏହା ବ୍ୟତୀତ, ଯଦି ଭୋଟରଙ୍କୁ ଭୟଭୀତ କରିବାର କୌଣସି ଅଭିଯୋଗ ଆସେ, ତେବେ ତାହାକୁ ଦୃଢ଼ ଭାବରେ ମୁକାବିଲା କରିବାକୁ ହେବ। ଏହା ମଧ୍ୟ ସ୍ପଷ୍ଟ ଭାବରେ କୁହାଯାଇଛି ଯେ କୌଣସି ବିଶୃଙ୍ଖଳା ହେଲେ କେନ୍ଦ୍ରୀୟ ବାହିନୀର ସହାୟତା ନେବାକୁ ହେବ।

## ମଧୁ ବାରିଷ୍ଟର ଆଇନଜୀବୀ ସଙ୍ଘ ପକ୍ଷରୁ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି



**କଟକ,୨୮।୪(ସଂଚାର ବ୍ୟୁରୋ)ଃ** ଓଡ଼ିଶାର ପ୍ରଥମ ବାରିଷ୍ଟର, ପ୍ରଥମ ଓଡ଼ିଆ ସ୍ନାତକୋତ୍ତର, ପ୍ରଥମ ବିହାର-ଓଡ଼ିଶା ବିଧାନସଭା ସଦସ୍ୟ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜନ୍ମତିଥିରେ ମଧୁ ବାରିଷ୍ଟର ଆଇନଜୀବୀ ସଂଘ ପକ୍ଷରୁ ମଧୁବାବୁଙ୍କ ସମାଧି ପୀଠ ଗୋରାକବରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସେହିପରି କଟକ ଶୈଳବାଳା ମହିଳା ମହାବିଦ୍ୟାଳୟ ପରିସରସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ସଂଘ ସଭାପତି ଆଇନଜୀବୀ ସଂଗ୍ରାମ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଶୁଭେନ୍ଦୁ ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା କ୍ରିମିନାଲ କୋର୍ଟର ପୂର୍ବତନ ସଭାପତି ଶରତ ଚନ୍ଦ୍ର ପ୍ରଧାନ, ଶୈଳବାଳା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଜୀବନ ବଲ୍ଲଭ ଜେନା, କ୍ରିମିନାଲ କୋର୍ଟ ବାରର ସାଧାରଣ ସମ୍ପାଦକ ଗଦାଧର ସାହୁ, ଏମବିଏଲ ସମ୍ପାଦକ ଗଗନ ବାରିକ, ରେଭେନ୍ସାର ପୂର୍ବତନ ସଭାପତି ଜ୍ୟୋତି ରଞ୍ଜନ ରାୟ, ଶିକ୍ଷାବିତ ତୁଷାରକାନ୍ତି, ଆଇନଜୀବୀ ମହେନ୍ଦ୍ର ସୁବୁଦ୍ଧି, ନିରଞ୍ଜନ ବେହେରା, ରୋହିତ ରଞ୍ଜନ ସ୍ୱାଇଁ, ଲକ୍ଷ୍ମୀନାରାୟଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ଅନୀଲ ନାୟକ, ଡ. କାର୍ତ୍ତିକ ଚନ୍ଦ୍ର ବରାଳ, ପଙ୍କଜ ଜଟି, ରାକେଶ ବେହେରା ଓ ରାମଚନ୍ଦ୍ର ବେହେରା ଯୋଗଦେଇଥିଲେ।

## ଦାଉଦର ସହଯୋଗୀ ଡୋଲାକୁ ଭାରତ ପ୍ରତ୍ୟର୍ପଣ

### ଖୁବଶୀଘ୍ର ତଦନ୍ତ ଆରମ୍ଭ କରିବ ମୁମ୍ବାଇ କ୍ରାଇମବ୍ରାଞ୍ଚ୍



**ନୂଆଦିଲ୍ଲୀ,୨୮।୪ଃ** ଅନ୍ତର୍ଜାତୀୟ ଡ୍ରଗ୍ସ ବ୍ୟବସାୟୀ ତଥା ଅଣ୍ଡରୱାର୍ଲ୍ଡ ମାଫିଆ ଦାଉଦ୍ ଇବ୍ରାହିମର ଘନିଷ୍ଠ ସହଯୋଗୀ ସଲିମ ଡୋଲାକୁ ମଙ୍ଗଳବାର ଭାରତକୁ ଅଣାଯାଇଛି। କିଛିଦିନ ତଳେ ଡୋଲାକୁ ଇସ୍ତାନବୁଲରେ ଗିରଫ କରାଯାଇଥିବାବେଳେ ଏବେ ତାକୁ ଭାରତକୁ ପ୍ରତ୍ୟର୍ପଣ କରାଯାଇଛି। ଏକ ସ୍ୱତନ୍ତ୍ର ବିମାନଯୋଗେ ଡୋଲାକୁ ଭାରତ ଅଣାଯାଇଛି। ଗୁଇନ୍ଦା ଅଧିକାରୀମାନେ ତାକୁ ପଚରାଉଚରା କରୁଛନ୍ତି। ଅଧିକ ତଦନ୍ତ ପାଇଁ ଡୋଲାକୁ ଖୁବ୍ ଶୀଘ୍ର ମୁମ୍ବାଇ ପୋଲିସକୁ ହସ୍ତାନ୍ତର କରାଯିବ। ମୁମ୍ବା ପୋଲିସ ଡୋଲା ସମ୍ପର୍କରେ ଅଧିକ ତଦନ୍ତ କରିବ। ମୁମ୍ବାଇ ପୋଲିସ କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରାଯାଉଥିବା ଏକ ପ୍ରମୁଖ ଡ୍ରଗ୍ସ ମାମଲାର ସେ ମୁଖ୍ୟ ଅଭିଯୁକ୍ତ ରହିଛି। ଇଣ୍ଟରପୋଲର ରେଡ୍ କର୍ଣ୍ଣର ନୋଟିସ ଆଧାରରେ ତୁର୍କୀର ଜାତୀୟ ଗୁପ୍ତଚର ସଂଗଠନ ଏମଆଇଟି ଓ ସ୍ଥାନୀୟ ପୋଲିସର ମିଳିତ ଅଭିଯାନରେ ଡୋଲାକୁ ଗିରଫ କରି ପୋଲିସ ହେପାଜତରେ ରଖାଯାଇଥିଲା। ଇସ୍ତାନବୁଲରେ କିଛି ଦିନ ଅଟକ ରଖିବା ପରେ ତାକୁ ଦେଶାନ୍ତର କରାଯାଇଛି। ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମଙ୍କ ନେଟୱାର୍କ ସହିତ ସଲିମ ଡୋଲାର ସିଧାସଳଖ ସମ୍ପର୍କ ରହିଛି। ଭାରତରେ ଡ୍ରଗ୍ସ କାରବାର ବିସ୍ତାର କରିବା ପାଇଁ ସେ ଦାଉଦର ମୁଖ୍ୟ ସହଯୋଗୀ ଥିଲା। ରିପୋର୍ଟ ଅନୁଯାୟୀ, ସେ ବାର୍ଷିକ ହଜାର ହଜାର କୋଟି ଟଙ୍କାର ଡ୍ରଗ୍ସ ଚାଲାଣ ର୍ୟାକେଟ୍ ଚଳାଉଥିଲା। ଭାରତର ବିଭିନ୍ନ ସ୍ଥାନରେ ଡୋଲାର ବେଆଇନ ଡ୍ରଗ୍ସ କାରଖାନା ଏବଂ ଲ୍ୟାବ ରହିଛି। ଡୋଲା ମୁମ୍ବାଇ ଏବଂ ପରେ ଦୁବାଇରୁ ସମଗ୍ର ନେଟୱାର୍କ ପରିଚାଳନା କରୁଥିଲେ। ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଡୋଲା ବିଷୟରେ ସୂଚନା ଦେବା ଲାଗି ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲା। ସୂଚନାଯୋଗ୍ୟ ଯେ, ୨୦୨୫ ଅକ୍ଟୋବରରେ ମୁମ୍ବାଇ କ୍ରାଇମବ୍ରାଞ୍ଚ ସଲିମ ଡୋଲାର ପ୍ରମୁଖ ସହଯୋଗୀ ମହମ୍ମଦ ସଲିମ ସୋହେଲ ଶେଖଙ୍କୁ ଦୁବାଇରୁ ଭାରତ ପ୍ରତ୍ୟର୍ପଣ କରିଥିଲା। ସେହିବର୍ଷ ନଭେମ୍ବର ମାସରେ ମୁମ୍ବାଇ ପୋଲିସ ସଲିମ ଡୋଲାଙ୍କ ପୁଅ ତାହିର ଡୋଲା ଏବଂ ତାଙ୍କ ପରିବାରର ଚାରି ଜଣଙ୍କୁ ଦୁବାଇରୁ ଗିରଫ କରିଥିଲା।

## ଅସନ୍ତୋଷ ପରେ ଭକ୍ତଙ୍କ ୟୁ-ଟର୍ଣ୍ଣ

- ବିଜେଡି ସହ ହେବନି ମେଣ୍ଟ
- ନିଜ ଦମ୍‌ରେ ଲଢ଼ିବୁ ପଞ୍ଚାୟତ ଓ ପୌର ନିର୍ବାଚନ



**ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ)ଃ** ରାଜ୍ୟ କଂଗ୍ରେସର ୟୁ-ଟର୍ଣ୍ଣ। ପ୍ରଥମେ ମେଣ୍ଟ ନେଇ ଘୋଷଣା କରାଗଲା, ଯାହାକୁ ନେଇ ରାଜ୍ୟ ରାଜନୀତି ଉଠିଲା ପଡ଼ିଲା। କଂଗ୍ରେସ ଓ ବିଜେଡି ମଧ୍ୟରେ ମେଣ୍ଟ ନେଇ ରାଜ୍ୟ ରାଜନୀତିରେ ତୁହାକୁ ତୁହା ଆଲୋଚନା ପର୍ଯ୍ୟାଲୋଚନା ହେଲା। କଂଗ୍ରେସର ରାଜ୍ୟ ମୁଖିଆ କହିଲେ ଯେ ଆମେ ମେଣ୍ଟ ପାଇଁ ଆମେ ପ୍ରସ୍ତୁତ ଅଛୁ। କିନ୍ତୁ ଦଳ ସୁପ୍ରିମୋ ଯାହା ନିଷ୍ପତ୍ତି ନେବେ। ଏ କଥାକୁ କିଛି ବିତିବା ପରେ ହଠାତ କଂଗ୍ରେସର ମନ ପରିବର୍ତ୍ତନ ହୋଇଗଲା। ଏବେ ପିସିସି ସଭାପତି ଭକ୍ତଚରଣ ଦାସ କହୁଛନ୍ତି କି ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ଏକା ଲଢ଼ିବ। ସେ କହିଛନ୍ତି ଯେ ରାଜ୍ୟରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ବିଜେଡି ସହ ମେଣ୍ଟ କରିବାକୁ ନେଇ ଚର୍ଚ୍ଚା ଓ ଆଲୋଚନା ଚାଲିଥିଲା। କିନ୍ତୁ ଦଳ ଭିତରେ ମେଣ୍ଟ ପ୍ରସଙ୍ଗ ନେଇ ଅନେକଙ୍କ ମନରେ ଅସନ୍ତୋଷ ରହିଛି। ତେଣୁ ଦଳ ଭିତରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖି ପିସିସି ସଭାପତି ନିଜ ନିଷ୍ପତ୍ତିରୁ ଓହରିଯାଇଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନ, ମ୍ୟୁନିସିପାଲିଟି ନିର୍ବାଚନରେ ଏକା ଲଢ଼ିବ କଂଗ୍ରେସ। ନିଜ ଦମ୍‌ରେ ଆମେ ଲଢ଼ିବୁ ବୋଲି ପିସିସି ସଭାପତି କହିଛନ୍ତି। ସେହିପରି ବିଧାନସଭା ନିର୍ବାଚନ ସମୟରେ ଯଦି ଆବଶ୍ୟକ ପଡ଼େ, ତେବେ ହାଇକମାଣ୍ଡଙ୍କ ସହ କଥାବାର୍ତ୍ତାରେ ମେଣ୍ଟ ସମ୍ପର୍କରେ ଚିନ୍ତା କରିବୁ। ଉଭୟ ଦଳର ସହମତିରେ ମେଣ୍ଟ ହୋଇପାରେ। ବିଜେଡି ସହ ରାଜନୈତିକ ବୁଝାମଣାକୁ ଗତ ରାଜ୍ୟସଭା ନିର୍ବାଚନରେ ଦଳର ବହୁ ନେତା ଖୋଲାଖୋଲି ବିରୋଧ କରିଥିଲେ। ବିଜେଡିକୁ ବିରୋଧ କରି କିଛି ବିଧାୟକ କ୍ରସ ଭୋଟିଂ ମଧ୍ୟ କରିଥିଲେ।

## ମାସ୍ ମହିଳା ସମିତି ପକ୍ଷରୁ ଜଳଛତ୍ର

**କଟକ, ୨୮।୪ (ସଂଚାର ବ୍ୟୁରୋ)ଃ** ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ୪୨ନଂ ୱାର୍ଡ ଚାଉଳିଆଗଞ୍ଜସ୍ଥିତ ଦୁର୍ଗାମନ୍ଦିର ପ୍ରାଙ୍ଗଣରେ ମା' ଦୁର୍ଗା ମାସ୍ ମହିଳା ସମିତି ପକ୍ଷରୁ ଜଳଛତ୍ର କେନ୍ଦ୍ର ଉଦଘାଟିତ ହୋଇଯାଇଛି। ସ୍ଥାନୀୟ କର୍ପୋରେଟର ମୀନା ସାହୁ, ପୂଜା କମିଟି ସମ୍ପାଦକ ନିରଞ୍ଜନ ସାହୁ, ସମାଜସେବୀ ସୁକାନ୍ତ ସାହାଣୀ, ଶିବରାମ ପାଟରା, ଜିତେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପେକ୍ଷୀରେ ସମିତିର ସଦସ୍ୟ ଜୟନ୍ତୀ ସାହୁ, ପ୍ରେମଲତା ସାହୁ, ଲତିକା ପାତ୍ର, ବିନୋଦୀ ସାହୁ, ଚଞ୍ଚଳା ସାଥିଆ, ଜୋତି ପାତ୍ର, ପ୍ରମିଳା ମଲିକ, ପାର୍ବତୀ ସାହୁ, କଳ୍ପନା ପାତ୍ର, କଲ୍ୟାଣୀ ପାତ୍ର, ଅନୁପମା ବେହେରା, ଚପଳା ସାହୁ, ଝିଲି ସାହୁ, ନିହତି ବୈଶାଖଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ।

### ବିଶ୍ୱ ମ୍ୟାଲେରିଆ ଦିବସ

## ହଜାରେରୁ ଉର୍ଦ୍ଧ୍ୱ ଲୋକଙ୍କୁ ସଚେତନ କରିଛି ବେଦାନ୍ତ

**ଝାରସୁଗୁଡ଼ା,୨୮।୪(ସଂଚାର ବ୍ୟୁରୋ)ଃ** ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାର କେଲଡାମାଲ, ଗୁଡ଼ିଗାଁ ଓ ବରହାମୁଣ୍ଡାରେ ଆୟୋଜିତ ବ୍ୟାପକ ସାମୂହିକ ସ୍ୱାସ୍ଥ୍ୟ ଅଭିଯାନ ମାଧ୍ୟମରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବିଶ୍ୱ ଅଭିଯାନ ବିଷୟବସ୍ତୁ 'ମ୍ୟାଲେରିଆ ସମାପ୍ତ କରିବାକୁ ସଙ୍କଳ୍ପଃ ଏବେ ଆମେ ପାରିବୁ-ଏବେ ଆମେ ନିଶ୍ଚିତ' ସହ ସମନ୍ୱିତ ଏହି ପଦକ୍ଷେପ ଗ୍ରାମୀଣ ସମ୍ପ୍ରଦାୟକୁ ମ୍ୟାଲେରିଆ ଦୂର କରିବା ପାଇଁ ଆବଶ୍ୟକ ସଚେତନତା ଓ ଉପକରଣ ସହ ସଶକ୍ତ କରିବାକୁ ଉଦ୍ୟମ ହୋଇଛି। କାର୍ଯ୍ୟକ୍ରମରେ ମ୍ୟାଲେରିଆ ନିବାରଣ ଅଭ୍ୟାସ, ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ ଓ ସମୟୋଚିତ ପରୀକ୍ଷା ଏବଂ ଚିକିତ୍ସାର ଗୁରୁତ୍ୱ ଉପରେ ସଂରଚିତ ସଚେତନତା ଅଧିବେଶନ ମାଧ୍ୟମରେ ହଜାରେରୁ ଅଧିକ ଲୋକଙ୍କୁ ସାମିଲ କରାଯାଇଥିଲା। ଶେଷ ମାଇଲ ପର୍ଯ୍ୟନ୍ତ ଗଭୀର ପ୍ରଚାର ସୁନିଶ୍ଚିତ କରିବା ପାଇଁ ଗ୍ରାମାଞ୍ଚଳରେ ସୂଚନାମୂଳକ ଲିଫଲେଟ୍ ବଣ୍ଟନ କରାଯାଇଥିଲା। ଏଥିସହ ୪୦ରୁ ଅଧିକ ମାଗଣା ମ୍ୟାଲେରିଆ ପରୀକ୍ଷାସ୍ଥଳ କରାଯାଇଥିଲା। ସବୁଠି ପରୀକ୍ଷା ଫଳାଫଳ ନେଗେଟିଭ୍ ଆସିଥିଲା, ଯାହା ଏହି ଅଞ୍ଚଳରେ ନିରନ୍ତର ପ୍ରତିରୋଧକ ହସ୍ତକ୍ଷେପର ପ୍ରଭାବକୁ ପ୍ରତିଫଳିତ କରିଥିଲା। ଏନେଇ ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି. ଚନ୍ଦୁ କହିଛନ୍ତି ଯେ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଆମ ପାଇଁ ଏକ ସ୍ଥିର ଧ୍ୟାନକେନ୍ଦ୍ରିତ କ୍ଷେତ୍ର ହୋଇଛି। ବିଶ୍ୱ ମ୍ୟାଲେରିଆ ଦିବସ ପ୍ରାରମ୍ଭିକ ଚିହ୍ନଟ ଓ ନିବାରଣ ସମ୍ପର୍କରେ ସଚେତନତାକୁ ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରେ।

# ମଧୁ ଜୟନ୍ତୀ, ମଧୁବାବୁଙ୍କ ଘର ଅବହେଳିତ

**କଟକ,୨୮।୪ଃ** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମଦିବସ ଅବସରରେ ତାଙ୍କ ଜନ୍ମମାଟି ସତ୍ୟଭାମାପୁର ଉତ୍ସବ ମୁଖର ହୋଇପଡିଥିବାବେଳେ ସେଠାରେ ଥିବା ମଧୁବାବୁଙ୍କ ଏକୁଡିଶାଳ, ତାଙ୍କ ପରିବାରର ପ୍ରସିଦ୍ଧ ରାସକୁଣ୍ଡ ପୋଖରୀ ଓ ଐତିହ୍ୟ ସମ୍ପନ୍ନ ପ୍ରାଚୀନ କୋଠାର ଦୁରବସ୍ଥା ଦେଖି ମଧୁପ୍ରେମୀମାନେ କିନ୍ତୁ ଗଭୀର ଉଦବେଗପ୍ରକାଶ କରିଛନ୍ତି।

ଯେଉଁ ଚାଳଛପର ମାଟିଘରେ ମଧୁବାବୁଙ୍କ ଜନ୍ମ ହୋଇଥିଲା ତାହାକୁ ମଧୁସ୍ମୃତି ଓ କସ୍ତୁରବାଗାନ୍ଧୀ ଜାତୀୟ ମେମୋରିଆଲ ଟ୍ରଷ୍ଟ ସଂରକ୍ଷିତ କରି ରଖିଆସିଛି। ରାଜ୍ୟ ସରକାର ଏବେ ମଧୁବାବୁଙ୍କ ଜନ୍ମପୀଠର ବିକାଶ ପାଇଁ ୨୩କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବାବେଳେ ଏହି ଏକୁଡିଶାଳ ଘରର ରକ୍ଷଣା ବେକ୍ଷଣ ତାଙ୍କର ଦାୟିତ୍ୱ ବୋଲି ବିଭାଗୀୟ ଅଧିକାରୀମାନେ ନିଜ ମୁଣ୍ଡକୁ ନେଇ କିନ୍ତୁ ମାସ ମାସ ଧରି ଏହି ଘରଟିକୁ ଆଉ ଛପର କରୁନାହାନ୍ତି କିମ୍ବା ମଧୁସ୍ମୃତି ଅଥବା ଟ୍ରଷ୍ଟକୁ ଛପର କରାଇବାକୁ ଦେଉନାହାନ୍ତି। ଫଳରେ ଏହି ନଡା ଛପର ଘର ଅତି ଜରାଜୀର୍ଣ୍ଣ ଅବସ୍ଥାରେ ପଡିଛି। ସେହିଭଳି ସେଠାରେ ଥିବା ପବିତ୍ର ରାସକୁଣ୍ଡ ପୋଖରୀରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଲୋକେ ଗୁଟ୍‌ଖା, ପଲିଥିନ୍ ଓ ଅନ୍ୟାନ୍ୟ ସାମଗ୍ରୀ ଫିଙ୍ଗି ଅତି କଦର୍ଯ୍ୟ ଅବସ୍ଥାରେ ରଖିଛନ୍ତି। କାଚକେନ୍ଦୁ ପାଣି ଭଳି ଥିବା ରାସକୁଣ୍ଡ ପୋଖରୀରେ ଗୋଡ ଧୋଇବାକୁ ବି ଲୋକେ ପସନ୍ଦ କରୁନାହାନ୍ତି।

ସେହିଭଳି ପୁରୁଣା ଘରର ଯେଉଁ ଛାତ ଉପରେ ଜାତିର ଜନକ ମହାତ୍ମା ଗାନ୍ଧୀ ପଦଯାତ୍ରା କାଳରେ ରାତ୍ରୀଯାପନ ସହ ଦୁଇ ଦୁଇଥର ପ୍ରାର୍ଥନା କରିଥିଲେ ସେଠାରେ ପୂର୍ବରୁ ବସାଯାଇଥିବା ସ୍ମୃତିଫଳକ ବି ପରିତ୍ୟକ୍ତ ଅବସ୍ଥାରେ ପଡିଛି। ଏହା ପୂର୍ବରୁ ଉତ୍କଳ ଦିବସ ପାଳନବେଳେ ମଧୁସ୍ମୃତି ପୀଠର ଦୁରବସ୍ଥା ସମସ୍ତଙ୍କ ଦୃଷ୍ଟିକୁ ଆସିଥିଲା ଏବଂ ଏପ୍ରିଲ୍ ୨୮ ଜନ୍ମଦିନ ପୂର୍ବରୁ ସବୁ ଠିକଠାକ୍ ହୋଇଯିବ ବୋଲି କୁହାଯାଇଥିଲେ ମଧ୍ୟ ଏବେ ଅବସ୍ଥା ସୁଧୁରିବା ପରିବର୍ତ୍ତେ ବିଗିଡିଛି ବୋଲି ଅନେକ ଗ୍ରାମବାସୀଙ୍କ ସମେତ ଏହି ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ଆସିଥିବା ଦଳମତ ନିର୍ବିଶେଷରେ ବହୁ ବ୍ୟକ୍ତି ଖୋଲା ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଆଜି ଦିନ ତମାମ ସତ୍ୟଭାମାପୁରକୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ମଧୁପ୍ରେମୀଙ୍କ ସୁଅ ଛୁଟିବାରେ ସେଠାରେ ଶହ ଶହ ମୋଟରଯାନ ଦେଖିବାକୁ ମିଳିଥିଲା। କଂଗ୍ରେସ, ବିଜେଡି, ବିଜେପି, ବାମପନ୍ଥୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତାମାନେ ପଟୁଆରରେ ଯାଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧା ନିବେଦନ କରିଥିଲେ। ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ମଧୁବାବୁଙ୍କ ପବିତ୍ର ପୀଠରୁ ଆଜି ଓଡ଼ିଶା ଯାତ୍ରା ଆରମ୍ଭ ହୋଇଛି। ବିଭିନ୍ନ ଦଳ ଓ ସଂଗଠନ ପକ୍ଷରୁ ଏକାଧିକ ସଭା ଅନୁଷ୍ଠିତ ହୋଇଛି। ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପାଗାର ମଧୁ ବଜାର, ସତ୍ୟଭାମାପୁରର ପ୍ରବେଶ ପଥ, ମଧୁ କୋଠି ଆଦି ନିକଟରେ ତୋରଣମାନ କରାଯାଇଥିଲା।

ଏହି ଅବସରରେ ସତ୍ୟଭାମାପୁରର ମଧୁ ସ୍ମୃତି କମିଟି ପକ୍ଷରୁ ସଭାପତି ଗୋପାଳକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ସହ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସଭାରେ ଟ୍ରଷ୍ଟ ସହ ପ୍ରାୟ ୪୦ ବର୍ଷ ଧରି ଜଡ଼ିତ ଥିବା ଗାନ୍ଧି ବିଚାର ଚିନ୍ତକ ପ୍ରହଲ୍ଲାଦ ସିଂହ, ସର୍ବୋଦୟ ସଂଗଠନର ମିହିର ପ୍ରତାପ ଦାସ, ଅଧ୍ୟାପିକା ଡକ୍ଟର ବାସନ୍ତୀ ମହାନ୍ତି, ଟ୍ରଷ୍ଟ ପକ୍ଷରୁ ଗାୟତ୍ରୀ ଦାସ, ନିରୁପମା ସାମଲ, ସନ୍ଧ୍ୟାରାଣୀ ମଲ୍ଲିକ ବକ୍ତବ୍ୟ ରଖିଥିଲେ। (ତଥ୍ୟ)

## ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ

**କଟକ,୨୮।୪ (ସଂଚାର ବ୍ୟୁରୋ)ଃ** କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମଙ୍ଗଳବାର ସକାଳେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଓଡ଼ିଶା ଇତିହାସରେ ତାଙ୍କର ଅଭୁଲା ଛାପ, ଶିକ୍ଷା, ଶିଳ୍ପ ପାଇଁ ତାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ।

## ଆଧୁନିକ ପ୍ରଜନନ ସମ୍ବନ୍ଧୀୟ ସେବା ପାଇଁ କ୍ୟାପିଟାଲ ହସ୍ପିଟାଲ ପଞ୍ଜୀକୃତ

**ଭୁବନେଶ୍ୱର, ୨୮।୪ (ସଂଚାର ବ୍ୟୁରୋ)ଃ** ପିଜିଆଇଏମଇଆର ଏବଂ କ୍ୟାପିଟାଲ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ବିଜ୍ଞାନ ବିଭାଗକୁ ସହାୟକ ପ୍ରଜନନ ପ୍ରଯୁକ୍ତିବିଦ୍ୟା (ଆର୍ଟ) କ୍ଲିନିକ୍ (ସ୍ତର-୧) ଭାବେ ପଞ୍ଜୀକରଣ ସାର୍ଟିଫିକେଟ ମିଳିଛି। ସହାୟକ ପ୍ରଜନନ ପ୍ରଯୁକ୍ତି ହେଉଛି ଏକ ଆଧୁନିକ ଚିକିତ୍ସା ପ୍ରଣାଳୀ, ଯାହା ଦ୍ୱାରା ସନ୍ତାନ ଲାଭରେ ସମସ୍ୟା ଥିବା ଦମ୍ପତିମାନଙ୍କୁ ସହାୟତା କରାଯାଏ। ସହାୟକ ପ୍ରଜନନ ପ୍ରଯୁକ୍ତିବିଦ୍ୟା (ନିୟନ୍ତ୍ରଣ) ଆଇନ, ୨୦୨୧ ଅନୁସାରେ ଏହି ପଞ୍ଜୀକରଣ ପ୍ରଦାନ କରାଯାଇଛି। ଏହାର ବୈଧତା ୨୦୩୧, ଏପ୍ରିଲ ୨୭ ତାରିଖ ପାଞ୍ଚବର୍ଷ ଯାଏ ରହିବ। ଏହି କ୍ଲିନିକ ମାଧ୍ୟମରେ ସରକାରୀ ସ୍ତରରେ ଆଧୁନିକ ପ୍ରଜନନ ସମ୍ବନ୍ଧୀୟ ସେବା ସୁଲଭ ହେବା ସହ ନିସନ୍ତାନ ଦମ୍ପତିମାନଙ୍କୁ ଉନ୍ନତ ଚିକିତ୍ସା ସୁବିଧା ମିଳିବ। ଏହା ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ଚୂଡ଼ାନ୍ତ...

ପାର୍ସପୋର୍ଟ କିମ୍ବା ଆଧାର କାର୍ଡ ସାଙ୍ଗରେ ଆଣିବାକୁ କୁହାଯାଇଛି। ଉପଯୁକ୍ତ ପରିଚୟପତ୍ର ନ ଥିଲେ ମତଦାନ ପାଇଁ ଅନୁମତି ମିଳିବ ନାହିଁ। କିନ୍ତୁ ସାଙ୍ଗରେ ମୋବାଇଲ ଫୋନ୍ ଆଣିବା ଉପରେ କଟକଣା ଲଗାଯାଇଛି। ପ୍ରକାଶ ଥାଉ କି, ଗତ ୨୩ ତାରିଖରେ ୧୬ଟି ଜିଲ୍ଲାର ୧୫୨ଟି ନିର୍ବାଚନମଣ୍ଡଳୀ ପାଇଁ ପ୍ରଥମ ପର୍ଯ୍ୟାୟରେ ମତଦାନ ହୋଇଥିଲା।
ଏହି ପ୍ରଥମ ପର୍ଯ୍ୟାୟ ମତଦାନରେ ପ୍ରାୟ ୩ କୋଟି ୬୦ ଲକ୍ଷ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିବା ବେଳେ ୯୩ ପ୍ରତିଶତରୁ ଉର୍ଦ୍ଧ୍ୱ ମତଦାନ ରେକର୍ଡ କରାଯାଇଥିଲା। ସ୍ୱାଧୀନତା ପରବର୍ତ୍ତୀ ନିର୍ବାଚନ ପରିପ୍ରେକ୍ଷୀରେ ଏହା ସର୍ବକାଳୀନ ରେକର୍ଡ ମତଦାନ ହାର ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ଏହି ଧାରାର ପୁନରାବୃତ୍ତି ହେବ ବୋଲି ଆଶା କରାଯାଉଛି।

### ପ୍ରତିଷ୍ଠା ହେବ...

୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଲୋକମାନେ ଘରୁ ନ ବାହାରିବା ପାଇଁ ପରାମର୍ଶ ଦିଆଯାଇଛି।

ବିଶେଷକରି ଏହି ସମୟ ମଧ୍ୟରେ ଭୀଷଣ ଖରା ଅନୁଭୂତ ହେଉଥିବାରୁ କୌଣସି ମାଲ ପରିବହନ ଗାଡ଼ି ଏବଂ ଦୁଇଚକିଆ ଓ ଚାରିଚକିଆ ଗାଡ଼ି ରାସ୍ତାକୁ ଆସିବ ନାହିଁ। ଶ୍ରମିକମାନଙ୍କୁ ମଧ୍ୟ ଏହି ସମୟରେ କାମ ନ କରିବାକୁ ପୂର୍ବରୁ ନିର୍ଦ୍ଦେଶନାମା ଜାରି ହୋଇସାରିଛି। ପଞ୍ଚାୟତିରାଜ ବିଭାଗ ଓ ନଗର ଉନ୍ନୟନ ବିଭାଗକୁ ବ୍ୟାପକ ମାତ୍ରାରେ ଜଳଛତ୍ର ଖୋଲିବା ପାଇଁ କୁହାଯାଇଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି।

ସେହିପରି ପୂର୍ବରୁ ଜନସାଧାରଣଙ୍କୁ ପ୍ରାକୃତିକ ଦୁର୍ବିପାକରୁ ସୁରକ୍ଷା ଦେବା ସକାଶେ ରାଜ୍ୟରେ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ପ୍ରତିଷ୍ଠା କରାଯାଇଛି। ଏବେ ପ୍ରବଳ ଖରା ସମୟରେ ଯେପରି ଯାତ୍ରୀମାନେ ବିଶ୍ରାମ ନେଇପାରିବେ, ସେଥିସକାଶେ ସରକାର ସ୍ୱତନ୍ତ୍ର ଯୋଜନା କରିଛନ୍ତି। ଖୁବ୍‌ଶୀଘ୍ର ରାଜ୍ୟରେ 'ହିଟ୍ ୱେଭ ରିଲିଫ ସେଣ୍ଟର' ନିର୍ମାଣ କରାଯିବ ବୋଲି ରାଜ୍ୟ ସରକାର ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମଧ୍ୟରେ ଆଲୋଚନା ଜାରି ରହିଛି। ରାଜ୍ୟର ଯେଉଁ ଅଞ୍ଚଳରେ ଅଧିକ ଗ୍ରୀଷ୍ମ ପ୍ରବାହ ହେଉଛି, ସେଠାରେ ହିଁ ପ୍ରଥମେ ଏହି ବ୍ୟବସ୍ଥା ଆରମ୍ଭ ହେବ ଏବଂ ପରବର୍ତ୍ତୀ ସମୟରେ ଏହା ସାରା ରାଜ୍ୟରେ କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏହାଛଡ଼ା ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଂଶୁଘାତଜନିତ ସ୍ପେଶାଲ ଟ୍ରିଟମେଣ୍ଟ ପାଇଁ ବି ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

### ବ୍ୟକ୍ତିଗତ...

କାର୍ଯ୍ୟନିର୍ବାହୀ ଅଧିକାରୀ ଜାଣିପାରିଲେ ନାହିଁ କେମିତି? ଯଦି ଜାଣିଥିଲେ ତେବେ ଯନ୍ତ୍ରୀ ସେସବୁକୁ ଜଳାଞ୍ଜଳି ଦେଇ ରାସ୍ତାର ଏଷ୍ଟିମେଟ ପ୍ରସ୍ତୁତ କରି ବିଭାଗୀୟ ଅନୁମୋଦନ ପାଇଁ ପଠାଇବା ପଛର କାରଣ କ'ଣ? ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବେଆଇନ୍ ଓ ଦୁର୍ନୀତିକୁ ଦମନ କରିବା ପାଇଁ ନକ୍ସା ପ୍ରସ୍ତୁତ କରୁଥିବା ବେଳେ ମହାକାଳପଡ଼ା ପ୍ରଶାସନର ଏ ବିଚିତ୍ର ବ୍ୟବସ୍ଥା ମୁଖ୍ୟମନ୍ତ୍ରୀଙ୍କ ନକ୍ସାକୁ ଶକ୍ତ ଚଟକଣା ଦେଇଛି। ତେବେ ଏହି ବେଆଇନ ରାସ୍ତା ନିର୍ମାଣରେ ଭିଜିଲାନ୍ସ ତଦନ୍ତ କରି ଏଥିରେ ସାମିଲ୍ ଥିବା ତଳଠାରୁ ଉପର ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### କୁଆଡ଼େ ଗଲେ...

ସେତେବେଳେ ବହୁ ବିଜୁ ଲିଗାସୀ ତାଙ୍କ ସହ ଯୋଡ଼ି ହୋଇଥିଲେ। ସେମାନଙ୍କ ମଧ୍ୟରୁ ଏବେ କିଛି ନାଗରିକ ମଞ୍ଚରେ ମଧ୍ୟ ଅଛନ୍ତି। ବିଜୁବାବୁଙ୍କ ପ୍ରତି ନାଗରିକ ମଞ୍ଚର ଯେଉଁ ସମ୍ମାନ ରହିଛି, ଦାମ ରାଉତଙ୍କର ବି ସେହିଭଳି ସମ୍ମାନ ଥିଲା। ବିଜୁଙ୍କ ପ୍ରତି ସାମାନ୍ୟ ଅବମାନନା କିମ୍ବା ଅସମ୍ମାନକୁ ସେ ଦୃଢ଼ ଭାବେ ବିରୋଧ କରୁଥିଲେ। ଶିଆଳି ବାଲିଯାତ୍ରା କମିଟି ପ୍ରତିମୂର୍ତ୍ତି ପାଇଁ ଜଙ୍ଗଲ ବିଭାଗର ଅନୁମତି ନେଇ ନ ଥିବା କଥା ସତ୍ୟ। କିନ୍ତୁ ଜଙ୍ଗଲ ବିଭାଗ ପ୍ରତିମୂର୍ତ୍ତି ଭାଙ୍ଗିବା ପରିବର୍ତ୍ତେ ସ୍ଥାନାନ୍ତର ପାଇଁ କମିଟିକୁ ନୋଟିସ କରିପାରିଥାନ୍ତା। ତାହା ନ କରି ପ୍ରତିମୂର୍ତ୍ତି ଭାଙ୍ଗିଦେବା କେତେ ଯୁକ୍ତିଯୁକ୍ତ ବୋଲି ଏରସମାବାସୀ ପ୍ରଶ୍ନ କରିଛନ୍ତି। ଏଥିସହ ପୂଜ୍ୟପୂଜା ଓ ଓଡ଼ିଆ ଅସ୍ମିତା କଥା କହୁଥିବା ବର୍ତ୍ତମାନର ସରକାର ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ବୋଲି ଜିଲ୍ଲାବାସୀ ପ୍ରଶ୍ନ କରିଛନ୍ତି।

ବର୍ତ୍ତମାନର ନାଗରିକ ମଞ୍ଚର ଅନେକ ସହଯୋଗୀ ଦାମ ରାଉତଙ୍କୁ ଏକଦା ଭାଇ ବୋଲି ସମ୍ବୋଧନ କରୁଥିଲେ ଓ ତାଙ୍କ ସହ ଘନିଷ୍ଠତା ମଧ୍ୟ ଥିଲା। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ନାଗରିକ ମଞ୍ଚ ସ୍ୱର୍ଗତଃ ଦାମ ରାଉତଙ୍କ ପ୍ରତି ଅସମ୍ମାନକୁ ନିନ୍ଦା କି ବିରୋଧ କରୁନାହିଁ। ନାଗରିକ ମଞ୍ଚ ବିଜୁବାବୁ ଓ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ କଲେ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଦାମ ରାଉତଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାରେ ମଞ୍ଚର କୌଣସି ସଦସ୍ୟ ପାଟି ନ ଖୋଲିବା ସମସ୍ତଙ୍କୁ ଚକିତ କରିଛି। ଜଗତସିଂହପୁର ବିଶେଷକରି ଏରସମାବାସୀ ଅପେକ୍ଷା କରୁଛନ୍ତି ସ୍ୱର୍ଗତଃ ଦାମ ରାଉତଙ୍କ ପ୍ରତି ଅସମ୍ମାନ ବିରୋଧରେ ଯେଉଁ ଆନ୍ଦୋଳନ ମୁଣ୍ଡ ଟେକିଛି, ସେଥିରେ ନାଗରିକ ମଞ୍ଚ ସାମିଲ ହେବ।

### ମହାସଚିବ ପଦକୁ...

ଆରମ୍ଭ ହୋଇଛି। ଦଳର ଜଣେ ଆଗଧାଡ଼ିର ନେତ୍ରୀ ଫତୁଆ ଜାରି କରିଛନ୍ତି ଯେ ଦଳୀୟ କାର୍ଯ୍ୟାଳୟରେ ସଂଗଠନ ପାଇଁ ଉଦ୍ଦିଷ୍ଟ ଦପ୍ତରରେ କେବଳ ମହାସଚିବ, ବରିଷ୍ଠ ଉପସଭାପତି ଓ ସଭାପତି ବସିବେ। ଅନ୍ୟ କେହି ବି ବସିବେ ନାହିଁ। ଏହାକୁ ନେଇ ଏବେ ଯୁବନେତାଙ୍କ ଭିତରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଛି।

ନିକଟରେ ରାଜ୍ୟର ଭୋଟର୍ ତାଲିକାରୁ ପ୍ରାୟ ୧୦ ଲକ୍ଷ ଭୋଟରଙ୍କ ନାମ କାଟିବାକୁ ନେଇ ନିର୍ବାଚନ ଅଧିକାରୀଙ୍କ ଦପ୍ତର ଘେରାଉ କାର୍ଯ୍ୟକ୍ରମ ଥିଲା। ହେଲେ ଏହି ମହାଭାରତ ପ୍ରଭାବରେ ଘେରାଉ ବେଳକୁ କର୍ମୀ ସଙ୍କଟ ଦେଖାଦେଲା। ସମ୍ପୃକ୍ତ ନେତ୍ରୀଙ୍କ ମନମାନୀ ପାଇଁ ଯେଉଁମାନେ ନିଜ ନିଜ ସମର୍ଥକଙ୍କୁ ଆଣିଥିଲେ, ସେମାନେ ବିଳମ୍ବର କାରଣ ଦର୍ଶାଇ ସମର୍ଥକମାନଙ୍କୁ ଘରକୁ ପଠାଇଦେଲେ। ଏହା କେବଳ ମହାସଚିବ ପଦବୀକୁ ନେଇ ଚାଲିଥିବା ଟଣାଓଟରାର ପ୍ରତିଫଳନ ବୋଲି ଦଳ ଭିତରେ ଆଲୋଚନା ଚାଲିଛି। ଅବଶ୍ୟ ଦଳର ବରିଷ୍ଠମାନେ ସବୁ ଦେଖି ଓ ଶୁଣି ଏକପ୍ରକାର ନୀରବତା ଅବଲମ୍ବନ କରିବାକୁ ଉଚିତ ମଣୁଛନ୍ତି। କିନ୍ତୁ ଏଭଳି ବିବାଦର ସମାଧାନ ନ ହେଲେ ଆଗାମୀ ଦିନରେ ଏହି ଛାମୁଆ ସଂଗଠନଗୁଡ଼ିକ ସରକାରଙ୍କ ବିରୋଧରେ ଲଢ଼ିବା ବଦଳରେ ପଦପଦବୀ ପାଇଁ ନିଜ ନିଜ ଭିତରେ ଲଢ଼ିବେ ବୋଲି କର୍ମୀମାନେ ଆଲୋଚନା କରୁଛନ୍ତି।

### ଖୁବ୍‌ଶୀଘ୍ର...

ହଟଲାଇନ ମରାମତି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଯାଉଛୁ, ଯାହାଦ୍ୱାରା ତାରରେ ବିଦ୍ୟୁତ ପ୍ରବାହିତ ହେଉଥିବା ସମୟରେ ମଧ୍ୟ ମରାମତି କାମ କରାଯାଇପାରିବ। ଫଳରେ ଏଣିକି ମରାମତି ପାଇଁ ଆଉ ବିଦ୍ୟୁତ୍ କାଟ କରିବାର ଆବଶ୍ୟକତା ପଡ଼ିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ବିଦ୍ୟୁତ୍ ପରିଚାଳନା ପ୍ରଣାଳୀକୁ ସ୍ମାର୍ଟ କରିବା ନେଇ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଆମେ ଓଡ଼ିଶାକୁ ଡିଜିଟାଲାଇଜେସନ ଦିଗରେ ଆଗେଇ ନେଉଛୁ। ମଞ୍ଚେଶ୍ୱରଠାରେ ନିର୍ମିତ ନୂତନ ଷ୍ଟେଟଲୋଡ୍ ଡେସପାଚ ସେଣ୍ଟର (ଏସଏଲଡିସି) ରାଜ୍ୟର ବିଦ୍ୟୁତ୍ ପରିଚାଳନା ପାଇଁ 'ହାର୍ଟ' ସଦୃଶ କାର୍ଯ୍ୟ କରିବ। ଏଥିସହ 'ଷ୍ଟାମ୍ପ୍‌ସ' ପ୍ରକଳ୍ପ ଜରିଆରେ ୭୦ଟି ଗ୍ରୀଡକୁ ରିମୋଟ୍ ମାଧ୍ୟମରେ ପରିଚାଳନା କରାଯାଇ ତ୍ରୁଟିଗୁଡ଼ିକର ତୁରନ୍ତ ସମାଧାନ କରାଯିବ।

ଏହି ଅତ୍ୟାଧୁନିକ ବ୍ୟବସ୍ଥାଗୁଡ଼ିକ କେନ୍ଦୁଝର ଜିଲ୍ଲାର ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହ ଓଡ଼ିଶାର ଭବିଷ୍ୟତ ବିଦ୍ୟୁତ ପରିବହନ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବ। ଗତ ୨୦୦୦ରେ ରାଜ୍ୟରେ ୧୬ ଲକ୍ଷ ବିଦ୍ୟୁତ ଉପଭୋକ୍ତା ଥିବା ବେଳେ ଆଜି ଏହି ସଂଖ୍ୟା ୧ କୋଟିରେ ପହଞ୍ଚିଛି। ଏହି ଅଭିବୃଦ୍ଧିକୁ ବଜାୟ ରଖିବା ପାଇଁ ୨୦୩୬ ସୁଦ୍ଧା ରାଜ୍ୟରେ ଆହୁରି ୩୪ଟି ନୂଆ ଗ୍ରୀଡ୍ ସବଷ୍ଟେସନ କରାଯିବ। ବିଶେଷକରି ଭୁବନେଶ୍ୱର, ଯାଜପୁର, ଝାରସୁଗୁଡ଼ା ଓ ଗଜପତିରେ ପ୍ରଥମ ଥର ପାଇଁ ୭୬୫ କେଭି ଗ୍ରୀଡ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି।

ଓପିଟିସିଏଲ ପକ୍ଷରୁ ଏଣିକି 'ହଟଲାଇନ ମେଣ୍ଟେନାନ୍ସ' ବ୍ୟବସ୍ଥା କରାଯିବ, ଯାହାଦ୍ୱାରା ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ନ କରି ମଧ୍ୟ ତା'ର ମରାମତି କରାଯାଇପାରିବ। ସେହିପରି ମଞ୍ଚେଶ୍ୱରଠାରେ ନୂତନ ଷ୍ଟେଟ୍ ଲୋଡ୍ ଡିସପାଚ୍ ସେଣ୍ଟର (ଏସଏଲଡିସି) ବିଦ୍ୟୁତ ପରିଚାଳନାକୁ ଆହୁରି ସ୍ମାର୍ଟ କରିବ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କେନ୍ଦୁଝର ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ଦୋହରାଇ କହିଛନ୍ତି ଯେ ମୁଁ ବାରମ୍ବାର କହିଛି ଖଣି ଖାଦାନଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରାଯିବ। କେନ୍ଦୁଝର ଏତେ ଦିନ ଧରି ରାଜ୍ୟକୁ ସମୃଦ୍ଧି ଦେଇ ଆସିଛି, ଏବେ ସମୟ ଆସିଛି କେନ୍ଦୁଝରକୁ ତା'ର ହକ ଫେରିପାରିବ। ଏହି ଅବସରରେ ସେ ବଡ଼ବିଲ ରିଂ-ରୋଡ୍‌ର କାର୍ଯ୍ୟ ଓ ଆଗାମୀ ମେଗା ଷ୍ଟିଲ୍ ପ୍ଲାଣ୍ଟ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ଜାପାନର ପ୍ରସିଦ୍ଧ ଜେଏଫଇ ଷ୍ଟିଲକୁ କେନ୍ଦୁଝରରେ କାରଖାନା ଗଡ଼ିବାକୁ ପ୍ରସ୍ତାବ ଦିଆଯାଇଛି, ଯାହା ଭବିଷ୍ୟତର 'ଇଲେକ୍‌ଟ୍ରିକାଲ୍ ଷ୍ଟିଲ୍' ଉତ୍ପାଦନ କରିବ। ଜିଲ୍ଲାରେ ବଢୁଥିବା ଶିଳ୍ପ ଚାହିଦାକୁ ଦୃଷ୍ଟିରେ ରଖି ଆଗାମୀ ୨୦ ବର୍ଷର ଆବଶ୍ୟକତାକୁ ପୂରଣ କରିବା ଭଳି ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଆଜି ସୌର, ପବନ ଓ ପରମାଣୁ ଶକ୍ତିରେ ଆତ୍ମନିର୍ଭର ହେଉଛି। ଆମ ଡବଲ ଇଞ୍ଜିନ ସରକାର ସେହି ବିକାଶର ଧାରାକୁ ଓଡ଼ିଶାର ପ୍ରତିଟି ଗାଁ ଓ ପ୍ରତିଟି ପରିବାର ପାଖରେ ପହଞ୍ଚାଇବାକୁ ସଂକଳ୍ପବଦ୍ଧ। 'କେନ୍ଦୁଝରର ବିକାଶ ଦାୟିତ୍ୱ ମୋର' ଏହି ପ୍ରତିଶ୍ରୁତି ସହ ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ସହଯୋଗ ଲୋଡ଼ିଥିଲେ ଓ ଆଗାମୀ ୧୦ ବର୍ଷ ମଧ୍ୟରେ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ ରାଜ୍ୟରେ ସମସ୍ତ ବିଦ୍ୟୁତ ଶକ୍ତି ବ୍ୟବସ୍ଥାର ସମ୍ପ୍ରସାରଣ ସୁନିଶ୍ଚିତ କରିବା ପାଇଁ ଆମ ସରକାର ଦୃଢ଼ କାର୍ଯ୍ୟରତ। ଆଜିର ଗ୍ରୀଡ୍ ସବ୍‌ଷ୍ଟେସନ କେବଳ କେନ୍ଦୁଝର ନୁହେଁ, ଏହାର ପାୱାର ସପ୍ଲାଏ ସୁନ୍ଦରଗଡ଼, ଅନୁଗୋଳ, ବଇଣ୍ଡା ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ ହେବ। ଆଗାମୀ ଦିନରେ କେନ୍ଦୁଝର ଅଞ୍ଚଳରେ ଥିବା ସମସ୍ତ ଉପାନ୍ତ ଅଞ୍ଚଳରେ ଯେଉଁଠାରେ ବିଦ୍ୟୁତ କନେକ୍ସନ ନାହିଁ, ସେ ସମସ୍ତ ଅଞ୍ଚଳକୁ ବିଦ୍ୟୁତ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛୁ। କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡକ୍ଟର ଫକିର ମୋହନ ନାଏକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ସହ କେନ୍ଦୁଝର ଜିଲ୍ଲାପାଳ ଓ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।

# ଗଞ୍ଜାମରେ ବଢ଼ୁଛି ବାଇକ୍ ଚୋରି ଆତଙ୍କ

**ସହରରେ ସକ୍ରିୟ ବାଇକ୍ ଚୋରି ରାକେଟ**



ଛତ୍ରପୁର,୨୮।୪ (ସଂଚାର ବ୍ୟୁରୋ): ଗଞ୍ଜାମ ଥାନା ଅଞ୍ଚଳରେ ବାଇକ ଚୋରି ଘଟଣା ଦିନକୁ ଦିନ ଭୟାବହ ରୂପ ନେଉଛି। ସାନ ବଜାର ନିକଟସ୍ଥ ସାତ ଭଉଣୀ ମନ୍ଦିର ପାଖରୁ ଗତକାଲି ବିଳମ୍ବିତ ରାତିରେ 'ହୋଣ୍ଡା ହର୍ନେଟ' ବାଇକ୍ (ନଂ. ଓଡ଼ି୦୭ ଏଟି ୭୮୭୨) ଚୋରି ହୋଇଥିବା ନେଇ ଗଞ୍ଜାମ ଥାନାରେ ଲିଖିତ ଅଭିଯୋଗ ଦାଖଲ ହୋଇଛି।

ସୂଚନା ଅନୁଯାୟୀ, ଗତ ଏକ ବର୍ଷ ଧରି ସହରର ବିଭିନ୍ନ ସ୍ଥାନରୁ ସମାନ ଢଙ୍ଗରେ ଅଧା ଡଜନ୍‌ରୁ ଅଧିକ ବାଇକ ଚୋରି ହୋଇଥିବା ଅଭିଯୋଗ ରହିଥିଲେ ମଧ୍ୟ ପୁଲିସ ଏପର୍ଯ୍ୟନ୍ତ ଚୋର ରାକେଟ ପାଖରେ ପହଞ୍ଚିପାରିନାହିଁ। ସହରର ବ୍ଲକ୍ ଅଫିସ୍ ସମ୍ମୁଖ, ଆହାର କେନ୍ଦ୍ର ନିକଟ, ପୁଇଣ୍ଟୋଲା ଛକ, ଲକ୍ଷ୍ମୀପୁର, ବଜାର ହରିଜନ ସାହି ଓ ଦୁର୍ଗାଦେବୀ ସାହି ଭଳି ବିଭିନ୍ନ ସ୍ଥାନରୁ ଲାଗାତାର ବାଇକ ଚୋରି ଘଟଣା ଘଟୁଥିବା ଦେଖାଯାଉଛି। ପୂର୍ବରୁ ମଧ୍ୟ ସାତ ଭଉଣୀ ମନ୍ଦିର ପାଖରୁ ଅନ୍ୟ ଏକ ବାଇକ ଚୋରି ହୋଇଥିବା ଅଭିଯୋଗ ରହିଛି। ଏଥିରୁ ଅଞ୍ଚଳରେ ସଂଗଠିତ ଚୋର ରାକେଟ ସକ୍ରିୟ ଥିବା ସନ୍ଦେହ ସ୍ପଷ୍ଟ ହେଉଛି। ସେହିପରି, ଗତ ସପ୍ତାହରେ ଗଞ୍ଜାମ ଏସବିଆଇ ବ୍ୟାଙ୍କ ସମ୍ମୁଖରେ ଦିନ ଦିବାଲୋକରେ ଦୁଇ ଲକ୍ଷ ଟଙ୍କା ଲୁଟ ଘଟଣା ଘଟିଥିଲା। ଘଟଣା ପରେ କିଛି ଦିନ ବିତିଯାଇଥିଲେ ସୁଦ୍ଧା ପୁଲିସ ଦୋଷୀମାନଙ୍କୁ ଧରିପାରିନଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଏପରି ପରିସ୍ଥିତିରେ ସ୍ଥାନୀୟ ଲୋକମାନେ ଶୀଘ୍ର ଚୋରମାନଙ୍କୁ ଗିରଫ ସହିତ ରାତ୍ରି ପାଟ୍ରୋଲିଂ ଓ ସିସିଟିଭି ବ୍ୟବସ୍ଥାକୁ ସକ୍ରିୟ କରିବାକୁ ଦାବି ଜଣାଇଛନ୍ତି।

## ଆଜିଠୁ ସୋଆରେ ସାଇବର ସୁରକ୍ଷା ସମ୍ପର୍କିତ ଦୁଇଦିନିଆ ଜାତୀୟ ସମ୍ମିଳନୀ



ଭୁବନେଶ୍ୱର,୨୮।୪ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ବୁଧବାର ଠାରୁ 'ସାଇବର ସିକ୍ୟୁରିଟି, ଏଆଇ ଆଣ୍ଡ ଏମର୍ଜିଂ ଟେକ୍ନୋଲଜିସ୍- ସିକ୍ୟୁରିଂ ଟୁମୋରୋସ ଇନ୍‌ଟେଲିଜେନ୍‌ଟ ସିଷ୍ଟମ୍‌ସ' ଶୀର୍ଷକ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଆୟୋଜିତ ହେବାକୁ ଥିବା ବେଳେ ପ୍ରଶାସନ, ଶିଳ୍ପ, ଶିକ୍ଷା ଏବଂ ପ୍ରତିରକ୍ଷା କ୍ଷେତ୍ରର ନେତୃବର୍ଗ ଏକତ୍ରିତ ହୋଇ ଏକ ସୁରକ୍ଷିତ ଓ ବୁଦ୍ଧିମତା ସମ୍ପନ୍ନ ଡିଜିଟାଲ୍ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିବେ।

ସୋଆ ଏବଂ ଅଟଳ ଇନ୍‌କ୍ୟୁବେସନ୍ ସେଂଟର - ସୋଆ ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀରେ ଭାରତ ପ୍ରତି ଥିବା ସାଇବର ସମ୍ପର୍କିତ ବିପଦକୁ ପ୍ରତିହିତ କରିବା ସହ କୃତ୍ରିମ ବୁଦ୍ଧିମତାକୁ ନୈତିକ ପ୍ରକ୍ରିୟାରେ ଆପଣାଇବା ସମ୍ପର୍କରେ ଆଲୋଚନା କରିବା ହିଁ ଏହି ସମ୍ମିଳନୀର ମୂଳ ଲକ୍ଷ୍ୟ ବୋଲି ଏଆଇସି-ସୋଆ ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ କହିଛନ୍ତି। ଏହି ସମ୍ମିଳନୀରେ ସାଇବର ସୁରକ୍ଷା ନେଇ ରୋଡ ମ୍ୟାପ୍, ଡାଟା ସୁରକ୍ଷା ଓ ଏଆଇ ଗଭର୍ଣ୍ଣାନ୍‌ସ, ଶିଳ୍ପ, ଶିକ୍ଷା, ସରକାରୀ ସହଭାଗିତା ନିମନ୍ତେ ଗବେଷଣା ସମ୍ପର୍କରେ ଆଲୋଚନା କରାଯିବ।

କାର୍ଯ୍ୟକ୍ରମରେ ସାଇବର ସିକ୍ୟୁରିଟି ଆସୋସିଏସନ୍ ଅଫ୍ ଇଣ୍ଡିଆର ସଭାପତି ଡକ୍ଟର ଏନ୍.କେ, ଗୋୟଲ ଓ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ମଧ୍ୟ ରହିଛି।

## ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଯାଜପୁର,୨୮।୪ (ସଂଚାର ବ୍ୟୁରୋ): ଜିଲ୍ଲା ଓ ଦୌରା ଅଦାଲତ ସମେତ ଜିଲ୍ଲା ର ସମସ୍ତ ଅଦାଲତ ପରିସରରେ ଆସନ୍ତା ମଇ ୯ ତାରିଖରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ଭାରପ୍ରାପ୍ତ ସଚିବ ନେହା ଅଗ୍ରୱାଲ ପ୍ରକାଶ କରିଛନ୍ତି। ଉକ୍ତ ଲୋକ ଅଦାଲତରେ ସମସ୍ତ ପ୍ରକାର ର ବିଚାରଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସଯୋଗ୍ୟ), ଚେକ ୱାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ସମାଧାନ ଯୋଗ୍ୟ, ଟ୍ରାଫିକ ଚାଲାଣ, ଦୋଷ ସ୍ୱୀକାର ବୁଝାମଣା, ଶ୍ରମ ଓ ନିଯୁକ୍ତି ବିବାଦ, ପାରିବାରିକ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋସ ସମାଧାନ କରାଯିବ। ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଯାଜପୁର ଓ ତାଲୁକ ଆଇନସେବା କମିଟି, ଯାଜପୁର ରୋଡ ଏବଂ ଚଣ୍ଡିଖୋଲ ସହିତ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି।

## ଗୃହରକ୍ଷୀ ସଂଘ ପକ୍ଷରୁ ହୋମଗାର୍ଡଙ୍କ ପରିବାର ସଦସ୍ୟଙ୍କୁ ଆର୍ଥିକ ସହାୟତା



ଫୁଲବାଣୀ,୨୮।୪ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଶୃଙ୍ଖଳିତ ପଞ୍ଜୀକୃତ ହୋମଗାର୍ଡ ସଂଘ କର୍ମକର୍ତ୍ତାଙ୍କ ନିଷ୍ପତ୍ତି ପ୍ରକାରେ ଗୃହରକ୍ଷୀ କମାଣ୍ଡେଣ୍ଟ ହରିଶ୍ ବିସିଙ୍କ ସହଯୋଗ ପ୍ରକାରେ ରୋଗଶର୍ଯ୍ୟାରେ ପଡ଼ି କୋଟଗଡ଼ ଥାନାରେ କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କରିଥିବା ହୋମଗାର୍ଡ କର୍ମଚାରୀ ନିଳାଞ୍ଚଳ ଦଣ୍ଡସେନାଙ୍କ ପରିବାର ସଦସ୍ୟଙ୍କୁ ଜିଲ୍ଲାର ସମସ୍ତ ଶୃଙ୍ଖଳିତ ହୋମଗାର୍ଡ କର୍ମଚାରୀ ମାନଙ୍କର ଗୋଟିଏ ଦିନର ଦରମା ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ତା ସହିତ ଫିରିଙ୍ଗିଆ ଥାନାରେ ହୋମଗାର୍ଡ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିବା ହୋମଗାର୍ଡ କର୍ମଚାରୀ ସରୋଜ ମାଝୀଙ୍କୁ ମଧ୍ୟ ସଂଗଠନ ତରଫରୁ ଅନୁକମ୍ପା ମୂଳକ ସହାୟତା ଯୋଗାଇ ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଂଘ ଆବାହକ ତଥା ଉପ ସଭାପତି ବିରାଜ କୁମାର ପ୍ରଧାନ କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ରାୟ ଜୟନ୍ତୀ ଚୈଧୁର ଉପସ୍ଥିତ ରହି ଶୃଙ୍ଖଳାଗତ ସହଯୋଗ କରିଥିଲେ।

## ମାଟି ପକାଇ ୨୦ ଲକ୍ଷ ଟଙ୍କା ଆତ୍ମସାତ ଅଭିଯୋଗ



**ଦୁଇଟି ସୂଚନା ଫଳକ ଲଗାଇ ୨୦ ଲକ୍ଷ ଖାଇଲା କିଏ ?**

**ପୋଖରି ଖୋଳା ମାଟିରେ ରାସ୍ତା ନିର୍ମାଣ କରି ହେଉଛି ବିଲ୍**

ଆନନ୍ଦପୁର,୨୮।୪ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାରେ ପୁଣି ମହା ଘୋଟାଲାର ଗନ୍ଧ। ମାଟି ପକାଇ ରାସ୍ତା ନିର୍ମାଣ ନାମରେ ୨୦ ଲକ୍ଷ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ଆସିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ଏହି ଘଟଣା ନେଇ ସ୍ଥାନୀୟ ଲୋକେ ଉଠାଇଛନ୍ତି ଗୁରୁତର ପ୍ରଶ୍ନ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ କୋଡପଡ଼ା ପଂଚାୟତରେ ଦେଖିବାକୁ ମିଳିଛି ଏକ ଘୋଟାଲା।

ଅଭିଯୋଗ ଅନୁସାରେ, ଗୋଟିଏ ସ୍ଥାନରେ ଦୁଇଟି ସୂଚନା ଫଳକ ଲଗାଇ ୨୦ ଲକ୍ଷ ଟଙ୍କା ବିଲ୍ କରାଯାଇଛି। ପ୍ରଥମ ସୂଚନା ଫଳକରେ କୋଡପଡ଼ା ଶୁଆଖାଇ ପୋଲ ଠାରୁ ମଳିକ ସାହି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ଦର୍ଶାଯାଇଛି। ସେଇପରି ଆଉ ଏକ ଫଳକରେ ଶୁଆଖାଇ ପୋଲ ଠାରୁ ଭୋଗପୁର ପର୍ଯ୍ୟନ୍ତ ରାସ୍ତା ପାଇଁ ମଧ୍ୟ ୧୦ ଲକ୍ଷ ଟଙ୍କା ବ୍ୟୟ ଦର୍ଶାଯାଇଛି। କିନ୍ତୁ ଚିନ୍ତା ଜନକ କଥା ହେଲା, ଦୁଇଟି ସୂଚନା ଫଳକରେ କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ ଉଲ୍ଲେଖ ନାହିଁ। ଏହା ସହିତ ଶ୍ରମିକ ଦିବସ, ସାମଗ୍ରୀ ବ୍ୟୟ, ଓ ଅନ୍ୟାନ୍ୟ ଆବଶ୍ୟକ ତଥ୍ୟ ମଧ୍ୟ ନଥିବାରୁ ଘଟଣାକୁ ନେଇ ସନ୍ଦେହ ଆଉ ଗଭୀର ହେଉଛି। ଅଭିଯୋଗ ହେଉଛି, ପୋଖରୀ ଖୋଳା ମାଟିକୁ ବ୍ୟବହାର କରି ରାସ୍ତା ତିଆରି କରାଯାଇଥିବା ସତ୍ତ୍ୱେ ଭାରି ଅର୍ଥର ବିଲ୍ ଉଠାଯାଇଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, କିଛି ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏଭଳି ଘୋଟାଲା ଘଟୁଥିବା ସନ୍ଦେହ ହୋଇଛି। କେଉଁ ଯନ୍ତ୍ରୀ ଏହି କାର୍ଯ୍ୟ କୁ ତଦାରଖ କରୁଥିଲେ ? ଲକ୍ଷ ଲକ୍ଷ ଟଙ୍କାରେ ନିର୍ମାଣ ହୋଇଥିବା ରାସ୍ତା କେତେ ଦୀନ ତିଷ୍ଟିବ? ଜାଣି ଶୁଣି ନୀରବ ରହି ଦୁର୍ନୀତିକୁ ପ୍ରଶ୍ରୟ ଦେଉଛନ୍ତି କି ଅଧିକାରୀ? ଅସରାଏ ବର୍ଷାରେ ଏ ରାସ୍ତା ରହିବ କି ନାହିଁ ତାକୁ ନେଇ ଏବେ ଅଞ୍ଚଳବାସୀ କରୁଛନ୍ତି ଆଲୋଚନା। ତେବେ ଏହି ଅଭିଯୋଗ କେତେ ସତ୍ୟ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ। କିନ୍ତୁ ସରକାରୀ ଯୋଜନାରେ ଏଭଳି ଅନିୟମିତତାକୁ ନେଇ ବଡ଼ ପ୍ରଶ୍ନ ଉଠିଛି।

## ସୋଆରେ ଆନ୍ତର୍ଜାତିକ ବିହନ ଦିବସ ପାଳିତ



ଭୁବନେଶ୍ୱର,୨୮।୪ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍)ର ବୀଜ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ରବିବାର ଭୁବନେଶ୍ୱର ଉପକଣ୍ଠ ଭୋଲା ଗ୍ରାମରେ ଏହି ଅଞ୍ଚଳର ପ୍ରାୟ ୭୦ଜଣ ଚାଷୀଙ୍କ ଉପସ୍ଥିତିରେ ଆନ୍ତର୍ଜାତିକ ବିହନ ଦିବସ ପାଳିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ କୃଷି ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ମୁଖ୍ୟ ପୁରୋଧା ଭାବେ ଉପସ୍ଥିତ ଥିଲେ। ଏହି ସଭାରେ ମୁଖ୍ୟ ଅତିଥି ଡ.ଦେବରାଜ ଲେଙ୍କା, ସମ୍ମାନିତ ଅତିଥି ପ୍ରଫେସର ସରୋଜ କୁମାର ମହାନ୍ତି ଏବଂ ମୁଖ୍ୟବକ୍ତା ପ୍ରଫେସର ରବି କୁମାର ପଟ୍ଟନାୟକ କୃଷକମାନଙ୍କୁ ଉନ୍ନତ ବିହନର ଉପାଦେୟତା, ଗୁଣବତା ବୃଦ୍ଧି ପ୍ରକ୍ରିୟା ଓ ସଂରକ୍ଷଣ ବିଷୟରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ କଣ୍ଟାବାଡ ଗ୍ରାମ ପଞ୍ଚାୟତର ସମିତି ସଭ୍ୟା ସସ୍ମିତା ବେହେରା ଉପସ୍ଥିତ ରହି କୃଷକମାନଙ୍କୁ ଉତ୍ସାହିତ କରିଥିଲେ। ଗ୍ରାମର ଦୁଇଜଣ ସଫଳ ଚାଷୀ ଶ୍ରୀମତି ଉଷା ଜଟ ଓ ଶ୍ରୀ କୁଳମଣି ଦାସ, କୃଷକ ସାଥି ଶ୍ରୀ ସଏଦ୍ ମହମ୍ମଦ ଓ ଶ୍ରୀ ଭାଗ୍ୟଧର ଦାସଙ୍କୁ ସଭାରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ନାତକ ଛାତ୍ରଛାତ୍ରୀମାନେ ବିଭିନ୍ନ ବିହନ ପରୀକ୍ଷା ଓ ସଂରକ୍ଷଣ ପଦ୍ଧତି, ସମନ୍ୱିତ କୀଟ ନିୟନ୍ତ୍ରଣ ପଦ୍ଧତି ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ।

## ଜନ ଆକ୍ରୋଶ ମହିଳା ସମାବେଶ ଓ ପଦଯାତ୍ରା




ଅସ୍ତରଙ୍ଗ/କାକଟପୁର,୨୮।୪ (ସଂଚାର ବ୍ୟୁରୋ): ମହିଳା ସଂରକ୍ଷଣ ବିଲ୍ କାଟକୁ ନେଇ ଆଜି ପୁରୀ ଜିଲ୍ଲା ଅସ୍ତରଙ୍ଗ ଭାରତୀୟ ଜନତା ପାର୍ଟି ଅସ୍ତରଙ୍ଗ ମଣ୍ଡଳ ଓ ନୂଆଗଡ଼ ମଣ୍ଡଳ ତରଫରୁ ବିଶାଳ ମହିଳା ସମାବେଶ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଅସ୍ତରଙ୍ଗ ହରିଣୀହୁଳା ରାମ ମନ୍ଦିର ଠାରୁ ମା ଜାଗୁଳେଇ ମନ୍ଦିର ପର୍ଯ୍ୟନ୍ତ ଶହ ଶହ ମହିଳା ଓ ପୁରୁଷ କଳା ବ୍ୟାଚ ପରିଧାନ କରି ଏକ ବିଶାଳ ପଦ ଯାତ୍ରାରେ ଯାଇଥିଲେ। ନାରୀଶକ୍ତି ବନ୍ଦନ ଅଧିନିୟମକୁ ସଂସଦରେ ପାରିତ କରିବାରେ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀମାନେ ପ୍ରତିବନ୍ଧକ ସାଜି ଥିଲେ। ସେମାନେ ଏହି ବିଲ୍ ବିରୋଧରେ ଭୋଟିଂ ଦେଇ ରାଜନୀତ କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରୀ ଚାହୁଁ ନଥିବା ଉପସ୍ଥିତ ଆନ୍ଦୋଳନକାରୀମାନେ କହିଛନ୍ତି।

ଏହି ବିଶାଳ ସମାବେଶରେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଜଗତସିଂହପୁର ସାଂସଦ ପ୍ରତିନିଧି ଦିବାକର ଛାଟୋଇ, ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତୀ ନାୟକ, ନାରୀ ନେତ୍ରୀ ରାଜଲକ୍ଷ୍ମୀ ନାୟକ, ଅସ୍ତରଙ୍ଗ ମଣ୍ଡଳ ସଭାପତି ଇନ୍ଦ୍ରମଣି ଜେନା, ପ୍ରଶାନ୍ତ ଭୋଳ, ଜିତେନ୍ଦ୍ର ସ୍ୱାଇଁ,ପ୍ରସନ୍ନ ବାରିକ, ଅର୍ଜୁନ ମଲ୍ଲିକ ପ୍ରଭୃତି ସାମିଲ ଥିଲେ।

ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସ୍ୱାଧୀନତାର ସାତ ଦଶନ୍ଧୀ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅଧିନିୟମ ଆଣିଥିଲେ । ପୁରଷ ଓ ମହିଳାମାନଙ୍କ ମଧ୍ୟରେ ରାଜନୀତି କ୍ଷେତ୍ରରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଏହି ଅଧିନିୟମ ଏକାନ୍ତ ଆବଶ୍ୟକ ଥିଲା। ମାତ୍ର ଏହି ଅଧିନିୟମକୁ ବିରୋଧୀମାନେ ସଂସଦରେ ପାରିତ କରିବାକୁ ଦେଇ ନଥିଲେ । ମହିଳାମାନଙ୍କ ଆକ୍ରୋଶକୁ ସମ୍ମାନ ଓ ସମର୍ଥନ ଜଣାଇ ଭାରତୀୟ ଜନତା ପାର୍ଟି ତରଫରୁ ବିଶାଳ "ଜନ ଆକ୍ରୋଶ ମହିଳା ପଦ ଯାତ୍ରା" ଆୟୋଜନ କରାଯାଇଥିଲା। ଏଥିରେ ସମାଜର ପ୍ରତ୍ୟେକ ବର୍ଗର ମହିଳା ଓ ପୁରୁଷ ସାମିଲ୍ ହୋଇ ପଥପ୍ରାନ୍ତ ସଭା କରିବା ସହ ବିରୋଧୀ ନେତାଙ୍କ କୁଶପୁତଳିକା ଦାହ କରିଥିଲା।

## ମହିଳା ସମିତି ଗୃହକୁ ସିଲ କଲା ପ୍ରଶାସନ

ହିଞ୍ଜିଳିକାଟୁ,୨୮।୪ (ସଂଚାର ବ୍ୟୁରୋ): ହିଞ୍ଜିଳି ବ୍ଲକ ପୋଡିଙ୍ଗି ଗ୍ରାମର ଜନୈକ ଆଶାକର୍ମୀ ବହୁ ଦିନ ହେବ ଏକ ମହିଳା ସମିତି ଗୃହକୁ ଜବରଦଖଲ କରି ନିଜ ଅକ୍ତିଆରରେ ରଖିଥିଲେ। ଏନେଇ ଉକ୍ତ ଗ୍ରାମର ସରପଞ୍ଚ, ତହସିଲଦାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ। ଅଭିଯୋଗ ପରେ ତହସିଲ ପକ୍ଷରୁ ଯାଞ୍ଚ କରାଯାଇ ଆଶାକର୍ମୀଙ୍କୁ ନୋଟିସ କରାଯାଇଥିଲା। ତେବେ ବାରମ୍ବାର ନୋଟିସ ପରେ ଆଜି ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଜବରଦଖଲ କରି ନିଜ ଅକ୍ତିଆରରେ ରଖିଥିବା ସେହି ଗୃହକୁ ହିଞ୍ଜିଳି ତହସିଲର କର୍ମଚାରୀ ଓ ପୁଲିସ ଉପସ୍ଥିତିରେ ସିଲ କରିଦିଆଯାଇଛି। ତେବେ ଗୃହକୁ ଲାଗି ଆଉ କିଛି ଦୋକାନ ଗୃହ ମଧ୍ୟ ଜବରଦଖଲ ଭାବେ ବ୍ୟବହୃତ ହେଉଛି ନଜିର ଆସିଛି।



## ରୋଗୀ ମୃତ୍ୟୁକୁ ନେଇ ଡାକ୍ତରଖାନାରେ ଉତ୍ତେଜନା



ସତ୍ୟବାଦୀ,୨୮।୪ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ସାକ୍ଷୀଗୋପାଳ ଡାକ୍ତରଖାନା ରେ ଚିକିତ୍ସା ଅବହେଳା ଯୋଗୁଁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗକୁ କେନ୍ଦ୍ର କରି ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭୟଙ୍କର ଉତ୍ତେଜନା ସୃଷ୍ଟି ହୋଇଛି। ମୃତକଙ୍କ ପରିବାରଲୋକ ଏବଂ ସ୍ଥାନୀୟ ଲୋକମାନେ ଡାକ୍ତରମାନଙ୍କ ଅବହେଳାକୁ ଦାୟୀ କରି ହସ୍ପିଟାଲ୍ ପରିସରରେ ପ୍ରତିବାଦ କରିଥିଲେ।

ସୂଚନା ଅନୁସାରେ, ସ୍ଥାନୀୟ ନୂଆ ସୋମେଶ୍ୱର ପଞ୍ଚାୟତର ବନମାଳିଢିପି ଗ୍ରାମର ବସନ୍ତ କୁମାର ମହାନ୍ତି (୬୨) ଙ୍କର ଛାତିରେ ଯନ୍ତ୍ରଣା ହେବାରୁ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣାଯାଇଥିଲା। ଡାକ୍ତରଖାନାରେ ପହଞ୍ଚିବା ପରେ ଜରୁରୀକାଳୀନ ଦାୟିତ୍ୱରେ ଥିବା ଡାକ୍ତର ସୌମ୍ୟରଂଜନ ମଲ୍ଲିକଙ୍କୁ କହିବାରେ ସେ ଆସୁଛି କାହିଁ କେଉଁ ଆଡେ ଉଭାନ ହେଇଯାଇଥିଲେ। ନର୍ସଙ୍କୁ ପଚାରିବାରୁ ଡାକ୍ତର ଓପିଡି ପଟେ ଅଛନ୍ତି ତାଙ୍କୁ ଡାକିଲେ ଯାହା ହେବ ବୋଲି କହିଥିଲେ। ଅଧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପରେ ବି ଡାକ୍ତର ମିଳିନଥିଲେ। ଶେଷରେ ଓପିଡିରେ ଥିବା ଡାକ୍ତର ଗଥାନୀ ଦାଶଙ୍କୁ ଡାକିବାରେ ସେ ଆସି ରୋଗୀଙ୍କୁ ଦେଖିବା ସହ ଯଥାସମ୍ଭବ ଚିକିତ୍ସା ଯୋଗାଇଥିଲେ। କିନ୍ତୁ ଖୁବ କମ ସମୟ ମଧ୍ୟରେ ରୋଗୀଙ୍କର ମୃତ୍ୟୁ ହୋଇଥିଲା। ଏହା ପରେ କ୍ଷୁବ୍ଧ ପରିବାରଲୋକ ଏବଂ ଗ୍ରାମବାସୀ ହସ୍ପିଟାଲ୍ ଭିତରେ ହୋ-ହାଲ୍ଲା କରି ଦାୟୀ ଡାକ୍ତର ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ଦାବି କରିଥିଲେ।

ପରିସ୍ଥିତି ତୀବ୍ର ହୋଇପଡ଼ିବାରୁ ଏସ୍‌ଡ଼ିପିଓ ଦେବାଶିଷ ମିଶ୍ର, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକମାନଙ୍କୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ। ଘଟଣାର ଉପଯୁକ୍ତ ତଦନ୍ତ କରି ଦାୟୀ ଡାକ୍ତରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଲିଖିତ ଜଣାଇବାକୁ ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ପ୍ରତିଶ୍ରୁତି ଦେବାପରେ ଉତ୍ୟକ୍ତ ଗ୍ରାମବାସୀ ଶାନ୍ତ ପଡ଼ିଥିଲେ।

ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାର ଗୁଣାତ୍ମକ ମାନକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି। ଏହା କେବଳ ଗୋଟିଏ ଘଟଣା ନୁହେଁ କିଛି ଦିନ ତଳେ ୧୨ ବର୍ଷର ଶିଶୁ ଚିକିତ୍ସା ଅବହେଳା ଯୋଗୁଁ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଥିଲା।

## ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ସମ୍ପର୍କିତ ପ୍ରଶିକ୍ଷଣ ଶିବିର



ଖୋର୍ଦ୍ଧା,୨୮।୪ (ସଂଚାର ବ୍ୟୁରୋ):ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଏବଂ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଆ ଭାଷା ପ୍ରତିଷ୍ଠାନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ନେଇ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି ।

ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଓ ସଭାପତି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଉଭୟ ପ୍ରଶିକ୍ଷଣ ଶିବିରକୁ ଉଦଘାଟନ କରି ନିଜ ଉଦବୋଧନରେ କହିଲେ ଯେ ପ୍ରଶାସନରେ ଓଡ଼ିଆ ଭାଷା ପ୍ରୟୋଗ ଦ୍ୱାରା ସମସ୍ତଙ୍କୁ ସେବା ଦେଇହେବ। ସେହିପରି ମୁଖ୍ୟ ଅତିଥି ଓଡ଼ିଆ ଭାଷା ବ୍ୟବହାର ଦ୍ୱାରା ଆମେ ତୃଣ ମୂଳ ସ୍ତରରେ ସେବାଦେଇ ବିକଶିତ ଗ୍ରାମ, ବିକଶିତ ଗ୍ରାମ ପଞ୍ଚାୟତ, ବିକଶିତ ସମାଜ, ବିକଶିତ ଓଡ଼ିଶା ଓ ବିକଶିତ ରାଷ୍ଟ୍ର ନିର୍ମାଣ ନିମନ୍ତେ ଓଡ଼ିଆ ଭାଷାରେ ସମସ୍ତେ କାର୍ଯ୍ୟାଳୟର ନଥିପତ୍ର କାର୍ଯ୍ୟ ଶତପ୍ରତିଶତ ନିର୍ବାହ ପାଇଁ ଆହ୍ୱାନ ଦେଇଥିଲେ ।

ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ପ୍ରଶିକ୍ଷକ ଭାବେ ଡ଼ଃ ସନ୍ତୋଷ କୁମାର ରଥ, ଶ୍ରୀ ସୁରେନ୍ଦ୍ର ମୋହନ ଦାସ,ଶ୍ରୀ ବୈଷ୍ଣବ ଚରଣ ମହାନ୍ତି, ପ୍ରଫେସର ରମେଶ ଚନ୍ଦ୍ର ମଲ୍ଲିକ, ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ଏବଂ ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଓଡ଼ିଆ ଭାଷା ପ୍ରତିଷ୍ଠାନ ଡ଼ଃ ସିଦ୍ଧାର୍ଥ ଶଙ୍କର ପାଢ଼ୀ ସରକାରୀ ନଥି ପତ୍ର,ଚିଠି ଆଦି କାର୍ଯ୍ୟ ସମ୍ପାଦନରେ ଓଡ଼ିଆ ଭାଷାର ପ୍ରୟୋଗ ସମ୍ବନ୍ଧରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

ଉକ୍ତ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଆସନ୍ତାକାଲି ଶେଷ ହେବ ।

## ଅଭିଶପ୍ତ ଜୀବନ ଜିଉଛନ୍ତି 'ପୋଖନାଗୁଡ଼ା' ଗ୍ରାମବାସୀ



**ସହରରୁ ୫ କିମି ଦୂରରେ ଥାଇ ମୌଳିକ ସୁବିଧାରୁ ବଞ୍ଚିତ**

ବୋରିଗୁମ୍ମା,୨୮।୪ (ସଂଚାର ବ୍ୟୁରୋ): ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବହୁ ଜନହିତକର ଯୋଜନା ମାନ ରହିଥିଲେ ମଧ୍ୟ ତୃଣମୂଳସ୍ତରରେ ମୌଳିକ ସୁବିଧା ପହଞ୍ଚି ପାରୁନି। ପ୍ରତ୍ୟେକ ପାଞ୍ଚ ବର୍ଷରେ ବଦଳୁଛନ୍ତି ନେତା, ବିଭିନ୍ନ ସମୟରେ ବଦଳି ହେଉଛନ୍ତି ପ୍ରଶାସନିକ ଅଧିକାରୀ; ହେଲେ ବଦଳି ପାରୁନି ଗ୍ରାମବାସୀଙ୍କ ଭାଗ୍ୟ। ମୁଖ୍ୟସ୍ରୋତରେ ସାମିଲ କରିବାକୁ ପ୍ରଶାସନଠାରୁ ଆରମ୍ଭ କରି ଜନପ୍ରତିନିଧିଙ୍କ ନିକଟରେ ବାରମ୍ବାର ନେହୁରା ହୋଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି । ଫଳରେ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ କାଳ କାଟୁଛନ୍ତି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଆଉଁଳି ଗ୍ରାମ ପଞ୍ଚାୟତ ଅଧୀନସ୍ଥ ପୋଖନାଗୁଡ଼ା ଗ୍ରାମବାସୀ।

କୋରାପୁଟ ଜିଲ୍ଲା ସୀମାନ୍ତ ନବରଙ୍ଗପୁର ସହରାଞ୍ଚଳଠାରୁ ମାତ୍ର ୫ କି.ମି ଦୂରରେ ଏହି ଗାଁଟି ଥିଲେ ମଧ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନାରୁ ବଞ୍ଚିତ ହୋଇ ରହିଛନ୍ତି ଗ୍ରାମବାସୀ। ଗ୍ରାମରେ ମାତ୍ର ୩୨ଟି ପରିବାରର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଲୋକ ଦୀର୍ଘବର୍ଷ ଧରି ବସବାସ କରି ଆସୁଛନ୍ତି । ସ୍ୱାଧୀନତାର ୭ ଦଶନ୍ଧି ବିତି ଯାଇଥିଲେ ମଧ୍ୟ ଗାଁକୁ ସବୁଦିନିଆ ପକ୍କା ରାସ୍ତାଟିଏ ବି ନାହିଁ । ଏଠାରେ ରହିଛି ଖାଲଖମା ପୂର୍ଣ୍ଣ ମାଟି ରାସ୍ତା | ବର୍ଷା ହେଲେ ଉକ୍ତ ରାସ୍ତାରେ ଯାତାୟାତ ଏକ ପ୍ରକାର ବନ୍ଦ ହୋଇଯାଉଛି। ବିଡ଼ମ୍ବନାର ବିଷୟ ଏହି ପୋଖନାଗୁଡ଼ା ଗ୍ରାମରେ ରହୁଥିବା ପିଲାଙ୍କ ପାଠପଢା ନିମନ୍ତେ ସ୍କୁଲ କିମ୍ବା ଅଙ୍ଗନବାଡି କେନ୍ଦ୍ର ନାହିଁ। ଗାଁଠାରୁ ପ୍ରାୟ ୩ କିମି ଦୂର ଗାଁରେ ରହିଛି ଅଙ୍ଗନବାଡି କେନ୍ଦ୍ର। ଉଭୟ ଅଙ୍ଗନବାଡି କେନ୍ଦ୍ର ଓ ସ୍କୁଲ ବହୁ ଦୂର ଓ ଜଙ୍ଗଲ ରାସ୍ତା ଦେଇ ଅତିକ୍ରମ କରି ଯିବାକୁ କୋମଳମତି ଶିଶୁମାନଙ୍କ ପକ୍ଷେ ଜଙ୍ଗଲୀ ଭାଲୁ ଭୟରେ ଯିବା ଆସିବା ସମ୍ଭବପର ହେଉନଥିବା ଯୋଗୁ ଗାଁଲୋକେ ସେମାନଙ୍କ ପିଲାଙ୍କୁ ପାଠ ପଢ଼ିବା ପାଇଁ ଛାଡିବାକୁ ରାଜି ହେଉନାହାନ୍ତି। ଫଳରେ ଗାଁରେ ଥିବା ପ୍ରାୟ ୩୦ରୁ ଅଧିକ କୋମଳମତି ଶିଶୁ ପ୍ରାକ ଶିକ୍ଷାରୁ ବଞ୍ଚିତ ହୋଇ ରହିଛନ୍ତି।

ସେହିପରି ଗାଁରେ ରହିଛି ଦୁଇଟି ନଳକୂଅ ହେଲେ ଖରାଦିନେ ପାଣି ଶୁଖିଯାଏ, ଗ୍ରାମବାସୀ ବାଧ୍ୟହୋଇ ଏକ କିଲୋମିଟର ରାସ୍ତା ଅତିକ୍ରମ କଲେ ଯାଇ ମିଳେ ଇନ୍ଦ୍ରାବତୀ ନଦୀ ଜଳ। ଗୋଟିଏ ପଟେ ପାଣି ଚିନ୍ତା ଅନ୍ୟ ପଟେ ଜଙ୍ଗଲୀ ଭାଲୁ ଭୟ। ସେଥିପାଇଁ ମହିଳାମାନେ ଜୀବନକୁ ବାଜି ଲଗାଇ ମୁଣ୍ଡରେ ଗରା ଓ ହାତରେ ଠେଙ୍ଗା ଧରି ପାଣି ସଂଗ୍ରହ ପାଇଁ ଯାଆନ୍ତି | ଗାଁଟି ଘଞ୍ଚ ଜଙ୍ଗଲ ପାଖରେ ଥିବାରୁ ସଞ୍ଜ ହେଲେ ସରୀସୃପ ଓ ବନ୍ୟଜନ୍ତୁ ଭାଲୁଙ୍କ ଭୟ ଲାଗି ରହୁଛି। ଅନ୍ଧାରରେ ଲୋକେ ଏହି ରାସ୍ତାରେ ଯାତାୟାତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଉପରୋକ୍ତ ସମସ୍ତ ସମସ୍ୟା ଗୁଡିକର ସ୍ଥାୟୀ ସମାଧାନ ନିମନ୍ତେ ଗ୍ରାମବାସୀ ବହୁବାର ପଞ୍ଚାୟତ କର୍ତ୍ତୃପକ୍ଷ, ବ୍ଲକ ପ୍ରଶାସନ ଓ ନିର୍ବାଚିତ ଜନପ୍ରତିନିଧିଙ୍କ ନିକଟରେ ଅଭିଯୋଗ ଜଣାଇଥିଲେ ବି କେହି କର୍ଣ୍ଣପାତ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ଦୀର୍ଘ ୬୨ ବର୍ଷ ପରେ ଅସ୍ତରଙ୍ଗ ସାପ୍ତାହିକ ହାଟରେ ଲାଗିଲା ଲାଇଟ୍



କାକଟପୁର/ଅସ୍ତରଙ୍ଗ,୨୮।୪ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲାର ସବୁଠୁ ବଡ଼ ସାପ୍ତାହିକ ହାଟ ଭାବେ ବେଶ ପରିଚିତ ଅସ୍ତରଙ୍ଗ ହାଟ। କିନ୍ତୁ ହାଟ ମଧ୍ୟରେ ଅଲୋକିକରଣ ବେବସ୍ଥା ନଥିବାରୁ ଏଠାକୁ ଆସୁଥିବା ଦୂର ଦୁରନ୍ତୁ ବେପାରୀ ଓ ଗ୍ରାହକ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଦୀର୍ଘ ବର୍ଷ ପରେ ଏବେ ଅସ୍ତରଙ୍ଗ ପଞ୍ଚାୟତ ପକ୍ଷରୁ ଲାଇଟ୍ ଲାଗିଛି। ଏଥିପାଇଁ ସାପ୍ତାହିକ ହାଟକୁ ଯାଉଥିବା ବ୍ୟବସାୟୀ ଓ ଗ୍ରାହକ ଖୁସି ଅନୁଭବ କରିଛନ୍ତି । ଏହି ସାପ୍ତାହିକ ହାଟ ଉପରେ କାକଟପୁର ନିର୍ବାଚନ ମଣ୍ଡଳୀର ହଜାର ହଜାର ଜନସାଧାରଣ ନିର୍ଭର କରିଥାନ୍ତି। ହାଟ ପାଳିଦିନ ହାଟ ମଧ୍ୟରେ ଅଲୋକିକାରଣ ନଥୁବାରୁ ବ୍ୟବସାୟୀ ଓ ଖାଉଟିମାନେ ଅନ୍ଧାର କାରଣରୁ ନାହିଁନଥିବା ଅସୁବିଧା ସମ୍ମୁଖିନ ହେଉଥିଲେ। ଇତିମଧ୍ୟରେ ଅସ୍ତରଙ୍ଗ ପଞ୍ଚାୟତ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ହାଟ ଭିତରେ ୧୮ ଗୋଟି ସୋଲାର ଲାଇଟ୍ ଲଗାଇ ଆଲୋକୀକରଣ କରିଛନ୍ତି। ଫଳରେ ସାପ୍ତାହିକ ହାଟ ଭିତରେ ଓ ମାଛ ବଜାରରେ ରାତିରେ ବ୍ୟବସାୟୀ ଓ ଗ୍ରାହକ ମାନେ ଉପକୃତ ହେବେ। ଦୀର୍ଘ ବର୍ଷ ପରେ ସାପ୍ତାହିକ ହାଟ ମଧ୍ୟରେ ଆଲୋକୀକରଣ ବ୍ୟବସ୍ଥା ପାଇଁ ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡିଙ୍କୁ ସମସ୍ତେ ପ୍ରଶଂସା କରିଛନ୍ତି ।

### ବିଏନ୍‌କେ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ

# ପାଞ୍ଚ ଦଶନ୍ଧିର ସଂଘର୍ଷ ଓ ସଫଳତାର ଗୌରବମୟ ଯାତ୍ରା

- ବିଦ୍ୟାଳୟକୁ ମିଳିବ ପିଏମ ଶ୍ରୀ ମାନ୍ୟତା
- ୭ କୋଟିର ସହାୟତା ଘୋଷଣା



ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅନ୍ତର୍ଗତ ପୁରୁଷୋତ୍ତମପୁରସ୍ଥିତ ବିଏନ୍‌କେ ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ତଥା ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆଜି ପାଳିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଗୌରବମୟ ଯାତ୍ରାକୁ ପ୍ରଶଂସା କରିବା ସହ ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଏନ୍‌କେ ଉଚ୍ଚ ବିଦ୍ୟାଳୟକୁ ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟ ଭାବେ ଉନ୍ନତିକରଣ କରିବା ପାଇଁ ୭ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିବା ସହ କୁଟାରୀପଣି ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଏହି ଅବସରରେ ଶ୍ରୀ ମାଝୀ କହିଛନ୍ତି ଯେ ଏକ ଶିକ୍ଷାନୁଷ୍ଠାନର ୫୦ ବର୍ଷ ପୂର୍ତ୍ତି କେବଳ ଏକ ଉତ୍ସବ ନୁହେଁ, ବରଂ ଏହା ହେଉଛି ପାଞ୍ଚ ଦଶନ୍ଧିର ସଂଘର୍ଷ, ସଫଳତା ଓ ସାମାଜିକ ପରିବର୍ତ୍ତନର ଏକ ଗୌରବମୟ ଯାତ୍ରା। ସଫଳତାର କୌଣସି ଶର୍ଟକଟ୍ ନାହିଁ। କଠିନ ପରିଶ୍ରମ ଓ ନିରନ୍ତର ଅଧ୍ୟୟନ ହିଁ ତୁମକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ। ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର, ଯାହା ବିଶ୍ୱକୁ ପରିବର୍ତ୍ତନ କରିପାରିବ। ଆମ ସରକାରଙ୍କ ପାଇଁ ଶିକ୍ଷା କେବଳ ଭିତ୍ତିଭୂମି ନୁହେଁ, ବରଂ ଶିଶୁର ସାମଗ୍ରିକ ବିକାଶ ଓ ମୌଳିକ ଜ୍ଞାନ ବୃଦ୍ଧି ହେଉଛି ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ରାଜ୍ୟର ୮୦୦ ସ୍କୁଲକୁ 'ପିଏମ୍ ଶ୍ରୀ' ଯୋଜନାରେ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ। 'ନିପୁଣ ଓଡ଼ିଶା' ମିଶନ ଜରିଆରେ ମୌଳିକ ସାକ୍ଷରତା ଓ ମାତୃଭାଷାଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଭାରତୀୟ ବୈଜ୍ଞାନିକମାନେ ପରମାଣୁ ଶକ୍ତି କ୍ଷେତ୍ରରେ ହାସଲ କରିଥିବା 'ସେକେଣ୍ଡ ଷ୍ଟେଜ୍ କ୍ରିଟିକାଲିଟି' ସଫଳତାକୁ ମୁଖ୍ୟମନ୍ତ୍ରୀ ଦେଶ ପାଇଁ ଏକ ଗର୍ବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ ବର୍ଣ୍ଣନା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଏନ୍‌କେ ଉଚ୍ଚ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ବିଦ୍ୟାଳୟର ସ୍ମରଣିକା ଉନ୍ମୋଚନ କରିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ତେଲକୋଇ ବିଧାୟକ ଡ଼. ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଓ ଜିଲ୍ଲାପାଳ ବିଶାଳ ସିଂହ ଉପସ୍ଥିତ ଥିଲେ।

## ଦ୍ୱିତୀୟ ବର୍ଷ ପୂର୍ତ୍ତି ପୂର୍ବରୁ ସରିବ ସବୁ ନିଯୁକ୍ତି



ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): ରାଜ୍ୟରେ ଖୁବ୍ ଶୀଘ୍ର ନିଗମ ଓ ବୋର୍ଡ ନିଯୁକ୍ତି କରାଯିବ। ଏ ନେଇ ସୂଚନା ଦେଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ସରକାରଙ୍କ ୨ ବର୍ଷ ପୂର୍ତ୍ତି ପୂର୍ବରୁ ବାକି ଥିବା ସମସ୍ତ ନିଯୁକ୍ତି ଶେଷ ହେବ। ନିଗମ ଓ ବୋର୍ଡରେ ମଧ୍ୟ ନିଯୁକ୍ତି ସରିବ। ରାଜ୍ୟର ୨୯ ଜିଲ୍ଲାରେ ଓକିଲ ନିଯୁକ୍ତି ସରିଛି, କେବଳ ଖୋର୍ଦ୍ଧା ଜିଲ୍ଲାରେ ବାକି ଅଛି। ଖୁବଶୀଘ୍ର ଖୋର୍ଦ୍ଧା ଜିଲ୍ଲାରେ ବି ଓକିଲ ନିଯୁକ୍ତି ହୋଇଯିବ ବୋଲି ଶ୍ରୀ ସାମଲ କହିଛନ୍ତି। ସେହିପରି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ଶ୍ରୀ ସାମଲ। କେନ୍ଦ୍ରୀୟ ନେତାଙ୍କ ସହ ବୈଠକ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚୂଡ଼ାନ୍ତ ହେବ। ଯେତେବେଳେ ସମ୍ପ୍ରସାରଣ ହେବା ଦରକାର, ସେତେବେଳେ ହିଁ ହେବ। ସଂକଳ୍ପ ପତ୍ରରେ ଯେଉଁ କଥା କହିଥିଲୁ, ସେଥିରୁ ଅଦ୍ୟାବଧି ୮୦ ପ୍ରତିଶତ ପୂରଣ କରିସାରିଛୁ। ବାକି ଥିବା କାମ ସରକାର ୨ ବର୍ଷ ପୂରଣ କରିବା ପୂର୍ବରୁ ଶେଷ ହେବ ବୋଲି ଶ୍ରୀ ସାମଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପଟେ ଆସାମ ଓ ପଶ୍ଚିମବଙ୍ଗ ନିର୍ବାଚନ ପ୍ରସଙ୍ଗରେ ସେ କହିଛନ୍ତି ଯେ ଆସାମ ଏବଂ ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ଓଡ଼ିଶା ବିଜେପିକୁ ୩୬ଟି ବିଧାନସଭା ଦାୟିତ୍ୱ ଦିଆଯାଇଥିଲା। ବେଙ୍ଗଲକୁ ଲାଗିଥିବା ଜିଲ୍ଲାମାନଙ୍କୁ ଆମର ଅଧିକ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଯାଇଥିଲେ। ପ୍ରତି ବିଧାନସଭା ପାଇଁ ଜଣେ କି ଦୁଇ ଜଣ କାର୍ଯ୍ୟକର୍ତ୍ତା ପ୍ରଚାରରେ ନିୟୋଜିତ ଥିଲେ। ବେଙ୍ଗଲ ନିର୍ବାଚନ ବର୍ତ୍ତମାନ ସାଧାରଣ ଲୋକଙ୍କ ନିର୍ବାଚନ ହୋଇଯାଇଛି। ଆସାମକୁ ଦୁଇଟି ପର୍ଯ୍ୟାୟରେ ୧୪ ଜଣ ଏବଂ ବେଙ୍ଗଲକୁ ମଧ୍ୟ ଦୁଇଟି ପର୍ଯ୍ୟାୟରେ ଅଧିକ ସଂଖ୍ୟକ କାର୍ଯ୍ୟକର୍ତ୍ତା ଯାଇଥିଲେ।

### ବ୍ୟାଙ୍କକୁ ଭଉଣୀର କଙ୍କାଳ ଆଣିବା ଘଟଣା

## ଆର୍‌ଡିସି ସ୍ତରୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଅଧିକାରୀଙ୍କୁ ସମ୍ବେଦନଶୀଳ ହେବାକୁ ଦେଲେ ପରାମର୍ଶ**



ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): ଟଙ୍କା ପାଇଁ ଭଉଣୀର ଶବ ଖୋଳି ବ୍ୟାଙ୍କକୁ ଆଣିବା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ହସ୍ତକ୍ଷେପ କରିଛନ୍ତି। ସେ ଘଟଣାର ଆର୍‌ଡିସିସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ସହ ବ୍ୟାଙ୍କ୍ ଅଧିକାରୀମାନଙ୍କୁ ସମ୍ବେଦନଶୀଳ ହେବାକୁ ପରାମର୍ଶ ଦେଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନିଜେ ବ୍ୟଥିତ ବୋଲି କହିବା ସହ ଜିତୁ ମୁଣ୍ଡାଙ୍କୁ ରେଡକ୍ରସ୍ ପାଣ୍ଠିରୁ ୩୦ ହଜାର ଟଙ୍କା ପ୍ରଦାନ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜିତୁଙ୍କୁ ତୁରନ୍ତ ତାଙ୍କ ଭଉଣୀଙ୍କ ମୃତ୍ୟୁ ପ୍ରମାଣପତ୍ର ଓ ଉତ୍ତରାଧିକାରୀ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏଥିସହ ତାଙ୍କୁ ବ୍ୟାଙ୍କ୍‌ରୁ ପାଇବାକୁ ଥିବା ଅର୍ଥ ମଧ୍ୟ ଦିଆଯାଇଛି। ଆହୁରି ସମଗ୍ର ଘଟଣାର ତଦନ୍ତ ରିପୋର୍ଟ ତୁରନ୍ତ ପ୍ରଦାନ କରିବା ସକାଶେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ଆଜି ଜିତୁଙ୍କ ପାଖରେ ପହଞ୍ଚିଛି ସ୍ଥାନୀୟ ପ୍ରଶାସନ। ପାଟଣା ବିଡିଓଙ୍କ ସହ ବ୍ୟାଙ୍କ କର୍ତ୍ତୃପକ୍ଷ ଜିତୁଙ୍କ ପାଖରେ ପହଞ୍ଚିଛନ୍ତି। ସେହିପରି ସେପଟେ ଏପରି ଘଟଣା ଆଗକୁ ଯେମିତି ନ ଘଟିବ, ସେଥିପାଇଁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଚେତାବନୀ ଦେଇଛନ୍ତି। ଶ୍ରୀ ପୂଜାରୀ କହିଛନ୍ତି ଯେ କେନ୍ଦୁଝରର ଘଟଣା ହୃଦୟ ବିଦାରକ। ଦାନ ମାଝୀଙ୍କ ପରେ ଏହା ଦ୍ୱିତୀୟ ଘଟଣା। ଦାୟୀ ଅଧିକାରୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ। ଏମିତି କରିବା ପାଇଁ ଯେମିତି ଆଉ କାହାର ସାହସ ନ ହେଉ। ମନ୍ତ୍ରୀ ପୁଣି କହିଛନ୍ତି ଯେ ଜିଲ୍ଲାପାଳ ଏହି ଘଟଣାରେ ତଦନ୍ତ କରିଛନ୍ତି। ଏପରି ପରିସ୍ଥିତି କାହିଁକି ହେଲା, ଜିଲ୍ଲାପାଳଙ୍କ ସହ ଆଲୋଚନା କରିବି। ଦୋଷୀ ବ୍ୟାଙ୍କ କର୍ମଚାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ ଯେ ୪ ଭାଇଭଉଣୀଙ୍କୁ ନେଇ ପାଟଣା ବ୍ଲକ୍ ଏରେଣ୍ଡେଇ ପଞ୍ଚାୟତ ଡିଆନାଳୀ ଗ୍ରାମର ଜିତୁ ମୁଣ୍ଡା (୫୦)ଙ୍କ ପରିବାର। ବଡ଼ଭାଇ ରଇବୁ ମୁଣ୍ଡା ଓ ସାନ ଭାଇ ଶଙ୍କରା ମୁଣ୍ଡା ବିବାହିତ। ଜିତୁ ଓ ବଡ଼ ଭଉଣୀ କାଲରା ଅବିବାହିତ ଥିଲେ। ଦୁଇ ବର୍ଷ ପୂର୍ବରୁ ବଳଦ ବିକ୍ରି କରି ବଡ଼ ଭାଇ ରଇବୁ ଭଉଣୀ କାଲରାଙ୍କ ନାଁରେ ମଲ୍ଲୀପଶିସ୍ଥିତ ଗ୍ରାମ୍ୟ ବ୍ୟାଙ୍କ୍‌ରେ ୧୯,୩୦୦ ଟଙ୍କା ଜମା କରିଥିଲେ। ପରେ ଭଉଣୀଙ୍କ ମୃତ୍ୟୁ ଉତ୍ତାରୁ ଜିତୁ ଟଙ୍କା ଉଠାଇବାକୁ ଉଦ୍ୟମ କରିଥିଲେ ହେଁ ବ୍ୟାଙ୍କ୍ କର୍ତ୍ତୃପକ୍ଷ ତାଙ୍କୁ ପ୍ରମାଣପତ୍ର ମାଗିଥିଲେ। ଏନେଇ ସେ କିଛି ଜାଣିନପାରି ଶେଷରେ ବାଧ୍ୟ ହୋଇ ଭଉଣୀଙ୍କ କଙ୍କାଳ ଧରି ବ୍ୟାଙ୍କ୍‌ରେ ହାଜର ହୋଇଯାଇଥିଲେ।

### ପୁଅର ନୃଶଂସ କାଣ୍ଡ

## ବାପାକୁ ଠେଙ୍ଗାରେ ପିଟି ହତ୍ୟା କଲା, ମା' ଗୁରୁତର

ବଣାଇ,୨୮।୪(ସଂଚାର ବ୍ୟୁରୋ): ପୁଅ ଘଟାଇଛି ନୃଶଂସ କାଣ୍ଡ। ବାପାକୁ ଠେଙ୍ଗାରେ ପିଟି ପିଟି ହତ୍ୟା କରିଛି। ମା'କୁ ହତ୍ୟା ପାଇଁ ଉଦ୍ୟମ କରୁଥିବା ସମୟରେ ପୁଅକୁ ବାପା ଅଟକାଇବାରୁ ସେ ତାଙ୍କ ଜୀବନ ନେଇଛି। ସୁନ୍ଦରଗଡ଼ କୋଇଡ଼ା ଥାନା ପାଟମୁଣ୍ଡା କଦମଡିହି ଗାଁରେ ଏଭଳି ଏକ ଘଟଣା ଘଟିଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତକ ଜଣଙ୍କ ପାଣ୍ଡୁ ମୁଣ୍ଡା ବୋଲି ଜଣାପଡ଼ିଛି। ସେହିପରି ମା' ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଗତକାଲି ରାତିରେ ଘରୋଇ କଳିକୁ କେନ୍ଦ୍ର କରି ସୋନା ମୁଣ୍ଡା ନିଜ ମା'ଙ୍କୁ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲା। ତେବେ ତାଙ୍କୁ ବଞ୍ଚାଇବା ସକାଶେ ସ୍ୱାମୀ ପାଣ୍ଡୁ ଚେଷ୍ଟା କରିବା ସମୟରେ ପୁଅ ଆକ୍ରମଣର ଶିକାର ହୋଇଥିଲେ।

## ଓଲଟିଲା ଯାତ୍ରୀବାହୀ ବସ୍, ୨୦ରୁ ଉର୍ଦ୍ଧ୍ୱ ଆହତ



ନୟାଗଡ଼,୨୮।୪(ସଂଚାର ବ୍ୟୁରୋ): ରାସ୍ତାକଡ଼କୁ ଓଲଟିଲା ଯାତ୍ରୀବାହୀ ବସ୍। ୨୦ରୁ ଅଧିକ ଯାତ୍ରୀ ଏଥିରେ ଆହତ ହୋଇଛନ୍ତି। ନୟାଗଡ଼ ଖଣ୍ଡପଡ଼ା ରାସ୍ତାର ଖେଡପଡ଼ା ନିକଟରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଉକ୍ତ ଯାତ୍ରୀବାହୀ ବସ୍‌ଟି ରାକମାରୁ ନୟାଗଡ଼ ଆସୁଥିବା ସମୟରେ ଏପରି ଦୁର୍ଘଟଣାର ଶିକାର ହୋଇଛି। ସେତେବେଳେ ବେବି ନାମକ ଉକ୍ତ ବସ୍‌ରେ ୫୦ରୁ ଅଧିକ ଯାତ୍ରୀ ରହିଥିଲେ। ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଆହତମାନଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲା। ଆହତଙ୍କ ମଧ୍ୟରୁ କେତେକ ଯାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ବେଳେ ଆଉ କେତେକ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

## ବାଇକ୍‌କୁ ପିଟିଲା ଭ୍ୟାନ୍: ୩ ମୃତ, ୩ ଗୁରୁତର

ଟିଟିଲାଗଡ଼,୨୮।୪(ସଂଚାର ବ୍ୟୁରୋ): ଏକ ପିକଅପ୍ ଭ୍ୟାନ୍ ବାଇକ୍‌କୁ ପିଟିବା ଫଳରେ ଏଥିରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ଟିଟିଲାଗଡ଼ ଥାନା ଲେସୁନବାହାଲି ଗାଁରେ ଏହି ଦୁର୍ଘଟଣାଟି ଘଟିଛି। ଆଜି ମଧ୍ୟାହ୍ନରେ ଏକ ବିବାହ ଭୋଜି ପାଇଁ ପାଣି ପାଉଚ ନେବାକୁ କିଛି ଯୁବକ ସହ ୭ ଜଣ ପିଲା ପାଖ ମାର୍ଲାଡ ଗାଁକୁ ପିକ୍‌ଅପ୍ ଭ୍ୟାନ୍‌ରେ ଆସୁଥିଲେ। ଏହି ସମୟରେ ନିକଟସ୍ଥ ଏକ ବ୍ରିଜ୍‌ରେ ଏକ ବାଇକ୍ ଦ୍ରୁତ ବେଗରେ ଆସୁଥିବା ବେଳେ ପିକ୍‌ଅପ୍ ଭ୍ୟାନ୍ ଉପରୁ ଅଚାନକ ଚାଳକ ଭାରସାମ୍ୟ ହରାଇବସିଲେ। ଫଳରେ ଏହା ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଟିଟିଲାଗଡ଼ ହସ୍ପିଟାଲ୍‌ରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ଏହାଛଡ଼ା ୩ ଜଣ ପିଲା ମଧ୍ୟ ଗୁରୁତର ଭାବେ ଆହତ ହୋଇଥିବା ବେଳେ ସେମାନଙ୍କୁ ବଲାଙ୍ଗୀରସ୍ଥିତ ଭୀମଭୋଇ ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ଯାତ୍ରୀବାହୀ ବସକୁ ପଛପଟୁ ଧକ୍କା ଦେଲା ଟ୍ରକ୍: ୨ ଗୁରୁତର




ଭଦ୍ରକ,୨୮।୪(ସଂଚାର ବ୍ୟୁରୋ): ଯାତ୍ରୀବାହୀ ବସକୁ ପଛପଟୁ ଧକ୍କା ଦେଲା ଟ୍ରକ୍। ଭଦ୍ରକ ଜିଲ୍ଲା ଜାମୁଝାଡ଼ି ବାସୁଦେବପୁର ରାସ୍ତାର ମାତାଜୀ ମଠ ବରଫ କଳ ସାମ୍ନାରେ ଏକ ଯାତ୍ରୀବାହୀ ବସକୁ ପଛପଟୁ ଟ୍ରକ୍‌ଟି ଧକ୍କା ଦେବା ଫଳରେ ୨ ଜଣ ଗୁରୁତର ଭାବେ ଆହତ ହୋଇଥିବା ବେଳେ ସେମାନଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆଜି ଧାମରାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଡାଏନା ନାମକ ଘରୋଇ ବସ୍‌ଟି ବରଯାତ୍ରୀ ନେଇ ଯାଉଥିବା ସମୟରେ ବରଫ କଳ ନିକଟରେ ହଠାତ ଖରାପ ହୋଇଯାଇଥିଲା। ବସ୍‌ଟିର ମରାମତି ଚାଲିଥିବା ସମୟରେ ବାସୁଦେବପୁର ପଟୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ୍ ଉକ୍ତ ବସ୍‌କୁ ଧକ୍କା ଦେଇଥିଲା। ଏଥିରେ ଗାଡ଼ି ତଳେ କାମ କରୁଥିବା ମିସ୍ତ୍ରୀ ହେଲପର ଗୁରୁତର ଭାବେ ଆହତ ହୋଇଛନ୍ତି।

### ଏସସିବିରୁ ୧୪ ଶିଶୁ ନିଖୋଜ ଘଟଣା

## ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ତଦନ୍ତ ଆରମ୍ଭ



କଟକ,୨୮।୪(ସଂଚାର ବ୍ୟୁରୋ): ସ୍ଥାନୀୟ ଏସସିବି ମେଡିକାଲରୁ ୧୪ଟି ଶିଶୁ ନିଖୋଜ ହୋଇଥିବା ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି। ମେଡିକାଲ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ପହଞ୍ଚି ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର ତନାଘନା କରିଛନ୍ତି। ତାଙ୍କ ସହ ଦୁଇ ସଦସ୍ୟା ମନସ୍ୱିତା ଖୁଣ୍ଟିଆ ଓ କସ୍ତୁରୀ ମିଶ୍ର ମଧ୍ୟ ରହିଛନ୍ତି। ନବଜାତ ଶିଶୁମାନେ କିପରି ନିଖୋଜ ହେଲେ ଓ ଏଥିପାଇଁ କେଉଁମାନେ ଦାୟୀ, ଏସବୁ ଦିଗକୁ ନେଇ ଶିଶୁ ସୁରକ୍ଷା ଆୟୋଗ ଟିମ୍ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବେ। ଅନ୍ୟପକ୍ଷରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ କହିଛନ୍ତି ଯେ ଏହି ଶିଶୁ ନିଖୋଜ ଘଟଣାରେ ଏସସିବି ଅଧୀକ୍ଷକଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଅଧୀକ୍ଷକ ଘଟଣା ନେଇ କ'ଣ ତଥ୍ୟ ରଖୁଛନ୍ତି, ତା' ଦେଖିବା ପରେ ସିଡବ୍ଲ୍ୟୁସି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ କମିଶନରେଟ ପୁଲିସ ମଧ୍ୟ ବିଭିନ୍ନ ଦିଗକୁ ନେଇ ଅନୁଧ୍ୟାନ କରିବେ ବୋଲି ଶ୍ରୀ ଶିନ୍ଦେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ୬ ବର୍ଷ ମଧ୍ୟରେ ଏସସିବିରୁ ୧୪ ଜଣ ନବଜାତ ଶିଶୁ ନିଖୋଜ ହୋଇଥିବା ଅଭିଯୋଗ ରହିଛି।

## କ୍ୟାପିଟାଲ ହସ୍ପିଟାଲରେ ଏନଆଇଏ ଟିମ୍

### ସାକ୍ଷୀଙ୍କ ବୟାନ ରେକର୍ଡ



ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): କ୍ୟାପିଟାଲ ହସ୍ପିଟାଲରେ ଛାନ୍‌ଭିନ୍ କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)। ଭୁବନେଶ୍ୱର ଆଜାଦ ନଗର ବୋମା ବିସ୍ଫୋରଣ ଘଟଣାରେ ତଥ୍ୟ ହାସଲ କରିବା ପାଇଁ ଆଜି ଏନ୍‌ଆଇଏ ଟିମ୍ କ୍ୟାପିଟାଲ୍ ହସ୍ପିଟାଲ୍ ପହଞ୍ଚି ପଚରାଉଚରା କରିଛି। ଏହି ବିସ୍ଫୋରଣ ଘଟଣାରେ ସାକ୍ଷୀଙ୍କ ବୟାନ ରେକର୍ଡ କରିଛି ସ୍ୱତନ୍ତ୍ର ଟିମ୍। ପୂର୍ବରୁ ଏହି ଘଟଣାରେ ୫ ଜଣ ଯୁବକଙ୍କୁ ଏନ୍‌ଆଇଏ ଟିମ୍ ଅଫିସକୁ ଡାକି ପଚରାଉଚରା କରିଛି। ସାକ୍ଷୀଙ୍କୁ ପଚରାଉଚରା ପରେ ପ୍ରମାଣ ଏକାଠି ପାଇଁ ଏନ୍‌ଆଇଏ ଆରମ୍ଭ କରିଛି ପ୍ରକ୍ରିୟା। କିନ୍ତୁ ଆର୍‌ଡିଏକ୍ସ ଲିଙ୍କ୍‌ର ଏକ ବଡ଼ ପ୍ରମାଣ ସହ ଓଡ଼ିଶା ଲିଙ୍କ ନେଇ ତନାଘନା କରୁଛି ଏନ୍‌ଆଇଏ। ସୂଚନାଯୋଗ୍ୟ ଯେ, ଗତ ଜାନୁଆରୀ ୨୭ ତାରିଖରେ ଆଜାଦନଗରରେ ଘଟିଥିଲା ଏକ ଭୟଙ୍କର ବିସ୍ଫୋରଣ। ଅଭିଯୁକ୍ତ ସେହନୱାଜ ମଲ୍ଲିକ୍, ତାଙ୍କ ମା' ଲିଜାତୁନ ବିବି, ସେହେନାଜର ପ୍ରେମିକା ତୃପ୍ତିମୟୀ ଓ ସହଯୋଗି ଅମୀୟ ମଲ୍ଲିକ ବୋମା ବିସ୍ଫୋରଣରେ ଗୁରୁତର ଭାବେ ଆହତ ହୋଇଥିଲେ। ଅଭିଯୁକ୍ତ ସେହେନୱାଜ ଓ ତାଙ୍କ ମା'ଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ବୋମା ବିସ୍ଫୋରଣ ଘଟଣାର ଏନଆଇଏ ଟିମ ତଦନ୍ତ ଆରମ୍ଭ କରିଥିଲା। ଏନଆଇଏର ତିନିଜଣିଆ ଟିମ ଏୟାରଫିଲ୍ଡ ଥାନାରେ ପହଞ୍ଚି ବୋମା ବିସ୍ଫୋରଣ ଘଟଣାର ତଦନ୍ତକାରୀ ଅଧିକାରୀଙ୍କ ନିକଟରୁ ସମସ୍ତ ତଥ୍ୟ ହାସଲ କରିଛି। ଆଜି ପର୍ଯ୍ୟନ୍ତ ବୋମା ବିସ୍ଫୋରଣ ଘଟଣାରେ ମିଳିଥିବା ସୁରାକ, ଫୋରେନସିକ ରିପୋର୍ଟ, ଘଟଣାସ୍ଥଳରୁ ମିଳିଥିବା ବିସ୍ଫୋରଣ ସମୟର ସିସିଟିଭିର ହାର୍ଡଡିସ୍କକୁ ନିଜ ହେପାଜତକୁ ନେଇଥିଲା। ଏଥିସହ ତଦନ୍ତକାରୀ ଅଧିକାରୀ ରେକର୍ଡ କରିଥିବା ଦୁଇ ଅଭିଯୁକ୍ତଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ, ଅଭିଯୁକ୍ତମାନଙ୍କ ବୟାନକୁ ମଧ୍ୟ ନିଜ ହେପାଜତକୁ ନେଇଛି। ଏହା ପୂର୍ବରୁ ଏନଆଇଏ ଟିମ ବୋମା ବିସ୍ଫୋରଣସ୍ଥଳକୁ ଦୁଇ ଦୁଇ ଥର ଯାଇ ତଦନ୍ତ କରି ଫେରିଛି।

## ପିକ୍-ଅପ୍‌କୁ ଧକ୍କାଦେଇ ଓଲଟିଲା ଯାତ୍ରୀବାହୀ ବସ୍

କଟକ,୨୮।୪(ସଂଚାର ବ୍ୟୁରୋ): କଟକ ଜିଲ୍ଲା ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଟାଙ୍ଗୀ ଛକଠାରେ ଥିବା ସିସୋର କମ୍ପାନୀ ନିକଟରେ ପିକ୍-ଅପ୍‌କୁ ଧକ୍କା ଦେଇ ଏକ ବସ ଓଲଟି ପଡ଼ିଛି। ଚକାନୟନ ନାମକ ବସ୍‌ଟି ଯାଜପୁର ସିଂପୁରରୁ ଭୁବନେଶ୍ୱର ଯାଉଥିବା ସମୟରେ ଟାଙ୍ଗୀ ନିକଟରେ ଅଘଟଣ ଘଟିଛି। ବସରେ ୩୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିଲେ। ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ସହିତ ଆହତ ଯାତ୍ରୀଙ୍କୁ ଚିକିତ୍ସା ପାଇଁ ଏସସିବି ବଡ଼ମେଡିକାଲକୁ ପଠାଯାଇଛି। ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷଙ୍କ ଅବହେଳରୁ ଫୁଟପାଥ ନିର୍ମାଣ ନହେବା ଘଟଣାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି।

### ଯୋଗାଣ ମନ୍ତ୍ରୀଙ୍କ ରନ୍ଧନ ଗ୍ୟାସ ଓ ତୈଳ ଯୋଗାଣ ସ୍ଥିତିର ସମୀକ୍ଷା

## ଗ୍ୟାସ ଯୋଗାଣ ସ୍ୱାଭାବିକ, ଯଥେଷ୍ଟ ଅଛି ପେଟ୍ରୋଲ୍-ଡିଜେଲ୍



ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ରାଜ୍ୟରେ ରନ୍ଧନ ଗ୍ୟାସ ଓ ପେଟ୍ରୋଲ-ଡିଜେଲ୍‌ର ଉପଯୁକ୍ତ ଯୋଗାଣର ସ୍ଥିତି ସମୀକ୍ଷା କରିଛନ୍ତି। ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ମନ୍ତ୍ରୀ ଶ୍ରୀ ପାତ୍ର ଏଚ୍‌ପିସିଏଲ୍, ଆଇଓସିଏଲ୍, ବିପିସିଏଲ୍, ଆଦାନୀ ଗ୍ରୁପ୍ ଆଦି ବିଭିନ୍ନ ଇନ୍ଧନ ବିତରଣକାରୀ ସଂସ୍ଥାର ପ୍ରତିନିଧିଙ୍କ ସହିତ ଆଲୋଚନା କରିବା ସହ ରାଜ୍ୟରେ ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲ ଯୋଗାଣ ସମ୍ପର୍କିତ ସ୍ଥିତି ବାବଦରେ ଅବଗତ ହୋଇଛନ୍ତି। ବୈଠକରୁ ଜଣାପଡ଼ିଛି ଯେ ସମ୍ପ୍ରତି ଘରୋଇ ରନ୍ଧନ ଗ୍ୟାସ ଯୋଗାଣ ସମ୍ପୂର୍ଣ୍ଣ ସ୍ୱାଭାବିକ ରହିଛି। ଘରୋଇ ଖାଉଟିମାନେ ଗ୍ୟାସ ସିଲିଣ୍ଡର ବୁକିଂ କରିବାର ନିର୍ଦ୍ଧାରିତ ସମୟ ମଧ୍ୟରେ ଗ୍ୟାସ ପାଇପାରୁଛନ୍ତି। ଗ୍ୟାସ ସଙ୍କଟ ନେଇ ଲୋକଙ୍କ ମଧ୍ୟରେ ଥିବା ଭୟ ଏବେ ଦୂର ହୋଇଛି। ସେହିଭଳି ଅଣଘରୋଇ ତଥା ବାଣିଜ୍ୟିକ କ୍ଷେତ୍ରରେ ୮୦ ପ୍ରତିଶତ ପର୍ଯ୍ୟନ୍ତ ଗ୍ୟାସ ଯୋଗାଣ ସମ୍ଭବ ହୋଇପାରୁଛି। ଫଳରେ ହୋଟେଲ ଓ ରେସ୍ତୋରାଁର ଚାହିଦା ଆନେକାଂଶରେ ପୂରଣ ହୋଇପାରୁଛି। ରାଜ୍ୟରେ ଏବେ ପେଟ୍ରୋଲ ଓ ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ଆଗାମୀ ଦିନରେ ପେଟ୍ରୋଲ-ଡିଜେଲ ଦରବୃଦ୍ଧି ହେବନାହିଁ। ଜନସାଧାରଣ ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ହେଉଥିବା ଗୁଜବଠାରୁ ଦୂରେଇ ରହିବାକୁ ସେ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ନିକଟରେ ୭ ହଜାରରୁ ଅଧିକ ବେଆଇନ ସିଲିଣ୍ଡର ଜବତ କରି ରାଜ୍ୟ ସରକାର ରନ୍ଧନ ଗ୍ୟାସ ଓ ପେଟ୍ରୋଲ-ଡିଜେଲର କଳାବଜାରୀକୁ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ବୈଠକରେ ବିଭିନ୍ନ ପ୍ରାକୃତିକ ଗ୍ୟାସ ଓ ତୈଳ ବିତରଣ କମ୍ପାନୀର ପ୍ରତିନିଧିଙ୍କ ସହ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଓଜେଇଇ ପାଇଁ ବିଜ୍ଞପ୍ତି ପ୍ରକାଶ

## ୪ରୁ ଆରମ୍ଭ ହେବ ପରୀକ୍ଷା

ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): ପ୍ରକାଶ ପାଇଲା ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)-୨୦୨୬ ପରୀକ୍ଷା ତାରିଖ। ଆସନ୍ତା ମେ' ୪ ତାରିଖରୁ ଆରମ୍ଭ ହୋଇ ୧୦ ଯାଏଁ ପରୀକ୍ଷା ଚାଲିବ। ପ୍ରଥମ ଶିଫ୍ଟ ସକାଳ ୯ଟାରୁ ୧୧ଟା, ଦ୍ୱିତୀୟ ସିଫ୍ଟ ଅପରାହ୍ନ ୧ଟାରୁ ୩ଟା ଏବଂ ତୃତୀୟ ସିଫ୍ଟ ଅପରାହ୍ନ ସାଢ଼େ ୪ଟାରୁ ସାଢ଼େ ୬ଟା ଯାଏ ହେବ ବୋଲି ଓଜେଇଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ସମସ୍ତ ପରୀକ୍ଷା କମ୍ପ୍ୟୁଟର ବେସଡ୍ ଟେଷ୍ଟ (ସିବିଟି) ମୋଡରେ ହେବ। ଆବେଦନକାରୀଙ୍କ ଆଡମିଟ୍ କାର୍ଡ ୱେବ୍‌ସାଇଟରେ ଉପଲବ୍ଧ ରହିଛି। ସେହିପରି ୪ରେ ୩ଟି ଯାକ ଶିଫ୍ଟରେ ବେସିକ ବିଏସସି ନର୍ସିଂର ପ୍ରବେଶିକା ପରୀକ୍ଷା ହେବ। ୫ରେ ପ୍ରଥମ ଓ ଦ୍ୱିତୀୟ ଶିଫ୍ଟରେ ବେସିକ ବିଏସସି ନର୍ସିଂର ପରୀକ୍ଷା, ତୃତୀୟ ସିଫ୍ଟରେ ବି-ଫାର୍ମା, ୬ରେ ୩ଟିଯାକ ସିଫ୍ଟରେ ବି-ଫାର୍ମା, ୭ରେ ପ୍ରଥମ ସିଫ୍ଟରେ ଇଣ୍ଟିଗ୍ରେଟେଡ୍ ଏମବିଏ ଓ ଏମଏସସି ନର୍ସିଂ, ଦ୍ୱିତୀୟ ଓ ତୃତୀୟ ସିଫ୍ଟରେ ଏମବିଏ ପରୀକ୍ଷା ହେବ। ୮ରେ ସମସ୍ତ ସିଫ୍ଟରେ ଏଲ୍‌ଇ. ଟେକ୍ (ଡିପ୍ଲୋମା) ପରୀକ୍ଷା ରହିଛି। ୯ ତାରିଖର ପ୍ରଥମ ସିଫ୍ଟରେ ଏଲ୍‌ଇ. ଟେକ୍ (ଡିପ୍ଲୋମା), ଦ୍ୱିତୀୟ ସିଫ୍ଟରେ ଏମସିଏ/ ଏମ୍‌ଏସସି (କମ୍ପ୍ୟୁଟର ସାଇନ୍ସ), ତୃତୀୟ ସିଫ୍ଟରେ ଏମସିଏ/ପୋଷ୍ଟ ବେସିକ୍ ବିଏସସି ନର୍ସିଂ ପରୀକ୍ଷା ହେବ।

### ବିଜେପିର ବିଶାଳ ମହିଳା ଆକ୍ରୋଶ ମଶାଲ ଶୋଭାଯାତ୍ରା

## ନାରୀ ଅଧିକାରର ହତ୍ୟା ପାଇଁ ବିଜେଡି-କଂଗ୍ରେସ ଦାୟୀ: ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): ଭାରତୀୟ ନାରୀର ସମ୍ମାନ ଉପରେ ଅଙ୍ଗୁଳି ଉଠାଉଥିବା ବ୍ୟକ୍ତି ନିଶ୍ଚିତ ଦଣ୍ଡ ପାଇବେ। ନାରୀଙ୍କ ପାଇଁ ସଂସଦରେ ଗତ ୧୭ରେ ଯେଉଁ ଆଲୋଚନା ହୋଇଥିଲା, ତାହା ଦେଶର ଇତିହାସ ବଦଳାଇଥାନ୍ତା। କଂଗ୍ରେସ ସମେତ ସମସ୍ତ ବିରୋଧୀ ଦଳ ବିଲ୍‌କୁ ସମର୍ଥନ ଦେଲେନାହିଁ। ବିଜେଡି ମଧ୍ୟ ସେମାନଙ୍କୁ ସମର୍ଥନ କରିଥିଲା। କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳର ଏପରି ଆଚରଣ ବାସ୍ତବିକ ନିନ୍ଦନୀୟ। ଏଥିପାଇଁ ଦେଶବାସୀ ସେମାନଙ୍କୁ କଦାପି କ୍ଷମା ଦେବେନାହିଁ। ବିରୋଧୀ ଦଳଙ୍କ ମହିଳା ବିରୋଧୀ ଆଭିମୁଖ୍ୟ ବିରୋଧରେ ଦେଶବ୍ୟାପୀ ଏବେ ପ୍ରତିବାଦ ଓ ଆନ୍ଦୋଳନ କରାଯାଉଛି। ଏହି କ୍ରମରେ ଆଜି ଏଠାରେ ମଶାଲ ଶୋଭଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ମହିଳାଙ୍କୁ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ 'ନାରୀଶକ୍ତି ବନ୍ଦନ ଅଧିନିୟମ' ଆଣିଥିଲେ। ଏହି ଅଧିନିୟମ ମହିଳାମାନଙ୍କ ପାଇଁ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ଆସନ ସଂରକ୍ଷଣକୁ ସୁନିଶ୍ଚିତ କରୁଥିଲା। କିନ୍ତୁ କଂଗ୍ରେସ ଓ ଅନ୍ୟାନ୍ୟ ବିରୋଧୀ ଦଳ ଅଧିନିୟମକୁ ବିରୋଧ କରି ସେମାନେ ପରିବାରବାଦ ରାଜନୀତିରେ ବିଶ୍ୱାସ କରନ୍ତି ବୋଲି ପ୍ରମାଣିତ କରିଛନ୍ତି ବୋଲି ସେ କହିଛନ୍ତି। ସେହିପରି ଦେଶର ମା'ମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣର ସାମ୍ବିଧାନିକ ଅଧିକାର ନିଶ୍ଚିତ ମିଳିବ। ମହିଳାମାନଙ୍କୁ ସାମ୍ବିଧାନିକ ଅଧିକାର ଦେବା ପାଇଁ ବିଜେପି ଲଢ଼େଇ ଜାରି ରଖିବ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି। ଆହୁରି କେନ୍ଦ୍ର ମନ୍ତ୍ରୀ ଜୁଏଲ୍ ଓରାମ୍ କଂଗ୍ରେସ ସମେତ ବିରୋଧୀଙ୍କ ଜ୍ଞାନ ଉଦୟ ହେଉ ବୋଲି କହିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଲଞ୍ଚ ହେଲା ରେଞ୍ଜ ରୋଭର୍ ସ୍ପୋର୍ଟ ଅଟୋବାୟୋଗ୍ରାଫି




ନୂଆଦିଲ୍ଲୀ, ୨୮।୪: କାର୍ ଲର୍ଭସଙ୍କ ପାଇଁ ଆସିଲା ଖୁସି ଖବର। ଲଞ୍ଚ ହେଲା ଏକ ଜବରଦସ୍ତ କାର୍। ଯାହାର ଫିଚର୍ସ ଜାଣିଲେ ହୋଇଯିବେ ଆଶ୍ଚର୍ଯ୍ୟ। ତେବେ ଆସନ୍ତୁ ଜାଣିବା ଏହାର ସମ୍ପୂର୍ଣ୍ଣ ଡିଟେଲ୍ସ। ଯଦି ଆପଣ ଏକ ଲଗଜରୀ ଏସୟୁଭି ଖୋଜୁଛନ୍ତି ଯାହା ଷ୍ଟାଇଲ୍, ପାୱାର ଏବଂ କମ୍ଫର୍ଟ ର ମିଶ୍ରଣ ହୋଇଥାଏ, ତେବେ ରେଞ୍ଜ ରୋଭର୍ ସ୍ପୋର୍ଟ ଅଟୋବାୟୋଗ୍ରାଫି ନିକଟରେ ଲଞ୍ଚ ହୋଇଛି। ଏହାର ଖାସ୍ କଥା ହେଉଛି ଯେ ଏହି ଗାଡ଼ିର ବିଭିନ୍ନ ପାର୍ଟ ଆସି ଭାରତରେ ତିଆରି ହୋଇଛି। ଏହା ପ୍ରଥମ ଥର ପାଇଁ ଲୋକାଲ ପ୍ରଡ୍ୟୁସ୍ ରେଞ୍ଜ ରୋଭର ସ୍ପୋର୍ଟର ଅଟୋବାୟୋଗ୍ରାଫି ଟ୍ରିମରେ ଅଫର କରାଯାଇଛି। ଏହି କାରଟି ବିଶେଷ ଭାବରେ ସେମାନଙ୍କ ପାଇଁ ଡିଜାଇନ ହୋଇଛି, ଯେଉଁମାନେ ପ୍ରିମିୟମ୍ ସେଗମେଣ୍ଟରେ ଦମଦାର୍ ଫିଚର୍ସ ଏବଂ ପାୱାରଫୁଲ୍ ପରଫରମର୍ସ ଚାହାଁନ୍ତି। ଏହି ଭାରିଆଣ୍ଟଟି ରେଞ୍ଜ ରୋଭର ସ୍ପୋର୍ଟ ଲାଇନଅପରେ ଟପ୍ ମଡେଲ୍, ତେଣୁ ଏଥିରେ କମ୍ପାନୀର ପ୍ରାୟ ସମସ୍ତ ପ୍ରିମିୟମ୍ ଫିଚର୍ସ ସାମିଲ୍। ଡିଜାଇନ୍ ଦୃଷ୍ଟିରୁ ଦେଖିବାକୁ ଗଲେ, ଏହି ଏସୟୁଭି ଏକ ବୋଲ୍ଡ ଏବଂ ମର୍ଡନ୍ ଲୁକ୍ ପ୍ରଦାନ କରେ। ବଡ଼ ୨୨-ଇଞ୍ଚ ଆଲଏ ହୁଇଲ୍ ଏହାର ରାସ୍ତା ଉପସ୍ଥିତିକୁ ଆହୁରି ବୃଦ୍ଧି କରେ। କାରରେ ଫ୍ଲସ୍ ଡୋର୍ ହ୍ୟାଣ୍ଡେଲ, ସ୍ଲିକ୍ ଏଲଇଡି ହେଡଲାଇଟ୍ ଏବଂ ଅଟୋବାୟୋଗ୍ରାଫି ବ୍ୟାଜିଂ ରହିଛି, ଯାହା ଏହାକୁ ଅନ୍ୟ ଭାରିଆଣ୍ଟ ଠାରୁ ଅଲଗା କରିଥାଏ। ଏହାର ଏକ୍ସଟେରିୟର ଡିଜାଇନ୍ ଏତେ ଖାସ୍ ଯେ, ଲଗଜରୀ ସହିତ ସ୍ପୋର୍ଟି ଫିଲ୍ ପ୍ରଦାନ କରିଥାଏ। ଏହାର ଏଣ୍ଟରିୟର ବହୁତ୍ ଆରାମଦାୟକ ଲାଗିଥାଏ। ଏଥିରେ ପ୍ରିମିୟମ୍ ଲେଦର ସିଟ୍ ଦିଆଯାଇଛି, ଯେଉଁଥିରେ ୨୨ ପ୍ରକାରରେ ଆଡଜଷ୍ଟ କରାଯାଇପାରିବେ। ଏଥିସହ ସିଟରେ ଗରମ ଏବଂ ଥଣ୍ଡାର ସୁବିଧା ମିଳିଥାଏ। କାର ଭିତରେ ଆମ୍ବିଏଣ୍ଟ୍ ଲାଇଟିଂ ବ୍ୟବସ୍ଥା କରାଯାଇଛି, ଯାହା କ୍ୟାବିନର ପରିବେଶକୁ ବୃଦ୍ଧି କରିଥାଏ। ଏଥିରେ ମଧ୍ୟ ଏକ ମିନି ରେଫ୍ରିଜରେଟର୍, ଏକ ବଡ଼ ଟଚସ୍କ୍ରିନ୍ ଇନଫୋଟେନ୍‌ମେଣ୍ଟ ସିଷ୍ଟମ୍, ଏକ ହାଇ-କ୍ୱାଲିଟି ସାଉଣ୍ଡ ସିଷ୍ଟମ୍ ଏବଂ ଅନେକ ଦମଦାର୍ ଟେକ୍ନୋଲୋଜି ଫିଚର୍ସଗୁଡ଼ିକ ରହିଛି। ଯାହା କମ୍ଫର୍ଟ ଏବଂ ମନୋରଞ୍ଜନକାରୀ ଯାତ୍ରା ପାଇଁ ବେଷ୍ଟ ହୋଇଥାଏ।

ଏହି ଏସୟୁଭି ଇଞ୍ଜିନ ଏବଂ ପରଫରମାନ୍ସ ଦୃଷ୍ଟିରୁ ମଧ୍ୟ ବହୁତ ପାୱାରଫୁଲ୍। ଏହା ୩.୦-ଲିଟର ପେଟ୍ରୋଲ ଏବଂ ଡିଜେଲ ଇଞ୍ଜିନ ଅପ୍ସନ ସହିତ ଆସିଥାଏ, ଯାହା ସ୍ମୁଥ ଏବଂ ପାୱାରଫୁଲ୍ ଡ୍ରାଇଭିଂ ଏକ୍ସପରିୟନ୍ସ ପ୍ରଦାନ କରେ। ଏହା ବ୍ୟତୀତ ୪.୪-ଲିଟର ଭି୮ ଇଞ୍ଜିନ ସହିତ ଭାରିଆଣ୍ଟ ମଧ୍ୟ ଉପଲବ୍ଧ, ଯାହା ଏହାର ହାଇ ପରଫରମାନ୍ସ ପାଇଁ ଜଣାଶୁଣା। ଏହି ଏସୟୁଭିର ସ୍ପିଡ୍ ବହୁତ୍ ଫାଷ୍ଟ। କିଛି ଭାରିଆଣ୍ଟ ପ୍ରାୟ ୫.୫ ସେକେଣ୍ଡରେ ୦ ରୁ ୧୦୦ କିମି/ଘଣ୍ଟାର ସ୍ପିଡ୍ ହାସଲ କରିଥାଏ। ଏହାର ସର୍ବାଧିକ ଗତି ପ୍ରାୟ ୨୪୨ କିମି/ଘଣ୍ଟା ପର୍ଯ୍ୟନ୍ତ ପହଞ୍ଚିପାରେ, ଯାହା ଏହାକୁ ଏକ ସ୍ପୋର୍ଟି ଲଗଜରୀ ଏସୟୁଭି କରିଥାଏ।

ସେଫ୍ଟି ଏବଂ ଡ୍ରାଇଭିଂ ବିଷୟରେ କହିଲେ ଏଥିରେ ଅନେକ ଆଡଭାନ୍ସ ଫଇଚର୍ସ ଦିଆଯାଇଛି ଯାହା ହେଉଛି- ଡ୍ରାଇଭର ଆସିଷ୍ଟ ସିଷ୍ଟମ, ମଲ୍ଟିପଲ୍ ଏୟାରବ୍ୟାଗ, ୩୬୦ ଡିଗ୍ରୀ କ୍ୟାମେରା ଏବଂ ବିଭିନ୍ନ ଡ୍ରାଇଭିଂ ମୋଡ୍ ଦଅଆଯାଇଛି। ଏହି ସମସ୍ତ ଫିଚର୍ସଗୁଡ଼ିକ କାରକୁ ସୁରକ୍ଷିତ କରିବା ପାଇଁ ମିଳିତ ଭାବରେ କାମ କରେ। ଏଥିସହ ଏହି ଗାଡ଼ିଟିକୁ କିଣିବାକୁ ହେଲେ ପ୍ରାଇସ୍ ଜାଣିବା ତ ନିହାତି ଦାରକାର୍, ତେବେ ଜାଣନ୍ତୁ ଏହି ଲଗଜରୀ ଗାଡ଼ିର ଏକ୍ସ-ଶୋରୁମ୍ ପ୍ରାଇସ୍ ହେଉଛି- ୧.୬୦ କୋଟି ରେ ଲଞ୍ଚ ହୋଇଛି। ଏଥିସହ ଯଦି ଆପଣ ଏକ ଲଗଜରୀ କାର୍ କିଣିବାକୁ ପ୍ଲାନ୍ କରୁଛନ୍ତି, ତେବେ ଏହି କାରଟି ଆପଣମାନଙ୍କୁ ପାଇଁ ବେଷ୍ଟ ଅପ୍ସନ ହୋଇପାରିବ।

## ଗହମ ଫସଲ ନଷ୍ଟ ହୋଇନି; ଉତ୍ପାଦନ କମିବନି



ନୂଆଦିଲ୍ଲୀ, ୨୮।୪: ଗମ୍ଭୀର ପାଣିପାଗ ସ୍ଥିତି ଗହମ ଚାଷକୁ ପ୍ରଭାବିତ କରିନାହିଁ। ଅଳ୍ପ କିଛି ସ୍ଥାନରେ ଯଦିଓ ପାଣିପାଗ ଜନିତ ଘଟଣା ଘଟିଛି, କିନ୍ତୁ ତାହା ଗମନ ଉତ୍ପାଦନକୁ ବିଶେଷ ପ୍ରଭାବିତ କରିବ ନାହିଁ ବୋଲି କୃଷି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅଦିନିଆ ବର୍ଷା ଓ ଝଡ଼ରେ ଗହମ ଫସଲ ନଷ୍ଟ ହୋଇଥିବା ନେଇ ରୋଲର୍ ଫ୍ଲୋର୍ ମିଲର୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ ଚିନ୍ତା ପ୍ରକଟ କରିଥିଲା।

୨୦୨୫-୨୬ରେ ଉତ୍ପାଦନ ୧୧୦.୬୫ ନିୟୁତ ଟନ୍ ରହିବା ନେଇ ଏହା ଆକଳନ କରିଥିଲା। ଏହା ୨୦୨୪-୨୫ର ୧୦୯.୬୩ ନିୟୁତ ଟନ୍ ତୁଳନାରେ ସାମାନ୍ୟ ଅଧିକ ହୋଇଥିଲେ ମଧ୍ୟ ୨୦୨୫-୨୬ ପାଇଁ ସରକାର କରିଥିବା ୧୨୦.୨୧ ନିୟୁତ ଟନ୍ ଆକଳନଠାରୁ ଯଥେଷ୍ଟ କମ୍। ସେହି ଆକଳନ ଉପରେ ପ୍ରତିକ୍ରିୟା ରଖି ଖାଦ୍ୟ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି ଯେ ମହାସଂଘର ଆକଳନ ୧୧୦ ନିୟୁତ ଟନ୍ ହୋଇଥିବା ବେଳେ ବର୍ଷା ପୂର୍ବରୁ ସରକାରଙ୍କ ଆକଳନ ୧୨୦ ନିୟୁତ ଟନ୍ ରହିଛି। ତେଣୁ ପ୍ରକୃତ ଉତ୍ପାଦନ ଏହି ଦୁଇ ଆକଳନ ମଝାମଝି ରହିବ। କୃଷି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଆଲୋଚ୍ୟ ଋତୁରେ ୩୩.୪ ନିୟୁତ ହେକ୍ଟର ଜମିରେ ଗହମ ଚାଷ ହୋଇଛି। କୌଣସି ସ୍ଥାନରେ ଫସଲରେ ରୋଗ କିମ୍ବା ପୋକ ଲାଗିବା ଘଟଣା ସାମ୍ନାକୁ ଆସିନାହିଁ। ଆଗୁଆ ଓ ଠିକ୍ ସମୟରେ ବୁଣାବୁଣି ହୋଇଥିଲା।

ତେବେ ଫେବ୍ରୁଆରିରେ ଗରମ ବଢ଼ିବାରୁ ଫସଲ ଦାନା ପୂରଣ ହେବା ପ୍ରଭାବିତ ହୋଇଥାଏ। ଅମଳ ସମୟ ବେଳକୁ କେତେକ ସ୍ଥାନରେ ଅଦିନିଆ ବର୍ଷା ଓ ଝଡ଼ତୋଫାନ ଯୋଗୁଁ ଫସଲ କିଛିଟା ପ୍ରଭାବିତ ହୋଇଛି। ତେବେ ପାଣିପାଗ ଜନିତ ଏହି ସମସ୍ୟାଗୁଡ଼ିକୁ ଏଡ଼ାଇବା ଲାଗି ବହୁ ପଦକ୍ଷେପ ଗ୍ରହଣ କରାଯାଇଥିବା ମନ୍ତ୍ରଣାଳୟ କହିଛି। ଚଳିତ ବର୍ଷ ୦.୬ ନିୟୁତ ହେକ୍ଟର ଅଧିକ ଜମିରେ ଚାଷ କରାଯାଇଥିବାରୁ ଅଳ୍ପ କେତେକ ସ୍ଥାନରେ ହେବାକୁ ଥିବା କ୍ଷତି ଭରଣା ହୋଇଯିବ। ଚରମ ପାଣିପାଗ ସହନଶୀଳ ବିହନ ଦିଆଯାଇଥିବାରୁ ତାହା ଗ୍ରୀଷ୍ମପ୍ରବାହ ଓ ରୋଗପୋକ ସମସ୍ୟାକୁ ଦୂର କରିବ। ଗହମ ସଂଗ୍ରହ ତଥ୍ୟ ଉପସ୍ଥାପନ କରି ଅମଳ ଭଲ ହୋଇଥିବା ମନ୍ତ୍ରଣାଳୟ ଜଣାଇବାକୁ ପ୍ରୟାସ କରିଛି। ହରିୟାଣାରେ ଗହମ ନିର୍ଦ୍ଧାରିତ ସମୟଠାରୁ ଆଗୁଆ ମଣ୍ଡିରେ ପହଞ୍ଚିଛି ଓ ତାହା ୭୫ ଲକ୍ଷ ଟନ୍ ସଂଗ୍ରହ ଲକ୍ଷ୍ୟ ପାର କରିଛି। ମଧ୍ୟପ୍ରଦେଶ ପାଇଁ ସଂଗ୍ରହ ଲକ୍ଷ୍ୟକୁ ୮୭ ଲକ୍ଷ ଟନ୍‌ରୁ ବଢ଼ାଇ ୧୦୦ ଲକ୍ଷ ଟନ୍ କରାଯାଇଛି। ମହାରାଷ୍ଟ୍ରରେ ଉତ୍ପାଦନ ୨୨.୯୦ ଲକ୍ଷ ଟନ୍ ରହିବା ଆକଳନ କରାଯାଇଛି।

## ଓଡ଼ିଶାରେ ସର୍ବାଧିକ ଉପଭୋକ୍ତା ସହ ୧ ନମ୍ବର ସ୍ଥାନରେ ଜିଓ

ଭୁବନେଶ୍ୱର, ୨୮।୪: ଓଡ଼ିଶାରେ ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ ଏହାର ଜୟଯାତ୍ରା ଜାରି ରଖି ରିଲାଏନ୍ସ ଜିଓ ୨୦୨୬ ମାର୍ଚ୍ଚ ମାସରେ ରାଜ୍ୟରେ ସର୍ବାଧିକ ୨.୫୯ ଲକ୍ଷ ନୂତନ ମୋବାଇଲ୍ ଏବଂ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ମାର୍ଚ୍ଚ ମାସରେ ଓଡ଼ିଶାରେ ଜିଓ ନେଟୱାର୍କରେ ୨.୪ ଲକ୍ଷରୁ ଅଧିକ ନୂଆ ମୋବାଇଲ୍ ଗ୍ରାହକ ଏବଂ ୧୯୦୦୦ ରୁ ଅଧିକ ନୂଆ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡି ହୋଇଛନ୍ତି। ଏହି ମାସରେ ଓଡ଼ିଶାରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୪ ଲକ୍ଷ ବୃଦ୍ଧି ପାଇ ମାର୍ଚ୍ଚ ୩୧ ସୁଦ୍ଧା ୩ କୋଟି ୮୧ ଲକ୍ଷରେ ପହଞ୍ଚିଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି।




ରାଜ୍ୟରେ ହୋମ୍ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ଏହାର ଦବଦବା ବଜାୟ ରଖି ରିଲାଏନ୍ସ ଜିଓ ସାରା ଓଡ଼ିଶାରେ ଜିଓଫାଇବର ଏବଂ ଜିଓଏୟାରଫାଇବରର ଅପାର ଲୋକପ୍ରିୟତା ବଳରେ ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ଅପେକ୍ଷା ୪ ଗୁଣା ଅଧିକ ନୂତନ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡ଼ିଛି। ଏଥିସହିତ, ରିଲାଏନ୍ସ ଜିଓ ଓଡ଼ିଶାରେ ସମସ୍ତ ତିନୋଟି କ୍ଷେତ୍ର - ୱାୟାରଲେସ୍, ୱାୟାରଲାଇନ୍ ଏବଂ ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ (ଏଫଡବ୍ଲୁଏ) ରେ ଏହାର ବଜାର ନେତୃତ୍ୱକୁ ଆହୁରି ସୁଦୃଢ଼କରିଛି। ରାଜ୍ୟରେ ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ରହିଥିବା ଜିଓ ନେଟୱର୍କରେ ସର୍ବାଧିକ ୧ କୋଟି ୭୮ ଲକ୍ଷ ମୋବାଇଲ୍ ଗ୍ରାହକ, ୩.୭୧ ଲକ୍ଷ ଜିଓଫାଇବର ଗ୍ରାହକ ଏବଂ ୩.୭୭ ଲକ୍ଷ ଜିଓଏୟାରଫାଇବର ଗ୍ରାହକ ଅଛନ୍ତି। ଓଡ଼ିଶାର ଗ୍ରାମାଞ୍ଚଳ ତଥା ଉପାନ୍ତ ଅଞ୍ଚଳରେ ହଜାର ହଜାର ଗ୍ରାମରେ ଡିଜିଟାଲ୍ ଅନ୍ତର୍ଭୁକ୍ତିକରଣକୁ ଆଗକୁ ବଢ଼ାଇ ଜିଓ ସେମାନଙ୍କ ଘରପାଖରେ ହାଇ-ସ୍ପିଡ୍ ବ୍ରଡବ୍ୟାଣ୍ଡ ସଂଯୋଗ ଉପଲବ୍ଧ କରାଇଛି। ଟ୍ରାଇ ତଥ୍ୟ ଅନୁଯାୟୀ, ଜାତୀୟ ସ୍ତରରେ ଜିଓ ମାର୍ଚ୍ଚ ମାସରେ ୩୨ ଲକ୍ଷରୁ ଅଧିକ ନୂଆ ମୋବାଇଲ୍ ଗ୍ରାହକ, ୧.୮୮ ଲକ୍ଷ ନୂଆ ଜିଓଫାଇବର ଗ୍ରାହକ ଏବଂ ୪.୪୧ ଲକ୍ଷରୁ ଅଧିକ ନୂଆ ଜିଓଏୟାରଫାଇବର ଗ୍ରାହକ ଯୋଡିଛି। ଏହାର ଅତ୍ୟାଧୁନିକ ପ୍ରଯୁକ୍ତି, ଦୃଢ଼ ଭିତ୍ତିଭୂମି ଏବଂ ଗ୍ରାହକ-ପ୍ରଥମ ନୀତି ସହିତ, ଜିଓ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଓଡ଼ିଶାର ଡିଜିଟାଲ୍ ପରିବର୍ତ୍ତନକୁ ଆଗକୁ ବଢ଼ାଇ ଚାଲିଛି। ଜିଓଏୟାରଫାଇବର ଡିଜିଟାଲ୍ ବୈଷମ୍ୟକୁ ଦୂର କରିବା ସହିତ ଶେଷ ମାଇଲ୍ ଫାଇବର ଆହ୍ୱାନର ସମାଧାନ ସ୍ୱରୂପ ସହର ଉପକଣ୍ଠ ଏବଂ ଗ୍ରାମାଞ୍ଚଳରେ ଘର ତଥା କ୍ଷୁଦ୍ର ବ୍ୟବସାୟଗୁଡ଼ିକୁ ବ୍ରଡ଼ବ୍ୟାଣ୍ଡ ସଂଯୋଗ ଉପଲବ୍ଧ କରାଇବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହା ହାଇ-ସ୍ପିଡ୍ ବ୍ରଡବ୍ୟାଣ୍ଡ, ୮୦୦+ ଟିଭି ଚ୍ୟାନେଲ୍, ୧୧+ ଓଟିଟି ଆପ୍, ଅସୀମିତ ୱାଇଫାଇ, ଏବଂ ଆହୁରି ଅନେକ କିଛି ସୁବିଧା ପ୍ରଦାନ କରି ଆଜିର ଡିଜିଟାଲ୍ ଯୁଗରେ ଉନ୍ନତି ପାଇଁ ଛାତ୍ରଛାତ୍ରୀ, ବୃତ୍ତିଗତ ପ୍ରଫେସନାଲ, ଉଦ୍ୟୋଗୀ ଏବଂ ପରିବାରଗୁଡିକୁ ସଶକ୍ତ କରୁଛି।

## ଏୟାରଲାଇନ୍ ଇଣ୍ଡଷ୍ଟ୍ରୀରେ ଫୁଏଲ ସଙ୍କଟ




ନୂଆଦିଲ୍ଲୀ, ୨୮।୪:ଜେଟ୍ ଇନ୍ଧନ ଦର ବୃଦ୍ଧି ଯୋଗୁଁ ପରିବହନ କ୍ଷେତ୍ରରେ ଚାପ ପଡିଛି। ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ଭାରତର ବିମାନ ଶିଳ୍ପ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛି। ଏୟାର ଇଣ୍ଡିଆ, ଇଣ୍ଡିଗୋ ଏବଂ ସ୍ପାଇସଜେଟ୍ ଭଳି ବାହକ ସଂସ୍ଥାଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ଫେଡେରେସନ ଅଫ୍ ଇଣ୍ଡିଆନ୍ ଏୟାରଲାଇନ୍ସ (ଏଫ୍ଆଇଏ) ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଏକ ଚିଠି ଲେଖି ଚେତାବନୀ ଦେଇଛି ଯେ ବିମାନ ଟରବାଇନ୍ ଇନ୍ଧନ (ଏଟିଏଫ୍) ମୂଲ୍ୟ ବୃଦ୍ଧି ଯୋଗୁଁ ବିମାନ କମ୍ପାନି ଚାପର ସମ୍ମୁଖୀନ ହେଉଛନ୍ତି। ଶିଳ୍ପ ସଂଗଠନ କହିଛି ଯେ ବର୍ତ୍ତମାନର ଖର୍ଚ୍ଚ ପରିବେଶ ଅନେକ ରୁଟ୍‌କୁ ଆର୍ଥିକ ଭାବରେ ଅସମ୍ଭବ କରୁଛି ଏବଂ ଯଦି ମୂଲ୍ୟ ବୃଦ୍ଧି ପାଏ, ତେବେ ବିମାନ କମ୍ପାନିଗୁଡ଼ିକ କତେକ ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି। ପଶ୍ଚିମ ଏସିଆରେ ଉତ୍ତେଜନା ମଧ୍ୟରେ ବିଶ୍ୱବ୍ୟାପୀ ଅଶୋଧିତ ତୈଳ ମୂଲ୍ୟର ବଢ଼ିବା ଯୋଗୁଁ ଏଟିଏଫ୍ ମୂଲ୍ୟରେ ବୃଦ୍ଧି ଚିନ୍ତାର କାରଣ ପାଲଟିଛି। ଗତ କିଛି ସପ୍ତାହ ମଧ୍ୟରେ ଏହା ପ୍ରତି କିଲୋଲିଟରରେ ୨ ଲକ୍ଷ ଟଙ୍କା ଅତିକ୍ରମ କରିଛି।

ଶିଳ୍ପ ସଂଗଠନ ଅନୁଯାୟୀ, ଇନ୍ଧନ, ଯାହା ସାଧାରଣତଃ ବିମାନ ଖର୍ଚ୍ଚର ପ୍ରାୟ ୩୦-୪୦% ହୋଇଥାଏ, ବର୍ତ୍ତମାନ ପରିଚାଳନା ଖର୍ଚ୍ଚର ୫୫-୬୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହି ପରିବର୍ତ୍ତନ ଲାଭ ସ୍ତରକୁ ଯଥେଷ୍ଟ ସଙ୍କୁଚିତ କରିଛି। ଚିଠିରେ, ଏଫ୍ଆଇଏ ଦର୍ଶାଇଛି ଯେ, ବିମାନ କମ୍ପାନିଗୁଡ଼ିକ ବୃଦ୍ଧିର ଭରଣା କରିବା ପାଇଁ ସଂଘର୍ଷ କରୁଛନ୍ତି, ବିଶେଷକରି ଅନ୍ତର୍ଜାତୀୟ ରୁଟ୍‌ରେ ଇନ୍ଧନ ମୂଲ୍ୟ ଅଧିକ ରହିଛି। ଶିଳ୍ପ ସଂଗଠନ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛି। ଏହା ସରକାରଙ୍କୁ ଏଟିଏଫ୍ ଉପରେ ୧୧% ଉତ୍ପାଦ ଶୁଳ୍କକୁ ଅସ୍ଥାୟୀ ଭାବରେ ପ୍ରତ୍ୟାହାର କରିବାକୁ ଏବଂ ରାଜ୍ୟସ୍ତରୀୟ ଭାଟ୍ ହ୍ରାସ ପାଇଁ ଅନୁରୋଧ କରିଛି, ଯାହା କିଛି ସ୍ଥାନରେ ୨୫% ପର୍ଯ୍ୟନ୍ତ ଯାଇପାରେ। ବିମାନ କମ୍ପାନିଗୁଡ଼ିକ ମଧ୍ୟ ଜେଟ୍ ଇନ୍ଧନ ପାଇଁ ଏକ ଅଧିକ ପୂର୍ବାନୁମାନଯୋଗ୍ୟ ମୂଲ୍ୟ ନିର୍ଦ୍ଧାରଣ ବ୍ୟବସ୍ଥା ଫେରାଇ ଆଣିବାକୁ ଆହ୍ୱାନ କରିଛନ୍ତି, ଯୁକ୍ତି ଦେଇଛନ୍ତି ଯେ ବିଶୋଧନ ମାର୍ଜିନରେ ଅସ୍ଥିରତା କିମ୍ବା କ୍ରାକ୍ ସ୍ପ୍ରେଡ୍, ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇଲେ ଏଟିଏଫ୍ ମୂଲ୍ୟରେ ବୃଦ୍ଧି ହେଉଛି। ଅଶୋଧିତ ତେଲ ଏବଂ ଜେଟ୍ ଇନ୍ଧନ ମୂଲ୍ୟ ମଧ୍ୟରେ ଏହି ଅସମାନତା ଏକ ପ୍ରମୁଖ ଚିନ୍ତାର ବିଷୟେ ପାଲଟିଛି।

ଏୟାରଲାଇନ୍ସମାନେ ସରକାରଙ୍କୁ କହିଛନ୍ତି ଯେ ଅଶୋଧିତ ତୈଳ କମ୍ ଥିବା ସମୟରେ ମଧ୍ୟ ଏଟିଏଫ୍ ମୂଲ୍ୟ ଉଚ୍ଚ ରହିଥାଏ, ଯାହା ଆର୍ଥିକ ଚାପକୁ ବୃଦ୍ଧି କରିଥାଏ। ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ବିଶ୍ୱବ୍ୟାପୀ ତୈଳ ମୂଲ୍ୟକୁ ବୃଦ୍ଧି କରିଛି, ହର୍ମୁଜ୍ ପ୍ରଣାଳୀ ଭଳି ଯୋଗାଣ ମାର୍ଗ ସମ୍ପର୍କରେ ଚିନ୍ତା ଅନିଶ୍ଚିତତାକୁ ବଢ଼ାଇ ଦେଇଛି। ଏୟାରଲାଇନ୍ସ ପାଇଁ, ଏହା ସିଧାସଳଖ ବଡ଼ ଧରଣର ଇନ୍ଧନ ବିଲ୍‌ରେ ପରିଣତ ହୋଇଛି। ଯଦି ପରିସ୍ଥିତି ଏପରି ଜାରି ରହେ, ତେବେ ବିମାନ କମ୍ପାନିଗୁଡ଼ିକ କ୍ଷତି ଭରଣା କରିବାକୁ, ରୁଟ୍‌ଗୁଡ଼ିକୁ ଭଡ଼ା ବଢ଼ାଇବାକୁ ବାଧ୍ୟ ହୋଇପାରନ୍ତି ବୋଲି ଶିଳ୍ପ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହାର ପ୍ରଭାବ ବିଶ୍ୱ ସ୍ତରରେ ଦେଖାଯିବା ଆରମ୍ଭ ହୋଇଗଲାଣି, ଅନେକ କମ୍ପାନି ସୂଚାଇ ଦେଇଛନ୍ତି ଯେ ନିରନ୍ତର ଉଚ୍ଚ ଇନ୍ଧନ ମୂଲ୍ୟ ଭଡ଼ା ବୃଦ୍ଧିର କାରଣ ହୋଇପାରେ।

ଭାରତରେ, ବିମାନ କମ୍ପାନିଗୁଡ଼ିକ ଏପର୍ଯ୍ୟନ୍ତ ବୃଦ୍ଧିର କିଛି ଭାର ବହନ କରିଛନ୍ତି, କିନ୍ତୁ ଶିଳ୍ପ କାର୍ଯ୍ୟନିର୍ବାହୀମାନେ କୁହନ୍ତି ଯେ, ଯଦି ମୂଲ୍ୟ ବୃଦ୍ଧି ଜାରି ରହେ, ତେବେ ଏହା କରିବା ଆଉ ସମ୍ଭବ ହେବ ନାହିଁ। ଯାତ୍ରୀମାନଙ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିବ। ଇନ୍ଧନ ମୂଲ୍ୟ ସାଧାରଣତଃ ଟିକେଟ୍ ମୂଲ୍ୟକୁ ବୃଦ୍ଧି କରିଥାଏ। ଏୟାରଲାଇନ୍ସଗୁଡ଼ିକ ଏପରି ରୁଟ୍‌ଗୁଡ଼ିକରେ ଫ୍ରିକ୍ୱେନ୍ସି ମଧ୍ୟ ହ୍ରାସ କରିପାରନ୍ତି ଯେଉଁଗୁଡ଼ିକୁ ବଜାୟ ରଖିବା କଷ୍ଟକର ହୋଇପଡ଼ିଥାଏ। ବର୍ତ୍ତମାନର ପରିସ୍ଥିତି କେବଳ ବୃଦ୍ଧି ପାଉଥିବା ଖର୍ଚ୍ଚ ବିଷୟରେ ନୁହେଁ ବରଂ ଏହା କାର୍ଯ୍ୟକ୍ଷମତା ବିଷୟରେ ମଧ୍ୟ ସୂଚିତ କରିଛି। ଯଦି ଇନ୍ଧନ ମୂଲ୍ୟ ବୃଦ୍ଧି ପାଏ ଏବଂ ଟିକସ ଅପରିବର୍ତ୍ତିତ ରହେ,ତେବେ ବିମାନ କମ୍ପାନିଗୁଡ଼ିକ ଉପରେ ଚାପ ବୃଦ୍ଧି ପାଇବାର ସମ୍ଭାବନା ରହିଛି, ଯାହାର ସିଧାସଳଖ ପ୍ରଭାବ ଭଡ଼ା, ରୁଟ୍ ଏବଂ ସାମଗ୍ରିକ କ୍ଷମତା ଉପରେ ପଡ଼ିବାର ଆଶଙ୍କା ରହିଛି। ଫଳରେ କମ୍ପାନିଗୁଡ଼ିକ କେତେକ କ୍ଷେତ୍ରରେ ଉଡ଼ାଣ ବନ୍ଦ କରିବାକୁ ବାଧ୍ୟ ହେବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

## ସେପ୍ଟେମ୍ବର ୮ରୁ ଆଣ୍ଡ୍ରଏଡ୍ ୫.୦ ସଂସ୍କରଣ ସ୍ମାର୍ଟଫୋନରେ ବନ୍ଦ ହୋଇଯିବ ହ୍ୱାଟ୍ସଆପ୍



ନୂଆଦିଲ୍ଲୀ, ୨୮।୪: ହ୍ୱାଟ୍ସଆପ୍ ୟୁଜର୍ସଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଖବର। ୮ ସେପ୍ଟେମ୍ବର, ୨୦୨୬ରୁ ବିଶ୍ୱର ସବୁଠାରୁ ଲୋକପ୍ରିୟ ଇନଷ୍ଟାଣ୍ଟ ମେସେଜିଂ ଆପ୍ କିଛି ନିର୍ଦ୍ଦିଷ୍ଟ ଆଣ୍ଡ୍ରଏଡ୍ ସ୍ମାର୍ଟଫୋନରେ କାମ କରିବା ବନ୍ଦ କରିଦେବ। ମେଟା ମାଲିକାନାରେ ଥିବା ଏହି କମ୍ପାନୀ କିଛି ପୁରୁଣା ଅପରେଟିଂ ସିଷ୍ଟମରେ ଚାଲୁଥିବା ଡିଭାଇସ୍ ପାଇଁ ନିଜର ସପୋର୍ଟ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି। ହ୍ୱାଟ୍ସଆପ୍ କ୍ରମାଗତ ଭାବରେ ନିଜକୁ ଅଧିକ ସୁରକ୍ଷିତ ଏବଂ ଆଧୁନିକ କରିବା ପାଇଁ ନୂଆ ନୂଆ ଫିଚର୍ସ ଆଣୁଛି। ଏହି ସବୁ ନୂଆ ଟେକ୍ନୋଲୋଜି ଏବଂ ସୁରକ୍ଷା ବ୍ୟବସ୍ଥାକୁ ପୁରୁଣା ସ୍ମାର୍ଟଫୋନର ହାର୍ଡୱେର୍ ବା ସଫ୍ଟୱେର୍ ସପୋର୍ଟ କରିପାରୁ ନାହିଁ। କମ୍ପାନୀ ବର୍ତ୍ତମାନ 'ନୋଟିଫିକେସନ୍ ବବଲ୍ସ' ପରି କିଛି ଉନ୍ନତ ଫିଚର୍ ଆଣିବାକୁ ଯାଉଛି, ଯାହା ପାଇଁ ଆଧୁନିକ ଅପରେଟିଂ ସିଷ୍ଟମର ଆବଶ୍ୟକତା ରହିଛି। ସେଥିପାଇଁ ପୁରୁଣା ଫୋନରେ ଏହି ଆପ୍‌କୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ହ୍ୱାଟ୍ସଆପ୍‌ର ଅପଡେଟ୍ ଉପରେ ନଜର ରଖୁଥିବା ୱେବସାଇଟ୍ **WABetainfo** ଅନୁଯାୟୀ, ଯେଉଁ ଆଣ୍ଡ୍ରଏଡ୍ ଫୋନ୍ ଗୁଡ଼ିକ **Android 6.0** ରୁ ପୁରୁଣା ସିଷ୍ଟମରେ ଚାଲୁଛି, ସେଥିରେ ହ୍ୱାଟ୍ସଆପ୍ ବନ୍ଦ ହୋଇଯିବ। ବିଶେଷ କରି **Android 5.0** ଏବଂ **5.1 (Lollipop)** ସଂସ୍କରଣରେ ଚାଲୁଥିବା ଫୋନ୍ ଗୁଡ଼ିକ ଏହି ତାଲିକାରେ ଅଛନ୍ତି। ଆଇଫୋନ୍ ୟୁଜର୍ସଙ୍କ ଉପରେ ବର୍ତ୍ତମାନ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ସୂଚନା ମିଳିଛି। ଭାରତ, ବ୍ରାଜିଲ୍, ପାକିସ୍ତାନ ଏବଂ ଆଫ୍ରିକୀୟ ଦେଶ ଗୁଡ଼ିକରେ ଏବେ ବି ଅନେକ ଲୋକ ପୁରୁଣା ମଡେଲର ଫୋନ୍ ବ୍ୟବହାର କରୁଥିବାରୁ ଏହି ନିଷ୍ପତ୍ତି ସେମାନଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। କମ୍ପାନୀ ଏବେ ସିଷ୍ଟମର କାର୍ଯ୍ୟଦକ୍ଷତା ଏବଂ ଲୁକ୍ ଉପରେ ଗୁରୁତ୍ୱ ଦେଉଛି। ଏହି ଫିଚର୍ ଜରିଆରେ ଆପଣ ଚାଟ୍ କରୁଥିବା ବେଳେ ସ୍କ୍ରିନ୍ ଉପରେ ଏକ ଛୋଟ ଗୋଲାକାର ଆଇକନ୍ ଦେଖିବେ। ଏହା ଆପଣଙ୍କୁ ଅନ୍ୟ କାମ କରୁଥିବା ସମୟରେ ମେସେଜ୍ କରିବାକୁ ସହଜ କରିବ। ଏହା ଜରିଆରେ ୟୁଜର ଇଣ୍ଟରଫେସ୍ ପୂର୍ବ ଅପେକ୍ଷା ଆହୁରି ସରଳ ଓ ଆଧୁନିକ ହେବାକୁ ଯାଉଛି।



## ଆଜିର ସୁନା ଦର

ତବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୦୪୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୨୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୦୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୧,୨୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୦୪୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୨୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରଟେ୍ ୧,୫୪,୧୯୦ ଟଙ୍କା ଓ ୨୨ କ୍ୟାରେଟ ୧,୪୧,୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪, ୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୦୪୦ ଓ ୨୨ କ୍ୟାରଟ ମୂଲ୍ୟ ୧,୪୧,୨୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୦,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# ଅବ୍ୟବସ୍ଥା ଦେଇ ଗତି କରୁଛି ଚମୁହଁ ଅଙ୍ଗନବାଡ଼ି କେନ୍ଦ୍ର

## ଦୁର୍ଦ୍ଦଶା ଭୋଗୁଛନ୍ତି କୋମଳବତୀ ଛାତ୍ରଛାତ୍ରୀ

ଆନନ୍ଦପୁର,୨୮।୪ (ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ବଳରାମପୁର ପଂଚାୟତ ଅନ୍ତର୍ଗତ ଚମୁହଁ ଅଙ୍ଗନବାଡି କେନ୍ଦ୍ରରେ ଦେଖାଦେଉଛି ଗୁରୁତର ଅବ୍ୟବସ୍ଥା। ସରକାରୀ ଯୋଜନାରେ ଗଢ଼ିଉଠିଥିବା ଏହି କେନ୍ଦ୍ରରେ ଆବଶ୍ୟକ ସୁବିଧା ଥିଲେ ବି ସେଗୁଡ଼ିକ କାର୍ଯ୍ୟକାରୀ ହେଉନଥିବାରୁ ଶିଶୁମାନେ ଭୋଗୁଛନ୍ତି ଅସୁବିଧା।

ଅଙ୍ଗନବାଡି ଗୃହରେ ବିଦ୍ୟୁତ ବୋର୍ଡ ଲାଗିଥିଲେ ମଧ୍ୟ ବିଦ୍ୟୁତ ସଂଯୋଗ ନଥିବାରୁ ଗରମ ଦିନରେ ଶିଶୁମାନେ ଛଟପଟ ହେଉଛନ୍ତି। ପାଣି ପାଇଁ ଛାତ ଉପରେ ଟାଙ୍କି ରହିଥିଲେ ବି ପାଣି ଯୋଗାଣ ବ୍ୟବସ୍ଥା ନାହିଁ। ସେହିପରି, ଲାଟ୍ରିନ୍ ଥିଲେ ବି ତାହା ବ୍ୟବହାର ଯୋଗ୍ୟ ଅବସ୍ଥାରେ ନାହିଁ, ଯାହା ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଗଭୀର ଚିନ୍ତାର ବିଷୟ। ଅଙ୍ଗନବାଡ଼ି ଚାରି ପାର୍ଶ୍ୱରେ ସୁରକ୍ଷା ପାଚେରୀ ନଥିବା ଫଳରେ ଅବାଧ ଗାଈ ଗୋରୁ ପ୍ରବେଶ କରୁଛନ୍ତି। ଫଳରେ ଅନେକ ପ୍ରକାର ସମସ୍ୟା ଘଟୁଥିଲେ ହେଁ ଏଥିପ୍ରତି କାହାର ଦୃଷ୍ଟି ନାହିଁ।




ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବିଭାଗୀୟ ଅଧିକାରିଣୀ ମାନେ କେନ୍ଦ୍ରକୁ ଆସି ସମସ୍ୟା ଦେଖି ଫେରିଯାଉଛନ୍ତି, କିନ୍ତୁ ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ଏପରି ପରିସ୍ଥିତିରେ କମଳମତି ଶିଶୁମାନଙ୍କ ଭବିଷ୍ୟତ ଅନିଶ୍ଚିତ ହୋଇପଡ଼ିଛି। ତେଣୁ ଗ୍ରାମବାସୀ କରୁଣାକର ଜେନା, କମଳ ଜେନା, ସୁବାଷ ଚନ୍ଦ୍ର ଜେନା, ତରଣୀ ମଲ୍ଲିକ୍, ମୁନା ଜେନା, ଶିବ ପ୍ରସାଦ ଜେନା, ଭାଗିରଥି ଜେନା, ଶଙ୍କର୍ଷଣ ଜେନା, ଅମୁଲ୍ୟ ମଲ୍ଲିକ୍, ମିଲୁ ଜେନା କାହ୍ନୁଚରଣ ମଲ୍ଲିକ୍ ତୁରନ୍ତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରି ଆବଶ୍ୟକ ସୁବିଧା ସୁନିଶ୍ଚିତ କରିବାକୁ ଜୋରଦାର ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ଆଇନଜୀବୀ ଦିବସ ପାଳିତ



ଯାଜପୁର ରୋଡ଼,୨୮।୪ (ସଂଚାର ବ୍ୟୁରୋ)ଃ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ବ୍ୟାସନଗର ସ୍ଥିତ ଟାଉନ ହଲ ପରିସରରେ ଯାଜପୁର ଜିଲ୍ଲା ଟାକ୍ସ ବାର ଆସୋସିଏସନର ଆନୁକୂଲ୍ୟରେ ୧୭୯ତମ ଜୟନ୍ତୀ ଓ ଜିଲ୍ଲା ସ୍ତରୀୟ ଆଇନୀଜୀବୀ ଦିବସ ପାଳିତ ହୋଇଯାଇଅଛି। ଆସୋସିଏସନର ସଭାପତି ବିବେକାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଉଦଘାଟକ ଭାବେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଆକାଶ ଦାସ ନାୟକ, ସାନମାନିତ ଅତିଥି ଭାବେ ସୂର୍ଯ୍ୟକ୍ଷେତ୍ର ଚାରିଟେବଲ ଟ୍ରଷ୍ଟର ଅଧ୍ୟକ୍ଷ ଡ଼ଃ ବିପିନ ବିହାରୀ ମିଶ୍ର, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ଡ଼ଃ ରବୀନ୍ଦ୍ର ନାଥ ବିହାରୀ, ମଧୁ ସାହିତ୍ୟ ଗବେଷକ ଡ଼ଃ ଧରଣୀଧର ନାଥ, ସମ୍ମାନୀତ ଅତିଥି ଭାବେ ଆଡ଼ଭୋକେଟ ମଙ୍ଗୁଳି ଚରଣ ସାହୁ ଓ ମନୀନ୍ଦ୍ର କୁମାର ଧଳ ଯୋଗଦେଇ ମଧୁବାବୁଙ୍କ ଜୀବନ ଶୈଳୀ ଓ ଚିନ୍ତାଧାରା ଉପରେ ଆଇନୀଜୀବୀ ମାନଙ୍କୁ ଆଲୋକପାତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ମାନଙ୍କ ଦ୍ୱାରା ଜିଲ୍ଲାର ପ୍ରତ୍ୟେକ ଓକିଲ ସଙ୍ଘର ନବ ନିର୍ବାଚିତ ସଭାପତି ଓ ସମ୍ପାଦକ ମାନଙ୍କୁ ପୁଷ୍ପଗୁଛ ଓ ଉତ୍ତରିୟ ଦେଇ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ମଧୁ ସପ୍ତାହ ପାଳନ ଅବସରରେ ହୋଇଥିବା କାର୍ଯ୍ୟକ୍ରମରେ ସହଯୋଗ କରିଥିବା ଭିପିଏସ ସ୍କୁଲର ଅଧ୍ୟକ୍ଷା ଡ଼ଃ ଦେବସ୍ମିତା ସାହୁ ଓ ଏସବିଡିର ଅଧକ୍ଷ ଡ଼ଃ କଳ୍ପତରୁ ସାହୁଙ୍କ ସମେତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗୋ-ସମ୍ମାନ ଆହ୍ୱାନ ଅଭିଯାନ



ନୀଳଗିରି,୨୮।୪ (ସଂଚାର ବ୍ୟୁରୋ)ଃ ଗୋ ସମ୍ପଦ୍ ଦିନକୁଦିନ ଲୋପ ପାଇବାକୁ ବସିଲାଣି। ଏନେଇ ଗୋ ସୁରକ୍ଷା ପାଇଁ ଗୋ ସମ୍ମାନ ଆହ୍ୱାନ ଅଭିଯାନ ଆରମ୍ଭ ହୋଇଛି। ଅପରପକ୍ଷରେ ଆଜି ନୀଳଗିରିରେ ଗୋ-ରକ୍ଷକ ସଦସ୍ୟ ସଦସ୍ୟମାନେ ନୀଳଗିରି ଜଗନ୍ନାଥ ମନ୍ଦିର ନିକଟରୁ ସୁସଜ୍ଜିତ ବଳଦ ଓ କୁନି କୁନି ପିଲାଙ୍କୁ ରାଧା କୃଷ୍ଣ ବେଶରେ ସୁସଜ୍ଜିତ ରଥରେ ବସାଇ ବିଭିନ୍ନ ସଂଗଠନର ଶତାଧିକ ସଦସ୍ୟ ସଦସ୍ୟମାନେ ଗୋ ସମ୍ପଦ ସୁରକ୍ଷା ଓ ଗୋହତ୍ୟା ବନ୍ଦ କରିବା ପାଇଁ ବିଭିନ୍ନ ସ୍ଲୋଗାନ ଦେଇ ନୀଳଗିରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗୋ ସମ୍ପଦ ସୁରକ୍ଷା ଓ ଗୋ ହତ୍ୟା ବନ୍ଦ କରିବା ପାଇଁ ନୀଳଗିରି ତହସିଲଦାର ଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତି ମହାମହିମ ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ପଞ୍ଚାୟତର ଦସ୍ତଖତ ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ବିଭିନ୍ନ ସଂଗଠନର ସଦସ୍ୟ ସଦସ୍ୟା ଉତ୍ତମ କୁମାର ବିଶ୍ୱାଳ, ପ୍ରଶାନ୍ତ ବେହେରା, ସୁବାସିନୀ ଜି, ସୁଧୀର ରଞ୍ଜନ ନାୟକ, ସୁକୁମାର ନାୟକ, ପୂର୍ଣ୍ଣ ଚନ୍ଦ୍ର ରାଉତ, ଶରତ କୁମାର ମହାପାତ୍ର, ଜୟନ୍ତୀ ପ୍ରଧାନ, ଶାନ୍ତି ମିଶ୍ର, ଉଦୟ ଦେବ ବେହେରା, ଜୟନ୍ତ ବାରିକ, କାର୍ତ୍ତିକ ଜେନା, ବ୍ରହ୍ମାନନ୍ଦ ଦାସ, ହୃଦୟାନନ୍ଦ ସରସ୍ୱତୀ ଗୁରୁ ମହାରାଜ ଶ୍ରୀମନ୍ତ ଶିବାନନ୍ଦ ସରସ୍ୱତୀ, ତ୍ୟାଗୀ ସନ୍ତୋଷ ଗୁରୁ, ମହାରାଜ ଶ୍ରୀମଦ୍ ନୃସିଂହ ବାବା ସମେତ ବହୁ ଗୋ ସମ୍ପଦ ରକ୍ଷକ ସାମିଲ ହୋଇଥିଲେ।

## ବିବାଦ ସମାଧାନ ପରେ ଚାପ ଖେଳିଲେ ଠାକୁର



ମାହାଙ୍ଗା,୨୮।୪ (ସଂଚାର ବ୍ୟୁରୋ)ଃ ମାହାଙ୍ଗା ବ୍ଲକ ରଘୁନାଥନଗର ଠାରେ ପ୍ରତିଷ୍ଠିତ ପ୍ରଭୁ ବିନୋଦ ବିହାରୀ ରାୟ ଠାକୁର ପରିଚାଳନା କମିଟିର ଟ୍ରଷ୍ଟି ଓ ଜଣେ ପୂଜକଙ୍କ ମଧ୍ୟରେ ଗତ ଦୋଳ ବିମାନ ପରିକ୍ରମା ସମୟରେ ଉପୁଜିଥିବା ବିବାଦକୁ ନେଇ ମାମଲା ଥାନାରେ ପହଞ୍ଚିଥିବା ବେଳେ ଏହି ଘଟଣାକୁ ନେଇ ଆଜି ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଉତେଜନା ପ୍ରକାଶ ପାଇଥିଲା। ଏହି ଘଟଣାର ସମାଧାନ ପାଇଁ ମାହାଙ୍ଗାର କିଛି ଗଣମାଧ୍ୟମ ପ୍ରତିନିଧି ବିନୋଦ ବିହାରୀଙ୍କ ବିଜେସ୍ଥଳୀରେ ପହଞ୍ଚି ବିବାଦୀୟ ଟ୍ରଷ୍ଟି ଓ ପୂଜକଙ୍କ ଘଟଣାର ସମାଧାନ ପାଇଁ ଗ୍ରାମବାସୀଙ୍କ ଉପସ୍ଥିତିରେ ଆଲୋଚନା କରିଥିଲେ। ଘଟଣା ସମାଧାନ ସମୟରେ ଟ୍ରଷ୍ଟି ବିଶ୍ୱଜିତ ସେନ ଗୁପ୍ତାଙ୍କ ଜିଦଖୋର ନୀତି ଯୋଗୁଁ ଘଟଣାସ୍ଥଳରେ ପ୍ରବଳ ଉତେଜନା ପ୍ରକାଶ ପାଇଥିଲା। ଏହି ଖବର ପାଇବା ପରେ ମାହାଙ୍ଗା ଥାନା ଆଇଆଇସି ଯୁଗଳ କିଶୋର ଦାସଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଏସଆଇ ଆର୍ତ୍ତବନ୍ଧୁ ସେଠୀ, ଏସଆଇ ପ୍ରମୋଦ ଡାଙ୍ଗ ଏଏସଆଇ ଦିଗମ୍ବର ମୁଦୁଲିଙ୍କ ସମେତ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜନାକୁ ଆୟତ କରିବା ସହ ସ୍ଥାନୀୟ ମୁରବୀମାନଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବା ପରେ ପୂଜକ ପ୍ରଭୁ ବିନୋଦ ବିହାରୀଙ୍କୁ ନେଇ ଚନ୍ଦନ ପୋଖରୀରେ ଚାପ ବିମାନରେ ବିରାଜମାନ କରାଇବା ପରେ ପ୍ରଭୁ ନୌକା ବିହାର କରିଥିଲେ।

## ବିଧାୟକଙ୍କ ଦ୍ୱାରା ରଣପୁର ପଞ୍ଚାୟତରେ ୪ ପ୍ରକଳ୍ପର ଶିଳାନ୍ୟାସ



କୋରେଇ,୨୮।୪ (ସଂଚାର ବ୍ୟୁରୋ)ଃ ଆଜି କୋରେଇ ବ୍ଲକ୍ ଅନ୍ତର୍ଗତ ରଣପୁର ଗ୍ରାମପଂଚାୟତରେ ୪ ଗୋଟି ପ୍ରକଳ୍ପର ଶୁଭ ଭିତିପ୍ରସ୍ତର ସ୍ଥାପନ ଏବଂ ଗୋଟିଏ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ କୋରେଇର ମାନ୍ୟବର ବିଧାୟକ ତଥା ଯାଜପୁର ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଆକାଶ ଦାସନାୟକ। ଆଜି ସକାଳ ୧୦ ଘଟିକା ସମୟରେ ମାନ୍ୟବର ବିଧାୟକ ଶ୍ରୀ ଦାସନାୟକଙ୍କୁ କର୍ମୀମାନେ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ରଣପୁର ଛକ ଠାରୁ ମା' ସାଆଁଳା ଠାକୁରାଣୀ ପୀଠ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ପ୍ରଥମେ ମାନ୍ୟବର ବିଧାୟକ ରଣପୁର ରାଜସ୍ୱ ନିରୀକ୍ଷକ ନୂତନ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପର ଅଟକଳ ପରିମାଣ ୧ କୋଟି ୧୩ ଲକ୍ଷ ଟଙ୍କା । ତା'ପରେ ରଣପୁର ଛକଠାରେ ରଣପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ନିର୍ମାଣ ନିମନ୍ତେ ଶିଳାନ୍ୟାସ କରିଥିଲେ । ଏହି ପ୍ରକଳ୍ପର ଅଟକଳ ପରିମାଣ ୪୬ ଲକ୍ଷ ଟଙ୍କା। ତା'ପରେ ସାଆଁଳା ଗ୍ରାମ୍ୟ ଉନ୍ନୟନ ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ ନିମନ୍ତେ ଶିଳାନ୍ୟାସ କରିଥିଲେ । ଏହି ପ୍ରକଳ୍ପର ଅଟକଳ ପରିମାଣ ୭ କୋଟି ୧୪ ଲକ୍ଷ ଟଙ୍କା। ସେଠାରୁ ମଟର ସାଇକେଲ ଶୋଭାଯାତ୍ରାରେ ଯାଇ ଚିଙ୍ଗୁଡିପୁର ରାଧାକୃଷ୍ଣ କମ୍ୟୁନିଟି ସେଂଟରର ଶୁଭ ଉଦ୍‌ଘାଟନ କରିଥିଲେ । ଏହି ପ୍ରକଳ୍ପର ଅଟକଳ ପରିମାଣ ୪ ଲକ୍ଷ ୬୫ ହଜାର ଟଙ୍କା । ଶେଷରେ ରଣପୁର ଠାରୁ ଶବରସାହି ପର୍ଯ୍ୟନ୍ତ ବୈତରଣୀ ନଦୀ ଡାହାଣ ପାଶ୍ୱର୍ ନଦୀବନ୍ଧର ସୁଦୃଢ଼ୀକରଣର ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପର ଅଟକଳ ପରିମାଣ ୬ କୋଟି ୬୨ ଲକ୍ଷ ଟଙ୍କା । ଏହି ପ୍ରକଳ୍ପ ଗୁଡିକ ନିର୍ମାଣ ହେଉଥିବା ଜାଣି ଆଜି ରଣପୁର ପଂଚାୟତବାସୀ ବହୁତ ଖୁସି ପ୍ରକଟ କରିଛନ୍ତି ।

ଆଜି ପ୍ରଗତିର ନୂଆ ଅଧ୍ୟାୟ ଲେଖୁଛି କୋରେଇ । ରଣପୁର ଗ୍ରାମପଂଚାୟତର ଗମନାଗମନ, ସ୍ୱାସ୍ଥ୍ୟ, ରାଜସ୍ୱ, ବନ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ଆଜି ଏକ ନୂତନ ଫର୍ଦ୍ଦ ଯୋଡି ହୋଇ ପ୍ରଗତିର ନୂଆ ଅଧ୍ୟାୟ ଦେଖିଲା କୋରେଇ। ଆଗାମୀ ଦିନରେ କୋରେଇର ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା, ରାଜସ୍ୱ, ପାନୀୟଜଳ, ବନ୍ୟା ନିୟନ୍ତ୍ରଣ, କ୍ରୀଡା କ୍ଷେତ୍ରରେ ବିଭିନ୍ନ ପ୍ରକାର ପ୍ରକଳ୍ପର ଖୁବ୍ ଶୀଘ୍ର ଶୁଭ ଭିତିପ୍ରସ୍ତର ସ୍ଥାପନ ହେବାକୁ ଯାଉଅଛି ବୋଲି ଶ୍ରୀ ଦାସନାୟକ କହିଥିଲେ । ବର୍ତ୍ତମାନ କୋରେଇ ବିକାଶର ସାରଥି ସାଜିଛନ୍ତି ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀଯୁକ୍ତ ଆକାଶ ଦାସନାୟକ ।

## ମହିଳା ସଂରକ୍ଷଣ ବିଲ୍‌ର ବିରୋଧକୁ ବିଜେପି ନାରୀନେତ୍ରୀଙ୍କ ତୀବ୍ର ନିନ୍ଦା




ବାରିପଦା,୨୮।୪ (ସଂଚାର ବ୍ୟୁରୋ)ଃ ନିକଟରେ ଦେଶର ସଂସଦରେ ମହିଳା ସଂରକ୍ଷଣ ବିଲ (ନାରୀ ଶକ୍ତି ବନ୍ଦନ ଅଧିନିୟମ-୨୦୨୬କୁ ଇଣ୍ଡିଆ -ମେଣ୍ଟ-ଭୁକ୍ତ ଦଳଗୁଡ଼ିକ ପକ୍ଷରୁ ହୋଇଥିବା ବିରୋଧକୁ ବିଜେପି ନାରୀନେତ୍ରୀମାନେ ତୀବ୍ର ନିନ୍ଦା କରିଛନ୍ତି। ବିରୋଧୀ ଦଳଗୁଡିକର ଏହି ବିରୋଧରୁ ଏମାନଙ୍କ ମୁଖା ଖୋଲିଯାଇଛି ଏବଂ ଏମାନଙ୍କ ମହିଳା-ବିରୋଧୀ ମନୋଭାବ ସ୍ପଷ୍ଟ ବାରି ହୋଇ ପଡୁଛି ବୋଲି ଏହି ମହିଳା ବିଲ-ସପକ୍ଷବାଦୀ ବିଜେପି ନାରୀନେତ୍ରୀମାନେ ପ୍ରକାଶ କରିଛନ୍ତି।

ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ବିଜେପି ମୟୂରଭଞ୍ଜ (ପୂର୍ବ) ସାଙ୍ଗଠନିକ ଜିଲ୍ଲା ମହିଳା ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ଦିନ ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଭାବେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି ଏବଂ ବିଜେପି ରାଜ୍ୟ ଉପସଭାନେତ୍ରୀ ତଥା ବିଶିଷ୍ଟ ନାରୀନେତ୍ରୀ ସିପ୍ରା ବାଜପେୟୀ ଏଥିରେ ଯୋଗ ଦେଇ ଏହି ମର୍ମରେ ନିଜର ମତ ବ୍ୟକ୍ତ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଶୋଭାବତୀ ଓଡା, ସୁଜାତା ମୁର୍ମୁ, ସୁମନ ସିଂ, ସରୋଜିନୀ କିସ୍କୁ, ମମତା ମଣ୍ଡଳ ପ୍ରମୁଖ ନାରୀନେତ୍ରୀମାନଙ୍କ ସହ ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ଯୋଗ ଦେଇ ମହିଳା ସଂରକ୍ଷଣ ବିଲ ସପକ୍ଷରେ ବିଭିନ୍ନ ଦିଗ ଉପରେ ସାମ୍ବାଦିକ ମାନଙ୍କ ସମ୍ମୁଖରେ ନିଜ ନିଜର ମତାମତ ରଖିଥିଲେ ।

ଅନୁଷ୍ଠିତ ଉକ୍ତ ସାମ୍ବାଦିକ ସମ୍ମିଳନୀରେ ବିଜେପି ଜିଲ୍ଲା ପ୍ରବକ୍ତା ନରୋତ୍ତମ ପାଣିଗ୍ରାହୀ ଓ ବାରିପଦା ବିଜେପିର ଅନ୍ୟତମ ନେତା ବୀରକିଶୋର ପଟ୍ଟନାୟକ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ।

## ବ୍ୟାସନଗର ପୌରାଞ୍ଚଳ ସହରରେ ଖାଦ୍ୟ ସୁରକ୍ଷାକୁ ନେଇ ଉଠୁଛି ପ୍ରଶ୍ନ

ଯାଜପୁର ରୋଡ଼,୨୮।୪ (ସଂଚାର ବ୍ୟୁରୋ)ଃ ବ୍ୟାସନଗର ପୌରାଂଚଳ ସହରରେ ବିଭିନ୍ନ ଛକ, ବଜାରର ସ୍ଥାନରେ ଏବେ ଜଳଖିଆ ଦୋକାନ, ହୋଟେଲ ସଂଖ୍ୟା ହୁ ହୁ ହୋଇ ବଢ଼ି ଚାଲିଛି। ଫଳରେ ଖାଦ୍ୟ ସୁରକ୍ଷାକୁ ସାଧାରଣରେ ପ୍ରଶ୍ନ ଉଠୁଛି। ଅନେକ ହୋଟେଲ ଗୁଡିକରେ ଲାଇସେନ୍ସ, ସ୍ୱଚ୍ଛତା, ବାସି ଖାଦ୍ୟ, ବିଭିନ୍ନ ଖାଦ୍ୟ ସାମଗ୍ରୀର ସୁରକ୍ଷା ମାନଦଣ୍ଡ ତାରିଖ ପ୍ରତି ପ୍ରାୟ ଅନେକ ସମୟରେ ପୌର ପ୍ରଶାସନ କଳର ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଯାଂଚ କରାଯାଉନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ଅନେକ ଜଳଖିଆ ଦୋକାନରେ ଖୋଲା ମେଲା, ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ଖାଦ୍ୟ ଲୋକମାନଙ୍କ ସ୍ୱାସ୍ଥ୍ୟ ପାଇଁ ଗଭୀର ବିପଦ ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି କରୁଛି। ଫଳରେ ସାଧାରଣ ଲୋକ ଅଜାଣତରେ ବିପଦଜନକ ଖାଦ୍ୟ ଖାଇ ସ୍ୱାସ୍ଥ୍ୟ ସମସ୍ୟାରେ ପଡୁଛନ୍ତି । ତେଣୁ ଏପରି ସମ୍ବେଦନଶୀଳ ବିଷୟକୁ ବିଚାରକୁ ନେଇ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଠାରୁ ଆରମ୍ଭ କରି ବ୍ୟାସନଗର ପୌର ପ୍ରଶାସନକଳର ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଦୋକାନ ଗୁଡିକରେ ସ୍ୱଚ୍ଛତା ଠାରୁ ନେଇ ସବୁ କ୍ଷେତ୍ରରେ ଯାଂଚ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ପୋଡ଼ାପଦରରେ ବାଲିଯାତ୍ରା ଧୂମ୍‌ଧାମରେ ପାଳିତ



ବୋରିଗୁମ୍ମା,୨୮।୪ (ସଂଚାର ବ୍ୟୁରୋ)ଃ ଆଧୁନିକ ଯୁଗରେ ମଣିଷ ଭୁଲିନି ନିଜର କଳା, ସଂସ୍କୃତି ଓ ପରମ୍ପରା। ଏହି ପରମ୍ପରାକୁ ବଜାୟ ରଖିବା ପାଇଁ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ପୋଡ଼ାପଦର୍ ଗାଁରେ ପାଳନ ହୋଇଛି ଆଦିବାସୀଙ୍କ ବିଶ୍ୱାସ ବହନ କରୁଥିବା ବାଲିଯାତ୍ରା। ପୋଡ଼ାପଦର୍ ଗାଁରେ ନିଆରା ଢଙ୍ଗରେ ଏହି ଯାତ୍ରା ପାଳନ କରିଛନ୍ତି ପିଲାଠୁ ବୟସ୍କ। ୩ ବର୍ଷରେ ଥରେ ପାଳନ ହେଉଥିବା ବାଲିଯାତ୍ରାକୁ ବେଶ୍ ଧୁମ୍ ଧାମରେ ପାଳନ କରାଯାଇଛି। ପୋଡାପଦର୍ ସହିତ ଆଖ ପାଖ ଗାଁରୁ ହଜାର ହଜାର ଲୋକ ରୁଣ୍ଡ ହୋଇ ପାରମ୍ପରିକ ରୀତି ନୀତିରେ ବାଜା ବାଣ ଫୁଟାଇବା ସହିତ ବିଭିନ୍ନ ଆଦିବାସୀ ଲୋକ ସଂସ୍କୃତି ପଟୁଆର କରି ନାଚ ଗୀତରେ ଧୁମରେ ଝୁମିଛନ୍ତି ।

ଏହି ଅବସରରେ ଆଦିବାସୀଙ୍କ ଦେବତା ଭିମା ଭିମାଣିଙ୍କୁ ପୂଜା କରାଯାଇଛି। ବାଲି ଘରୁ ବାଲି ଚଙ୍ଗୁଡ଼ିରେ ଗଜା ଶସ୍ୟକୁ ମହିଳାମାନେ ନିଜ ନିଜର ମୁଣ୍ଡରେ ବୋହି ନେଇଥିବା ବେଳେ ପୁରୁଷମାନେ ଚାଷ କାମରେ ବ୍ୟବହୃତ ହଳ, ଲଙ୍ଗଳ, କୋଡ଼ି, କୋଦାଳକୁ ବୋହି ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମାରେ ବାହାରି ଧାର୍ଯ୍ୟ ସମୟ ଅନୁଯାୟୀ ଦେବୀଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇଛି । ବାଲିରେ ଶସ୍ୟ ଯାତ ଦ୍ରବ୍ୟ ଯଥା ଧାନ, ଗହମ, ମାଣ୍ଡିଆ, ମକା, ଶୁଆଁ, ମୁଗ, ବିରି ଆଦି ବୁଣାଯାଏ। ଯେଉଁ ଦିନ ସେହି ଦ୍ରବ୍ୟରୁ ଅଙ୍କୁର ଜାତ ହୁଏ ସେଦିନ ବାଲିଯାତ୍ରା ଅନୁଷ୍ଠିତ ହୁଏ । ଏହି ପୂଜା କଲେ ଗାଈ ଗୋରୁ ସହିତ ଲୋକଙ୍କୁ କୌଣସି ରୋଗ ହୁଏ ନାହିଁ ଏବଂ ଚାଷ କାର୍ଯ୍ୟ ଭଲ ହୁଏ ବୋଲି ବୋଲି ବିଶ୍ୱାସ ରହିଛି ।

ଏହି କାର୍ଯ୍ୟକ୍ରମଟିକୁ ବାଲିଯାତ୍ରା ଆୟୋଜନ କମିଟିର ସଭାପତି ଚିତ୍ରସେନ ମିଶ୍ର, ଉପସଭାପତି ଫୋରୋଜ ମିଶ୍ର, ସମ୍ପାଦକ-ସୁରେଶ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ-ଗୋରିଶଙ୍କର ଦାଶଙ୍କ ସହିତ ଗ୍ରାମବାସୀ ସହଯୋଗ କରିଥିଲେ। ପ୍ରାୟ ୨୦୦ରୁ ଉର୍ଦ୍ଧ ଗ୍ରାମର ଯୁବ ବାହିନୀ ଗଠନ ହୋଇ ଶାନ୍ତି ଶୃଙ୍ଖଳା ରକ୍ଷା କାର୍ଯ୍ୟ ସହିତ ଲୋକଙ୍କୁ ପାନୀୟ ଜଳ ଯୋଗାଣ, ଟ୍ରାଫିକ ନିୟନ୍ତ୍ରଣ କରିଥିଲେ ।

ପୋଡ଼ାପଦର୍ ପରେ ବୋରିଗୁମ୍ମା ବ୍ଲକର କାମତା ଗାଁରେ ୧୨ ବର୍ଷ ପରେ ୨୮ ତାରିଖ ଦିନ ଏହି ବାଲିଯାତ୍ରା ପାଳିତ ହୋଇଛି। ସେହିପରି ଆଗାମୀ ମେ ୭ ତାରିଖ ଦିନ ବ୍ଲକର କୁମୁଲି ଗାଁରେ ମଧ୍ୟ ଏହି କୃଷି ଭିତ୍ତିକ ଆଦିବାସୀ ପାରମ୍ପରିକ ବାଲିଯାତ୍ରା ଅନୁଷ୍ଠିତ ହେବ ବୋଲି ଜଣାପଡିଛି । ଶେଷରେ ମେ ୧୦ ତାରିଖ ଦିନ ବିସିଂହପୁର ଗ୍ରାମରେ ଜୟପୁର ରଜା ଅମଳରୁ ଚାଲିଆସୁଥିବା ବାଲିଯାତ୍ରା ଅନୁଷ୍ଠିତ ହେବ ।

## କୁତ୍ରା ବ୍ଲକ ପରିସରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ



ସୁନ୍ଦରଗଡ଼,୨୮।୪ (ସଂଚାର ବ୍ୟୁରୋ)ଃକୁତ୍ରା ବ୍ଲକ ପରିସରରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୩୦ ଗୋଟି ଅଭିଯୋଗ ମଧ୍ୟରୁ ୧୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୧୩ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୩ ଗୋଟି ଅଭିଯୋଗର ତତ୍ କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୩ ଗୋଟି ଆବେଦନ ରହିଥିଲା।

ଏହି ଅଭିଯୋଗ ଶୁଣାଣିରେ ରାଜଗାଙ୍ଗପୁର ବିଧାୟକ ଡ଼ା ସି ଏସ ରାଜେନ୍ ଏକ୍କା, ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା ତଥା ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

## ଜଳଭିତ୍ତିକ ସାହସିକ ପର୍ଯ୍ୟଟନର ସୁରକ୍ଷା ସୁଦୃଢ଼ କରିବାକୁ ପ୍ରୟାସ

## 'ଓସଓ୍ୱାଲି'ରେ ଲାଇଫ ଗାର୍ଡ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ



କାକଟପୁର/ଅସ୍ତରଙ୍ଗ,୨୮।୪ (ସଂଚାର ବ୍ୟୁରୋ)ଃ ଓଡ଼ିଶାକୁ ଏକ ନିରାପଦ ଏବଂ ପ୍ରମୁଖ ସାହସିକ ପର୍ଯ୍ୟଟନ ଗନ୍ତବ୍ୟ ସ୍ଥଳ ଭାବରେ ଗଢ଼ିତୋଳିବା ପାଇଁ ଚଳିତ ବର୍ଷ ପ୍ରାରମ୍ଭରେ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସର୍କାର ପକ୍ଷରୁ ଜଳଭିତ୍ତିକ ପର୍ଯ୍ୟଟନ ଏବଂ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ କୌଶଳମୂଳକ ସହଭାଗିତା ସ୍ଥାପନ କରାଯାଇଛି। ଏହି ପରିପ୍ରେକ୍ଷିରେ, ଓଡ଼ିଶାରେ ଦ୍ରୁତ ଗତିରେ ବିକାଶ ପାଉଥିବା ଜଳକ୍ରୀଡ଼ା ପରିବେଶରେ କ୍ଷମତା ବୃଦ୍ଧି, ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବା ଏବଂ ଆଧୁନିକ ପ୍ରାୟୋଗିକ ଦକ୍ଷତାକୁ ସମ୍ମିଳିତ କରିବା ପାଇଁ ପର୍ଯ୍ୟଟନ ବିଭାଗ ଗୋଆ ସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଓ୍ୱାଟର ସ୍ପୋର୍ଟସ (ଏନ୍‌ଆଇଡବ୍ଲ୍ୟୁଏସ୍) ଏବଂ ଓଡ଼ିଶା ଅଗ୍ନିଶମ ଓ ଆପତ୍କାଳୀନ ସେବା (ଓଏଫ୍‌ଇଏସ୍) ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଏହି ପଦକ୍ଷେପର ଅଂଶସ୍ୱରୂପ, କୋଣାର୍କସ୍ଥିତ ଓଡ଼ିଶା ଷ୍ଟେଟ୍ ଓ୍ୱାଟରମ୍ୟାନସିପ୍ ଆଣ୍ଡ ଲାଇଫଗାର୍ଡ ଇନଷ୍ଟିଚ୍ୟୁଟ୍ (ଓସଓ୍ୱାଲି) ଠାରେ ଆବାସିକ ଲାଇଫଗାର୍ଡ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।

ସୋମବାର ଦିନ ପ୍ରଥମ ବ୍ୟାଚ୍‌ର ତାଲିମ ଆରମ୍ଭ ହୋଇଛି, ଯାହା ଏକ ଦକ୍ଷତା ବିକାଶ ପ୍ରକ୍ରିୟାର ପ୍ରାରମ୍ଭକୁ ସୂଚାଉଛି । ତାଲିମ କାର୍ଯ୍ୟକ୍ରମର ମୁଖ୍ୟ ବିଶେଷତ୍ୱ ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ଲଗାତାର ୧୧ଟି ବ୍ୟାଚ୍‌ରେ ପରିଚାଳିତ ହେବ। ଯେଉଁଥିରେ ପ୍ରତି ବ୍ୟାଚ୍ ୧୨ ଦିନ ବ୍ୟାପି ରହିବ । ପ୍ରାୟ ଦେଢ଼ ମାସ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ତାଲିମ ପ୍ରକ୍ରିୟା ଶେଷ ହେବ । ପୁଣି କିଛି ଦିନର ବ୍ୟବଧାନ ପରେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ସମୁଦାୟ ୧୭୬ ଜଣ ସରକାରୀ ଏବଂ ବେସରକାରୀ ଲାଇଫଗାର୍ଡଙ୍କୁ ତାଲିମ ପ୍ରଦାନ କରାଯିବ । ଏଥିରେ ଉଦ୍ଧାର କୌଶଳ, ସି.ପି.ଆର ଓ ପ୍ରାଥମିକ ଚିକିତ୍ସା, ଖୋଲା ଜଳରାଶିରେ କାର୍ଯ୍ୟ କରିବା, ବିପର୍ଯ୍ୟୟ ପରିଚାଳନା, ପର୍ଯ୍ୟଟକ ସୁରକ୍ଷା ନିୟମ ଏବଂ ଓ୍ୱାଟର ସ୍ପୋର୍ଟସ ସୁରକ୍ଷା ନୀତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଅନ୍ତର୍ଭୁକ୍ତ କରାଯାଇଛି ।

ଓଡ଼ିଶାର ଉପକୂଳ ଏବଂ ଆଭ୍ୟନ୍ତରୀଣ ଜଳ ପର୍ଯ୍ୟଟନ ପାଇଁ ଏକ ମଜବୁତ ସୁରକ୍ଷା ବ୍ୟବସ୍ଥା ଗଠନ କରିବା ଲକ୍ଷ୍ୟରେ ଆସନ୍ତା ୨-୩ ବର୍ଷ ମଧ୍ୟରେ ପ୍ରାୟ ୨,୦୦୦ ଲାଇଫଗାର୍ଡଙ୍କୁ ତାଲିମ ଦେବା ପାଇଁ ଏକ ରାଜ୍ୟସ୍ତରୀୟ ଯୋଜନା ପ୍ରସ୍ତୁତ କରାଯାଇଛି । ଏହି ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ଲାଇଫଗାର୍ଡମାନଙ୍କୁ ପୁରୀ, ଚନ୍ଦ୍ରଭାଗା ଓ ଅନ୍ୟାନ୍ୟ ପ୍ରମୁଖ ସମୁଦ୍ରତଟ ସହିତ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ଗନ୍ତବ୍ୟଗୁଡ଼ିକରେ ନିୟୋଜିତ କରାଯିବ।

ବିଭିନ୍ନ ଜଳାଶୟରେ ବଢୁଥିବା ଦୁର୍ଘଟଣାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ବିଭାଗ, ଓଡ଼ିଶା ଷ୍ଟେଟ୍ ଓ୍ୱାଟରମ୍ୟାନସିପ୍ ଆଣ୍ଡ ଲାଇଫଗାର୍ଡ ଇନଷ୍ଟିଚ୍ୟୁଟ୍ ସହଯୋଗରେ ଜନସାଧାରଣ ଓ ପର୍ଯ୍ୟଟକଙ୍କ ସୁରକ୍ଷା ବୃଦ୍ଧି ପାଇଁ ଏହି ସକ୍ରିୟ ପଦକ୍ଷେପ ଗ୍ରହଣ କରିଛନ୍ତି ।

# ନୀଳାଚଳ ଇସ୍ପାତ ନିଗମରେ ବ୍ୟାପକ ସବୁଜିମା ଅଭିଯାନ

## ୪ ବର୍ଷରେ ରୋପଣ କରାଯିବ ପ୍ରାୟ ୬ ଲକ୍ଷ ଚାରା

ଯାଜପୁର,୨୮।୪ (ସଂଚାର ବ୍ୟୁରୋ)ଃ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ୍) ରେ ବୃହତ୍ତମ ସବୁଜିମା ଅଭିଯାନ ଆରମ୍ଭ ହେଉଛି। ଏହି ଅଭିଯାନରେ ଆଗାମୀ ୪ ବର୍ଷ ମଧ୍ୟରେ ୬ ଲକ୍ଷ ଚାରା ରୋପଣ କରିବାକୁ କମ୍ପାନୀ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଧୂଳି ଓ ଶବ୍ଦ ପ୍ରଦୂଷଣରୁ ବାରଗାଡ଼ିଆ, ଡୁବୁରୀ ଏବଂ ନିକଟସ୍ଥ ଗ୍ରାମଗୁଡ଼ିକୁ ରକ୍ଷା କରିବା ପାଇଁ ଏହି ବନୀକରଣ ଏକ ବୈଜ୍ଞାନିକ ପ୍ରତିବନ୍ଧକ (ବଫର୍) ଭାବେ କାର୍ଯ୍ୟ କରିବ। ଏହି ପଦକ୍ଷେପ ଜୈବ ବିବିଧତାକୁ ସୁଦୃଢ଼ କରିବା ସହ ବାୟୁର ଗୁଣବତ୍ତା ବୃଦ୍ଧି ଏବଂ ଅଙ୍ଗାରକାମ୍ଳ ହ୍ରାସ କରିବାରେ ସହାୟକ ହେବ।



ଏହି ପରିବେଶ ପ୍ରତିବଦ୍ଧତାକୁ ଆଧାର କରି ଏନଆଇଏନଏଲ୍ ନିଜର ବାର୍ଷିକ କ୍ରୁଡ୍ ଷ୍ଟିଲ୍ ଉତ୍ପାଦନ କ୍ଷମତାକୁ ୧ରୁ ୪.୮ ନିୟୁତ ଟନକୁ ବୃଦ୍ଧି କରିବାକୁ ଯୋଜନା କରିଛି। ପରିବେଶ ସୁରକ୍ଷା ରୋଡମ୍ୟାପ୍ ଅନୁଯାୟୀ, କମ୍ପାନୀ ୪୫୫ ହେକ୍ଟର ପରିମିତ ଅଞ୍ଚଳରେ ସବୁଜ ବଳୟ ରକ୍ଷଣାବେକ୍ଷଣ କରିବ। ଏଥି ମଧ୍ୟରୁ ୧୦୫ ହେକ୍ଟର କେବଳ ଗୋଡିଗୋଠ ଅଞ୍ଚଳରେ ରହିଛି।

ସରକାରୀ ନିୟମ ଅନୁଯାୟୀ ୨୫% ସବୁଜ ବଳୟ ରଖିବା ବାଧ୍ୟତାମୂଳକ ଥିବାବେଳେ, ଏନଆଇଏନଏଲ୍ ପ୍ଲାଣ୍ଟରେ ବର୍ତ୍ତମାନ ସୁଦ୍ଧା ୪୨.୭% ଅଞ୍ଚଳରେ ସବୁଜିମା ରହିଛି। ଏହା ବ୍ୟତୀତ ପ୍ରଦୂଷଣ ରୋକିବା ପାଇଁ ପ୍ଲାଣ୍ଟ ସୀମାରେ ଏକ ଧାତବ 'ୱିଣ୍ଡ୍-ସ୍କ୍ରିନ୍ ବ୍ୟାରିୟର' ସ୍ଥାପନ କରାଯିବ। ଜଳ ପ୍ରଦୂଷଣ ରୋକିବା ପାଇଁ ଏନଆଇଏନଏଲ୍ 'ଜିରୋ ଏଫ୍ଲୁଏଣ୍ଟ୍ ଡିସଚାର୍ଜ' (ଜେଡଇଡି) ନୀତି ଆପଣାଇଛି। ଏଥିପାଇଁ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ଏଫ୍ଲୁଏଣ୍ଟ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଇଟିପି) ଏବଂ ସ୍ୱେରେଜ୍ ଟ୍ରିଟମେଣ୍ଟ ସିଷ୍ଟମ୍ କାର୍ଯ୍ୟକାରୀ ହେବ। କାର୍ବନ ନିର୍ଗମନ ହ୍ରାସ ଉପରେ ଗୁରୁତ୍ୱ ଦେଇ କମ୍ପାନୀ ସୌର ଓ ପବନ ଶକ୍ତି ଭଳି ଅକ୍ଷୟ ଶକ୍ତି ବ୍ୟବହାର କରିବାକୁ ଲକ୍ଷ୍ୟ ରଖିଛି। ପରିବହନ କ୍ଷେତ୍ରରେ ମଧ୍ୟ ଡିଜେଲ ଗାଡ଼ି ପରିବର୍ତ୍ତେ ଇଲେକ୍ଟ୍ରିକ୍ କିମ୍ବା ହାଇଡ୍ରୋଜେନ-ଚାଳିତ ଟ୍ରକ୍ ବ୍ୟବହାର କରିବାକୁ ଯୋଜନା ରହିଛି। ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ୧୦୦% ରିସାଇକ୍ଲିଂ କିମ୍ବା ପୁନଃ ବ୍ୟବହାର ଲକ୍ଷ୍ୟ ରଖାଯାଇଛି। ନିକଟସ୍ଥ କବତୀ ନାଳର ପ୍ରାକୃତିକ ପ୍ରବାହକୁ ସୁରକ୍ଷିତ ରଖିବା ପାଇଁ ଜଳ ନିଷ୍କାସନ ବ୍ୟବସ୍ଥାକୁ ଅଧିକ ଉନ୍ନତ କରାଯିବ।

କେନ୍ଦ୍ର ପରିବେଶ, ବନ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସମସ୍ତ ନିୟମକୁ କଡ଼ାକଡ଼ି ଭାବେ ପାଳନ କରି ଏନଆଇଏନଏଲ୍ ଶିଳ୍ପ ବିକାଶ ଓ ପରିବେଶ ସୁରକ୍ଷା ମଧ୍ୟରେ ଏକ ନୂଆ ସମନ୍ୱୟ ସ୍ଥାପନ କରୁଛି। ସୂଚନାଯୋଗ୍ୟ ଯେ, ଟାଟା ଷ୍ଟିଲ୍ କଳିଙ୍ଗନଗର ମଧ୍ୟ ପ୍ରାୟ ୭ ଲକ୍ଷ ବୃକ୍ଷରୋପଣ କରିସାରିଛି।

# ଶ୍ରେଷ୍ଠ ଭକ୍ତ

ଶ୍ରୀବସ୍ତ ନାୟକ



ଏକଦା ପୃଥିବୀରେ ଶ୍ରେଷ୍ଠ ଭକ୍ତ କିଏ ବୋଲି ସ୍ୱର୍ଗରେ ଆଲୋଚନା ହେଉଥାଏ। ଏହି ସମୟରେ ନାରଦ ବିଷ୍ଣୁଙ୍କୁ କହିଲେ ପ୍ରଭୁ, "ମୁଁ ହିଁ ଆପଣଙ୍କର ଶ୍ରେଷ୍ଠ ଭକ୍ତ"। ନାରଦଙ୍କ ମୁଖରୁ ଏକଥା ଶୁଣି ପ୍ରଭୁ ବିଷ୍ଣୁ କିଛି କହିଲେ ନାହିଁ। ନାରଦ ପୁଣି ଥରେ ପ୍ରଭୁଙ୍କ ମତ ଜାଣିବା ପାଇଁ ଇଚ୍ଛା ପ୍ରକାଶ କଲେ। ବିଷ୍ଣୁ ନାରଦଙ୍କୁ କହିଲେ, "ମର୍ତ୍ତ୍ୟରେ ସେହି ଯେଉଁ ଚାଷୀ ଜଣଙ୍କୁ ଦେଖୁଛ ତା' ପାଖକୁ ଯାଅ। କିଛି ଦିନ ପର୍ଯ୍ୟନ୍ତ ସେହି ଚାଷୀ ପାଖରେ ରୁହ। ତା'ର ଭକ୍ତି କେତେଦୂର ଦେଖ, ତା' ପରେ ଆସି ମୋତେ ଦେଖା କର"।

ବିଷ୍ଣୁଙ୍କ ମୁଖରୁ ଏକଥା ଶୁଣି ନାରଦଙ୍କ ରାଗ ବହୁତ ବଢିଗଲା। ସେ ନିଜକୁ ବହୁତ ଅପମାନିତ ବୋଧ କଲେ। ସାମାନ୍ୟ ଚାଷୀଟିଏ ତାଙ୍କଠାରୁ କିଭଳି ଭାବରେ ବଡ ଭକ୍ତ ହୋଇ ପାରିବ? ଏକଥା ନାରଦ ଭାବିପାରୁ ନଥିଲେ। ରାଗ ତମ୍ ତମ୍ ହୋଇ ଓହ୍ଲେଇ ଆସିଲେ ପୃଥିବୀକୁ। ଚାଷୀଟି ରହୁଥିବା ଗାଁରେ ନାରଦ ଆସି ପହଁଚିଲେ। ଚାଷୀଟିର ପ୍ରତ୍ୟେକ କାର୍ଯ୍ୟକୁ ନାରଦ ଭଲ ଭାବରେ ନିରୀକ୍ଷଣ କରୁଥିଲେ। ନାରଦ ଦେଖିଲେ ସେ କେବଳ ଦିନକୁ ତିନିଥର ଭଗବାନଙ୍କ ନାମ ସ୍ମରଣ କରୁଛି। ପ୍ରଥମେ ସକାଳୁ ବିଛଣାରୁ ଉଠିବା ବେଳେ, ତା'ପରେ ମଧ୍ୟାହ୍ନ ଭୋଜନ ସମୟରେ ଓ ଶେଷରେ ରାତିରେ ବିଛଣାକୁ ଶୋଇବାକୁ ଯିବା ସମୟରେ। ଅନ୍ୟ କୌଣସି ସମୟରେ ସେ ଭଗବାନଙ୍କ ନାମ ଧରୁଥିଲା ପରି ମନେହେଲା ନାହିଁ। ନାରଦ ମନେ ମନେ ଭାବିଲେ ଭଗବାନ ବିଷ୍ଣୁ ଏଭଳି ଲୋକ ସଙ୍ଗରେ ତାଙ୍କର ତୁଳନା କଲେ କେମିତି? ଚାଷୀଠାରେ କ'ଣ ଦେଖି ବିଷ୍ଣୁ କହିଲେ ଯେ ଚାଷୀଟି ନାରଦଙ୍କଠାରୁ ବଡ ଭକ୍ତ ବୋଲି। ସେ ତ ସବୁବେଳେ ସୁଲଳିତ କଣ୍ଠରେ ପ୍ରଭୁଙ୍କ ମହିମା ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ଚାରିଆଡେ ଗାଇ ବୁଲୁଥାଆନ୍ତି। ପ୍ରଭୁଙ୍କର ଗୁଣ କୀର୍ତ୍ତନ କରୁଥାଆନ୍ତି, ତାଙ୍କ ସହିତ ଚାଷୀର ତୁଳନା ଏକ ବିଡମ୍ବନା ନିଶ୍ଚୟ।

ନାରଦ ମନେ ମନେ ବିରକ୍ତ ହୋଇ ଭାବିଲେ ଏଠି ଅଯଥା ସମୟ ନଷ୍ଟକରି କିଛି ଲାଭ ନାହିଁ। ବର୍ତ୍ତମାନ ଯାଇ ବିଷ୍ଣୁଙ୍କୁ ଭେଟି ତାଙ୍କର ଉଦ୍ଦେଶ୍ୟ ସମ୍ପର୍କରେ ପଚାରିବାକୁ ପଡିବ। ନାରଦ ମର୍ତ୍ତ୍ୟପୁର ତ୍ୟାଗକରି ସ୍ୱର୍ଗକୁ ଯାଇ ସିଧା ସଳଖ ଚାଲିଲେ ବିଷ୍ଣୁଙ୍କ ପୁରକୁ। ନାରଦଙ୍କ ଏ ଅବସ୍ଥା ଦେଖି ବିଷ୍ଣୁ ଖୁବ୍ ହସିଲେ ଏବଂ କହିଲେ – "ମୋ ଉପରେ ତ ତୁମେ ବହୁତ ରାଗି ଥିବାର ଜଣା ପଡୁଛି। ତେବେ ମୋର ଆଉ ଗୋଟିଏ ଛୋଟ କାମ କରିଦିଅ। ତା'ପରେ ବୁଝିବା ତୁମ ରାଗିବାର କାରଣ।"

ଏକଥା କହି ବିଷ୍ଣୁ ନାରଦଙ୍କୁ ଗୋଟିଏ ପାଣି ଭର୍ତ୍ତି ହୋଇଥିବା ମାଠିଆ ଦେଖାଇ ଦେଲେ ଏବଂ ମାଠିଆଟିକୁ ମୁଣ୍ଡରେ ରଖି ଗୋଟିଏ ଚକା ଚାରିପଟେ ବୁଲିବାକୁ କହିଲେ। ସେ ନାରଦଙ୍କୁ ସାବଧାନ କରି ଦେଲେ ଯେ, ଯେପରି ମାଠିଆରୁ ଟୋପେ ହେଲେ ପାଣି ତଳେ ନପଡେ। ନାରଦ ବିଷ୍ଣୁଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ହେଲେ ମଧ୍ୟ କିଛି ନକହି ମାଠିଆକୁ ମଣ୍ଡରେ ମୁଣ୍ଡେଇ ବୁଲିବାକୁ ଲାଗିଲେ। ଅଳ୍ପ କେତେଥର ବୁଲିବା ପରେ ବିଷ୍ଣୁ ନାରଦଙ୍କୁ କହିଲେ ଆଉ ବୁଲିବା ଦରକାର ନାହିଁ। ତା'ପରେ ବିଷ୍ଣୁ ହସି ହସି କହିଲେ ନାରଦ, ମାଠିଆକୁ ମୁଣ୍ଡରେ ମୁଣ୍ଡେଇ ବୁଲୁଥିବା ସମୟରେ ମୋର ନାମ ତୁମେ କେତେଥର ସ୍ମରଣ କରିଛ? ନାରଦ ବଡ ଅଡୁଆରେ ପଡିଗଲେ। ସେ ମାଠିଆକୁ ମୁଣ୍ଡରେ ମୁଣ୍ଡେଇ ବୁଲୁଥିବା ସମୟରେ ଥରେ ହେଲେ ମଧ୍ୟ ବିଷ୍ଣୁଙ୍କ ନାମ ସ୍ମରଣ କରିନଥିଲେ। ବିଷ୍ଣୁଙ୍କ ପ୍ରଶ୍ନରେ ନାରଦ ଉତ୍ତର ଦେଲେ ପ୍ରଭୁ ଆପଣ କହିଥିଲେ ମାଠିଆକୁ ମୁଣ୍ଡେଇ ବୁଲିବା ସମୟରେ ମାଠିଆରୁ ଯେମିତି ଟୋପାଏ ପାଣି ତଳେ ନପଡେ, ତେଣୁ ମୁଁ ମାଠିଆକୁ ମୁଣ୍ଡରେ ମୁଣ୍ଡେଇବା ସମୟରେ ମୁଁ ଧ୍ୟାନ ଦେଲି ଯେପରି ମାଠିଆରୁ ଟୋପାଏ ହେଲେ ପାଣି ତଳେ ନପଡୁ। ସେଇକଥାକୁ ଲକ୍ଷ୍ୟରଖି ମୁଁ ଆପଣଙ୍କ ନାମ ସ୍ମରଣ କରିବା କଥା ପୁରାପୁରି ଭୁଲି ଯାଇଥିଲି।

ବିଷ୍ଣୁ ହସି ହସି କହିଲେ – ନାରଦ! ତୁମେ ମନ ଦୁଃଖ କରୁଥିଲଯେ, ଚାଷୀଟି ଦିନକୁ ମାତ୍ର ତିନିଥର ମୋ ନାମ ନେଇ କିପରି ତମ ଠାରୁ ଶ୍ରେଷ୍ଠ ହୋଇଗଲା। ବିଚରା ଚାଷୀଟିର ଦାୟିତ୍ୱ ଅନେକ, ତା' ମୁଣ୍ଡରେ ବହୁତ ବୋଝ। ଏତେ ବୋଝ ବୋହିବା ସତ୍ତ୍ୱେ ମଧ୍ୟ ସେ ତ ମୋ ନାମ ଦିନକୁ ତିନିଥର ନେବାକୁ ଭୁଲୁ ନାହିଁ। ସେଇଟା କ'ଣ ଯଥେଷ୍ଟ ନୁହେଁ। ନିଜର କର୍ମକୁ ଈଶ୍ୱରଙ୍କୁ ସମର୍ପି ଦେଲେ କର୍ମର ବୋଝ ହାଲୁକା ହୋଇଯାଏ। ଦୁଃଖ ଓ ଶୋକ ସବୁବେଳେ ରହିଛି ଓ ରହିଥିବ। ମଣିଷକୁ ପ୍ରତ୍ୟେକ ଅବସ୍ଥାରେ ତାକୁ ସାମ୍ନା କରିବାକୁ ହେବ। ସବୁ କିଛିର କାରଣ ଭାବେ ଭଗବାନଙ୍କୁ ଗ୍ରହଣ କରିନେଲେ ସୁରୁଖୁରୁରେ ସମୟ ଏବଂ ଜୀବନ କଟିଯାଇ ପାରିବ। ନାରଦ ଏଥର ତାଙ୍କ ଭୁଲ୍ ବୁଝିଗଲେ।

ଅଧ୍ୟାପକ, ବାଣିଜ୍ୟ ବିଭାଗ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, କଟକ



## ମନ୍ତେଇ

ଡ. ଶୁଭେନ୍ଦୁ ମେହେର

ମନ୍ତେଇ........
କେବଳ ଏକ ନଈର ନାଁ ନୁହେଁ !

ମନ୍ତେଇ........
ସଭ୍ୟତାର କଥା କୁହେ,
ସଂସ୍କୃତିର କଥା କୁହେ
ଆଉ କୁହେ ପ୍ରକୃତିର କଥା ବି !
କାହିଁ କେଉଁ କାଳରୁ ପ୍ରକୃତିର ଛାତି ଚିରି
ବହି ଚାଲିଛି ଅନବରତ
ତା' କୋଳରୁ ତ ଏ ସଭ୍ୟତାର ଆରମ୍ଭ !

ମନ୍ତେଇ.........
ମୁଣ୍ଡଫଟା ଖରା ସହି
ମାଛ ମାନଙ୍କୁ ପହଁରା ଶିଖାଏ
ପକ୍ଷୀ ମାନଙ୍କୁ ଉଡ଼ାଣ ଦିଏ
ସକାଳର କଅଁଳ ଖରାକୁ ହଳଦୀ ମଖାଏ !
ସନ୍ଧ୍ୟା ଆକାଶରେ ରଙ୍ଗ ବୁଣେ
ଡ଼ଙ୍ଗାବାଲାର ଛାତିରେ ଦମ୍ ଆଉ
ଓଠରେ ଜୀବନ ଯନ୍ତ୍ରଣାର ସଙ୍ଗୀତ ଭରେ ।

ଲୁଣି ଓ ମଧୁର ପାଣିର ମିଶ୍ରଣରେ
ଅସୁମାରୀ ସ୍ୱପ୍ନ ବୁଣେ !

ମନ୍ତେଇ........
କଳକଳ ନାଦର ପ୍ରବାହମାନ ସ୍ରୋତ
ନାରୀ ଆଖିପରି ତା' ଭିତରେ ଲୁହଥାଇ ବି
ସେ' ହସିପାରେ
କୁନି ଝିଅଟେ ପରି ଅଝଟ ହୁଏ
ଦୁଷ୍ଟାମୀ କରେ ପୁଣି
କୁଳୁକୁଳୁ ନାଦର ମଧୁର ମୂର୍ଚ୍ଛନାରେ
ପ୍ରକୃତିକୁ ବିଭୋର କରେ
ତଲ୍ଲୀନ କରେ......!

ମନ୍ତେଇ..........
କବିର କଲମରେ ଅକ୍ଷର ଦିଏ
ପାହାଡି ଫୁଲକୁ ଖୋସାରେ ମାରେ
ପ୍ରେମିକାର କାନରେ କାନଫୁଲ ହୁଏ !
କଟିରେ ମେଖଳା ପିନ୍ଧେ
ପାଦରେ ପାଉଁଜି ବାନ୍ଧେ
ଶତ ଶୃଙ୍ଗାରେ ମଣ୍ଡିପାରେ ସମାଜର ଛାତି
ଏବେ କିନ୍ତୁ......
ତା' ଛାତିରେ ଅସଂଖ୍ୟ ତାତି
ସେ' ଗାଁ ଠୁ ସହର
ସବୁଠି ଝରିବ ଝରେଇବ
ଛନ୍ଦ ଚପଳାର ପ୍ରେମଭଳି
ଅଭିଆଡ଼ିର ଚଞ୍ଚଳତା ନେଇ
କୋମଳ ଶିଶୁର ଚପଳତା ପରି ॥

ଯାଲୋଏ, ସୁବର୍ଣ୍ଣପୁର
ମୋବାଇଲ: ୯୯୩୮୪୩୩୬୬୪





## କାହିଁ ସେଇ ପିଲାଦିନ

ଭାରତୀ ବାସନ୍ତୀ ଲତା ଜେନା

ଅତୀତର ସ୍ମୃତି ମନେ ପଡେ ଆଜି
ମଧୁ ଝରା ସ୍ମୃତି ଜହ୍ନ
ଗେଲ୍ହ ବସରର ଅଳି ଅଳି ଥିଲି
କାହିଁ ସେଇ ପିଲା ଦିନ ।୧।

ଜେଜେ ମାଆର ଥିଲି ନୟନର ମଣି
ବାପାଙ୍କ ହୃଦ ଚନ୍ଦନ
ମାଆର ମମତା ସ୍ନେହ ବୋଳା କଥା
ଆଜି ଝୁରେ ପ୍ରାଣ ମନ ।୨।

ସାଙ୍ଗ ସାଥୀ ମେଳ ସାରା ଖରାବେଳ
ଖେଳୁ ଥିଲୁ କେତେ ଖେଳ
ବଡି ଗୋଟେ ଧରି ମାଆ ରଡି ଛାଡେ
ଖେଳିବ ଗଡ଼ିଲେ ବେଳ ।୩।

ସକଳ ସଞ୍ଜରେ ପାଠ ପଢୁଥିଲି
ସ୍କୁଲକୁ ଯାଏ ନିତି
ସ୍କୁଲ ଛୁଟି ପରେ ବସ୍ତାନୀକୁ ରଖି
ଖେଳେ ଯାଉ ଥିଲୁ ମାତି ।୪।

ଚିନ୍ତା ଦକ କିଛି ନ ଥିଲା ମନରେ
ନ ଥିଲା ଆଶଙ୍କା ମନ
ବଡ଼ ମୁଁ ହୋଇଲି ଜଞ୍ଜାଳେ ଫସିଲି
ସମସ୍ୟା ଘେରା ଜୀବନ ।୫।

ବଡ଼ ହୋଇ ଆଜି ସତେ ଭୁଲ କଲି
ହଜିଲା ମୋ ପିଲା ଦିନ
ଅତୀତ ସ୍ମୃତିକୁ ଅଣ୍ଡାଳି ହେଉଛି
ସୁଖେ କଟୁ ଥିବା ଦିନ ।୬।

ଗାନ୍ଧୀନଗର, ନବରଙ୍ଗପୁର



## ସମର୍ପଣ

ଡ.ଚନ୍ଦ୍ରକଳା ନାୟକ



ସେ ଆସିଲେ ଦେହ ଶୀହରିତ ହୁଏ
ଭାବରେ ତରଙ୍ଗ ଖେଳେ
ନିର୍ଜୀବ ଶରୀରଟା ମନ୍ଦ ମନ୍ଦ ଲାଗେ
ଜୀବନରେ ହଠାତ ମଳୟ ବହେ
ତା ପଦଧ୍ୱନୀରେ ଛିଣ୍ଡିଯାଏ
ଶତ ଶତ କାରାଗାରର ରୁଦ୍ଧ ଥିବା ପ୍ରକୋଷ୍ଠ
ମୁଁ ବି ତ ଉନ୍ମୁକ୍ତ ହୋଇଉଠେ
ଅମାନିଆ ହୁଏ ବେଲଗାମ ମନ
ଠିକ ରଙ୍ଗୀନ୍ ପ୍ରଜାପତି ପରି ।
ମୁଁ ତ ତା ହାତଲେଖା କବିତାଟିଏ
ଖୁବ ସହଜିଆ ପଣରେ ନିଜକୁ ପଢିପାରେ
ସେଥିରେ ନଥାଏ ଅଛିଣ୍ଡା ଅଙ୍କର ଜଟିଳତା
ମୋ ନିଶ୍ୱାସରେ ଭରିଯାଏ ତାତି
ଅମାବାସ୍ୟାରେ ବି ଖେଳିଯାଏ ଚନ୍ଦ୍ରମାର ଜ୍ୟୋତି ।
ତୋ ସାନିଧ୍ୟରେ ଫୁଟିଉଠେ
ଲକ୍ଷେ କଦମ୍ବର ପୁଷ୍ପ
ଖେଳିଉଠେ ସ୍ୱର୍ଗ ପାରିଜାତ
ମୁଁ କିନ୍ତୁ ଅମାନିଆ ବିନ୍ଦୁଟିଏ
ଲୋଟିପଡେ ତା ଦେହ ଓ ମନରେ
ତାର ଶରୀରର ଶୂନଶାନ ଇଲାକାରେ
ମୋ ଲାଜର ଗହଣା ଭିତରେ
ସମର୍ପଣର ସବୁ ସମାହାରରେ ।

ଅଧ୍ୟାପିକା, ମହାପୁରୁଷ ହାଡିବାସ ମହାବିଦ୍ୟାଳୟ, ଛତିଆ, ସାଜପୁର, ମୋ- ୯୪୩୭୯୫୭୬୧୭



## ସ୍ୱାଭିମାନ ମହାଯଜ୍ଞର ନିଆଁ

ଲକ୍ଷ୍ମୀକାନ୍ତ ନବୀନ ଦାସ

ଯେଉଁ ସ୍ୱାଭିମାନ ସ୍ୱାଭିମାନ ରଟୁଛ ବନ୍ଧୁ ହେ...
ଆଜି ତ ଟିକିଏ ସ୍ୱାଭିମାନ ଦେଖାଅ,
ଯାହା ନାଁ ରେ ଯାହା ପାଇଁ ତୁମେ ଦିବସ ପାଳୁଛ,
ସେଇ ମଧୁ ବାବୁ ପ୍ରତି ଆଜି ତ ଟିକିଏ ସ୍ୱାଭିମାନ
ଦେଖାଅ ବନ୍ଧୁହେ...
ମିଛ ଅହଙ୍କାରେ କିଆଁ ସାଜ ସପନର ସଉଦାଗର,
ମଧୁ ବାବୁଙ୍କର ପ୍ରଣୀତ ନିୟମ ନମାନି ,
ତୋ ନିୟମ ରେ କିଆଁ ତୁ କାର୍ଯ୍ୟ କରୁ,
ସେହି ସମ୍ପର୍କ ଦଉଡ଼ି ଛିଡ଼ିବା ଆଗରୁ,
ସଚେତ ହୁଅ ହେ ,
ବୃଥା ଆସଫାଳନେ ବିଭୋର ହୋଇଲେ,
ହେବ ଯାହା ଦୁର୍ଘଟଣା,
ସେ ଦୁର୍ଘଟଣାରୁ ଯିଏ ବଞ୍ଚାଇ ପାରିବ ,
ତାକୁ ଛାଡି ମରୀଚିକା ପଛେ କିଆଁ ଧାଆଁ,
ହଁ ଦେଇ ପାରେ ସେ ଟିକିଏ ଖୁସି,
ତେବେ ପ୍ରତି ମୁହୂର୍ତ୍ତରେ ଖୁସି ପାଇବାର କୀର୍ତ୍ତନ
ଆନନ୍ଦ ପାଇବାକୁ ,
କାହିଁ କର ଏତେ ଯୋନି ଟାଣ,
ଦୁଇ ଯୋନିର ଅପୂର୍ବ ମିଳନେ,
ମିଳେ ଯେଉଁ ସୁଖ ଶାନ୍ତି,
ତାହାଠାରୁ ଅଧିକ ପ୍ରତିଟି ମୁହୂର୍ତ୍ତେ ,
ଖୁସି ଦେଉଥିବା ଲୋକକୁ ଛାଡ଼ି,
ବୃଥା ଅସ୍ମିତା ମଞ୍ଚ ଗଢି,
ନିଃସ୍ୱାର୍ଥ ହେବାର ବୃଥା ଅହଂକାର ଛାଡୁନ କିଆଁ,
ଆଉ କେବେ ତୁମ୍ଭେ ଜାଗ୍ରତ ହୋଇବ,
କିଏ ପଢ଼ାଇବ ପାଠ ଚାଟଶାଳୀ...
ବନ୍ଧୁ ହେ ଆଉ ଡେରି ନ କରି,
ଏଇ ମୁହୂର୍ତ୍ତରେ ବର୍ଣ୍ଣବୋଧ ଛାଡ଼ି,
ତୃତୀୟ ଶ୍ରେଣୀ କୁ ଡେଇଁପଡ,
ତା ପରି କାମ କରି ତୁମ୍ଭେ ,
ଦେଶ ର ଜାତିର ଗାରିମାକୁ ତୁମ୍ଭେ ବୃଦ୍ଧିକର,
ସଭିଏଁ ଜାଣନ୍ତି ଛାତ୍ର ଠାରୁ ବଡ଼ ଶିକ୍ଷକ,
କିନ୍ତୁ ଗୁରୁ ଜାଣିଥାଏ ଛାତ୍ର ର ଗାରିମା,
ଛାତ୍ରର ବିଜୟେ ସବୁ ଗୁରୁଏ ହୁଅନ୍ତି ଗରିଆନ ,
ଏକଥା କଣ ତୁମେ ଭୁଲିଗଲ...
ଓ ...ବନ୍ଧୁମାନେ ,
ସଭା ଶୋଭାଯାତ୍ରାରେ ନ ରହିଲେ ସାରସତା,
ଲୋକ ଦେଖାଣିଆ ବଡିମା ଦେଖାନି,
ତା ସ୍ୱାଭିମାନ ପାଇଁ ସେତ ପାଉଁଶ ହୋଇଛି,
ତୁମେ ପାରିବନି,ତେବେ ମିଛ ଟାରେ ସ୍ୱାଭିମାନ
ସ୍ୱାଭିମାନ ରଟ କିଆଁ,
ସ୍ୱାଭିମାନ ଯେ ମହାଯଜ୍ଞ ର ରଡ ନିଆଁ,
ସେ ନିଆଁ ର ଟିକିଏ ଝୁଲ ଜାଳି ପୋଡ଼ି ଦିଏ ସୁବର୍ଣ୍ଣ ଲଙ୍କା,
ହୋ ବନ୍ଧୁମାନେ ଆଉ ଭୁଲ ନାହିଁ ,
ଏଇ ମୁହୂର୍ତ୍ତରୁ ଦେଶର ଜାତିର ସ୍ୱାଭିମାନ ପାଇଁ ଚିନ୍ତାକର,
କଡ଼ି ରୁ କଡ଼ି ଏବେଠୁ ଯୋଡିଲେ ,
ଅନୁମାନ କର ସାରା ସଂସାରକୁ ଯୋଡିବା ପାଇଁ,
କେତେ ସମୟ ବହି ଯେ ନ ଯିବ କୁହ ସତେ,
ବନ୍ଧୁ ଗଣ ନିଜ ସ୍ୱାଭିମାନ ବଞ୍ଚାଇବା ପାଇଁ,
ପ୍ରଭାତୁ ଶୋଇବାରୁ ଉଠି ସ୍ୱାଭିମାନ ଜଳ ପିଇ ଦିଅ...
ଈଶ୍ୱର ଚାହିଁଲେ ତୁମ୍ଭେ ସ୍ୱାଭିମାନ ପୁରୁଷ ସାଥିରେ ମିଶିଯିବ...

ଭୁବନେଶ୍ୱର





## କେମିତି ହୋଇବା ଖୁସି

ଡଃ ନାରାୟଣ ଚନ୍ଦ୍ର ସେନାପତି

ମନରୁ ଦୂରେଇ ହିଂସାର ଅଳିଆ
ଭରିଲେ ସ୍ନେହ ମମତା
ହୃଦୟ ନାଚିବ ତା ଥେଇ ତା ଥେଇ
ଗାଇ ପ୍ରଣୟ ସଂହିତା।

ମନରେ ନ ରଖି ହିମାଳୟେ ଆଶା
ଅଳ୍ପେ ହୋଇଲେ ସନ୍ତୁଷ୍ଟ
ମନ ଉଡୁଥିବ ଆନନ୍ଦ ଗଗନେ
ପୋଛି ଦେଇ ସବୁ କଷ୍ଟ।

ଦୁଃଖୀର ଆଖିରୁ ପୋଛି ଦେଇ ଲୁହ
ଦେଲେ ଟେନେ ଆଶ୍ୱାସନା
ଆମ ମନ ହୃଦ ପୁଲକିତ ହେବ
ନ ରଖି ଟୋପେ ଶୋଚନା।

ପଡୋଶୀ ଓଠରେ ଭରି ମେଞ୍ଚେ ହସ
ହସିଲେ ତାଙ୍କ ହସରେ
ଅନ୍ତରାତ୍ମା ଆମ ବିହ୍ୱଳ ହୋଇବ
ପ୍ରୀତିର ବାଲି କୁଦାରେ।

ଅନ୍ୟକୁ ପୂଜିଲେ ସାହାଯ୍ୟ ଫୁଲରେ
ଦେଇ ସହଯୋଗ ଟିପା
ସହାନୁଭୂତିର ପ୍ରେମ ସାଉଁଣ୍ଟିବା
ସଂପର୍କ ହୋଇବ ସଖା।

ପ୍ରତିଭାକୁ ଦେଇ ଶରଧା ସମ୍ମାନ
ଦେଲେ ପ୍ରଶଂସାର ପାନ
ସଭିଙ୍କ ଭରସା ଧରିବା କୋଳେଇ
ମନ ହେବ ବୃନ୍ଦାବନ।

ଲୋଭ ମୋହ ଠାରୁ ଦୂରେଇ ରହିଲେ
ଆଉଁସିବ ମହାନତା
ଉଦାରତା ଆମ କୋଳରେ ଶୋଇବ
ଓଦା ହେବ ଅନ୍ତରାତ୍ମା।

ଆସିଛି ମୁଁ ଏକା ଯିବି ହୋଇ ଏକା
ଏକଥା କଲେ ସ୍ମରଣ
କଷ୍ଟ ଓ ଯନ୍ତ୍ରଣା ଅଛୁଆଁ ହୋଇବ
ପ୍ରେମ ହେବ ସମୀରଣ।

ସବୁ କିଛି ଭୁଲି ବିଭୁଙ୍କ ପାଦରେ
କଲେ ଭକ୍ତି ସମର୍ପଣ
ନିଶ୍ଚୟ ହୋଇବା ଖୁସିରେ ବିଭୋର
କହେ ଦାସ ନାରାୟଣ।

ଜମ୍ବୁରା, କେନ୍ଦୁଝର





## ହେ ମଧୁସୂଦନ ଦାସ

ଡ଼ ଧୀରେନ୍ଦ୍ର କୁମାର ମଲ୍ଲିକ

ଉତ୍କଳ ଗୌରବ ନାମେ ପରିଚିତ
ହେ ମଧୁସୂଦନ ଦାସ,
ଝୁରୁଛନ୍ତି ସବୁ ତୁମକୁ ନିଇତି
ଆଉ ଥରେ ଫେରି ଆସ।
କଟକ ଜିଲ୍ଲାର ସତ୍ୟଭାମାପୁରେ
ଜନମ ଲଭି ଯେ ତୁମେ,
ପ୍ରସିଦ୍ଧ ହୋଇଲ ଦେଶ ବିଦେଶରେ
ନିଜର ମହତ କାମେ ।
ଭାଷା ଆନ୍ଦୋଳନ ମୁଖ୍ୟ ଥିଲ ତୁମେ
ଥିଲ ଯେ ଲେଖକ କବି,
ଅନ୍ୟାୟ ବିରୁଦ୍ଧେ ଜନହିତ ପାଇଁ
ଲେଖୁଥିଲ ସଦା ଭାବି।
ପ୍ରଥମ ଓକିଲ ଓଡ଼ିଶାର ହୋଇ
ରଖିଲ କିରତୀ ଯଶ,
ଅନ୍ୟାୟ ବିରୁଦ୍ଧେ ଲଢ଼ି ସର୍ବମୁଖେ
ଫୁଟେଇଲ ତୁମେ ହସ।
ଚମଡ଼ା ଶିଳ୍ପର ଉନ୍ନତି ପାଇଁକି
ଉତ୍କଳ ଟ୍ୟାନେରୀ ଗଢ଼ି,
ଓଡ଼ିଶା ଲୋକଙ୍କୁ କଲ ସାବଲମ୍ବୀ
ଗଲେ ସେ ଆଗକୁ ବଢ଼ି।
ସୁନାରୁପା ତାରକସି କାମ ପାଇଁ
ଉତ୍କଳ ଆର୍ଟ ୱାର୍କ୍ସ କରି,
ଅଳପ ଦିନରେ ଗରିବ ଲୋକର
ନେଲ ତୁମେ ଦୁଃଖ ହରି।
ଆହୁରି ବି ଅଛି ବହୁ ଅବଦାନ
ତୁମର ଓଡ଼ିଶା ପାଇଁ,
ଯେତେ ଲେଖିଲେ ବି ତୁମରି ଗାରିମା
ସହଜେ ସରିବ ନାହିଁ।
ତୁମରି ଜନମ ଶୁଭ ଦିନଟିକୁ
ପାଳୁଛୁ ହରଷ ମନେ,
ସ୍ୱାଭିମାନ ଦିବସ ରୂପେ ଅପ୍ରିଲ
ମାସ ଅଠେଇଶି ଦିନେ।

ସମ୍ପାଦକ:ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ ଓ ଆଦର୍ଶ ପାଠାଗାର
ନୀଳକଣ୍ଠପୁର,ମଙ୍ଗଳପୁର, ଯାଜପୁର
ଫୋନ-୭୯୦୪୩୯୨୬୮୬





## ଚାଲ ଫେରିଯିବା ମାଆ କୋଳକୁ

ଡଃ ତାନଶ୍ରୀ ପାଣିଗ୍ରାହୀ

ମାଟି ମା କୋଳଟି ସରଗଠୁ ବଡ଼
ଭାଷାରେ ହୁଏନି କହି
ତା ସ୍ନେହ ମମତା ପଣତେ ଘୋଡାଏ
ସରାଗେ ଦିଏ ଶୁଆଇ...
କେତେ ଶରଧା ତା ବିଶାଳ ହୃଦୟେ
ମାପି ହୁଏ ନାହିଁ ଜମା
ଯେତେ ଦୋଷ ଥିଲେ ନିଜ ଛୁଆ ଭାବି
କରିଦିଏ ସେ କ୍ଷମା...
ସହରରେ ପକ୍କା ଘରେ ରହିଲେ ବି
ମନେ ପଡେ ଚାଳ ଘର
ଯେଉଁ ଘରେ ଥିଲା ଅନେକ ସଂସ୍କାର
ପୂଜା ପର୍ବ ପର୍ବାଣୀର...
ବନେ ଉପବନେ କୋଇଲିର ଗୀତ
ଶୁଭୁଥାଏ କି ମଧୁର
ପାଚିଲା ଧାନର କ୍ଷେତ ଦିଶୁଥାଇ
ଦୂରକୁ କେଡ଼େ ସିନ୍ଦୁର...
ଶାଗ ବଡ଼ିଚୁରା ଭାତ ପଖାଳରେ
ଥାଏ କେଡ଼େ ସୁଆଦ
ମଳୟ ପବନ ବହେ ସୁଲୁ ସୁଲୁ
ଶୁଭେ ଝରଣାର ନାଦ...
କର୍ମ ଜଂଜାଳରେ ରହିଛି ଦୂରରେ
ଗାଁ ସ୍ମୃତି ପରଶ ବହେ
ଚାଲ ଫେରିଯିବା ମାଆର କୋଳକୁ
ମନେ ଭାରି ଇଚ୍ଛା ହୁଏ ॥

ବାଲେଶ୍ୱର, ମୋବାଇଲ୍: ୯୩୩୭୩୦୪୨୯୫

# ଜଙ୍ଗଲରୁ ଝୁଲନ୍ତା ମୃତଦେହ ଠାବ

**କନ୍ଧମାଳ,୨୮।୪(ସଂଚାର ବ୍ୟୁରୋ):** ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ଦନେକବାଡ଼ି ପଞ୍ଚାୟତ, ମାଣ୍ଡୁବାଡ଼ି ଗ୍ରାମ ନିକଟସ୍ଥ ବଲାମାହା (ସସ୍କିମ୍ ଶଙ୍ଖ) ଠାରେ ଏକ ଯୁବକଙ୍କ ଝୁଲନ୍ତା ମୃତ ଦେହ ଠାବ କରିଛି ଦାରିଙ୍ଗବାଡ଼ି ପୁଲିସ। ମୃତ ବ୍ୟକ୍ତି ଜଣକ ହେଲେ ଉକ୍ତ ବ୍ଲକ ର ସିଆଙ୍ଗବାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କାଜୁରୀ ବାଦେରୀ ଗ୍ରାମର ଭଗବାନ ଦିଗାଳ ଙ୍କ ପୁଅ ଉଜ୍ଜ୍ୱଳ ଦିଗାଳ (୩୦) ବୋଲି ଜଣାପଡ଼ିଛି।ଯୁବକ ଜଣକ ତାଙ୍କ ପରିବାର ପ୍ରତିପୋଷଣ କରିବା ନିମନ୍ତେ ରାଜ ମିସ୍ତ୍ରୀ କାମ କରୁଥିଲେ। ଯୁବକ ଜଣକ ଦନେକବାଡ଼ି ପଞ୍ଚାୟତ ର ମାଣ୍ଡୁବାଡ଼ି ଗ୍ରାମରେ ରାଜ ମିସ୍ତ୍ରୀ କାମ କରୁଥିଲେ ବୋଲି ଉକ୍ତ ଗାଁ ଲୋକ କହୁଛନ୍ତି।ଏପଟେ ରାଜ ମିସ୍ତ୍ରୀ କାମ କରୁଥିବା ମୃତ ଯୁବକ ଟି ଗୁମିକିଆ ଗ୍ରାମ ପଞ୍ଚାୟତ ର ଅଲିମାହା ଗ୍ରାମ ର ସୁନାମ ନାୟକ ଙ୍କ ଝିଅ ଶୁଭ ନାୟକ ଙ୍କୁ ପ୍ରେମ କରୁଥିଲେ। ପ୍ରତ୍ୟେକ ଦିନ ଭଳି ଆଜି (ସୋମବାର) କୌଣସି ଏକ ବ୍ୟକ୍ତି ଙ୍କର ରାଜ ମିସ୍ତ୍ରୀ କାମ କରିବା ପାଇଁ ତାଙ୍କ ପ୍ରେମିକା (ଶୁଭ) ଓ ମୃତ ଯୁବକ ଯାଇଥିଲେ।ମୃତ ଯୁବକ ଜଣକ ପ୍ରଥମେ ଦନେକବାଡ଼ି ପଞ୍ଚାୟତ ର କୁପିବାଡ଼ି ଗ୍ରାମ ର ଏକ ଝିଅ କୁ ବିବାହ କରିଥିଲେ। ତାଙ୍କ ର ଦୁଇ ଟି ସନ୍ତାନ ହୋଇଥିଲା। ତାଙ୍କ ପତ୍ନୀ କେରଳ ରାଜ୍ୟ କୁ କାମ କରିବା ନିମନ୍ତେ ଯାଇ ଥିବା ଯାହା କୁହାଯାଉଛି।ପ୍ରତ୍ୟେକ ଦିନ ଭଳି ଆଜି (ସୋମବାର)ମାଣ୍ଡୁବାଡ଼ି ଗ୍ରାମକୁ କାମ କରିବା ନିମନ୍ତେ ଯାଉଥିବା ସମୟରେ କୌଣସି ଏକ କାରଣରୁ ମାଣ୍ଡୁବାଡ଼ି ନିକଟସ୍ଥ ବଲାମାହା (ସସ୍କିମ୍ ଶଙ୍ଖ) ଠାରେ ଯୁବକଙ୍କୁ ହତ୍ୟା କରି ଆତ୍ମହତ୍ୟା ର ଆଖ୍ୟା ଦେଉଥିବା ବୋଲି ଅଭିଯୋଗ କରୁଛନ୍ତି ମୃତ ବ୍ୟକ୍ତିଙ୍କ ପିତା ଭଗବାନ ଦିଗାଳ। ଏପଟେ ଦାରିଙ୍ଗବାଡ଼ି ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା ଶବ କୁ ଜବତ କରି ଅଧିକ ତଦନ୍ତ କରୁଛନ୍ତି ଏହା ହତ୍ୟା ନା ଆତ୍ମହତ୍ୟା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, ତେବେ ଏହାର ସ୍ପଷ୍ଟ କରିବା ନିମନ୍ତେ ଅଧିକ ତଦନ୍ତ ଜାରି ରଖିଛନ୍ତି ଦାରିଙ୍ଗବାଡ଼ି ପୁଲିସ୍।

### ସ୍ପୋର୍ଟ କ୍ଲାଇମିଙ୍ଗ ଲେଭେଲ ୧ ପ୍ରଶିକ୍ଷଣ

## ଓଡିଶାର ପ୍ରଥମ ଗ୍ରୁପ୍ର ନୂଆଦିଲ୍ଲୀ ଯାତ୍ରା



**ନର୍ଲା,୨୮।୪(ସଂଚାର ବ୍ୟୁରୋ):** ନର୍ଲା ବ୍ଲକ ରୁପ୍ରା ଗାଁର ଆନ୍ତର୍ଜାତିକ ପର୍ବତାରୋହୀ ତଥା ଏଭରେଷ୍ଟ ଆରୋହୀ ଯୋଗବ୍ୟାସ ଭୋଇ ଏବଂ ଜାତୀୟସ୍ତରର ବରିଷ୍ଠ ପ୍ରଶିକ୍ଷକ ପର୍ବତାରୋହୀ ରୋମାଞ୍ଚଳ ଭୋଇଙ୍କ ନେତୃତ୍ୱରେ ମଙ୍ଗଳବାର ୧୪ ଜଣିଆ ଦୁଃସାହସିକ କ୍ରୀଡାବିତ କେସିଙ୍ଗାରୁ ସମତା ଟ୍ରେନ ଯୋଗେ ନୂଆଦିଲ୍ଲୀ ଯାତ୍ରା କରିଛନ୍ତି। ସମସ୍ତେ ଭାରତୀୟ ପର୍ବତାରୋହଣ ସଂସ୍ଥାନ ନୂଆଦିଲ୍ଲୀ ପରିସରରେ ସ୍ପୋର୍ଟ କ୍ଲାଇମିଙ୍ଗ ଲେଭେଲ ୧ ପ୍ରଶିକ୍ଷଣ ନେବେ, ଯାହାକି ଏହା ହେଉଛି ଓଡିଶା ରାଜ୍ୟର ପ୍ରଥମ ଗ୍ରୁପ। ଏହି ଦଳରେ କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଡୁଙ୍ଗୁରୀଗୁଡ଼ାର ବିକାଶ ଗହୀର, ରିଷିଡାର ତନୁଶ୍ରୀ ସାହୁ, ନର୍ଲା ବ୍ଲକ ଅନ୍ତର୍ଗତ ରାଣୀପଟାର ନୀହାରିକା ବୁଧିଆ, ଅସୁରଗଡ଼ର ପ୍ରିୟଙ୍କା ପୁଟେଲ, ବାଲିପଡାର ଅଜୟ ମାଝୀ, ରୁପ୍ରାର ରାଜ ମାଝୀ, ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ସିରିଗାଁର ପ୍ରତିମା ପାତ୍ର, ମ.ରାମପୁର ବ୍ଲକ ଅନ୍ତର୍ଗତ ଝାଲିଆଗୁବାର ପୂଜା ଭୋଇ, ନୁନପୁରର ସସ୍ମିତା ।

### ଉପାନ୍ତର ଅବହେଳିତ ନୂଆକାସିଲି

# ଜଙ୍ଗଲୀ ରାସ୍ତାରେ ଅଟକିଛି ଶିକ୍ଷା




**ରାୟଗଡା,୨୮।୪(ସଂଚାର ବ୍ୟୁରୋ):** ଏବେବି ଅବହେଳିତ ଉପାନ୍ତ ରାୟଗଡା ଜିଲ୍ଲାର ଆଦିବାସୀ ଅଧିଷ୍ୟୁତ ଅଚଂଳ । ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ବ୍ୟବସ୍ଥା ଲୋକଙ୍କ ପାଇଁ ସ୍ୱପ୍ନ ପାଲଟିଛି । ଯେଉଁ ଗାଁକୁ ପକ୍କା ରାସ୍ତା ନାହିଁ ସେଠି ବିକାଶ ବା କିପରି ସମ୍ଭବ ହୋଇପାରିବ। ରାୟଗଡ଼ା ସଦର ବ୍ଲକରୁ ମାତ୍ର ୯ କିମି ଦୂରରେ ଥିବା ନୂଆକାସିଲି ଗାଁ। ଆବଡ଼ାଖାବଡ଼ା ମାଟି ରାସ୍ତା ଗାଁକୁ ଯାତାୟାତର ଏକମାତ୍ର ମାଧ୍ୟମ। ପକ୍କା ରାସ୍ତା ନଥିବା ଯୋଗୁଁ ଗାଁରେ ଆମ୍ବୁଲାନ୍ସ ପହଞ୍ଚିପାରୁନି। ଦୀର୍ଘ ୩ କିଲୋମିଟର ଖଟିଆରେ ବୁହା ହେଉଛନ୍ତି ରୋଗୀ। ଗାଁରେ ୨୮ଟି ପରିବାର ପାଇଁ ଥିବା ଏକମାତ୍ର ନଳକୂପ ଦୀର୍ଘ ଦିନ ଧରି ଅଚଳ। ସ୍ୱେଚ୍ଛାସେବୀଙ୍କ ସହାୟତାରେ ସୋଲାର ମାଧ୍ୟମରେ ପାନୀୟଜଳ ଯୋଗାଣ ହେଉଥିଲେ ହେଁ ତାହା ଆବଶ୍ୟକତା ମେଣ୍ଟାଇପାରୁନି। ଶିକ୍ଷା ଆହୁରି ବିପର୍ଯ୍ୟସ୍ତ। ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ନାହିଁ। ଛୋଟଛୋଟ ପିଲା ପ୍ରାକ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଛନ୍ତି। ପୁଷ୍ଟିକର ଖାଦ୍ୟ କଥା ତ' ନକହିବା ଭଲ। ଦୀର୍ଘ ୩ କିଲୋମିଟର ଜଙ୍ଗଲି ରାସ୍ତା ଦେଇ ଯିବାକୁ ପଡୁଥିବାରୁ ବିଦ୍ୟାଳୟକୁ ଯାଉନାହାନ୍ତି ପିଲା। ଦୀର୍ଘ ଦିନର ସଂଘର୍ଷ ପରେ ଏହି ଗାଁର ମାତ୍ର ୩ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ମିଳିଛି। ବଳକା ଆଦିବାସୀ ପରିବାର ଚାଳଛପର ଘରେ ଦିନ କାଟୁଛନ୍ତି। ବାର୍ଦ୍ଧକ୍ୟ ଭତ୍ତା ଓ ରାସନ ଚାଉଳ ପାଇଁ ଗାଁ ଠାରୁ ଦୀର୍ଘ ୭ କିଲୋମିଟର ଆବଡାଖାବଡା ରାସ୍ତାରେ କାମ୍ପ ମାଲିଗାଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଥାନ୍ତି ଲୋକେ। ଏମିତି ନୁହେଁ, ପ୍ରାଶାସନିକ ବାବୁ ଓ ଜନପ୍ରତିନିଧି ଅବଗତ ନାହାନ୍ତି। ସମସ୍ତେ ଜାଣିଛନ୍ତି ତଥାପି ଏମାନେ ଅବହେଳିତ ଅବସ୍ଥାରେ ପଡ଼ିଛନ୍ତି। ଗାଁର ଅବସ୍ଥା ଦେଖିଲେ ଲାଗୁଛି ଆବଡ଼ାଖାବଡ଼ା ମାଟି ରାସ୍ତା ଦେଇ ବିକାଶ ପହଞ୍ଚିପାରିନି। ବୋଧ ହୁଏ ଆମ ବ୍ୟବସ୍ଥା ଏଠାକାର ଲୋକଙ୍କୁ ବିକାଶ ଦେଖିବାକୁ ଦେଇନି। ସମୃଦ୍ଧ ଅଞ୍ଚଳକୁ ସମୃଦ୍ଧଶାଳୀ କରିବାରେ ଲାଗିପଡ଼ିଛି। ଆଉ ଉପାନ୍ତକୁ ଭୁଲିଯାଇଛି। କେବେ ଏହି ଗାଁ ଉପରେ ବାବୁଙ୍କ ନଜର ପଡ଼ିବ? ବିକାଶ କଥା ପଛେ ଥାଉ ମୌଳିକ ସୁବିଧା ମିଳିବ ତାକୁ ଅପେକ୍ଷା।

## ସରପଞ୍ଚଙ୍କ ତତ୍ତ୍ୱାବଧାନରେ ପରିବେଶର ସୁରକ୍ଷା



**ପୁରୁଷୋତ୍ତମପୁର,୨୮।୪(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ କେଏନପୁର ପଞ୍ଚାୟତ ପକ୍ଷରୁ ପରିବେଶ ସୁରକ୍ଷା ଓ ପରିମଳ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ସରପଞ୍ଚ ରାଜଲକ୍ଷ୍ମୀ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଲୋକଙ୍କୁ ପରିବେଶର ସୁରକ୍ଷା ନେଇ ସଚେତନତା କରାଯିବା ସହ ରାସ୍ତାଘଟ, ଡ୍ରେନ, ମନ୍ଦିର ପରିସରକୁ ସଫେଇ କରାଯାଇ ଥିଲା। ଏହି ଅବସରରେ ଜନସାଧାରଣଙ୍କୁ ବର୍ଜ୍ୟବସ୍ତୁକୁ ଏଣେତେଣେ ନ ପକାଇ ରଖିବା ଲାଗି ଡଷ୍ଟବିନ ସ୍ଥାପନ କରାଯାଇଥିଲା। ଏଥିରେ ସମିତିସଭ୍ୟା ଶାରଳା ବେହେରା, ନାଏବ ସରପଞ୍ଚ ଝଟିଆ ବେହେରା,ନିର୍ବାହୀ ଅଧିକାରୀ ଚନ୍ଦ୍ରଶେଖର ଖିଲ, ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ ନର୍ମଦା ପାତ୍ର, ସାମାଜିକ କର୍ମୀ ଏନ. ରାମଚନ୍ଦ୍ର ରେଡ୍ଡୀଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ, ଏମବିକେ, ସିଆରପି, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀସାମିଲ ହୋଇଥିଲେ।

## ପାଠପଢ଼ା ଛାଡ଼ି ଶିକ୍ଷୟିତ୍ରୀଙ୍କ ପାଇଁ ପାଇଖାନାକୁ ପାଣି ବହୁଛନ୍ତି ଛାତ୍ରଛାତ୍ରୀ



**ଫିରିଙ୍ଗିଆ,୨୮।୪(ସଂଚାର ବ୍ୟୁରୋ):** ସରକାର ଉନ୍ନତ ମାନର ଶିକ୍ଷା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ କିଛି ଅସାଧୁ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ପାଇଁ ପାଠ ପଢା ରେ ସାଜିଛି ବ୍ୟାଘାତ। ପାଠପଢା ସମୟରେ ପାଠ ନପଢ଼େଇ ଛାତ୍ରଛାତ୍ରୀ ମାନଙ୍କୁ ପାଇଖାନା କୁ ପାଣି ବହିବା କାର୍ଯ୍ୟରେ ନିୟୋଜିତ କରୁଛନ୍ତି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ପାତ୍ର।ପଚାରିଲେ ସାମ୍ବାଦିକ ଙ୍କୁ କହୁଛନ୍ତି ପର୍ମିସନ୍ କଣ ଭିଡିଓ କରିବାଧରା ପଡ଼ିବା ପରେ ଦେଖିବାକୁ ମିଳିଛି ଶିକ୍ଷୟତ୍ରୀର ଦବଙ୍ଗିରୀ। କୋମଳମତି ଛାତ୍ରଛାତ୍ରୀ ମଧ୍ୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଭୟରେ ଏହାର ବିରୋଧ ନକରି ଶିକ୍ଷୟିତ୍ରୀ ଯାହା କରିବାକୁ କହୁଛନ୍ତି ତାହା କରିବାକୁ ବାଧ୍ୟ ହେଉଛନ୍ତି।ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା କେଲାପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଆଗରୁ ଏହି ବିଦ୍ୟାଳୟ ଟି ବହୁ ସୁନ୍ଦର ଭାବରେ ଚାଲିଥିବା ବେଳେ ବର୍ତ୍ତମାନ ର ପ୍ରଧାନ ଶିକ୍ଷୟତ୍ରୀ ଙ୍କ ଅବହେଳା ପାଇଁ ବିଦ୍ୟାଳୟର ସମସ୍ୟା ବାଢ଼ି ବଢ଼ି ଚାଲିଛି। ପାଠ ପଢ଼ା ସମୟରେ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଅଫିସ୍ ରେ ବସି ମଉଜ କରୁଥିବା ବେଳେ ବିଦ୍ୟାଳୟକୁ ଆସିଥିବା ଛାତ୍ର ଛାତ୍ରୀ ମାନେ ଏଣେ ତେଣେ ବୁଲିବା ସହ ମୁଖ୍ୟ ରାସ୍ତା ଓ ଦୋକାନ ବଜାର ରେ ବୁଲୁଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ମଧ୍ୟ ଦେଖା ଦେଇଛି। ଶିଶୁ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ବିଦ୍ୟାଳୟକୁ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ ସରକାର ଅନୁଦାନ ଯୋଗାଇ ଦେଉଛନ୍ତି କିନ୍ତୁ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷୟତ୍ରୀ ଙ୍କ ଲାଭ ଖୋର୍ ମନ ବୃତ୍ତି ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଅତି ନିମ୍ନ ମାନର ଖାଦ୍ୟ ଦିଆ ଯାଉଥିବା ଅଭିଯୋଗ ହେଉଛି। ତେବେ ଏହି ଘଟଣାକୁ ବିଷୟରେ ଆଲୋଚନା ପାଇଁ ଯାଇଥିବା ନାୟବ ସରପଞ୍ଚ ଙ୍କ ସହ କିଛି ଭଦ୍ର ବ୍ୟକ୍ତି ଙ୍କୁ ପ୍ରଧାନ ଶିକ୍ଷୟତ୍ରୀ ଙ୍କ ଦୁର୍ବ୍ୟବହାର ସହ ନାଲି ଆଖି ଦେଖିଥିଲେ ଓ ସାଙ୍ଗରେ ଯାଇଥିବା ଗଣ ମାଧ୍ୟମ ପ୍ରତିନିଧି ଙ୍କୁ ପ୍ରଧାନ ଶିକ୍ଷୟତ୍ରୀ ଙ୍କ ସ୍ୱାମୀ ଟଙ୍କା ଲୋଭ ଦେଖାଇ ଖବର ପ୍ରସାରଣ ନ କରିବାକୁ ମଧ୍ୟ କହିଥିଲେ।

## ଆମ୍ବେଦକର ବିରୋଧୀ ଟିପ୍ପଣୀ ଘଟଣା: ବିଧାୟକଙ୍କ କୁଶପୁତ୍ତଳିକା ଦାହ



**କଳାହାଣ୍ଡି,୨୮।୪(ସଂଚାର ବ୍ୟୁରୋ):** ଗତ ତା ୨୪, ୪, ୨୦୨୬ ଶୁକ୍ରବାର ଦିନ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବିଜୁ କଲ୍ୟାଣ ମଣ୍ଡପ ଠାରେ ପଞ୍ଚାୟତରାଜ ଦିବସ ପାଳନ କରାଯାଇଥିଲା।ଉକ୍ତ କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକଙ୍କ ପ୍ରତିନିଧି ତଥା କଳାହାଣ୍ଡି ବିଜେପି ସାଧାରଣ ସମ୍ପାଦକ ହିମାଂଶୁ ପଣ୍ଡା ବାବାସାହେବ ଆମ୍ବେଦକର ତଥା ତାଙ୍କର ଅନୁଯାଇ ମାନଙ୍କୁ ଅପମାନ ଜନକ ମନ୍ତବ୍ୟ ଦେଇଛି। କିଛି ମାସ ତଳେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗରେ ଗଚଣ୍ଡିତ ଭାବରେ କାର୍ଯ୍ୟରତ ଏସ ଟି ଏସ ସି ଚାକିରିଆ ମାନଙ୍କ ପ୍ରମୋଶନକୁ ଧର୍ମଗଡ଼ ବିଧାୟକ ସୁଧିର ପଟ୍ଟଯୋଶୀ ବିରୋଧ କରି ସ୍ଥଗିତ କରି ଦେଇଥିଲେ। ଏହି ସବୁକୁ ବିରୋଧ କରି ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନର ରାଜ୍ୟ ସଭାପତି ଧନଞ୍ଜୟ ଦୀପ୍ ଙ୍କ ଆହ୍ୱାନ କ୍ରମେ ସମସ୍ତ ଆମ୍ବେଦକରବାଦୀ ସଂଗଠନ ଏକତ୍ରୀତ ହୋଇ ଭବାନୀପାଟଣା ଟାଉନ ଗାନ୍ଧୀ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧର୍ମଗଡ଼ ବିଧାୟକ ସୁଧିର ପଟଯୋଶିଙ୍କ କୁଶପୁତ୍ତଳିକା ଦାହ କରାଯାଇଛି।ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ ବିଜେଡି ଉପସଭାପତି ଧର୍ମେନ୍ଦ୍ର ନାଏକ ବହୁଜନ ମୁକ୍ତି ପାର୍ଟି ରାଜ୍ୟ ସଭାପତି ଗଙ୍ଗାଧର ଜାଲ ସାଧାରଣ ସମ୍ପାଦକ ମହେନ୍ଦ୍ର ଧାଙ୍ଗଡ଼ାମାଝି ଦଳିତ ଅଧିକାର ସଭାପତି ନନ୍ଦରାଜ ନାଏକ ଆଦିବାସୀ ନେତା ସୁରେଶ ମାଝି ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତେଜରାଜ ବେହେରା ସାଧାରଣ ସମ୍ପାଦକ ଶତ୍ରୁଘ୍ନ ନାଏକ, କଳମପୁର ଶାଖା ସଭାପତି ବଳରାମ ଦୁର୍ଗା ଉପଦେଷ୍ଟା ଯୁଧିଷ୍ଠିର ଭଗତ କେସିଙ୍ଗା ଶାଖା କାର୍ଯ୍ୟକାରୀ ସଭାପତି ଡମ୍ବୁରୁଧର କରୁଆ, ରିଙ୍କୁ ନାଏକ ପ୍ରମୁଖ ଶତାଧିକ ଆମ୍ବେଦକର ବାଦୀ ଉପସ୍ଥିତ ଥିଲେ।

## ଯୌତୁକ ନିରାକରଣ ନେଇ ସଚେତନତା




**କେସିଙ୍ଗା,୨୮।୪(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ତାଲୁକ ଆଇନ ସେବା ସମିତି ପକ୍ଷରୁ ଅଦାଲତ ପରିସରରେ ଯୌତୁକ ନିରାକରଣ ଉପରେ ଏକ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ୍ୟା ତଥା ପ୍ରଥମ ଶ୍ରେଣୀ ବିଚାରପତି ଦିପ୍ତି ସେଠ ଅଧ୍ୟକ୍ଷତାରେ ସୋମବାର ଏହା ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ସରକାରୀ ଓକିଲ ସନ୍ତୋଷ କୁମାର ଦାଶଙ୍କ ସମେତ ସମସ୍ତ ଆଇନଜୀବୀ ଓ ଅଦାଲତର ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## ଗାଁ ଚାଲ ଅଭିଯାନରେ ଗାଁମୁହାଁ ବିଜେପି ନେତା କର୍ମୀ



**ନନ୍ଦପୁର/ପାଡୁଆ,୨୮।୪ (ସଂଚାର ବ୍ୟୁରୋ):** କୋରାପୁଟ ଜିଲା ନନ୍ଦପୁର ବ୍ଲକ ଭାଜପା କର୍ମୀଙ୍କ ପକ୍ଷରୁ ଜୋଲାପୁଟ ଜଳଭଣ୍ଡାରର ଜଳଘେରି ପରିବେଷ୍ଟିତ ପରଜାବଡ଼ପଡ଼ା ପଞ୍ଚାୟତ ସଦର ମହକୁମାରେ ଗାଁ ଚାଲ ଅଭିଯାନ ସୋମବାର ଅନୁଷ୍ଠିତ ହୋଇଛି। ପଞ୍ଚାୟତ ଭାଜପା ସଭାପତି ନନ୍ଦ ପୂଜାରୀଙ୍କ ଅଧ୍ୟକ୍ଷତାରେ ଜିଲା ଏସ୍‌ଡିସି ଅଧ୍ୟକ୍ଷ ଭଗବାନ ମୁଦୁଲି, ଜାତୀୟ କାଉନସିଲ ସଦସ୍ୟ ଜୟରାମ ଭୋଇ, ପାଡୁଆ ମଣ୍ଡଳ ସମ୍ପାଦକ ଲାଛାନା ଖିଲ, ପୂର୍ବତନ ମଣ୍ଡଳ ସଭାପତି ସୁଦର୍ଶନ ପାଙ୍ଗୀ, ଆଦିବାସୀ ମୋର୍ଚ୍ଚା ସଦସ୍ୟ ନାଗେଶ ପୂଜାରୀ, ଦଶରଥ ପୂଜାରୀ, ଯୁବମୋର୍ଚ୍ଚା ସଦସ୍ୟ ବାସୁଦେବ ବାଙ୍ଗୁରୁ, ପ୍ରମୁଖ ଯୋଗଦେଇଥିଲେ। ଗ୍ରାମ ପରିକ୍ରମା କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ନେଇ ଲୋକଙ୍କୁ ଅବଗତ କରିଥିଲେ। ଗ୍ରାମବାସୀ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ଏସ୍‌ଡିସି ଅଧ୍ୟକ୍ଷ ଓ ଭାଜପା କର୍ମୀଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଏହାର ସମାଧାନ ପାଇଁ ଜିଲା ଓ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ।

## ସ୍ୱାମୀଙ୍କ ମୃତ୍ୟୁରୁ ୧୫ବର୍ଷ ପରେବି ମହିଳାଙ୍କୁ ମିଳୁନି ଭତ୍ତା

**ମୋରଡ଼ା,୨୮।୪(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ପଳାସମୁଣ୍ଡୁଳି ପଞ୍ଚାୟତର କୁସୁମକୁଟି ଗ୍ରାମ ୧୪ ନମ୍ବର ୱାର୍ଡର ବିଧବା ମହିଳା ବୁଧୁ ହେମ୍ବ୍ରମ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ତାଙ୍କ ସ୍ୱାମୀ ୧୫ ବର୍ଷ ପୂର୍ବରୁ ମୃତ୍ୟୁବରଣ କରିଥିଲେ ସୁଦ୍ଧା ଅଦ୍ୟାବଧି ସେ ବିଧବା ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ବୁଧୁ ତାଙ୍କ ପୁଅ ବୋହୂ, ନାତିଙ୍କୁ ନେଇ ଏକ ଭଙ୍ଗା ଘରେ ରହୁଛନ୍ତି। ଚାଳ ଘରରୁ ପାଣି ପଡୁଥିବାରୁ ପଲିଥିନ ଟାଣି ରହୁଛନ୍ତି। ସେହିପରି ସରକାରୀ ଘର ଖଣ୍ଡେ ପାଇଁ ବାରମ୍ବାର ଆବେଦନ ସତ୍ତ୍ୱେ ମଧ୍ୟ ଘର ମଧ୍ୟ ମିଳିନାହିଁ। ଏନେଇ ବିଡିଓ ଅଣାକାର ନାୟକଙ୍କୁ ପଚାରିବାରୁ ସେ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ସୁବର୍ଣ୍ଣପୁରରେ ଖୋଲିଲା ବିଶାଳ ମେଗା ମାର୍ଟ




**ସୁବର୍ଣ୍ଣପୁର,୨୮।୪(ସଂଚାର ବ୍ୟୁରୋ):** ସୋନପୁର ସହରର ସ୍ଥାନୀୟ ବ୍ଲକଛକ ଠାରେ ବିଶାଳ ମେଗା ମାର୍ଟ ର ଅତ୍ୟାଧୁନିକ ମେଗା ସୋ ରୁମ୍ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ସହରର ବିଶିଷ୍ଟ ଆଇନଜୀବୀ ଲକ୍ଷ୍ମୀ ନାରାୟଣ ମହାନ୍ତି ଯୋଗଦେଇ ମେଗାଷ୍ଟୋର୍ ର ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ନିହାରବାଳା ଦାସ, ଡ଼ଃ. ଜ୍ୟୋତିରଞ୍ଜନ ବହିଦାର, କିରଣବାଳା ଦାସ, ନିଶାନ୍ତ କୁମାର ମହାନ୍ତି ଓ ଅଧ୍ୟାପିକା ଲିଖିତା ପଟ୍ଟନାୟକ ଯୋଗଦେଇଥିଲେ। ସୁବର୍ଣ୍ଣପୁର ଭଳି ଏକ ବିକାଶନ୍ମୋଖି ସହରରେ ଏଭଳି ମେଗା ମାର୍ଟ ର ବହୁତ ଆବଶ୍ୟକତା ଥିଲା ବୋଲି ଆଜି ଗ୍ରାହକ ଓ ଜନସାଧାରଣ କହିଥିବାବେଳେ ଲୋକ ମାନଙ୍କୁ ତାଙ୍କର ଚାହିଦା ମୁତାବକ ସମସ୍ତ ସାମଗ୍ରୀକୁ ଉଚିତ୍ ମୂଲ୍ୟ ରେ ଯୋଗାଇଦେବା ସହ ଉତ୍ତମ ଗୁଣବତ୍ତା ର ଉପଲବ୍ଧ କରାଇବା ହିଁ ଆମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ଷ୍ଟୋର ମ୍ୟାନେଜର ବିଜୟ କୁମାର ରଣସିଂହ ଓ ଏରିଆ ମ୍ୟାନେଜର ଅନନ୍ତ ନାରାୟଣ ପ୍ରଧାନ ଉପସ୍ଥିତ ଗଣମାଧ୍ୟମ ର ପ୍ରତିନିଧି ଙ୍କୁ ସୂଚନା ଦେଇଥିଲେ।

## ଝଡତୋଫାନ ସହ ପ୍ରବଳ ବର୍ଷା: ଭାଙ୍ଗିଲା ଗଛ ବିଦ୍ୟୁତ୍ ସେବା ବ୍ୟାହତ



**ଭଞ୍ଜନଗର,୨୮।୪(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ୧ ଟା ରୁ ୪ ଟା ପର୍ଯ୍ୟନ୍ତ ଝଡ଼ତୋଫାନ ସହ ମଝିରେ ମଝିରେ ତୁହାକୁ ତୁହା ପ୍ରବଳ ବର୍ଷା ହୋଇଥିଲା। ଏହାର ପ୍ରଭାବରେ ଅନେକ ସ୍ଥାନରେ ବଡ଼ ବଡ଼ ଗଛ ଭାଙ୍ଗି କେଉଁଠି ଘର ଭାଙ୍ଗିଛି ତ ଆଉ କେଉଁଠି ରାସ୍ତା ଅବରୋଧ ହୋଇଛି। ଏହିଭଳି ଭଞ୍ଜନଗର ମେଡିକାଲ ବ୍ଲଡ ବ୍ୟାଙ୍କ ପରିସରରେ ଥିବା ଏକ ପୁରୁଣା ବଡ ଆମ୍ବ ଗଛ ମଧ୍ୟ ଭାଙ୍ଗି ଯାଇଛି। ଫଳରେ ବ୍ଲଡ ବ୍ୟାଙ୍କ ମୁଖ୍ୟ ଫାଟକ ଏବଂ ଗ୍ୟାରେଜ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଭଞ୍ଜନଗର ଦମକଳ ବାହୀନି କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଭାଙ୍ଗି ଯାଇଥିବା ଗଛକୁ କାଟି ବାହାର କରିଥିଲେ। ପରେ ଟାଟା ପାୱାର କର୍ମଚାରୀ ବିଦ୍ୟୁତ ସେବାକୁ ସ୍ୱାଭାବିକ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ଝଡ଼ତୋଫାନ ଯୋଗୁ ବିଦ୍ୟୁତ ସେବା ବ୍ୟାହତ ଅଛି।

## ଆଇନଜୀବୀ ଦିବସ ପାଳିତ, ସାମୂହିକ ସମସ୍ୟାର ସମାଧାନ

**ଦିଗପହଣ୍ଡି,୨୮।୪(ସଂଚାର ବ୍ୟୁରୋ):** ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ ତମ ଜନ୍ମ ଜୟନ୍ତୀ ଏବଂ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଓକିଲ ସଂଘ ସଭାଗୃହରେ ପ୍ରଥମେ ମଧୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ସଭାପତି ହୃଦୟ ରଞ୍ଜନ ମେକାପ ସଭାପତିତ୍ୱ କରିଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ସ୍ୱାଧୀନତା ସଂଗ୍ରାମ ଏବଂ ଦଳିତ ନିଷ୍ପେସିତ ଓଡିଆଙ୍କୁ ସେବା ଯୋଗାଇ ଦେବାରେ ମଧୁବାବୁଙ୍କ ଅବଦାନ ଉପରେ ବକ୍ତାମାନେ ଆଲୋକପାତ କରିବା ସହ ଜଣେ ଆଇନଜ୍ଞ ଭାବରେ ମଧୁବାବୁଙ୍କ ଦକ୍ଷତା ସମଗ୍ର ଆଇନଜୀବୀଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମତବ୍ୟକ୍ତ କରିଥିଲେ । ଏପରିକି ବ୍ଯକ୍ତିଗତ ସ୍ୱାର୍ଥ ଠାରୁ ଉର୍ଦ୍ଧ୍ୱରେ ରହି ସାମୁହିକ ସମସ୍ୟାର ସମାଧାନ ଦିଗରେ ଆଇନଜୀବୀ ବୃନ୍ଦ ଆଗେଇ ଆସିବାକୁ ଏହି ଅବସରରେ ଆହ୍ୱାନ ଦିଆଯାଇଥିଲା।



ସଭାରେ ଓକିଲ ସଂଘର ସମ୍ପାଦକ ସନ୍ତୋଷ କୁମାର ସାହୁ, ଉପସଭାପତି ସୁକାନ୍ତ ପ୍ରଧାନଙ୍କ ସମେତ ବରିଷ୍ଠ ଆଇନଜୀବୀ ପ୍ରଭାକର ରାଉତ, ଚନ୍ଦ୍ରଧ୍ୱଜ ସିଂହ, ରତ୍ନାକର ମେକାପ, ନକୁଳ ପ୍ରଧାନ, କୁରେଶୁ ପଣ୍ଡା, ଅଶେଷ ନାଥ ମିଶ୍ର, ମନୋରଞ୍ଜନ ପଣ୍ଡା, ବିପିନ ପଟ୍ଟନାୟକ, ପ୍ରଦୀପ ନାୟକ, ପ୍ରହଲ୍ଲାଦ ପ୍ରଧାନ, ଟୁକୁନା ପ୍ରଧାନ, ପ୍ରଫୁଲ୍ଲ ସେଠୀ, ପ୍ରମୁଖ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ବିନା ପାଠ୍ୟପୁସ୍ତକରେ ବିତିବ ଖରାଛୁଟି, ଚିନ୍ତାରେ ଅଭିଭାବକ

**କଳାହାଣ୍ଡି,୨୮।୪ (ସଂଚାର ବ୍ୟୁରୋ):** ଗ୍ରୀଷ୍ମଛୁଟି ପୂର୍ବରୁ ସମସ୍ତ ବହି ସ୍କୁଲରେ ପହଞ୍ଚିବା ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଘୋଷଣା ହୋଇଥିଲା। କିନ୍ତୁ ପିଲାଙ୍କୁ ବହି ମିଳିଲାନି ନୂତନ ଶିକ୍ଷା ବର୍ଷ ଚାଲିବାର ୨୫ଦିନ ପରେ ସ୍କୁଲରେ ଖରାଛୁଟି ଘୋଷଣା ହୋଇଯାଇଛି। ଜିଲ୍ଲାରେ ଏହି ୨୫ଦିନ ମଧ୍ୟରେ ସ୍କୁଲ ଗୁଡ଼ିକରେ ସମସ୍ତ ପାଠ୍ୟପୁସ୍ତକ ପହଞ୍ଚି ନଥିଲା। କେଉଁ ଶ୍ରେଣୀର ୪୦ ପ୍ରତିଶତ ତ କେଉଁ ଶ୍ରେଣୀର ୬୦ ପ୍ରତିଶତ ବହି ପହଞ୍ଚିଥିଲା। ବହିକୁ ନେଇ ସ୍କୁଲରେ ଯେନତେନ ପ୍ରକାରେ ନୂତନ ଶିକ୍ଷାବର୍ଷ ଚାଲିଥିଲା ଏବେ ସ୍କୁଲ୍ ବନ୍ଦ ହେଲା ପଛେ ପିଲାଙ୍କୁ ବହି ଦିଆଯାଇପାରି ନାହିଁ। ଫଳରେ ମାସାଧି କାଳ ପିଲା ଘରେ କେମିତି ପଢ଼ିବେ ବୋଲି ଅଭିଭାବକଙ୍କୁ ଚିନ୍ତା ଘାରିଛି। ଜିଲ୍ଲାରେ ଶିଶୁବାଟିକାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ହାରାହାରି ୨ ଲକ୍ଷ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି। ଗଣଶିକ୍ଷା ବିଭାଗର କ୍ୟାଲେଣ୍ଡର ଅନୁଯାୟୀ, ମେ ୬ରୁ ଜୁନ୍ ଗ୍ରୀଷ୍ମକାଳୀନ ଛୁଟି ହେବା କଥା। କିନ୍ତୁ ମୁଖ୍ୟମନ୍ତ୍ରୀ ୯ଦିନ ଆଗରୁ ସ୍କୁଲ୍ ଛୁଟି ଘୋଷଣା କରିଛନ୍ତି। ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାର ଆଗୁଆ ସ୍କୁଲ୍ ଛୁଟି କରିଦେଇଥିବାରୁ ସ୍କୁଲ୍ ଜୁନ୍ ୧୭ ଯାଏଁ ସ୍କୁଲ ବନ୍ଦ ରହିବ। ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ପ୍ରସ୍ତୁତ ହୋଇଥିବା ପାଠ୍ୟପୁସ୍ତକକୁ ସରକାରୀ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା। ଚଳିତ ବର୍ଷ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକର ପରିବର୍ତ୍ତନ ହୋଇଛି। ଏବେ ସୁଦ୍ଧା ଶତପ୍ରତିଶତ ବିଦ୍ୟାଳୟର ପିଲାଙ୍କୁ ପାଠ୍ୟପୁସ୍ତକ ମିଳିନାହିଁ। ଯେଉଁ ସବୁ ସ୍କୁଲ ବହି ପ୍ୟାକେଟ୍ ପଠାଯାଇଛି। ସେଥିରେ କିଛି ସ୍କୁଲକୁ ପ୍ରଥମରୁ ତୃତୀୟ ଶ୍ରେଣୀ ବହି ଆସିଛି ତ ଆଉ କେଉଁଠି କେବଳ ଅଷ୍ଟମ ଶ୍ରେଣୀର ବହି ଆସିଛି। ଯେଉଁ ଶ୍ରେଣୀର ବହି ଆସିଛି, ତାହା ପୁଣି ସଂପୂର୍ଣ୍ଣ ସମସ୍ତ ବହି ନାହିଁ। ସବୁ ପିଲା ଏକାଠି ହେଲେ ଶ୍ରେଣୀ ପାଠପଢ଼ା ସୁରୁଖୁରୁରେ ଚାଲିବ। ଖରା ଛୁଟି ଆଗରୁ ପିଲା ବହି ପାଇଗଲେ ସବୁ ଠିକ ହୋଇଯିବ ବୋଲି ଶିକ୍ଷକମାନେ ଭାବିଥିଲେ। କିନ୍ତୁ ଆଗୁଆ ଛୁଟି ହୋଇଯାଇଥିବାରୁ ସବୁ ଓଲଟପାଲଟ ହୋଇଛି।

## ଅଜଣା ଗାଡ଼ି ଧକ୍କାରେ ବାଇକ ଆରୋହୀ ମୃତ

**ବୈଶିଙ୍ଗା,୨୮।୪ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଧିନ ୧୮ନଂ ଜାତୀୟ ରାଜପଥର ଆଗ୍ରିଆ ନିକଟସ୍ଥ ରେଳ ଓଭର ବ୍ରିଜ ଉପରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଅଜଣା ବାଇକ ଆରୋହୀ ଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ଖବର ନେବାରେ ଜଣାଯାଇଛି ସୋମବାର ସୂର୍ଯ୍ୟ ଉଦୟ ପୂର୍ବରୁ ଜଣେ ବାଇକ ଆରୋହୀ ହିରୋ ପେସନ ବାଇକ ନଂ ଓଡି ୧୧ ଏସ ୩୪୦୧ ରେ ବୈଶିଙ୍ଗା ଅଭିମୁଖେ ଆସୁଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଧକ୍କା ହେବା ଫଳରେ ଆରୋହୀ ଜଣଙ୍କ ବାଇକ ରୁ ଛିଟିକି ପଡ଼ିଥିଲେ। ଫଳରେ ତାଙ୍କ ଉପରେ ଗାଡି ମାଡି ଯିବା ଯୋଗୁଁ ଶରୀରଟି ସଂପୂର୍ଣ୍ଣ ଖଣ୍ଡ ଖଣ୍ଡ ହୋଇଯାଇଥିଲା। ସକାଳେ ବୈଶିଙ୍ଗା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ବାଇକ ଆରୋହୀ ର ପରିଚୟ ମିଳିପାରି ନଥିଲା। ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାଯାଇଛି।

## ବିଜେଡିର ବ୍ଲକ୍ ମହିଳା ସଭାନେତ୍ରୀ ହେଲେ ସୁଷମା



**ଲାଞ୍ଜିଗଡ଼,୨୮।୪(ସଂଚାର ବ୍ୟୁରୋ):** ବିଜୁ ଜନତା ଦଳ ତରଫରୁ ମହିଳା ସଂଗଠନ ସୁଦୃଢ଼ କରିବାକୁ ପଦକ୍ଷେପ ଆରମ୍ଭ ହୋଇଛି। ଏହିକ୍ରମରେ ବିଭିନ୍ନ ବ୍ଲକରେ ବିଜୁ ଜନତା ଦଳ ମହିଳା ସଂଗଠନର ସଭାନେତ୍ରୀ ଭାବେ ନିଯୁକ୍ତି ଦିଆଯାଉଛି।ଜିଲ୍ଲା ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ଓ ଜିଲ୍ଲା ମହିଳା ସଭାନେତ୍ରୀ ସବିତା ପ୍ରଧାନଙ୍କ ଅନୁମୋଦନ ପରେ ଲାଞ୍ଜିଗଡ଼ ବ୍ଲକ ବିଜୁ ମହିଳା ଦଳର ସଭାନେତ୍ରୀ ଭାବେ ସୁଷମା ମାଝୀଙ୍କୁ ଦାୟିତ୍ୱ ଦିଆଯାଇଛି। ସୁଷମା ଛତ୍ରପୁର ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇ ଦାୟିତ୍ୱ ତୁଲାଉଥିବାବେଳେ ତାଙ୍କ ଉପରେ ଆସ୍ଥା ରଖି ଦଳ ତାଙ୍କୁ ମହିଳା ସଂଗଠନ ଭାବେ ନିଯୁକ୍ତି ଦେଇଥିବା ସୂଚନା ମିଳିଛି। ସୁଷମା ନୂତନ ଦାୟିତ୍ୱ ପାଇବା ପରେ ଦଳୀୟ ନେତୃବୃନ୍ଦ ଓ କର୍ମୀ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ

**ବେଟନଟୀ,୨୮।୪(ସଂଚାର ବ୍ୟୁରୋ):** ବେଟନଟୀର ଚଣ୍ଡୀ ଛକ ଠାରେ ପ୍ରତିଷ୍ଠିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ସକାଳ ସମୟରେ ପୁଷ୍ପମାଲ୍ୟ, ଫୁଲ ଚନ୍ଦନ ଅର୍ପଣ କରିଛନ୍ତି, ବେଟନଟୀ ଆଇନଜୀବୀ ସଂଘ ଓ ବରିଷ୍ଠ ନାଗରିକ ସଂଘ। ବରିଷ୍ଠତମ ଆଇନଜୀବୀ ହିମାଂଶୁ କୁମାର ପରିଡା ଓ ଆଇନଜୀବୀ ସଂଘ ତରଫରୁ ରବିନାରାୟଣ ମହାପାତ୍ର ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ସଂଘ ତରଫରୁ ଅବସରପ୍ରାପ୍ତ ପ୍ରଫେସର ସଂଯୁକ୍ତାଜୀ ଏବଂ ଆଇନଜୀବୀ ମାନଙ୍କ ତରଫରୁ କୃତୀ ଶିକ୍ଷକ ତଥା ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି ସ୍ମୃତିଚାରଣ କରିଥିଲେ। ସେହିପର ସନ୍ଧ୍ୟାରେ ବେଟନଟୀ ସିଭିଲ ସୋସାଇଟି ତରଫରୁ ଏକ ସ୍ମୃତିଚାରଣ ସଭା ସ୍ଥାନୀୟ ଗ୍ରାଃ ପଃ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର କା. ସଭାପତି ହରିଶଚନ୍ଦ୍ର ନଳଗୋସ୍ୱାମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଃ ସଂପାଦକ ତଥା ଶିକ୍ଷକ ନେତା ସଚ୍ଚିଦାନନ୍ଦ ମହାନ୍ତି ସଭାର ଉଦ୍ଦେଶ୍ୟ ସହ ୨୮ ଅପ୍ରେଲ କାହିଁକି ଆଇନ୍ ଦିବସ, ସ୍ୱାଭିମାନ ଦିବସ ଓ ଓକିଲ ଦିବସ କୁହାଯାଇଛି, ସେ ସମ୍ବନ୍ଧରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ।

## ଗୋ-ମାତାଙ୍କୁ 'ରାଷ୍ଟ୍ରମାତା' ଘୋଷଣା ଦାବି: ତହସିଲ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ



**ସୁବର୍ଣ୍ଣପୁର,୨୮।୪(ସଂଚାର ବ୍ୟୁରୋ):** ଭାରତରେ ଗୋ-ହତ୍ୟା ସଂପୂର୍ଣ୍ଣ ନିଷେଧ କରିବା ଏବଂ ଗୋ-ମାତାଙ୍କୁ 'ରାଷ୍ଟ୍ର ମାତା'ର ମାନ୍ୟତା ପ୍ରଦାନ କରିବା ଦାବୀରେ ଆଜି ସୋନପୁର ଠାରେ 'ଗୋ ସମ୍ମାନ ଆହ୍ୱାନ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି। ଏହି ଜାତୀୟ ଅଭିଯାନର ଅଂଶସ୍ୱରୂପ ସୋନପୁରର ଗୋ-ରକ୍ଷକ ଓ ସେବକମାନେ ଏକଜୁଟ ହୋଇ ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଆଜି ଦେଶର ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ତହସିଲ ଜରିଆରେ ମହାମହିମ ରାଷ୍ଟ୍ରପତି, ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ପ୍ରାର୍ଥନା ପତ୍ର ପ୍ରଦାନ କରାଯାଉଥିବା ବେଳେ ଏହି କ୍ରମରେ ସୋନପୁର ତହସିଲଦାରଙ୍କ ଜରିଆରେ ଗୋ-ସେବକମାନେ ନିଜର ଦାବି ସମ୍ବଳିତ ପତ୍ରଟିକୁ ପ୍ରଦାନ କରିଛନ୍ତି। ସେବକ ମାନଙ୍କ କହିବା ଅନୁଯାୟୀ, ଗୋ-ସଂରକ୍ଷଣ କେବଳ ଧାର୍ମିକ ନୁହେଁ ବରଂ ସାଂସ୍କୃତିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଣୁ ଭାରତରେ ଗୋ-ହତ୍ୟା ସଂପୂର୍ଣ୍ଣ ରୂପେ ବନ୍ଦ କରାଯାଉ। ଗୋ-ମାତାଙ୍କୁ ବିଧିବଦ୍ଧ ଭାବେ 'ରାଷ୍ଟ୍ର ମାତା' ଘୋଷଣା କରାଯାଉ। ଏହି ଅଭିଯାନରେ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟାରେ ଗୋ-ପ୍ରେମୀ ଓ ସ୍ୱେଚ୍ଛାସେବୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଗୋହତ୍ୟା ରୋକିବା ପାଇଁ ଗୋଟିଏ ମିସକଲ ୯୦୬୭୭୭୭୩୨୩ ନମ୍ବର ରେ ଭୋଟିଂ କରି ଗୋ ସମ୍ପଦ ଙ୍କୁ ରକ୍ଷା କରିବା ପାଇଁ ମଧ୍ୟ ଟୋଲ ଫ୍ରି ନମ୍ବର୍ ଜାରି କରାଯାଇଛି। ସାରା ଦେଶରେ ଗୋ-ସୁରକ୍ଷା ପାଇଁ ଜନଜାଗରଣ ସୃଷ୍ଟି କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।